# ଧରିତ୍ରୀ
# DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୨୬/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, June 26/2022 Page 14 ₹ 7.00 ★★★★
୪୮ଶ ଭାଗ ୨୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**୯୧ ହଜାର ଟପିଲା ସକ୍ରିୟ ମାମଲା**

ଭାରତରେ କୋଭିଡ୍ ଦୈନିକ ସଂକ୍ରମଣ ବଢ଼ିବାରେ ଲାଗିଛି। ୨୪ ଘଣ୍ଟା ମଧ୍ୟରେ ୧୫,୯୪୦ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୩୩,୭୮,୨୩୪ରେ ପହଞ୍ଚିଛି। ଏଥିସହିତ ସକ୍ରିୟ ମାମଲା ସଂଖ୍ୟା ୯୧,୭୭୯କୁ ବୃଦ୍ଧି ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଗୋଟିଏ ଦିନରେ ୨୦ ଜଣଙ୍କ ମୃତ୍ୟୁକୁ ମିଶାଇ କୋଭିଡ୍‌ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୨୪,୯୭୪ରେ ପହଞ୍ଚିଛି। ଦୈନିକ ପଜିଟିଭିଟି ହାର୍ ୪.୩୯ ପ୍ରତିଶତକୁ ବୃଦ୍ଧି ପାଇଛି ଓ ସାପ୍ତାହିକ ସଂକ୍ରମଣ ହାର ୩.୩୦ ପ୍ରତିଶତ ରହିଛି। ୪,୨୭,୬୧,୪୮୧ ଜଣ କୋଭିଡ୍‌ରୁ ସୁସ୍ଥ ହୋଇଛନ୍ତି।



# ଗର୍ଭପାତ ଅଧିକାର ହରାଇଲେ ମହିଳା

## ଆମେରିକା ସୁପ୍ରିମକୋର୍ଟରେ ପଲଟିଲା ୫ ଦଶନ୍ଧି ପୁରୁଣା 'ରୋ ବନାମ ୱେଡ୍' ମାମଲା ରାୟ

ୱାଶିଂଟନ,୨୫।୬

ଆମେରିକା ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଗର୍ଭପାତକୁ ଆଇନଗତ ମଞ୍ଜୁରୀ ପ୍ରଦାନକାରୀ ଅର୍ଦ୍ଧଶତାବ୍ଦୀ ପୁରୁଣା ନିଷ୍ପତ୍ତିକୁ ପଲଟାଇ ଦେଇଛନ୍ତି। ଫଳରେ ଏଣିକି ଗର୍ଭପାତ କରାଇବା ମହିଳାଙ୍କ ଆଇନଗତ ଅଧିକାର ରହିବ କି ନାହିଁ ସେନେଇ ରାଜ୍ୟଗୁଡ଼ିକ ନିଜସ୍ୱ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିପାରିବେ। ସଦ୍ୟ ରାୟକୁ କେତେକ ରାଜ୍ୟରେ ସ୍ୱାଗତ କରାଯାଇଥିବାବେଳେ ଅନ୍ୟ କିଛି ରାଜ୍ୟରେ ଏହାକୁ ବିରୋଧ କରି ମହିଳାମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରାୟକୁ ବିରୋଧ କରିଥିବାବେଳେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହାକୁ ପ୍ରଶଂସା କରିଛନ୍ତି। ଜେନ୍ ରୋ ନାମରେ ପରିଚିତ ମହିଳାଙ୍କ ମୂଳ ନାମ ହେଉଛି ମେକ୍‌କୋର୍ଭି। ସେ ଦୁଇ ସନ୍ତାନର ଜନନୀ ହୋଇଥିବାବେଳେ ୧୯୬୯ରେ ଧାରଣ କରିଥିବା ତୃତୀୟ ଭ୍ରୂଣକୁ ଗର୍ଭପାତ କରାଇବାକୁ ଚାହୁଁଥିଲେ। କିନ୍ତୁ ସେ ଟେକ୍ସାସ୍‌ରେ ରହୁଥିବାରୁ ଏଥିରେ ଅସୁବିଧା ହୋଇଥିଲା। କାରଣ ଟେକ୍ସାସ୍‌ରେ କେବଳ ମା'ଙ୍କ ଜୀବନ ରକ୍ଷା ପାଇଁ ଜରୁରୀ ହେଲେ ଏହାକୁ ଆଇନତଃ ସ୍ୱୀକୃତି ମିଳୁଥିଲା। ରୋଙ୍କ ଓକିଲମାନେ ଫେଡେରାଲ କୋର୍ଟରେ ସ୍ୱାମୀ ହେନେରି ୱେଡ୍‌ଙ୍କ ବିରୋଧରେ ପିଟିଶନ ଦାଖଲ କରିଥିଲେ। ପରେ ଟେକ୍ସାସ୍ କୋର୍ଟ ଏହି ମାମଲାକୁ ସୁପ୍ରିମକୋର୍ଟକୁ ଶୁଣାଣି ପାଇଁ ସ୍ଥାନାନ୍ତର କରିଥିଲେ। ୧୯୭୩ରେ ସୁପ୍ରିମକୋର୍ଟ ରୋଙ୍କ ସପକ୍ଷରେ ରାୟ ଦେଇଥିଲେ। ଏଥିପାଇଁ ଆମେରିକୀୟ ସମ୍ବିଧାନର ଚତୁର୍ଦ୍ଦଶ ସଂଶୋଧନର ସହାୟତା ନିଆଯାଇଥିଲା, ଯାହାକି ଜଣେ ଗର୍ଭବତୀ ମହିଳାଙ୍କୁ ଗର୍ଭଧାରଣ/ଗର୍ଭପାତର ସ୍ୱାଧୀନତା ଦେଇଥାଏ। ସର୍ବୋଚ୍ଚ ଅଦାଲତଙ୍କ ଏହି ଐତିହାସିକ ନିଷ୍ପତ୍ତି ଗର୍ଭପାତ ଅଧିକାରକୁ ଆଇନତଃ ବୈଧ କରିଥିବାବେଳେ ଦେଶରେ ଏହାକୁ ନେଇ ଆଣ୍ଟାଇ ଆବର୍ସନ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ମିସିସିପିରେ ୧୫ ସପ୍ତାହରୁ ଅଧିକ ଅବଧି ଭ୍ରୂଣର ଗର୍ଭପାତ ଉପରେ ଜାରି କଟକଣାକୁ ଡବ୍ସ ବନାମ ଜ୍ୟାକ୍‌ସନ ମାମଲାରେ ଓମେନ୍ସ ହେଲ୍‌ଥ ଅର୍ଗାନାଇଜେଶନ ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ମାମଲାର ବିଚାର ଚାଲିଥିବାବେଳେ ଗତ ମେ' ୨ ରାତିରେ ୯୮ ପୃଷ୍ଠା ସମ୍ବଳିତ ମତାମତ ପ୍ରଘଟ ହୋଇଥିଲା। ଫଳରେ ଗର୍ଭପାତ ଅଧିକାର ହରାଇବା ଆଶଙ୍କା କରି ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏବେ ସୁପ୍ରିମକୋର୍ଟ ଅର୍ଦ୍ଧଶତାବ୍ଦୀ ପୁରୁଣା ରାୟକୁ ବଦାଇଦେଇଛନ୍ତି। ୬:୩ ଅନୁପାତରେ ସଂଖ୍ୟାଗରିଷ୍ଠ ରାୟ ରାଜ୍ୟ ସରକାରମାନଙ୍କ ସପକ୍ଷରେ ଦେଇଛନ୍ତି। ଏଥିସହ ଗର୍ଭପାତକୁ ନେଇ ମହିଳାମାନଙ୍କୁ ମିଳିଥିବା ସାମ୍ବିଧାନକ ଅଧିକାର ଶେଷ କରିଛନ୍ତି।



ସୁପ୍ରିମକୋର୍ଟ ରାୟ ପରେ ଉତ୍ସବ ମନାଉଛନ୍ତି ଗର୍ଭପାତ ବିରୋଧୀ ମହିଳା।

**ପୂର୍ବରୁ ୧୩ ରାଜ୍ୟରେ ଏହି ଆଇନ ଗୃହୀତ ହୋଇସାରିଛି। ସେଗୁଡ଼ିକ ହେଲା ଆର୍କାନ୍‌ସାସ୍, ଇଡାହୋ, କେଣ୍ଟୁକି, ଲୁଇସିଆନା, ମିସିସିପି, ମିସୌରି, ନର୍ଥ ଡାକୋଟା, ଓକ୍ଲାହୋମା, ସାଉଥ୍ ଡାକୋଟା, ଟେନେସି, ଟେକ୍ସାସ୍, ଉଟାହ, ୱୋମିଙ୍ଗ୍। ଏହି ରାଜ୍ୟଗୁଡ଼ିକରେ ଗର୍ଭପାତକୁ ବେଆଇନ ବିବେଚନା କରାଯାଏ। ସୁପ୍ରିମକୋର୍ଟଙ୍କ ସଦ୍ୟ ରାୟ ପରେ ୧୩ ରାଜ୍ୟ ଆଣିଥିବା ଆଇନ ଲାଗୁ ହେବ। ଅନ୍ୟ କେତୋଟି ରାଜ୍ୟ ମଧ୍ୟ ଖୁବ୍‌ଶୀଘ୍ର ଏସମ୍ପର୍କିତ କଟକଣା ଲାଗୁ କରିପାରନ୍ତି। ଅନ୍ୟପକ୍ଷେ ଆଉ କେତୋଟି ରାଜ୍ୟ ମହିଳାଙ୍କୁ ଗର୍ଭପାତ ଅଧିକାର ପ୍ରଦାନକାରୀ ନିୟମ ଲାଗୁ କରିପାରନ୍ତି ବୋଲି କୁହାଯାଉଛି।**


" ଶୀର୍ଷ ଅଦାଲତ ଗର୍ଭପାତ ସମ୍ପର୍କିତ ରୋ ବନାମ ୱେଡ୍ ନିଷ୍ପତ୍ତିକୁ ପଲଟାଇ ଦେଇଥିବାରୁ ଏହା ଆମେରିକୀୟ ମହିଳାଙ୍କ ସ୍ୱାସ୍ଥ୍ୟ ଓ ଜୀବନ ପ୍ରତି ବିପଦ ଆଣିବ। ସୁପ୍ରିମକୋର୍ଟଙ୍କ ଗର୍ଭପାତ ରାୟ ଅଦାଲତ ତଥା ଦେଶ ପାଇଁ ଦୁଃଖଦ ଦିନ।

**-ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି**


" ସୁପ୍ରିମକୋର୍ଟଙ୍କ ରାୟ ମହିଳାଙ୍କ ଗର୍ଭପାତ ସାମ୍ବିଧାନିକ ଅଧିକାରର ଅନ୍ତ ଘଟାଇବ। ଏହା ଲକ୍ଷ ଲକ୍ଷ ଆମେରିକୀୟଙ୍କ ଅତ୍ୟାବଶ୍ୟକ ସ୍ୱାଧୀନତା ଉପରେ ଆକ୍ରମଣ।

**-ବାରାକ ଓବାମା, ପୂର୍ବତନ ରାଷ୍ଟ୍ରପତି**


" ସମ୍ବିଧାନ ଅନୁଯାୟୀ ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ନେଇଛନ୍ତି। ଏହା ବହୁ ପୂର୍ବରୁ ହେବାର ଥିଲା।

**-ଡୋନାଲ୍ଡ ଟ୍ରମ୍ପ୍, ପୂର୍ବତନ ରାଷ୍ଟ୍ରପତି**


" ସୁପ୍ରିମକୋର୍ଟଙ୍କ ରାୟ ପରେ ରାଜ୍ୟଗୁଡ଼ିକ ଗର୍ଭପାତକୁ ନିଷେଧ କରିପାରନ୍ତି। ଏହାଦ୍ୱାରା ମହିଳାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବ। ସେମାନଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ଲାଗି ଆମେ ଲଢ଼େଇ କରିବୁ।

**-କମଳା ହାରିସ, ଆମେରିକା ଉପରାଷ୍ଟ୍ରପତି**

## ସଂକ୍ଷେପରେ

### ଗର୍ଭପାତ ବିରୋଧୀ ରାୟକୁ ବିଶ୍ୱନେତାଙ୍କ ନିନ୍ଦା

**ୱାଶିଂଟନ୍, ୨୫।୬:** ଆମେରିକା ସୁପ୍ରିମକୋର୍ଟ ଶୁକ୍ରବାର ମହିଳାଙ୍କ ଗର୍ଭପାତ ଅଧିକାର ବିରୋଧରେ ଦେଇଥିବା ରାୟକୁ ବିଶ୍ୱନେତାମାନେ ନିନ୍ଦା କରିଛନ୍ତି। କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ, ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ, ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେର୍ନ୍ ପ୍ରମୁଖ ଏହି ରାୟକୁ ନିନ୍ଦା କରିବା ସହ ଏହା ମହିଳାଙ୍କ ମୌଳିକ ଅଧିକାର ଛଡ଼ାଇନେବ ବୋଲି କହିଛନ୍ତି। କୌଣସି ସରକାର, ରାଜନେତା କିମ୍ବା ବ୍ୟକ୍ତି ଜଣେ ମହିଳା ତାଙ୍କ ଶରୀର ସହ କ'ଣ କରିବେ ତାହା କହିପାରିବେ ନାହିଁ ବୋଲି ଟ୍ରୁଡୋ ଟୁଇଟ୍ କରିଛନ୍ତି। ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଜୁଲିଆ ଗିଲାର୍ଡ ଆମେରିକା ପୂର୍ବତନ ରାଷ୍ଟ୍ରପତିଙ୍କ ସ୍ତ୍ରୀ ମିଶେଲ ଓବାମଙ୍କ ଟୁଇଟ୍‌କୁ ରିଟୁଇଟ୍ କରିବା ସହ ନିଜ ଅଧିକାର ପାଇଁ ଲଢ଼େଇ କରିବାକୁ ଆହ୍ୱାନ ଦେଇଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟ ଟେଡ୍ରୋସ୍ ଅଧୋନମ୍ ଘେବ୍ରେୟସ୍ ମଧ୍ୟ ଏହାକୁ ଚିନ୍ତାଜନକ ଏବଂ ନିରାଶ କଲା ଭଳି ରାୟ ବୋଲି କହିଛନ୍ତି। ଜାତିସଂଘ ମାନବାଧିକାର ସଂସ୍ଥାର ଉଚ୍ଚାୟୁକ୍ତ ମିଶେଲେ ବାଚ୍‌ଲେଟ ମଧ୍ୟ ରାୟକୁ ନିନ୍ଦା କରି ଏହା ଲିଙ୍ଗଗତ ଭେଦଭାବ ବଢ଼ାଇବ ବୋଲି କହିବା ସହ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ବଢ଼ାଇବ ବୋଲି ମତ ରଖିଛନ୍ତି।

### ମହିଳା କର୍ମଚାରୀଙ୍କୁ ସହାୟତା ଦେବେ ଆମେରିକୀୟ କମ୍ପାନୀ

**ୱାଶିଂଟନ୍, ୨୫।୬:** ଆମେରିକାରେ ମହିଳାଙ୍କ ଗର୍ଭପାତ ଅଧିକାର ଛଡ଼ାଇନେବା ଭଳି ରାୟ ସୁପ୍ରିମକୋର୍ଟ ଶୁକ୍ରବାର ଦେବା ପରେ ସେଠାରେ ଏହାକୁ ନେଇ ବିରୋଧ ଜାରି ରହିଛି। ଗର୍ଭପାତ ପାଇଁ ବାହାର ଦେଶକୁ ଯିବାକୁ ଚାହୁଁଥିବା ମହିଳା କର୍ମଚାରୀଙ୍କୁ ସହାୟତା କରିବାକୁ ଆମେରିକୀୟ କମ୍ପାନୀଗୁଡ଼ିକ ଆଗକୁ ଆସିଛନ୍ତି। ଆମେରିକାର ଦ୍ୱିତୀୟ ବୃହତ୍ତମ ଘରୋଇ କମ୍ପାନୀ ଆମାଜନ୍ ଏହାର ମହିଳା କର୍ମଚାରୀଙ୍କ ଗସ୍ତ ତଥା ଚିକିତ୍ସା ପାଇଁ ବାର୍ଷିକ ୪ ହଜାର ଡଲାର ପର୍ଯ୍ୟନ୍ତ ସହାୟତା ଦେବାକୁ ଘୋଷଣା କରିଛି। ଆପଲ୍ ଇଙ୍କ୍ ଏହାର ହେଲଥ୍ କେୟାର ପ୍ଲାନ୍‌ରେ ଗର୍ଭପାତକୁ ସଂଯୋଗ କରିଛି। ଏଥିପାଇଁ ଆବଶ୍ୟକ ଗସ୍ତ ଏବଂ ମେଡିକାଲ ଖର୍ଚ୍ଚ କମ୍ପାନୀ ଦେବ ବୋଲି କହିଛି। ମାଇକ୍ରୋସଫ୍ଟ, ମେଟା, ୱାଲ୍ଟ ଡିଜ୍‌ନୀ କୋ., ନେଟ୍‌ଫ୍ଲିକ୍ସ, ସିଟିଗ୍ରୁପ୍ ଇଙ୍କ୍, ଜେପି ମୋର୍ଗାନ୍ ଚେଜ୍ ଆଣ୍ଡ୍ କୋ., ଆମେରିକାନ୍ ଏକ୍ସପ୍ରେସ୍ କୋ., ଉବର ଟେକ୍ନୋଲୋଜି କମ୍ପାନୀ ମଧ୍ୟ ତାଙ୍କ କର୍ମଚାରୀଙ୍କ ମଧ୍ୟ ଅନୁରୂପ ସୁବିଧା ଯୋଗାଇବାକୁ ଘୋଷଣା କରିଛନ୍ତି।

### ଚଢ଼ାଉବେଳେ ଆଇଏଏସ୍ ଅଫିସର ପୁଅଙ୍କ ଆତ୍ମହତ୍ୟା

**ଚଣ୍ଡୀଗଡ଼, ୨୫।୬:** ଭିଜିଲାନ୍ସ ଟିମ୍‌ର ଚଢ଼ାଉବେଳେ ଜଣେ ଆଇଏଏସ୍ ଅଧିକାରୀଙ୍କ ପୁଅ ଚଣ୍ଡୀଗଡ଼ରେ ନିଜକୁ ଗୁଳି କରି ଶନିବାର ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଆଇଏଏସ୍ ଅଫିସର ସଞ୍ଜୟ ପୋପଲିଙ୍କ ପୁଅ କାର୍ତ୍ତିକ ପୋପଲି(୨୭)ଙ୍କୁ ଏକ ଦୁର୍ନୀତି ମାମଲାରେ ଗିରଫ ପାଇଁ ଭିଜିଲାନ୍ସ ଅଧିକାରୀ ଆସିଥିବାବେଳେ ବାପାଙ୍କ ଲାଇସେନ୍ସ ପ୍ରାପ୍ତ ବନ୍ଧୁକରେ ସେ ନିଜକୁ ଗୁଳି କରିଥିବା ଜଣାପଡ଼ିଛି। ତେବେ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ ଆଣିଛନ୍ତି। ସଞ୍ଜୟଙ୍କ ସ୍ତ୍ରୀ ଏଥିପାଇଁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କୁ ଦାୟୀ କରିଛନ୍ତି। ଚଢ଼ାଉ ପାଇଁ ଆସିଥିବା ଭିଜିଲାନ୍ସ ଟିମ୍ କାର୍ତ୍ତିକଙ୍କୁ ହତ୍ୟା କରିଥିବା ସେ ଅଭିଯୋଗ କରିଛନ୍ତି। ପୂର୍ବରୁ ପଞ୍ଜାବର ଏକ ସ୍ୱରେଜ ପାଇପଲାଇନ ଟେଣ୍ଡର କ୍ଲିୟର କରାଇବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ସଞ୍ଜୟ ପୋପଲିଙ୍କୁ ଗିରଫ କରାଯାଇଥିଲା।

### ଗୁଜରାଟରେ ସିନ୍ଦେ-ଫଡ୍‌ନବିସ ବୈଠକ

**ଗୁଆହାଟୀ,୨୫।୬:** ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ଲାଗିରହିଥିବାବେଳେ ସମ୍ଭାବ୍ୟ ସରକାର ଗଠନ ନେଇ ଶୁକ୍ରବାର ରାତିରେ ଶିବସେନା ବିଦ୍ରୋହୀ ନେତା ଏକନାଥ ସିନ୍ଦେ ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଗୁଜରାଟର ବଡୋଦରାଠାରେ ଉଭୟ ନେତା ଏକାଠି ହୋଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଧ୍ୟ ଶୁକ୍ରବାର ରାତିରେ ବଡୋଦରାରେ ଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସିନ୍ଦେ ଆସାମର ଗୁଆହାଟୀରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ବଡୋଦରା ଆସିଥିଲେ। ଫଡ୍‌ନବିସଙ୍କ ସହ ଆଲୋଚନା ପରେ ସିନ୍ଦେ ଗୁଆହାଟୀ ଫେରିଯାଇଥିଲେ।

## ୨୭ ଦିନରୁ ଅଧିକ କାମ କରିବେନି ଶିଶୁ କଳାକାର




ନୂଆଦିଲ୍ଲୀ,୨୫।୬

**ଏନ୍‌ସିପିସିଆର୍ ଗାଇଡ୍‌ଲାଇନ**

**ଶୁଟିଂ ପୂର୍ବରୁ ଜିଲାପାଳଙ୍କ ଅନୁମତି ଜରୁରୀ**

ମନୋରଞ୍ଜନ ଶିଳ୍ପରେ ଶିଶୁ କଳାକାରମାନଙ୍କ ସୁରକ୍ଷା ଲାଗି ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍‌ସିପିସିଆର୍) ପକ୍ଷରୁ ଚିଠା ଗାଇଡ୍‌ଲାଇନ ଜାରି କରାଯାଇଛି। ଉକ୍ତ ଗାଇଡ୍‌ଲାଇନ ଅନୁଯାୟୀ କୌଣସି ନାବାଳକ କଳାକାରଙ୍କୁ କ୍ରମାଗତ ୨୭ ଦିନରୁ ଅଧିକ କାମରେ ଲଗାଯାଇପାରିବ ନାହିଁ। ସେମାନଙ୍କ ଆୟରେ ୨୦ ପ୍ରତିଶତ ଏକ ସ୍ଥାୟୀ ଜମା ଆକାଉଣ୍ଟରେ ଜମା କରିବାକୁ ହେବ। ସେହିପରି ପିଲାଙ୍କୁ ଶୁଟିଂରେ ସାମିଲ କରିବା ପୂର୍ବରୁ ପ୍ରଯୋଜକଙ୍କୁ ସମ୍ପୃକ୍ତ ଜିଲାର ଜିଲାପାଳଙ୍କଠାରୁ ଅନୁମତି ନେବାକୁ ହେବ। ପିଲାଙ୍କୁ ଦିନରେ ଗୋଟିଏ ଶିଫ୍ଟ କାମରେ ଲଗାଯାଇପାରିବ ଏବଂ ପ୍ରତି ୩ ଘଣ୍ଟାରେ ବିରତି ଦେବାକୁ ହେବ। ସେମାନଙ୍କୁ ଗୋଟି ଶ୍ରମିକ ଭଳି କାମରେ ଲଗାଇବାକୁ ଚୁକ୍ତିନାମା କରାଯାଇପାରିବ ନାହିଁ। ଶୁଟିଂରେ ଯୋଗଦେବା ଦ୍ୱାରା ପିଲାଙ୍କ ସ୍କୁଲ୍ ଶିକ୍ଷା ଯେପରି ପ୍ରଭାବିତ ନ ହୁଏ, ସେଥିପ୍ରତି ପ୍ରଯୋଜକଙ୍କୁ ଧ୍ୟାନଦେବାକୁ ହେବ। ଟେଲିଭିଜନ କାର୍ଯ୍ୟକ୍ରମ, ରିଅଲିଟି ଶୋ, ଟିଭି ସିରିଏଲ୍, ନ୍ୟୁଜ୍ ଓ ତଥ୍ୟପ୍ରଦାନକାରୀ ମିଡିଆ, ଚଳଚ୍ଚିତ୍ର ଓଟିଟି ପ୍ଲାଟଫର୍ମ ଏବଂ ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ମନୋରଞ୍ଜନ କାର୍ଯ୍ୟରେ ନିୟୋଜିତ ଶିଶୁ କଳାକାରମାନଙ୍କ ପାଇଁ ଉକ୍ତ ଚିଠା ଗାଇଡ୍‌ଲାଇନ ଲାଗୁ ହେବ। ଶିଶୁ କଳାକାରମାନଙ୍କୁ ଶାରୀରିକ ଓ ମାନସିକ ଚାପରୁ ମୁକ୍ତ କରାଇ ସେମାନଙ୍କ ପାଇଁ ସୁସ୍ଥ କାର୍ଯ୍ୟ ପରିବେଶ ନିଶ୍ଚିତ କରିବା ଉକ୍ତ ଗାଇଡ୍‌ଲାଇନର ଉଦ୍ଦେଶ୍ୟ।

## ୨୬/୧୧ ଆକ୍ରମଣକାରୀଙ୍କୁ ପାକ୍‌ରେ ୧୫ ବର୍ଷ ଜେଲ

ଲାହୋର, ୨୫।୬

୨୦୦୮ରେ ମୁମ୍ବାଇ ୨୬/୧୧ ଆକ୍ରମଣ ପାଇଁ ଭାରତର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିବା ଆତଙ୍କବାଦୀ ସାଜିଦ୍ ମଜିଦ୍ ମିର୍‌ଙ୍କୁ ପାକିସ୍ତାନର ଏକ କୋର୍ଟ ୧୫ ବର୍ଷ ୬ ମାସ ଜେଲଦଣ୍ଡ ଶୁଣାଇଛନ୍ତି। ଫାଇନାନ୍ସିଆଲ ଆକ୍ସନ ଟାକ୍ସ ଫୋର୍ସ (ଏଫ୍‌ଏଟିଏଫ୍) ଗ୍ରେ ଲିଷ୍ଟରୁ ପାକିସ୍ତାନ ବାହାରିବାକୁ ସଂଘର୍ଷ କରୁଥିବାବେଳେ ପାକ୍‌ର ଆତଙ୍କବାଦୀ ନିରୋଧୀ କୋର୍ଟ ଏହି ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କ ଉପରେ ୪ ଲକ୍ଷ ଟଙ୍କାର ଜରିମାନା ଲାଗୁ ହୋଇଛି। ଭାରତ ସମେତ ଆମେରିକା ମଧ୍ୟ ସାଜିଦ୍‌ଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଥିଲା। ତାଙ୍କୁ ଗିରଫରେ ସହାୟତା ପାଇଁ ଆମେରିକା ୫୦ ଲକ୍ଷ ଡଲାର ପୁରସ୍କାର ଘୋଷଣା କରିଥିଲା। ହେଲେ ସାଜିଦ୍‌ଙ୍କ ମୃତ୍ୟୁ ଘଟିସାରିଥିବା ନେଇ ପୂର୍ବରୁ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ କହିଥିଲା। ୨୦୦୮ ନଭେମ୍ବର ୨୬ ଆତଙ୍କବାଦୀ ଆକ୍ରମଣରେ ୧୭୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୩ ଦିନ ଧରି ହୋଇଥିବା ବିସ୍ଫୋରଣରେ ୬ ଆମେରିକୀୟ ମଧ୍ୟ ପ୍ରାଣ ହରାଇଥିଲେ। ସାଜିଦ୍ ଏହି ଆକ୍ରମଣର ଯୋଜନା କରିଥିଲେ। ଏଫ୍‌ଏଟିଏଫ୍‌କୁ ଦେଖାଇବା ପାଇଁ ପାକିସ୍ତାନ ତାଙ୍କୁ ଜେଲ ଦଣ୍ଡ ଶୁଣାଇଥିବା କୁହାଯାଉଛି।

## ବନ୍ଧୁକ ନିୟନ୍ତ୍ରଣ ବିଲ୍‌କୁ ବାଇଡେନ୍‌ଙ୍କ ମୋହର

**ୱାଶିଂଟନ,୨୫।୬:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଶନିବାର ଐତିହାସିକ ବନ୍ଧୁକ ନିୟନ୍ତ୍ରଣ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି। ଫଳରେ ଏହା ଆଇନରେ ପରିଣତ ହୋଇଛି। ବନ୍ଧୁକ ନିୟନ୍ତ୍ରଣ ଆଇନ ଲାଗୁ ହେଲେ ଲୋକଙ୍କ ଜୀବନ ସୁରକ୍ଷିତ ହୋଇପାରିବ ବୋଲି ସେ କହିଛନ୍ତି। ବାଇପାର୍ଟିସନ ଗନ୍ ଭାଓଲେନ୍ସ ବିଲ୍ ଶୁକ୍ରବାର ଆମେରିକା କଂଗ୍ରେସର ଅନୁମୋଦନ ଲାଭ କରିଥିଲା। ସିନେଟରେ ଏହା ୬୫-୩୩ ଭୋଟ ରେ ଗୃହୀତ ହେବା ପରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ୨୩୪-୧୯୩ରେ ପାସ୍ ହୋଇଥିଲା। ଗତ ମାସରେ ନ୍ୟୁୟର୍କର ବୁଫାଲୋ ଏବଂ ଟେକ୍ସାସର ଉଭାଲ୍‌ଡେରେ ଗଣଗୁଳିକାଣ୍ଡ ଘଟଣା ପରେ ବନ୍ଧୁକ ସଂସ୍କୃତି ବିରୋଧରେ ବିଭିନ୍ନ ସହରରେ ବିକ୍ଷୋଭ କରାଯାଇଥିଲା। ସିନେଟରେ ସମସ୍ତ ଡେମୋକ୍ରାଟଙ୍କ ସହ ୧୫ ରିପବ୍ଲିକାନ ସଦସ୍ୟ ବନ୍ଧୁକ ନିୟନ୍ତ୍ରଣ ବିଲ୍‌କୁ ସମର୍ଥନ ଜଣାଇଥିଲେ। ନୂଆ ଆଇନରେ କମ୍ ବୟସର ପିଲା ବନ୍ଧୁକ କିଣିବା ଉପରେ କଟକଣା ରହିବ। ଘରୋଇ ହିଂସାରେ ସମ୍ପୃକ୍ତ ଅପରାଧୀଙ୍କଠାରୁ ମାରଣାସ୍ତ୍ରକୁ ଦୂରେଇ ରଖାଯାଇପାରିବ। ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଅସ୍ତ୍ରଶସ୍ତ୍ରକୁ କର୍ତ୍ତୃପକ୍ଷ ସହଜରେ ଜବତ କରିପାରିବେ। ଆଇନ କାର୍ଯ୍ୟକାରୀ କରିବା ଲାଗି ୧୩ ବିଲିୟନ ଡଲାର ବ୍ୟୟବ୍ୟବସ୍ଥା ହୋଇଛି, ଯାହାର ଅଧିକାଂଶ ଭାଗ ଗଣଗୁଳିକାଣ୍ଡରେ ପ୍ରଭାବିତ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟର ବିକାଶ ଓ ସ୍କୁଲ୍‌ଗୁଡ଼ିକୁ ସହାୟତା ଲାଗି ବ୍ୟୟ ହେବ।



# ୧୬ ବିଦ୍ରୋହୀ ବିଧାୟକଙ୍କୁ କଡ଼ା ନୋଟିସ

ମୁମ୍ବାଇ,୨୫।୬

ଶିବସେନା ନେତା ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ୪୦ରୁ ଊର୍ଦ୍ଧ୍ୱ ବିଧାୟକ ଦଳ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବିରୋଧରେ ଚଳାଇଥିବା ବିଦ୍ରୋହ ଥମିବାର ନାଁ ନେଉନି। ଫଳରେ ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ଜାରି ରହିଛି। ବିଧାନସଭା ଉପବାଚସ୍ପତି ନରହରି ଜିର୍‌ୱାଲ ଶନିବାର ସିନ୍ଦେଙ୍କ ସମେତ ୧୬ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ନୋଟିସ ଜାରି କରିଛନ୍ତି। ସେମାନଙ୍କୁ ସୋମବାର ସୁଦ୍ଧା ନୋଟିସ୍‌ର ଜବାବ ଲିଖିତ ଭାବେ ଦେବାକୁ କୁହାଯାଇଛି। ଅନ୍ୟପକ୍ଷରେ ସିନ୍ଦେଙ୍କ ନେତୃତ୍ୱରେ ୧୪ ବିଦ୍ରୋହୀ ବିଧାୟକ ଉପବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ନୋଟିସ ପଠାଇଥିବା ବେଳେ ଏହା ଖାରଜ ହୋଇଯାଇଛି।

କଂଗ୍ରେସ ଏବଂ ଏନ୍‌ସିପି ସହ ଶିବସେନାର ମେଣ୍ଟକୁ ବିରେଧକରି ମୁଖ୍ୟମନ୍ତ୍ରୀ ଠାକ୍‌ରେଙ୍କ ବିରୋଧରେ ସିନ୍ଦେ ବିଦ୍ରୋହ ଚଳାଇଛନ୍ତି। ତାଙ୍କ ପାଖରେ ଶିବସେନାର ୩୮ ବିଧାୟକ ଓ ୮ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ରହିଥିବା ସିନ୍ଦେ ଦାବି କରିଛନ୍ତି। ଅଯୋଗ୍ୟ ଘୋଷଣାରୁ ବର୍ତ୍ତିବାକୁ ହେଲେ ସିନ୍ଦେ କ୍ୟାମ୍ପରେ ସେନାର ୩୭ ବିଧାୟକଙ୍କ ଆବଶ୍ୟକତା ରହିଛି। ଠାକ୍‌ରେ ମହାବିକାଶ ଅଘାଡ଼ି ମେଣ୍ଟରୁ ଓହରି ଆସି ଭାଜପା ସହ ମେଣ୍ଟ କରିବା ଲାଗି ବିଦ୍ରୋହୀ ଗୋଷ୍ଠୀ ଦାବି କରିଛନ୍ତି। ତେବେ ଭାଜପା ସହ ସରକାର ଗଢ଼ିବେ ନାହିଁ ବୋଲି ଠାକ୍‌ରେ ସ୍ପଷ୍ଟ କରିଦେଇଛନ୍ତି।

ଶିବସେନା ବିଦ୍ରୋହୀ ଗୋଷ୍ଠୀର ନାଁ 'ଶିବସେନା ବାଲାସାହେବ' ବୋଲି ଗୁଆହାଟୀଠାରେ ସିନ୍ଦେଙ୍କ ଘନିଷ୍ଠ ବିଧାୟକ ଦୀପକ କେସରକର ଘୋଷଣା କରିଛନ୍ତି। ତେବେ ବିଧାନସଭା ବାଚସ୍ପତିଙ୍କଠାରୁ ଆଇନଗତ ସ୍ୱୀକୃତି ନ ପାଇବା ପର୍ଯ୍ୟନ୍ତ ଏଭଳି ଗ୍ରୁପ୍‌ର କୌଣସି କର୍ତ୍ତୃତ୍ୱ ନାହିଁ ବୋଲି କଂଗ୍ରେସ ନେତା ତଥା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ କହିଛନ୍ତି। ଅନ୍ୟପକ୍ଷରେ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କ ନାମ ବିଦ୍ରୋହୀ ଗୋଷ୍ଠୀ ବ୍ୟବହାର ନ କରିବାକୁ ମୁଖ୍ୟମନ୍ତ୍ରୀ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଶନିବାର ବସିଥିବା ଦଳର ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ବାଲାସାହେବ ଏବଂ ଦଳର ନାଁ ଅନ୍ୟ କୌଣସି ଗୋଷ୍ଠୀ ବ୍ୟବହାର ନ କରିବାକୁ ଶିବସେନା ନିର୍ବାଚନ କମିଶନଙ୍କୁ ଅନୁରୋଧ କରିଛି।

ବିଦ୍ରୋହୀ ନେତା ସିନ୍ଦେ ମୁଖ୍ୟମନ୍ତ୍ରୀ ଠାକ୍‌ରେ ଏବଂ ରାଜ୍ୟର ସମସ୍ତ ପୋଲିସ କମିଶନରଙ୍କୁ ପତ୍ର ଲେଖି ୩୮ ବିଧାୟକଙ୍କ ପରିବାର ସଦସ୍ୟଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରିନିଆଯାଇଥିବା ନେଇ ଅଭିଯୋଗ କରିଛନ୍ତି। ବିଦ୍ରୋହୀ ବିଧାୟକଙ୍କୁ ଭୟଭୀତ କରିବା ଓ ସେମାନଙ୍କ ବିରୋଧରେ ହିଂସାକାଣ୍ଡ ଘଟାଇବା ପାଇଁ ମହାବିକାଶ ଅଘାଡ଼ି ନେତାମାନେ କ୍ୟାଡରଙ୍କୁ ଉସୁକାଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ବିଦ୍ରୋହୀ ବିଧାୟକ ମହାରାଷ୍ଟ୍ରରେ ବୁଲିପାରିବେ ନାହିଁ ବୋଲି ଶିବସେନା ଏମ୍‌ପି ସଞ୍ଜୟ ରାଉତ ଧମକ ଦେଇଥିବା ସେ କହିଛନ୍ତି। ତେବେ କୌଣସି ବିଧାୟକଙ୍କ ସୁରକ୍ଷା ପ୍ରତ୍ୟାହାର ଲାଗି ମୁଖ୍ୟମନ୍ତ୍ରୀ କିମ୍ବା ଗୃହ ବିଭାଗ ନିର୍ଦ୍ଦେଶନାମା ଜାରି କରି ନ ଥିବା ମହାରାଷ୍ଟ୍ର ଗୃହମନ୍ତ୍ରୀ ଦିଲୀପ ୱାଲ୍‌ସେ ପାଟିଲ ଟୁଇଟ୍ କରିଛନ୍ତି।



ଏକନାଥ ସିନ୍ଦେଙ୍କ ସମର୍ଥକମାନେ ତାଙ୍କ ଠାଣେ ବାସଭବନ ବାହାରେ ସ୍ଲୋଗାନ ଦେଉଛନ୍ତି।

**ମହାରାଷ୍ଟ୍ର ସଙ୍କଟ**

- ନିଜ ଗୋଷ୍ଠୀକୁ 'ଶିବସେନା ବାଲାସାହେବ' ନାଁ ଦେଲେ ବିଦ୍ରୋହୀ
- ଦଳ ପ୍ରତିଷ୍ଠାତାଙ୍କ ନାମ ବ୍ୟବହାର ନ କରିବାକୁ ଶିବସେନା ବୈଠକରେ ପ୍ରସ୍ତାବ ଗୃହୀତ

## ସିନ୍ଦେଙ୍କ ପୁଅଙ୍କ କାର୍ଯ୍ୟାଳୟ ଭଙ୍ଗାରୁଜା

**ଠାଣେରେ ୧୪୪ ଧାରା**

**ମୁମ୍ବାଇ,୨୫।୬:** ମହାରାଷ୍ଟ୍ରର ଠାଣେ ଜିଲାରେ ଶିବସେନା ବିଦ୍ରୋହୀ ନେତା ଏକନାଥ ସିନ୍ଦେଙ୍କ ପୁଅ ତଥା ଲୋକ ସଭା ସଦସ୍ୟ ଶ୍ରୀକାନ୍ତ ସିନ୍ଦେଙ୍କ କାର୍ଯ୍ୟାଳୟ ବାହାରେ ଲାଗିଥିବା ବୋର୍ଡକୁ କେତେଜଣ ଭାଙ୍ଗିଦେଇଛନ୍ତି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶ୍ରୀକାନ୍ତଙ୍କ ଉଲାସନଗରସ୍ଥିତ କାର୍ଯ୍ୟାଳୟକୁ ଶିବ ସୈନିକମାନେ ଢେଲାମାଡ଼ କରିବା ସହ ଉଦ୍ଧବ ଠାକ୍‌ରେଙ୍କ ସପକ୍ଷରେ ସ୍ଲୋଗାନ ଦେଉଥିବା ଶୁଣାଯାଇଥିଲା। ଉତ୍ତେଜନା ପରେ ଠାଣେ ଜିଲାପାଳ ରାଜେଶ ନର୍ଭେକର ଜିଲାରେ ୧୪୪ ଧାରା ଜାରି କରିଛନ୍ତି। ଜୁନ୍ ୩୦ ପର୍ଯ୍ୟନ୍ତ ଏହି ନିଷେଧାଦେଶ ଲାଗୁ ହୋଇଛି। ଏହି ସମୟରେ ଶୋଭାଯାତ୍ରା, ପୋଷ୍ଟର ପ୍ଲାକାର୍ଡ ପ୍ରଦର୍ଶନ କରାଯାଇପାରିବ ନାହିଁ।

ଧରିତ୍ରୀ
DHARITRI

ରବିବାର, ଜୁନ୍ ୨୬/୨୦୨୨ | Sunday, June 26/2022 | ପୃଷ୍ଠା-୧



## ସୁପର ଓମ୍ୟାନ୍‌ରେ ମୀରା

ସମଲିଙ୍ଗୀ ସମ୍ପର୍କ ଉପରେ ଆଧାରିତ 'ସୁପର ଓମ୍ୟାନ୍' ଫିଲ୍ମରେ ବଲିଉଡ୍‌ର ବୋଲ୍ଡ ନାୟିକା ମୀରା ଚୋପ୍ରା ଅଭିନୟ କରିବେ।

୦୮

୧୦

## ହରମନପ୍ରୀତଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

ଅଧିନାୟକ ହରମନପ୍ରୀତ କୌରଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଭାରତ ଦ୍ୱିତୀୟ ମହିଳା ଟି୨୦ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କାକୁ ହରାଇବା ସହ ସିରିଜ ବିଜୟୀ ହୋଇଛି।





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।




ଆମେରିକାରେ ମହିଳାମାନଙ୍କ ଗର୍ଭପାତ ଅଧିକାରକୁ ଶେଷକରି ସୁପ୍ରିମକୋର୍ଟ ରାୟ ଦେବାର ଦିନକ ପରେ ଶୁକ୍ରବାର ନ୍ୟୁୟର୍କରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପଞ୍ଜୀକୃତ ମାମଲା ଉପରେ ରିପୋର୍ଟ କରିପାରିବ ଗଣମାଧ୍ୟମ

**ବମ୍ବେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

**ମୁମ୍ବାଇ,୨୫।୬**

ଏତଲା ପଞ୍ଜୀକରଣ, ଅଭିଯୁକ୍ତଙ୍କ ଗିରଫ ଏବଂ କୋର୍ଟରେ ମାମଲା ରୁଜୁ ସଂକ୍ରାନ୍ତୀୟ ତଥ୍ୟ ପ୍ରକାଶ କରିବା ଗଣମାଧ୍ୟମର ଅଧିକାର। ଏଥିରୁ ଗଣମାଧ୍ୟମକୁ ବଞ୍ଚିତ କରାଯାଇପାରିବ ନାହିଁ କିମ୍ବା ଏସମ୍ପର୍କିତ ସତ୍ୟ ତଥ୍ୟ ପ୍ରକାଶନ ଉପରେ କୌଣସି ମାନହାନି ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବିଚାରପତି ବିନୟ ଜୋଷୀ ଏକ ଖବରକାଗଜ ସଂସ୍ଥାର ମାଲିକଙ୍କ ବିରୋଧରେ ହୋଇଥିବା ମାନହାନି ମାମଲାକୁ ଖାରଜ କରିବା ଅବସରରେ ଗଣମାଧ୍ୟମର ସ୍ୱାଧୀନତା ଏବଂ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି।

ଜଷ୍ଟିସ ଜୋଷୀ କହିଛନ୍ତି ଯେ, ପ୍ରତ୍ୟେକ ଖବରକାଗଜ ସଂସ୍ଥା ଦୈନିକ ଘଟୁଥିବା ଅପରାଧ, ଏହାର ପଞ୍ଜୀକରଣ, ଆପରାଧିକ ଘଟଣାର ତଦନ୍ତ, ଅଭିଯୁକ୍ତଙ୍କ ଗିରଫ ଏବଂ କୋର୍ଟରେ ହେଉଥିବା ମାମଲା ସମ୍ପର୍କରେ ବିଭିନ୍ନ ତଥ୍ୟ ପ୍ରକାଶ କରିଥାନ୍ତି। ଏହା ମଧ୍ୟ ସାଧାରଣ ନାଗରିକଙ୍କ ଜାଣିବାର ଅଧିକାର ରହିଛି। ତେଣୁ ଗଣମାଧ୍ୟମକୁ ଏଥିରୁ ବିରତ କରାଯାଇପାରିବ ନାହିଁ। ମାମଲା ପଞ୍ଜୀକରଣ ସମ୍ପର୍କିତ ସତ୍ୟ ଖବର ପରିବେଷଣ ଉପରେ ଯଦି ମାନହାନି ମକଦ୍ଦମା ରୁଜୁ ହେବ ତେବେ ଏହା ତଦନ୍ତ ପ୍ରକ୍ରିୟାର ସବିଶେଷ ତଥ୍ୟ ସମ୍ପର୍କରେ ସାଧାରଣ ଲୋକେ ଜାଣିବାରୁ ବଞ୍ଚିତ ହେବେ। ଲୋକମାନଙ୍କୁ ଠିକ୍ ଏବଂ ସତ୍ୟ ଆଧାରିତ ତଥ୍ୟ ପ୍ରଦାନ କରିବା ଗଣମାଧ୍ୟମର ଦାୟିତ୍ୱ। ତେଣୁ ଏହା ବିରୋଧରେ ମାନହାନି ମାମଲା ରୁଜୁ ହେବା ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାର ପରିପନ୍ଥୀ। ସାଧାରଣ ଲୋକ ଯାହା ଜାଣିବା କଥା ତାକୁ ଠିକ୍‌ଭାବେ ଉପସ୍ଥାପନ କରିବା ଗଣମାଧ୍ୟମର ଅଧିକାର। ଏହା ଅଭିବ୍ୟକ୍ତି ସ୍ୱାଧୀନତାର ଏକ ଅଂଶ। ତେଣୁ ଏହାର କଣ୍ଠରୋଧ କରିବା ଉଦ୍ୟମ ଠିକ୍ ନୁହେଁ ବୋଲି ବିଚାରପତି ଜୋଷୀ ରାୟରେ ଉଲ୍ଲେଖ କରିଛନ୍ତି।

# ଜୁଲାଇ ପ୍ରଥମ ସପ୍ତାହରେ ମାଟ୍ରିକ ପରୀକ୍ଷା ଫଳ

**ଭୁବନେଶ୍ୱର, ୨୫।୬(ବ୍ୟୁରୋ)**

ଜୁଲାଇ ପ୍ରଥମ ସପ୍ତାହରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବ। ଏ ନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଏବେ ପରୀକ୍ଷା ଖାତାଦେଖା ସରିଛି। ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଚାଲିଛି। ନିର୍ଭୁଲ ଫଳ ପ୍ରକାଶ ପାଇଁ ଉଦ୍ୟମ ଜାରି ରହିଛି। କେବେ ପ୍ରକାଶ ପାଇବ ତାହା ନିଷ୍ପତ୍ତି ହୋଇନାହିଁ। ତେବେ ଖୁବ୍‌ଶୀଘ୍ର ତାରିଖ ଘୋଷଣା କରାଯିବ। କରୋନା ଯୋଗୁ ଗତ ଦୁଇବର୍ଷ ହେବ ମାଟ୍ରିକ ପରୀକ୍ଷା ହୋଇ ନ ଥିଲା। ବିକଳ୍ପ ମୂଲ୍ୟାୟନ ପଦ୍ଧତିରେ ପରୀକ୍ଷା ଫଳ ପ୍ରକାଶ କରାଯାଇଥିଲା। ତେବେ କରୋନା ସ୍ଥିତିରେ ସୁଧାର ଆସିଥିବାରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଅଫ୍‌ଲାଇନ୍‌ରେ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଗତ ଏପ୍ରିଲ ୨୯ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମେ' ୭ରେ ଶେଷ ହୋଇଥିଲା। ୩,୨୦୩ ପରୀକ୍ଷା କେନ୍ଦ୍ରରେ ମୋଟ ୫ ଲକ୍ଷ ୭୧ ହଜାର ୯୦୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ମଧ୍ୟମା ଓ ଓପନ ସ୍କୁଲ ପିଲାଙ୍କୁ ମିଶାଇଲେ ମୋଟ ୫ ଲକ୍ଷ ୮୫ ହଜାର ୭୩୦ ଜଣ ପିଲା ୩,୫୪୦ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ପରୀକ୍ଷା ପରିଚାଳନା ପାଇଁ ରାଜ୍ୟର ୩୫ ହଜାରରୁ ଅଧିକ ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ ହୋଇଥିଲେ। ମେ' ୨୧ରୁ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଜ୍ୟର ମୋଟ୍ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ହୋଇଥିଲା। ଖାତାଦେଖା ପାଇଁ ୪୮୧ଜଣ ମୁଖ୍ୟ ପରୀକ୍ଷକଙ୍କ ସହ ୯୦୦ ଜଣ ଉପପରୀକ୍ଷକ, ୮୯୧୯ ଜଣ ସହକାରୀ ପରୀକ୍ଷକ ଓ ୯୩୦ ଜଣ ସ୍କ୍ରୁଟିନାଇଜର ନିୟୋଜିତ ହୋଇଥିଲେ।

**ଆଜିର ସମ୍ପାଦକୀୟ**

ଆମ ଅଧିକାର ଓ ନ୍ୟାୟିକ ବ୍ୟବସ୍ଥା

# ଖାଦ୍ୟାଭାବ ଆଶଙ୍କା

**ଅସ୍ୱାଭାବିକ ମୌସୁମୀ ଦେଶର ଖାଦ୍ୟ ସୁରକ୍ଷା ପ୍ରତି ବଡ଼ ବିପଦ ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଦିଗରେ 'ସ୍ୱାଭାବିକ ମୌସୁମୀ' ପ୍ରାକୃତିକ ଭାବେ ବଡ଼ ଭୂମିକା ନେଇଥାଏ। ସ୍ୱାଭାବିକ ବର୍ଷା ଫସଲ କରାଇ ଲୋକଙ୍କ ଖାଦ୍ୟ ଚାହିଦାକୁ ମେଣ୍ଟାଇଥାଏ। ଦରଦାମ ଓ ତଦ୍‌ଜନିତ ମୁଦ୍ରାସ୍ଫୀତି ବୃଦ୍ଧିକୁ ମଧ୍ୟ ଏହା ନିୟନ୍ତ୍ରଣରେ ରଖିଥାଏ। ମୁଦ୍ରାସ୍ଫୀତି ଉପରେ ଲଗାମ ଲଗାଇବା ପାଇଁ ଭାରତର ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦୁଇଥର ରେପୋ ରେଟ୍ ବୃଦ୍ଧି କଲାଣି। ଏହାଦ୍ୱାରା ଋଣଗ୍ରହିତାଙ୍କ ଉପରେ ଅଧିକ ସୁଧ ବୋଝ ଲଦି ହୋଇଯାଇଛି। ଏବେ ଅସ୍ୱାଭାବିକ ମୌସୁମୀରୁ ଭଲ ଫସଲ ଉତ୍ପାଦନ ହେବା ଆଶା ମଉଳୁଛି। ଆଗକୁ ଖାଦ୍ୟ ସଙ୍କଟ ସୃଷ୍ଟି ହେବା ସହ ସରକାରୀ ଯୋଜନାରେ ମାଗଣା ଖାଦ୍ୟଶସ୍ୟ ବଣ୍ଟନ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି।**

## ଚିନ୍ତା ବଢ଼ାଇଛି ଅସ୍ୱାଭାବିକ ମୌସୁମୀ

- **୨୫ ଜିଲାରେ ସ୍ୱାଭାବିକଠାରୁ କମ୍ ବର୍ଷା**
- **ଧାନ ଫସଲରୁ ମୁହଁ ଫେରାଉଛନ୍ତି ଚାଷୀ**



**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

ଜୁନ୍, ଜୁଲାଇରେ ଆବଶ୍ୟକ ବର୍ଷା ହେଉ ନ ଥିବାରୁ ଗତ କିଛି ବର୍ଷ ହେବ କୃଷି ଉତ୍ପାଦନ ପ୍ରଭାବିତ ହେଲାଣି। ଚଳିତ ବର୍ଷ ମୌସୁମୀ ବର୍ଷାର ଅନିୟମିତତା ମଧ୍ୟ କୃଷି କ୍ଷେତ୍ରକୁ ଗଭୀର ଭାବେ ପ୍ରଭାବିତ କରିବା ଚିନ୍ତା ବଢ଼ିଗଲାଣି। ଚଳିତ ବର୍ଷ କେରଳକୁ ମେ' ୨୯ ରେ ଅର୍ଥାତ୍ ସ୍ୱାଭାବିକର ୩ ଦିନ ପୂର୍ବରୁ ମୌସୁମୀ ପ୍ରବେଶ କରିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଗଲା। ହେଲେ ପାଗ ଅନୁକୂଳ ନ ହେବାରୁ ମଧ୍ୟଭାରତ ଓ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ମୌସୁମୀ ପ୍ରବେଶ ବିଳମ୍ବ ହୋଇଛି। ଯଦିଓ କେତେକ ରାଜ୍ୟକୁ ଏହା ପ୍ରବେଶ କରିଛି, ତେବେ ଆରବ ସାଗରରୁ ଜଳୀୟ ବାଷ୍ପ ଆସୁ ନ ଥିବାରୁ ମୌସୁମୀ ବର୍ଷା ହେଉନାହିଁ।

ଦୁର୍ବଳ ମୌସୁମୀ ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଲାଣି। ରାଜ୍ୟରେ ଚାଷୀମାନେ ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଆନ୍ତି। ବର୍ଷା ନ ଥିବାରୁ ଚାଷୀ ହାତବାନ୍ଧି ବସିଛନ୍ତି। ଚଳିତ ବର୍ଷ ଜୁନ୍ ୧୬ରେ ରାଜ୍ୟକୁ ମୌସୁମୀ ପ୍ରବେଶ କରିଥିଲେ ମଧ୍ୟ ବର୍ଷାର ନାଁ ଗନ୍ଧ ନାହିଁ। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଜୁନ୍ ପହିଲାରୁ ଜୁନ୍ ୨୫ ମଧ୍ୟରେ ସ୍ୱାଭାବିକଠାରୁ ୩୭% କମ୍ ବର୍ଷା ହୋଇଛି। କେବଳ ଅନୁଗୋଳ, ଢେଙ୍କାନାଳ, ଯାଜପୁର, ନୟାଗଡ଼ ଏବଂ ନୂଆପଡ଼ା ଜିଲାକୁ ବାଦ୍‌ଦେଲେ ରାଜ୍ୟର ୨୫ ଜିଲାରେ ନିଅଣ୍ଟିଆ ପରିସ୍ଥିତି ରହିଛି। ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ୍ ୧ରୁ ଏ ପର୍ଯ୍ୟନ୍ତ ପୁରୀରେ ସ୍ୱାଭାବିକଠାରୁ ୮୩ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼ ୬୨%, ଭଦ୍ରକ ୬୧%, କେନ୍ଦ୍ରାପଡ଼ା ୬୬%, ନବରଙ୍ଗପୁର ୫୪%, ବୌଦ୍ଧ ୫୩%, ଗଜପତି ୫୫%, ଜଗତ୍‌ସିଂହପୁର ୪୫%, ଝାରସୁଗୁଡ଼ାରେ ୪୪% ବର୍ଷା ହୋଇଛି।

ବିଶେଷଜ୍ଞଙ୍କ ମତରେ ଯଦି ମୌସୁମୀ ବର୍ଷା ୧% କମ୍ ବେଶି ହେବ ତେବେ ତାହାର ପ୍ରଭାବ ଦେଶ ତଥା ରାଜ୍ୟର ଘରୋଇ ଅଭିବୃଦ୍ଧି (ଜିଏସ୍‌ଡିପି) ଉପରେ ୦.୩୪% ପଡ଼ିବ। ବିଦ୍ୟୁତ୍ ଶକ୍ତି ଉତ୍ପାଦନ ମଧ୍ୟ ୧୩% ହ୍ରାସ ପାଇବ। ଅନ୍ୟପକ୍ଷରେ ଭଲ ବର୍ଷା ହେଉ ନ ଥିବାରୁ ଚାଷୀ ଧାନ, ଗହମ ବଦଳରେ କମ୍ ବର୍ଷାରେ ଶୀଘ୍ର ଅମଳ ହେଉଥିବା ଅର୍ଥକରି ଫସଲ କରିବାକୁ ପସନ୍ଦ କଲେଣି। ଏଥିଯୋଗୁ ଖାଦ୍ୟ ସଙ୍କଟ ଆହୁରି ଭୟଙ୍କର ହେବ ବୋଲି କୃଷି ବିଶେଷଜ୍ଞ ଆଶଙ୍କା କଲେଣି।

ପାଣିପାଗ ବିଶେଷଜ୍ଞ ଶରତ ଚନ୍ଦ୍ର ସାହୁ କହିଛନ୍ତି ଯେ ଚଳିତ ବର୍ଷ ଆରବ ସାଗର କିମ୍ବା ବଙ୍ଗୋପସାଗରରୁ ଜଳୀୟ ବାଷ୍ପ ସ୍ଥଳଭାଗକୁ ପ୍ରବେଶ କରୁନାହିଁ। ଏଥିସହିତ ଉତ୍ତର-ପୂର୍ବ ଭାରତରେ ଗରମ ବଢ଼ିଲେ ରାଜ୍ୟରେ ମୌସୁମୀ ସକ୍ରିୟ ରହିଥାଏ। ଚଳିତବର୍ଷ ଏଥିରେ ବ୍ୟତିକ୍ରମ ରହିଛି। ☞ପୃଷ୍ଠା-୧୦

# ସାମାଜିକ କର୍ମୀ ତୀସ୍ତା ସିତଲୱାଡ୍ ଗିରଫ

- **ଗୁଜରାଟ ଦଙ୍ଗା ସମ୍ପର୍କରେ ଭୁଲ୍ ସୂଚନା ପ୍ରଦାନ ଅଭିଯୋଗ**

**ମୁମ୍ବାଇ, ୨୫।୬**

୨୦୦୨ ଗୁଜରାଟ ଦଙ୍ଗା ମାମଲାରେ ସୁପ୍ରିମକୋର୍ଟ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ଲିନ୍ ଚିଟ୍ ଦେବାର ଦିନକ ପରେ ସାମାଜିକ କର୍ମୀ ତୀସ୍ତା ସିତଲୱାଡ୍‌ଙ୍କୁ ଶନିବାର ଗିରଫ କରାଯାଇଛି। ଗୁଜରାଟର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ତାଙ୍କୁ ମୁମ୍ବାଇସ୍ଥିତ ବାସଭବନରୁ ଅହମଦାବାଦ ନେଇଛି। ସେହିପରି ଆଉ ଦୁଇ ପୂର୍ବତନ ଆଇପିଏସ୍ ଅଧିକାରୀ ସଞ୍ଜୀବ ଭଟ୍ଟ ଏବଂ ଆର. ବି. ଶ୍ରୀକୁମାରଙ୍କୁ ମଧ୍ୟ ଏଟିଏସ୍ ଗିରଫ କରିଛି। ଇନ୍ସପେକ୍ଟର ଡି. ବି. ବରାଦଙ୍କ ଅଭିଯୋଗକ୍ରମେ ଶ୍ରୀକୁମାରଙ୍କ ନାଁରେ ମାମଲା ହୋଇଥିଲା। ସେହିପରି ଅନ୍ୟ ଏକ ମାମଲାରେ ଜେଲରେ ଥିବା ସଞ୍ଜୀବ ଭଟ୍ଟଙ୍କ ନାଁରେ ଷଡ଼ଯନ୍ତ୍ର ଅଭିଯୋଗ ରହିଥିଲା।

ଦଙ୍ଗାରେ ନିହତ କଂଗ୍ରେସ ନେତା ଏହସାନ ଜାଫ୍ରିଙ୍କ ସ୍ତ୍ରୀ ଜାକିଆ ଜାଫ୍ରି ମୋଦିଙ୍କୁ ପୂର୍ବରୁ ଏଟିଏସ୍ ଦେଇଥିବା କ୍ଲିନଚିଟ୍ ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଥିଲେ। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଜାକିଆଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହି ପିଟିଶନ ଜରିଆରେ ତୀସ୍ତା, ସଞ୍ଜୀବ ଭଟ୍ଟ ଏବଂ ଶ୍ରୀକୁମାର ଜାଲ୍ ଦସ୍ତାବିଜ୍ ଏବଂ ଭୁଲ୍ ସୂଚନା ଦେଇଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଅହମଦାବାଦ ପୋଲିସ୍‌ର ଡିଟେକ୍ସନ୍ ଅଫ୍ କ୍ରାଇମ୍ (ଡିସିବି) ସୂଚନା ଆଧାରରେ ଗୁଜରାଟ ଏଟିଏସ୍ ଟିମ୍ ଅପରାହ୍ନରେ ତିସ୍ତାଙ୍କ ମୁମ୍ବାଇସ୍ଥିତ ବାସଭବନରେ ପହଞ୍ଚିଥିଲା। ଗିରଫ ପରେ ତାଙ୍କୁ ସାଣ୍ଟାକ୍ରୁଜ୍ ଥାନାକୁ ନିଆଯାଇଥିଲା। ସେଠାର ତୀସ୍ତାଙ୍କୁ ଅହମଦାବାଦ କ୍ରାଇମ ବ୍ରାଞ୍ଚ ଅଫିସ୍‌କୁ ନିଆଯାଇଛି। ପୂର୍ବତନ ଡିଜିପି ଶ୍ରୀକୁମାରଙ୍କୁ ଗାନ୍ଧୀନଗରସ୍ଥିତ ତାଙ୍କ ବାସଭବନରୁ ଗିରଫ ☞ପୃଷ୍ଠା-୧୦



ତୀସ୍ତା ସିତଲୱାଡ୍

# ଦ୍ରୌପଦୀ ରାଷ୍ଟ୍ରପତି ହେଲେ ପାଣ୍ଡବ, କୌରବ କିଏ

**ଫିଲ୍ମ ପ୍ରଯୋଜକ ରାମ ଗୋପାଳ ବର୍ମାଙ୍କ ନାଁରେ ମାମଲା**

**ହାଇଦ୍ରାବାଦ, ୨୫।୬**

ଫିଲ୍ମ ନିର୍ମାତା ରାମ ଗୋପାଳ ବର୍ମା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଅଡୁଆରେ ଫସିଛନ୍ତି। ତେଲଙ୍ଗାନା ଭାଜପା ନେତା ଜି. ନାରାୟଣ ରେଡ୍ଡୀ ତାଙ୍କ ନାଁରେ ଆବିଦ୍‌ସ ଥାନାରେ ଅଭିଯୋଗ କରିଛନ୍ତି। ବର୍ମା ଏକ ଟୁଇଟ୍‌ରେ ଲେଖିଥିଲେ, 'ଯଦି ଦ୍ରୌପଦୀ ରାଷ୍ଟ୍ରପତି ତେବେ ପାଣ୍ଡବ କିଏ? ଏବଂ ଆହୁରି ଗୁରୁତ୍ୱପୂର୍ଣ୍ଣ, କୌରବ କିଏ?'। ଏହାକୁ ନେଇ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲ କରାଯାଇଛି। ବର୍ମାଙ୍କ ଏଭଳି ମନ୍ତବ୍ୟ ଆପତ୍ତିଜନକ। ଜଣେ ବରିଷ୍ଠ ଆଦିବାସୀ ମହିଳା ନେତ୍ରୀଙ୍କୁ ବର୍ମା ଅପମାନିତ କରିଛନ୍ତି ବୋଲି ଭାଜପା ନେତା ନାରାୟଣ ରେଡ୍ଡୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଗୋଶମହଲ ଭାଜପା ବିଧାୟକ ଟି. ରାଜା ସିଂ ମଧ୍ୟ ଦ୍ରୌପଦୀ ମୁର୍ମୁଙ୍କ ଉପରେ ଏଭଳି ପୋଷ୍ଟକୁ ନେଇ ବର୍ମାଙ୍କୁ ☞ପୃଷ୍ଠା-୧୦



ରାମ ଗୋପାଳ ବର୍ମା

# ପ୍ରହସନ ପାଲଟିଛି ପଲିଥିନ କଟକଣା

- **୩ ବର୍ଷ ପରେ ବି କୁଢ଼ କୁଢ଼ ପଲିଥିନ**
- **ଜୁଲାଇ ୧ରୁ ପୁଣି ନିଷେଧ**
- **ଉଲ୍ଲଂଘନ କଲେ ୫୦୦ରୁ ୫ ହଜାର ଜରିମାନା**

**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

ଆସନ୍ତା ଜୁଲାଇ ୧ରୁ ସମଗ୍ର ଦେଶରେ ଥରେ ବ୍ୟବହୃତ (ସିଙ୍ଗଲ୍ ୟୁଜ୍) ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାରକୁ ନିଷେଧ କରାଯିବ। ରାଜ୍ୟରେ ଏହାକୁ ଲାଗୁ କରିବା ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ପରିବେଶକୁ କ୍ଷତି ପହଞ୍ଚାଉଥିବା ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ପରିବହନ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ ଇତ୍ୟାଦି ଉପରେ ସମ୍ପୂର୍ଣ୍ଣ କଟକଣା ରହିବ। ପ୍ଲାଷ୍ଟିକ ଚାମଚ, କପ୍, ପ୍ଲେଟ୍, ଗ୍ଲାସ୍, ଥାଳିଆ, ପାଣି ପାଉଚ, ପ୍ଲାଷ୍ଟିକ ପତାକା, ଛୁରି, ଷ୍ଟ୍ର, ନିମନ୍ତ୍ରଣ ପତ୍ର, ୧୦୦ ମାଇକ୍ରନରୁ କମ୍ ମୋଟେଇ ପିଭିସି ବ୍ୟାନର, ମିଠା ପ୍ୟାକେଟ ଆଦି ସାମଗ୍ରୀକୁ ନିଷେଧ କରାଯିବ। ସେହିପରି ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦିରେ ମଧ୍ୟ ସେଭଳି ସାମଗ୍ରୀ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ରହିବ। ଏ ନେଇ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଏହି ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ଲାଷ୍ଟିକ ବଦଳରେ ପରିବେଶକୁ ଖାପ ଖୁଆଇବା ଏବଂ ନଷ୍ଟ ହୋଇପାରୁଥିବା ସାମଗ୍ରୀ ବ୍ୟବହାର କରିବାକୁ ଜନସାଧାରଣଙ୍କୁ ସିପିସିବି ପକ୍ଷରୁ ଅନୁରୋଧ କରାଯାଇଛି।

ନିଷେଧ ହୋଇଥିବା ସାମଗ୍ରୀକୁ ବ୍ୟବହାର କଲେ ୫୦୦ରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଘରେ କିମ୍ବା ବ୍ୟକ୍ତିଗତ ଭାବେ ବ୍ୟବହାର କରୁଥିଲେ ୫୦୦ ଟଙ୍କା ଜରିମାନା ଦେବାକୁ ହେବ । ସେହିପରି ଯଦି କୌଣସି ସଂସ୍ଥାରୁ ନିଷେଧ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ମିଳିବ ସମ୍ପୃକ୍ତ ସଂସ୍ଥାକୁ ୫ ହଜାର ଟଙ୍କା ଜରିମାନା ଦେବାକୁ ହେବ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଏହି ଜରିମାନା ଧାର୍ଯ୍ୟ କରାଯିବ। ସ୍ଥାନୀୟ ପୌର ସଂସ୍ଥା କିମ୍ବା ପଞ୍ଚାୟତ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ ଜରିଆରେ ଏଭଳି ଜରିମାନା ଆଦାୟ କରାଯିବ। ସମଗ୍ର ରାଜ୍ୟରେ ଜୁଲାଇ ପହିଲାରୁ ଏହି କଟକଣା ଜାରି କରାଯିବ। ସୂଚନାଯୋଗ୍ୟ ଯେ ରାଜ୍ୟର ସମସ୍ତ ସହରକୁ ପଲିଥିନ ମୁକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୨୦୧୮ ଅକ୍ଟୋବର ୨ରୁ ୫ ମହାନଗର ନିଗମ(ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର)ରେ ପଲିଥିନ ଉପରେ କଟକଣା ଜାରି କରିଥିଲେ। ୨୦୧୯ ଅକ୍ଟୋବର ୨ରୁ ସମସ୍ତ ସହରାଞ୍ଚଳରେ ଏହାକୁ ନିଷେଧ କରାଯାଇଛି। କଟକଣା ଜାରି ହେବା ପରେ କୁହାଯାଇଥିଲା ଯେକୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହା ଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ☞ପୃଷ୍ଠା-୧୦



**ଆଜିର ମନ୍ତବ୍ୟ**

"ଗର୍ଭପାତ ସମ୍ପର୍କିତ ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ମହିଳାଙ୍କ ମାନବାଧିକାର ଏବଂ ଲିଙ୍ଗଗତ ସମାନତା ପାଇଁ ବଡ଼ ଝଟ୍‌କା। - ମିଶେଲ ବାଚେଲେଟ୍, ଜାତିସଂଘ ମାନବାଧିକାର ମୁଖ୍ୟ



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ..............................



ଆଭ୍ୟା
ପରିବାରବର୍ଗ



ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅପହୃତ ନାବାଳିକା ମୁମ୍ବାଇରୁ ଉଦ୍ଧାର

ପଦ୍ମପୁର, ୨୫।୬(ଡି.ଏନ.ଏ.)–ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଥାନା ଅଞ୍ଚଳରୁ ଅପହୃତ ଜଣେ ନାବାଳିକାଙ୍କୁ ପୋଲିସ ମୁମ୍ବାଇରୁ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ଗତ ମେ ୧୧ରେ ଉକ୍ତ ନାବାଳିକା ଅପହରଣ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୯୦/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗତ ମଙ୍ଗଳବାର ସାବରଙ୍ଗ ପୋଲିସ ତଦନ୍ତକାରୀ ଅଧିକାରୀ ଯତୀନ୍ଦ୍ର ନାଥ ସିଙ୍କୁ ଓ କନଷ୍ଟେବଳ ବିନୋଦ ପୃଷ୍ଟି ଉକ୍ତ ନାବାଳିକା ମୁମ୍ବାଇରେ ଥିବା ସୂଚନା ପାଇ ସେଠାକୁ ଯାଇଥିଲେ। ମୁମ୍ବାଇର ବାଙ୍ଗର୍ ଥାନା ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଶନିବାର ପୋଲିସ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସହକର୍ମୀଙ୍କ ସହାୟତାରେ ଗତକାଲିର ସମସ୍ୟା ଆଜି ସମାଧାନ ହୋଇଯିବ। ଶ୍ରମିକ କିମ୍ବା କଞ୍ଚାମାଲ ଅଭାବ କାରଣରୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇପାରେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ଅଶ୍ୱିନୀ ନକ୍ଷତ୍ରର ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବାର ଆଶଙ୍କା ରହିଛି।

**ବୃଷ** ବୈର ମନୋଭାବ, ଜମିଜମା କାରବାରରେ କଳହ ଏବଂ ତର୍କ ବିତର୍କର ସମ୍ମୁଖୀନ ହେବେ। ପ୍ରତିଦ୍ୱନ୍ଦ୍ୱିତା ହେତୁ ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେବ। ରୋହିଣୀ ନକ୍ଷତ୍ରର ବିଶେଷ ଭ୍ରମଣ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ରୋହିଣୀ ନକ୍ଷତ୍ରର ହାତକୁ ନେଇଥିବା କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମିଥୁନ** ମୃଗଶିରା ସକାଶେ ନିଜ ପରିସରର ଲୋକଙ୍କ ସାହାଯ୍ୟରୁ କୌଣସି କାମ ଅଟକିବ ନାହିଁ। ଗୃହସୀମାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଗବେଷଣା, ସଭାସମିତି, କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ମୂଲ୍ୟବାନ ଦ୍ରବ୍ୟ ଲାଭ କରି ଖୁସି ରହିବେ।

**କର୍କଟ** ଆଜି ମଉଜ ମଜଲିସ୍ ସକାଶେ ମନ ବଳାଇବେ। କର୍ମକ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଅତୀତ ଘଟଣାର ସମୀକ୍ଷା କରିବେ ଓ ନୂତନ ସିଦ୍ଧାନ୍ତ ନେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ପୁଷ୍ୟା ନକ୍ଷତ୍ର ଋଣ ସୂତ୍ରରେ ଅର୍ଥଲାଭ କରିବେ ଓ ବ୍ୟବସାୟ, ବାଣିଜ୍ୟରେ ଉନ୍ନତି ଘଟିବ।

**ସିଂହ** ପାରିବାରିକ ସମସ୍ୟା କ୍ରମଶଃ ଜଟିଳ ହେବା କାରଣରୁ ମନ ଭଲ ରହିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ଏବଂ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଅଫିସରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ମଘା ନକ୍ଷତ୍ରର ବିବାଦୀୟ ଘଟଣାରେ ବିଜୟ ଲାଭ ଅବଶ୍ୟମ୍ଭାବୀ।

**କନ୍ୟା** କୌଣସି କଥାକୁ ଠିକ୍ ଭାବେ ବିଚାର ନକରି ଓ ଭୁଲ୍ ନିଷ୍ପତ୍ତି ନେଇ ପରେ ଅନୁତାପ କରିପାରନ୍ତି। ଶତ୍ରୁତା କାରଣରୁ ଖଳ ଲୋକମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ହସ୍ତା ନକ୍ଷତ୍ରର ମତାନ୍ତର ଜନିତ ସାୟାହ୍ନେ ପାରିବାରିକ ସଦ୍ଭାବ ରହିବ ନାହିଁ। ବନ୍ଧୁ ପ୍ରତିଶ୍ରୁତି ରକ୍ଷା କରି ଠିକ୍ ସମୟରେ ଆସିବାରେ ହେଳା କରିବେ।

**ତୁଳା** ସ୍ୱାତୀ ନକ୍ଷତ୍ର ସକାଶେ ଆଜି ବିଭିନ୍ନ କ୍ଷେତ୍ରରେ ପ୍ରତିରୋଧର ସାମ୍ନା କରିବାକୁ ପଡ଼ିବ। କୌଣସି ନୀଚଜନ ସହ ସମ୍ପର୍କ ବୃଦ୍ଧିକୁ ସନ୍ଦେହ କରି ଘରେ ବିଭିନ୍ନ ପ୍ରକାରର କଥା ଶୁଣିବାକୁ ପଡ଼ିପାରେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହଯୋଗରୁ ଉପକୃତ ହେବ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ କମିଯିବା ଅନୁଭବ କରିବେ।

**ବିଛା** ସମ୍ପର୍କୀୟମାନେ ଈର୍ଷା ପରାୟଣ ହୋଇ ପଛରୁ ଗୋଡ଼ ଟାଣିପାରନ୍ତି। ଅନୁରାଧା ନକ୍ଷତ୍ର ପରିବାରରେ ଯୋଜନାଗୁଡ଼ିକ ଠିକ୍ ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ଆଶା କରୁଥିବା ଦିଗରୁ ଅର୍ଥ ପାଇବା କଷ୍ଟକର ହୋଇ ପଡ଼ିବ। ବିଭିନ୍ନ ସମସ୍ୟା ଥିଲେ ମଧ୍ୟ ନିର୍ମାଣ, ପରିବହନ, ମରାମତି, ଜମିଜମା କାମରେ ସାହାଯ୍ୟ ଅବଶ୍ୟ ପାଇବେ।

**ଧନୁ** ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ସହଯୋଗ ଆଶା ଭଙ୍ଗୁର ହୋଇଯିବ। କର୍ମକ୍ଷେତ୍ରରେ ଅଚାନକ ଆଶା ପୂରଣରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ନିଜର କେତେକ ବ୍ୟକ୍ତିଗତ କାରଣରୁ ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ପୂର୍ବ ଶତ୍ରୁତାକୁ ନେଇ ପାଖ, ପଡ଼ୋଶୀମାନେ ଅସୁବିଧା ସମୟରେ ପାଖ ମାଡ଼ିବେ ନାହିଁ।

**ମକର** କର୍ମକ୍ଷେତ୍ରରେ ତରବରିଆ ଭାବେ କୌଣସି କାମ କଲେ ଓଲଟା ଫଳ ପାଇବେ। ଧନିଷ୍ଠା ନକ୍ଷତ୍ରର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ। ଗୁରୁତ୍ୱପୂର୍ଣ୍ଣ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବିଳମ୍ବତାକୁ ଲକ୍ଷ୍ୟ କରି ବ୍ୟସ୍ତ ହୋଇପାରନ୍ତି। କେତେକ ମନଗଢ଼ା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ।

**କୁମ୍ଭ** ଆଜି ଦିନଟିରେ କର୍ମ କ୍ଷେତ୍ରରେ, ପରିବାରରେ ତଥା ପ୍ରତ୍ୟେକ ଦିଗରୁ ଅସୁବିଧା ଭିତରେ କାମ ହାସଲ କରିବେ। ସାହାଯ୍ୟ ପରିପ୍ରେକ୍ଷୀରେ ବନ୍ଧୁଙ୍କ ସକାଶେ ଅଯଥା କଷ୍ଟ ଅନୁଭବ କରିବାକୁ ପଡ଼ିପାରେ। ଶତଭିଷା ନକ୍ଷତ୍ର ପରିବାରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଯେତେ ଚେଷ୍ଟା କଲେ ସୁଦ୍ଧା ଲକ୍ଷ୍ୟ ହାସଲରେ ସମର୍ଥ ହେବେ ନାହିଁ।

**ମୀନ** ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। ପୂର୍ବଭାଦ୍ରବ ନକ୍ଷତ୍ର ପରିବାରରେ ଅପ୍ରିୟ ସତ କଥା କହି ବିରୋଧୀ ହୋଇ ପାରନ୍ତି। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଋଣ ପରିଶୋଧ କରିବା ସକାଶେ ଚିନ୍ତିତ ରହିପାରନ୍ତି। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଅନୁଭବ କରିବେ।

# ଘର ଭାଙ୍ଗି ଧାନ, ଚାଉଳ ଖାଇଲା ହାତୀ

ମୋରଡା,୨୫।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ହାତୀ ପୁଣି ଜଣଙ୍କର ଘର ଭାଙ୍ଗି କ୍ଷୟକ୍ଷତି କରିଥିବା ସୂଚନା ମିଳିଛି। ବେତନଟୀ ରେଞ୍ଜ ଅଧୀନ ଦୁର୍ଗାପୁର ପଞ୍ଚାୟତ ପୂର୍ଣ୍ଣଡିହି ଗ୍ରାମର ମହେଶ୍ୱର ସିଂଙ୍କ ଘରେ ଶୁକ୍ରବାର ରାତିରେ ଶିମିଳିପାଳରୁ ଆସିଥିବା ଏକ ଦନ୍ତା କବାଟ ଭାଙ୍ଗି ପଶିଥିଲା। ଘରେ ଥିବା ଧାନ, ଚାଉଳ, ମହୁଲ ଖାଇ ନଷ୍ଟ କରିବା ସହିତ ବାଡ଼ିରେ ଥିବା ପଣସ ଗଛରୁ ମଧ୍ୟ ପଣସ ଖାଇଥିଲା। ହାତୀ ଉପଦ୍ରବ ଯୋଗୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି।


# classifieds

**Everyday 0674-2580101, 2549302**




**GROOM WANTED**

36 ବୟସ୍କା Govt. ଚାକିରିଆ Bengali Divorce ଝିଅଙ୍କୁ anycaste ପୁଅ ଦରକାର। 6371296020. D-794

Wanted suitable Bengali/Odia groom for my daughter, 5'3", 38+, Assistant Professor. Contact: 8249578969. D-827

42 ବର୍ଷର ଅବିବାହିତ ମହିଳା BSNL Officeରେ Accounted ଭାବରେ କାର୍ଯ୍ୟରତ। ଜାତି-ଖଣ୍ଡାୟତ, ଘର-କେନ୍ଦୁଝର। ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 9776500136. D-824




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-838

**Flat for sale at Jharpada and Hanspal NH side, Contact: 7978209277.** D-825

ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ 700mtr ଦୂରତାରେ Adyanta କଲେଜ backsideରେ yellowzone ପ୍ଲଟ୍ ମିଳୁଛି। 9556368377. D-73270

**ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 30ft. road, ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ sqft.-320/-, 850/-ରେ ମିଳୁଛି। 7894433357, 9437607388.** D-73268

3BHK ready to move flat (Rs.85-95lakhs, outright) available near Khandagiri. 9040090394, 9040090398. D-73617

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଲକାଟିରେ sqft.1000/-.8114929186.** D-73925

**ଭୁବନେଶ୍ୱର Sum Hospitalରୁ 6K.M. ଦୂରତାରେ 200' NH ପାଖରେ Electricity, 30'road, boundary ଘରବାରି ଥାଇ ଘର କରିବା ପାଇଁ plot ମିଳୁଛି। 9090963952.** D-73255

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73830

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481.** D-73260

Land for Sale near Adani Dhamra Port, Bhadrak. Area - 4 Acre 10 Decimal, Non Agri. Land (Converted to Gharabari), Clear Title of Land, Single Owner. Rate per Decimal - 2Lakhs, Connected to State Highway. Contact- 9738021978, 8917251410. D-73824

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-773

Luxurious 4BHK Duplex Jharpada-1.5cr, Pokhariput-1.3cr, Bhubaneswar New Railway Station-90Lakh, Balianta-85Lakh, Retanga-49Lakh. 7008550473. D-814

**Plot for Sale, 2000sqft (8nos) per sqft-2000/- Yellowzone Gharabari Plot near Tata-ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-16 to 1km. Contact: - 7381564227, 8114744495.** D-770

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

**Well developed gharabari plot for sale at Padmalabhanagar, Mouza, Trisulia, Cuttack 300 meter distance from Banki Main road, @1400/- persqft., details contact: 9937253888, 9438664354.** D-73832

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-772

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452.** D-73919

**ଭୁବନେଶ୍ୱର Sum Hospital ଠାରୁ 6k.m. ଦୂରତାରେ କଣ୍ଟାବାଡ଼ NH 16 ରୁ 50mtr ଦୂରରେ boundary, electricity 30ft. ରୋଡ୍ ଥାଇ ଘରବାରି plot ମିଳୁଛି। 9348444368.** D-73261

**LAND FOR SALE- Area: A1.500Dec. BDA YellowZone, Hanspal Bhubaneswar. Contact: 91+7682954721. Brokers Excuse.** D-644




Construct your home @1200/- with all branded materials. 7327043914. D-73833

**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73254




Shops for Rent Ground floor 500sqft., 400 sqft And office space 400 sqft. in 2nd floor at lane-12, Bapuji Nagar, Bhubaneswar. Phone-8328881723. D-83327

2000sqft. Second Floor hall with lift near Airport on 100ft. wide Bhimatangi Mainroad for Office or Commercial. 9958003695. D-73618

Semi furnished Airconditioned room near Lingaraj Temple, Bhubaneswar 6000/-. Contact: 9437388990. D-73706

3BHK 1500sft. 3rd floor, Ground Floors Guest House for residential purpose at Gajapati Nagar, Bhubaneswar. Contact: 8917698751. D-71531




**Relax, refresh your body, mind at Saikrupa Spa with best therapies. 8984068077.** D-805

Mesmerizing, energetic body, mind qualitative relaxing massage experienced therapists. 9668374480. D-73610

All types hair cutting, body massage by smart lady room services available. Contact: 9938582450. D-71346

Newly open SPA offer @799/-, positively health benefits, Kalpana. 7846814019. D-73619

Newly open SPA positively health benefit with expert. Contact: 7749976301. D-73829

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73828

**LOST**

I HEMANTA KUMAR PATASANI S/O- Ullas Patasani by Caste Khandayat, Village:Kuapada, PS: Delanga, Dist: Khurda purchased the property in the address. Plot No: 79, Khata No: 355, Village/ Mauza: Sundarpada, Thana No: 69, ward No:176, Bhubaneswar-751002. Area purchased Ac.0.050 decimal out of Ac.0.124 decimal from PRASANNA KUMAR NANDA S/O-Late Banchhanidhi Nanda resident of Sundarpada, Airfield via registered sale deed 8400/2007 on 24th July 2007 and received the original PATTA for the same. I have lost sale deed during house shifting of mine for which logged FIR on AIRFIELD Police station, Bhubaneswar on 09/06/2022. I am the sole possessor of the property from the date of purchase and paying all the tax as per govt. rule. This property is free from all encumbrances. D-837

**AFFIDAVIT**

I, Ajharuddin Shaikh, S/o- Riyajuddin, Village- Mustafapur, P.O- Dobal, Ps.- Dhamnagar, Dist.- Bhadrak, I have changed my name Ajharuddin Shaikh to SK Ajharuddin for the purpose of passport. D-822

**LEGAL NOTICE**

ମାନ୍ୟବର ସଭ୍ୟ ଓଡ଼ିଶା ରାଜସ୍ୱ ପର୍ଷଦଙ୍କ ଅଦାଲତ, କଟକ, କ୍ୟାମ୍ପ କୋର୍ଟ ଭୁବନେଶ୍ୱର ସନ୍ନିକଟ କେଶରୀ ନଗର, ନିର୍ମାଣ ସୌଧ, ୟୁନିଟ୍ ନଂ.-୪, ଭୁବନେଶ୍ୱର ଓ ଏସ୍.ଏସ୍. କେଶ ନଂ.୧୧୩୨/୨୦୧୭

ଶ୍ରୀମତୀ ପ୍ରେମଲତା ଶତପଥି ....ବାଦୀ/ଦରଖାସ୍ତକାରୀ

ବନାମ

ବଂଶୀଧର ସାହୁ ଏବଂ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ

ଦେଓ୍ୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ଆଦେଶ ନଂ.୫ ଏବଂ ନିୟମ ୨୦ (୧-କ) ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ନିମ୍ନ ଲିଖିତ ପ୍ରତିବାଦିମାନଙ୍କୁ ଅବଗତି ନିମନ୍ତେ ନୋଟିସ୍ ଦିଆଯାଉଛି କି ଧାର୍ଯ୍ୟ ତାରିଖ ଦିନ ଉପରଲିଖିତ ଅଦାଲତରେ ମାନଙ୍କ ଉତ୍ତରାଧିକାରୀ କିମ୍ବା ୱାଲି ୱାରସମାନେ ଉପସ୍ଥିତ ରହି ଉକ୍ତ ମକଦ୍ଦମାକୁ ସେମାନଙ୍କ ତରଫରୁ ପରିଚାଳନା କରିବେ-

ପ୍ରତିବାଦୀ/ଅପରପକ୍ଷ ନଂ (୩) ଲଗାୟାତ (୫) ମାନଙ୍କ ନାମ ଓ ଧାମ:- ପ୍ରତିବାଦୀ/ଅପରପକ୍ଷ ନଂ.- (୩), ଚମ୍ପା ସାହୁ, ପିତା- ସ୍ୱର୍ଗତ କାର୍ତ୍ତିକ ସାହୁ। (୪) ମଲ୍ଲି ସାହୁ, ପିତା- ସ୍ୱର୍ଗତ କାର୍ତ୍ତିକ ସାହୁ। ପ୍ରତିବାଦି ନଂ.-୩ ଏବଂ ୪ମାନଙ୍କ ଠିକଣା ଗ୍ରାମ- ଗାଡ଼କଣ, ପୋଷ୍ଟ- ମଞ୍ଚେଶ୍ୱର ରେଲ୍‌ୱେ କଲୋନୀ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ପ୍ରତିବାଦୀ/ଅପରପକ୍ଷ ନଂ.-(୫) ଶ୍ରୀ ନୀଳକଣ୍ଠ ସାହୁ, ବୟସ- ୪୫ବର୍ଷ, ପିତା- ଭ୍ରମରବର ସାହୁ। ଡେପୁଟି ଡାଇରେକ୍ଟର ସିଂହଦ୍ୱାର ଇସ୍ୱିକନ ପ୍ରାଇଭେଟ ଲିମିଟେଡ, ଠିକଣା ପ୍ଲଟ୍ ନଂ.-୨୧୧- ଜି, ମଞ୍ଚେଶ୍ୱର। ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

ନୋଟିସ

ଉପରଲିଖିତ ପ୍ରତିବାଦୀ ନଂ.(୩) ଲଗାୟାତ (୫) ମାନଙ୍କ ପକ୍ଷ ଭୁକ୍ତ କରି ବାଦୀ/ଦରଖାସ୍ତକାରିଣୀ ଓଡ଼ିଶା ଭୂ ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫ (ଖ) ମୁତାବକ ରିଭିଜନ ମକଦ୍ଦମା ଦାୟର କରିଛନ୍ତି କି ବାଦୀ ନିମ୍ନଲିଖିତ ତଫସିଲ ବର୍ଣ୍ଣିତ ଭୂ ସମ୍ପତ୍ତି ଗତ ତା-୧୭।୧୨।୨୦୧୨ରିଖ ରେଜିଷ୍ଟ୍ରି କ୍ରୟ ଦଲିଲ ନଂ.-୧୧୦୮୧୨୨୩୫୧୭ ଦ୍ୱାରା ମୌଜା- ଗାଡ଼କଣ ଅନ୍ତର୍ଗତ ସାବିକ ଖାତା ନଂ.-୧୨୭, ପ୍ଲଟ୍ ନଂ.-୧୨୨୭ରୁ ରକବା ଏ.ସି. ୦.୪୫.୯୧ ଡିସିମିଲ କ୍ରୟ କରିଛନ୍ତି। କିନ୍ତୁ ଚଳିତ ହାଲ୍ ବନ୍ଦୋବସ୍ତ ସନ ୨୦୧୪-୧୫ ମସିହାରେ ଉକ୍ତ ଭୂ ସମ୍ପତ୍ତିଟି ନୂତନ ହାଲ୍ ଖାତା ନଂ.-୨୨୮୯, ହାଲ ପ୍ଲଟ୍ ନଂ.-୩୯୮୧ ଏରିଆ ଏ.ସି. ୦.୦୧୧୫ ଡିସିମିଲି ହୋଇଛି ଏବଂ ପୃଥକ ଖାତା ହୋଇ ଉପରଲିଖିତ ପ୍ରତିବାଦି ନଂ.-୩ ଏବଂ ୪ ସହ ଅନ୍ୟମାନଙ୍କ ନାମରେ ରେକର୍ଡ ଦରଜ ହେଇଥିବାରୁ ବାଦୀ ଉପର ଲିଖିତ ରିଭିଜନ କେଶ୍ ସମ୍ବନ୍ଧୀତ ନୋଟିସ ଆପଣଙ୍କୁ ଦର୍ଶାଯାଇଥିବା ଠିକଣାରେ ଯାଇଥିଲା କିନ୍ତୁ ପ୍ରତିବାଦୀ ନଂ.-୩ ଲଗାୟାତ ୫ ଉକ୍ତ ଠିକଣାରୁ ଫେରସ୍ତ ଆସିଅଛି ଏବଂ ଉକ୍ତ ନୋଟିସ ଆସିବା ପରେ ସେମାନଙ୍କ ଉତ୍ତରାଧିକାରୀ କିମ୍ବା ୱାଲି ୱାରସମାନଙ୍କ ଅବଗତି ନିମନ୍ତେ ଉକ୍ତ ଖବର କାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ରିଭିଜନ କେଶ୍ ଶୁଣାଣି ମାନ୍ୟବର ସଭ୍ୟ ରାଜସ୍ୱ ପର୍ଷଦଙ୍କ ଅଦାଲତ, ଓଡ଼ିଶା କଟକ ମହୋଦୟଙ୍କ ଇଜିଲାସ କ୍ୟାମ୍ପକୋର୍ଟ ଅଫିସ୍ ଭୁବନେଶ୍ୱର (ୟୁନିଟ ନଂ.-୫) କେଶରୀନଗର ରାଜୀବଭବନ ପଛ ପାର୍ଶ୍ୱରେ କାର୍ଯ୍ୟାଳୟଠାରେ ଆସନ୍ତା ତା-୦୨।୦୯।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟରେ ବିଚାର କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଉକ୍ତ କେଶର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ମକଦ୍ଦମା ଭୁକ୍ତ ଭୂ ସମ୍ପତ୍ତିର ବିବରଣୀ ତଫସିଲ ଭୂ ସମ୍ପତ୍ତି

ଜିଲ୍ଲା- ଖୋର୍ଦ୍ଧା, ତହସିଲଦାର- ଭୁବନେଶ୍ୱର, ମୌଜା- ଗାଡକଣ, ସାବିକ ଖାତା ନଂ.-୧୨୭, ସାବିକ ପ୍ଲଟ୍ ନଂ.-୧୨୨୭, ଏରିଆ କ୍ରୟ ବୃତ୍ତି ରକବା ୦.୦୪୫.୯୧ ଡିସିମିଲ ସାବକ ଏରିଆ ସ୍ୱଧ ଏ.ସି.୦.୫୮୦ ଡିସିମିଲିରୁ କିସମ- ଖାରଦ-୨, ଯାହାକି ଚଳିତ ହାଲ ବନ୍ଦୋବସ୍ତ ସନ୍ ୨୦୧୪-୨୦୧୫ ମସିହାରେ ହାଲ୍ ଖାତା ନଂ.-୨୨୮୯, ହାଲ୍ ପ୍ଲଟ୍ ନଂ.-୩୯୮୧ ଏରିଆ ଏ.ସି.୦.୧୧୫ ଡିସିମିଲ ଆଦ୍ୟ ବାଦୀ ଖରିଦ ଏବଂ ଦଖଲ ଏ.ସି. ୦.୦୪୫.୯୧ଡିସିମିଲ, କିସମ- "ଶାରଦ ଅଣଜଳସେଚିତ-୨"

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କ୍ରମିକ ନଂ. (୩) ଲଗାୟାତ(୫) ମାନେ କିମ୍ବା ତାଙ୍କର ଉତ୍ତରାଧିକାରୀ ବା ୱାଲି ୱାରସମାନଙ୍କୁ ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ତ୍ୱଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ରାଜସ୍ୱ ପର୍ଷଦଙ୍କ ଅଦାଲତରେ ଉପସ୍ଥିତ ରହି ତଦ୍‌ବିର କରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମାକୁ ଫଇସଲା କରାଯିବ।

ରାଜସ୍ୱ ପର୍ଷଦ ସଭ୍ୟଙ୍କ ଆଦେଶ କ୍ରମେ
ସ୍ୱା./-ଅନୁସଚିବ ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ।
ଧ-୮୨୦

ନୋଟିସ

ମାନ୍ୟବର ଅତିରିକ୍ତ କମିଶନର ଶ୍ରୀ ପ୍ରତାପ ଚନ୍ଦ୍ର ରାଉତ, ଓ.ଏ.ଏସ୍. (ଏସି. ଏସ୍.) ରିଭିଜନାଲ କୋର୍ଟ ନଂ.୨, ୪ର୍ଥ ମହଲା, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ, ଭୁବନେଶ୍ୱର ଆର୍.ପି ନଂ.-୧୬୮୨/୨୦୧୪.

ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ....ବାଦୀ

ବନାମ

ରାମ ଚନ୍ଦ୍ର ନିଶଙ୍କ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ଅର୍ଡର-୫, ରୁଲ୍-୨୦ ସି.ପି.ସି. ମୁତାବକ

୩) ଆଶାମଣୀ ନିଶଙ୍କ, ୪) ବାଳାମଣୀ ନିଶଙ୍କ, ୫) ଲାବନ ନିଶଙ୍କ, ୬) ସାବନ ନିଶଙ୍କ, ସମସ୍ତଙ୍କର ପି-ଚକ୍ରଧର ନିଶଙ୍କ, ୮) ରଙ୍ଗଲତା ନିଶଙ୍କ, ସ୍ୱା- ଭିକାରୀ ନିଶଙ୍କ, ୧୦) ଅକ୍ଷିଳ ନିଶଙ୍କ, ପି- ଭ୍ରମର ନିଶଙ୍କ, ୧୧) ଡାହୁକ ନିଶଙ୍କ, ପି- ଭଜବିହାରୀ ନିଶଙ୍କ, ୧୬) କସ୍ତୁରୀ ନିଶଙ୍କ, ୧୭) କୁସୁମ ନିଶଙ୍କ, ୧୮) ସୂର୍ଯ୍ୟ ମାଣୀ ନିଶଙ୍କ, ୧୯) ସୁଷମା ନିଶଙ୍କ, କ୍ର. ନଂ.-୧୬ ରୁ ୧୯ ପି- କମଳ ଲୋଚନ ନିଶଙ୍କ ସମସ୍ତଙ୍କର ଠିକଣା- ଗ୍ରାମ- ଭାତଖୁରି, ପୋ- ଗଙ୍ଗପଡ଼ା, ଥା- ଇଣ୍ଫୋଭ୍ୟାଲି, ଜି- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀ ନଂ. ୩, ୪, ୫, ୬, ୮, ୧୦, ୧୧, ୧୬, ୧୭, ୧୮ ଏବଂ ୧୯ଙ୍କୁ ନୋଟିସ ଜାରି ହୋଇ ମୃତ ଥିବା ହେତୁ ନୋଟିସ ଫେରିଆସୁଅଛି। ଏଣୁ ସେମାନଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନଙ୍କର ଅବଗତି ନିମନ୍ତେ ସମ୍ବାଦ ପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛିଯେ ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ଇଜିଲାସ ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ, ବିଲ୍‌ଡିଙ୍ଗ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା ୧୪।୧୦।୨୦୨୨ରିଖ ଦିବା ୧୧ ଘଟିକା ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା- ଭାତଖୁରି, ତହସିଲ- ଜଟଣୀ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ସାବକ

ଖାତା- ୧୩୩, ପ୍ଲଟ୍- ୫୩୮, ରକବା- ଏ୦.୦୮୩ଡି, ସ୍ୱତ୍ତ୍ୱ- ସ୍ଥିତିବାନ, କିସମ

ହାଲ୍

ଖାତା- ୫୦୩, ପ୍ଲଟ୍- ୮୩୫, ରକବା- ଏ୦.୦୮୩ଡି, ସ୍ୱତ୍ତ୍ୱ- ସ୍ଥିତିବାନ, କିସମ- ଚାଷ ଜମି

ଏଣୁ ଉପରୋକ୍ତ ମାମଲା ପ୍ରତିବାଦୀମାନେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ଏହି ନିର୍ଦ୍ଦିଷ୍ଟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ମାନ୍ୟବର ଅତିରିକ୍ତ କମିଶନରଙ୍କର ଆଦେଶ ଅନୁଯାୟୀ ସ୍ୱା./-କୋର୍ଟ ଅଫିସର
ଧ-୮୨୬

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୮୪,୭୨,୩୭୯ | ୬୩,୪୯,୮୨୯ | ୫୨,୩୩,୬୨,୪୮୭ |
| ଭାରତ | ୪,୩୩,୮୧,୦୬୪ | ୫,୨୪,୯୭୪ | ୪,୨୭,୬୧,୪୮୧ |
| ଓଡ଼ିଶା | ୧୨,୮୯,୧୯୧ | ୯୧୨୬(+୫୩) | ୧୨,୭୯,୬୪୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ପିଲାଙ୍କୁ ଆସୁନି ୩ କ ପଣିକିଆ

## ପ୍ରଧାନଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କଲେ ମନ୍ତ୍ରୀ

- ପରିଦର୍ଶନ ସମୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ ମନ୍ତ୍ରୀ, ବିଧାୟକ
- ହେଲ୍‌ମେଟ ନ ପିନ୍ଧିବାରୁ ଗାଡ଼ି ମାଲିକ ଗଣିଲେ ହଜାରେ ଟଙ୍କା ଜରିମାନା

**ବାଲେଶ୍ୱର ଅଫିସ, ୨୫।୬**

ସରକାରୀ ବିଦ୍ୟାଳୟରେ ପିଲାମାନଙ୍କ ପାଇଁ ଉତ୍ତମ ଶୈକ୍ଷିକ ବାତାବରଣ ଏବଂ ଶିକ୍ଷା ପ୍ରଦାନ ପାଇଁ ସ୍କୁଲକୁ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ହେଲେ କେତେକ ସ୍ଥାନରେ ଉତ୍ତମ ବ୍ୟବସ୍ଥା ଉପଲବ୍ଧ ଥାଇ ସୁଦ୍ଧା ପିଲାମାନଙ୍କ ଶିକ୍ଷାରେ ସେପରି ଉନ୍ନତି ପରିଲକ୍ଷିତ ହେଉ ନ ଥିବା ବାଲେଶ୍ୱର ଗସ୍ତରେ ଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା ଜାଣିବାକୁ ପାଇଛନ୍ତି। ମନ୍ତ୍ରୀ ଦାଶ ଶନିବାର ସହରର ମଠସାହି ମହାବୀର ନୋଡାଲ ବିଦ୍ୟାଳୟ ଗସ୍ତ କରିଥିଲେ। ଏଠାରେ ୩ୟ ଶ୍ରେଣୀରେ ପଢୁଥିବା ପିଲାମାନଙ୍କୁ ୩କ ପଣିକିଆ ଆସୁ ନ ଥିବା ଜାଣି ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ଉପରେ ମନ୍ତ୍ରୀ କ୍ଷୁବ୍ଧ ହୋଇଛନ୍ତି। ଏଥିସହ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରିବା ସହ କାରଣଦର୍ଶାଅ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ସଦର ବିଧାୟକ ସ୍ୱରୂପ ଦାସ ମନ୍ତ୍ରୀ ଦାଶଙ୍କୁ ବାଇକ୍‌ରେ ବସାଇ ଏକାଧିକ ସ୍କୁଲ୍ ପରିଦର୍ଶନ କରୁଥିବା ସମୟରେ ହେଲ୍‌ମେଟ ପିନ୍ଧି ନ ଥିବାରୁ ଗାଡ଼ି ମାଲିକଙ୍କୁ ଜରିମାନା ଗଣିବାକୁ ପଡ଼ିଛି।

ମିଳିଥିବା ସୂଚନା ଅନୁସାରେ ୬-ଟି ଅନ୍ତର୍ଗତ 'ଟୁର୍' କାର୍ଯ୍ୟକ୍ରମରେ ମନ୍ତ୍ରୀ ଦାଶ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ପିଲାମାନଙ୍କ ପାଠପଢ଼ା ଏବଂ ବିଦ୍ୟାଳୟ ସମ୍ପର୍କରେ ବୁଝିଛନ୍ତି। ଶନିବାର ପୂର୍ବାହ୍ନ ୯ଟା ବେଳେ ମନ୍ତ୍ରୀ ମହାବୀର ନୋଡାଲ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ମନ୍ତ୍ରୀ ତୃତୀୟ ଶ୍ରେଣୀ କକ୍ଷରେ ପ୍ରବେଶ କରି ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମ୍ପର୍କରେ ପଚାରିଥିଲେ। ଏହି ସମୟରେ ଜଣେ ଛାତ୍ରଙ୍କୁ ସେ ୩କ ପଣିକିଆ ଡାକିବାକୁ କହିଥିଲେ। ମାତ୍ର ଛାତ୍ର ଜଣକ ୨ଧାଡ଼ି ଡାକି ଅଟକିଯାଇଥିଲା। ଏହାକୁ ନେଇ ମନ୍ତ୍ରୀ ପ୍ରଧାନଶିକ୍ଷୟିତ୍ରୀ ବନଲତା ଦାସଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଜଣେ ତୃତୀୟ ଶ୍ରେଣୀର ଛାତ୍ର ୩କ ପଣିକିଆ କହି ନ ପାରିବା ଦୁଃଖର ବିଷୟ ବୋଲି କହି ମନ୍ତ୍ରୀ ତାଗିଦ୍ କରିଥିଲେ। ପରେ ଜିଲାଶିକ୍ଷାଧିକାରୀଙ୍କୁ ଉକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରିବା ସହ କାରଣ ଦର୍ଶାଅ ନୋଟିସ୍ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶନିବାର ଅଫିସ୍ ବନ୍ଦ ଥିବାରୁ ଆସନ୍ତା ସୋମବାର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି। ଅପରପକ୍ଷେ ବିଧାୟକ ସ୍ୱରୂପ ଦାସ ଷ୍ଟେଶନ ଛକରୁ ମନ୍ତ୍ରୀଙ୍କୁ ବାଇକ୍‌ରେ ବସାଇ ସ୍କୁଲ ପରିଦର୍ଶନ କରୁଥିବାବେଳେ ଉଭୟଙ୍କ ମୁଣ୍ଡରେ ହେଲମେଟ୍ ନ ଥିବାରୁ ଟ୍ରାଫିକ୍ ପୋଲିସ ତାଙ୍କ ଗାଡ଼ି ନମ୍ବରର ଫଟୋ ଉଠାଇଥିଲେ। ପରେ ଏହାକୁ ବିଭାଗୀୟ ପୋର୍ଟାଲରେ ଅପ୍‌ଲୋଡ୍ କରିଥିଲେ। ବିଭାଗ ତରଫରୁ ସେମାନଙ୍କ ଉପରେ ୧ହଜାର ଟଙ୍କା ଜରିମାନା ହୋଇଥିଲା। ଟ୍ରାଫିକ୍ ଥାନାରେ ପହଞ୍ଚି ବାଇକ୍ ମାଲିକ ପଙ୍କଜ ଅଗ୍ରୱାଲ ୧ହଜାର ଟଙ୍କା ଜରିମାନା ଦେଇଥିବା ଜଣାପଡ଼ିଛି। ଜଣେ ମନ୍ତ୍ରୀ ଏବଂ ଜଣେ ବିଧାୟକ ହୋଇ ହେଲ୍‌ମେଟ ନ ପିନ୍ଧି ବାଇକ୍‌ରେ ବୁଲିବା ଘଟଣାକୁ ସାଧାରଣରେ ବିଭିନ୍ନ ଆଲୋଚନା ହେଉଛି।


ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ଓ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିନା ହେଲ୍‌ମେଟ୍‌ରେ ବାଇକ୍‌ରେ ଯାଉଛନ୍ତି।

# ଘର ତଳୁ ୧୨ ପିତ୍ତଳ ମୂର୍ତ୍ତି ଉଦ୍ଧାର



**କଟକ ସଦର, ୨୫।୬(ଡି.ଏନ୍.ଏ.)**

କଟକ-ପାରାଦୀପ ରାସ୍ତାପାର୍ଶ୍ୱ ନାହାଭଙ୍ଗା ଗ୍ରାମର ଶମ୍ଭୁନାଥ ବେହେରାଙ୍କ ଘର ଚଟାଣ ତଳୁ ଶୁକ୍ରବାର ୧୨ଟି ପିତ୍ତଳ ମୂର୍ତ୍ତି ଉଦ୍ଧାର କରାଯାଇଛି। ସେଥିମଧ୍ୟରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଦୁର୍ଗା, ଗରୁଡ଼ ମୂର୍ତ୍ତି ଓ ଶାଳଗ୍ରାମ ରହିଛି। ପରେ ମୂର୍ତ୍ତିଗୁଡିକ ଶମ୍ଭୁନାଥଙ୍କ ଠାକୁରଘରେ ପୂଜା କରାଯାଉଛି। ଏ ସମ୍ପର୍କରେ ଶମ୍ଭୁନାଥ କହିଛନ୍ତି, ଗୁରୁବାର ରାତିରେ ଶୋଇଥିବାବେଳେ ଘରର ମାଟିତଳେ ଦେବୀଦେବତାଙ୍କ ମୂର୍ତ୍ତି ରହିଥିବା ସ୍ୱପ୍ନାଦେଶ ହୋଇଥିଲା। ଉଠିବାବେଳକୁ ଚଟାଣ ଫାଟି ଯାଇଥିଲା। ଶୁକ୍ରବାର ସକାଳେ ଏହି ସ୍ଥାନରେ ପ୍ରାୟ ୯ ଫୁଟ ଖୋଳାଯିବାରୁ ମୂର୍ତ୍ତିଗୁଡିକ ବାହାରିଥିଲା। ଖବରପାଇ ଭୁବନେଶ୍ୱରରୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ

### ଯାଞ୍ଚ କଲା ଏଏସ୍‌ଆଇ

ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ)ର ସହକାରୀ ଅଧୀକ୍ଷକ ପ୍ରତାପ କୁମାର ନାୟକ ଓ ଭାଗୀରଥି ଗଡ଼ତିଆଙ୍କ ସମେତ ୨ କର୍ମଚାରୀ ଶନିବାର ଶମ୍ଭୁନାଥଙ୍କ ଘରେ ପହଞ୍ଚି ମୂର୍ତ୍ତିଗୁଡ଼ିକ ଯାଞ୍ଚ କରିବା ସହ ଓଜନ ଓ ଉଚ୍ଚତା ମାପିଥିଲେ। ପରେ ସେଗୁଡ଼ିକୁ ସରକାରଙ୍କୁ ବିକ୍ରି କରିଦେବା ପାଇଁ ଶମ୍ଭୁନାଥଙ୍କୁ ପ୍ରସ୍ତାବ ଦେଇଥିଲେ। ହେଲେ ଏଥିରେ ସେ ଅରାଜି ହେବା ସହ ସରକାରୀ ସହାୟତାରେ ଗ୍ରାମରେ ଏକ ମନ୍ଦିର କରାଇ ଠାକୁରଙ୍କ ପୂଜା ପାଇଁ ବ୍ୟବସ୍ଥା କରିବାକୁ ଟିମ୍ ସଦସ୍ୟଙ୍କୁ କହିଥିଲେ। ମୂର୍ତ୍ତି ଉଦ୍ଧାର ସମୟରେ କନ୍ଦରପୁର ଥାନା ଅଧିକାରୀ ବିପିନ ବିହାରୀ ହୋତା ଉପସ୍ଥିତ ଥିଲେ।

# ଦୁର୍ବୃତ୍ତଙ୍କ ହାତରେ ଏକେ-୪୭

**ରାଉରକେଲା ଅଫିସ,୨୫।୬**

ରାଉରକେଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ମୁଣ୍ଡାସାହି ଛକରେ ଶନିବାର ପୋଲିସ ଏନ୍‌କାଉଣ୍ଟରରେ ଜଣେ ଦୁର୍ବୃତ୍ତ ଆହତ ହୋଇଛନ୍ତି। ସେ ହେଲେ ବାସିଲ ଅଞ୍ଚଳର ବିଶ୍ୱଜିତ ସାହୁ(୨୪)। ଅନ୍ୟ

### ଏନ୍‌କାଉଣ୍ଟରରେ ଆହତ

ଜଣେ ଦୁର୍ବୃତ୍ତ ଟୁଟୁ ଇନ୍ଧୁଆର(୨୮)ଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା ଜାରି ରଖିଛି। ସେମାନଙ୍କଠାରୁ ଗୋଟିଏ ଏକେ-୪୭, ୨୦ଟି ଅଫୁଟା ଗୁଳି, ୯ ଏମ୍‌ଏମ୍ ଅଟୋମେଟିକ୍ ପିସ୍ତଲ, ୫ଟି ଗୁଳି, ଗୋଟିଏ ଦେଶୀ ବନ୍ଧୁକ ଓ ୪ଟି ଗୁଳିକୁ ଜବତ କରାଯାଇଛି। ଏ ନେଇ ଚାନ୍ଦିପୋଷ ଥାନାରେ ଏକ ମାମଲା (ନଂ.୩୪।୨୨) ରୁଜୁ ହୋଇଛି। ସେମାନେ ରାଉରକେଲାକୁ କେଉଁ ଉଦ୍ଦେଶ୍ୟରେ ମାରଣାସ୍ତ୍ର ଧରିଆସିଥିଲେ ସେ ନେଇ ତନାଘନା ଚାଲିଛି ବୋଲି ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଦୁର୍ବୃତ୍ତମାନଙ୍କ ହାତରେ ଏକେ-୪୭ ଭଳି ମାରଣାସ୍ତ୍ର କିଭଳି ଆସିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଝାଡ଼ଖଣ୍ଡର ଗୋଟିଏ ଗୋଷ୍ଠୀ ଏଭଳି ମାରଣାସ୍ତ୍ର ଚାଲାଣ କରିବା ସହ ଆପରାଧିକ କାର୍ଯ୍ୟ କରିବାରେ ବ୍ୟବହାର କରୁଥିବା ଆଲୋଚନା ହେଉଛି।

ପୋଲିସ ସୂଚନା ଅନୁସାରେ, ଶନିବାର ସକାଳ ସାଢ଼େ ୧୦ଟାରେ ଝାଡ଼ଖଣ୍ଡ ରାଜ୍ୟ ଗୁମଲା ଜିଲାର ବସିଆ ଗ୍ରାମର ବିଶ୍ୱଜିତ ଓ ଟୁଟୁ ଏକ କାର୍ (ନଂ.ଜେଏଚ୍‌୦୨ଏଡି/୫୩୮୧) ଯୋଗେ ରାଉରକେଲା ଆସୁଥିଲେ। ଉକ୍ତ କାର୍‌ରେ ବହୁ ମାରଣାସ୍ତ୍ର ଥିବା ରାଉରକେଲା ଚାନ୍ଦିପୋଷ ପୋଲିସ କୌଣସି ବିଶେଷ ସୂତ୍ରରୁ ସୂଚନା ପାଇ ଉକ୍ତ ଗାଡ଼ିକୁ ପିଛା କରିଥିଲା। ଗାଡିରେ ବସିଥିବା ବିଶ୍ୱଜିତ ଓ ଟୁଟୁ ମୁଣ୍ଡାସାହି ଦେଇ ଝାଡ଼ଖଣ୍ଡ ସୀମାନ୍ତ ରେଳାହାଟୁ ଜଙ୍ଗଲକୁ ଫେରାର ହେବା ପାଇଁ ଚେଷ୍ଟା କରିବା ବେଳେ ପୋଲିସ ସେମାନଙ୍କୁ ଅଟକାଇବା ପାଇଁ ଉଦ୍ୟମ କରିଥିଲା। ଏହି ସମୟରେ ବିଶ୍ୱଜିତ ପୋଲିସ ଉପରକୁ ଆଖିବୁଜା ଗୁଳି ଚଳାଇଥିଲା। ଫଳରେ ସେଠାରେ ପୋଲିସ ଓ ଦୁର୍ବୃତ୍ତଙ୍କ ମଧ୍ୟରେ କିଛି ସମୟ ଗୁଳି ବିନିମୟ ହୋଇଥିଲା। ପୋଲିସର ପାଲଟା ଗୁଳିଚାଳନାର ସମ୍ମୁଖୀନ ହୋଇ ନ ପାରି ବିଶ୍ୱଜିତ ଫେରାର ହେଉଥିବା ବେଳେ ପୋଲିସ ତାଙ୍କ ବାମ ଗୋଡ଼କୁ ଗୁଳି କରିଥିଲା। ଫଳରେ ସେ ତଳେ ପଡିଯାଇଥିଲେ। ପରେ ଘଟଣାସ୍ଥଳରେ ରାଉରକେଲା ଏସ୍‌ପି ଭାମୁ, ଡିଏସ୍‌ପି ବିକ୍ରମ କେଶରୀ ଭୋଇ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ କାବୁ କରିଥିଲେ। ପୋଲିସ ବିଶ୍ୱଜିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ଲାଗି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଛି।



ଦୁର୍ବୃତ୍ତଙ୍କଠାରୁ ଜବତ ହୋଇଥିବା ମାରଣାସ୍ତ୍ର।

# ଟପ୍-୭ରେ ସମ୍ବଲପୁରର ପ୍ରତୀକ

**ସମ୍ବଲପୁର,୨୫।୬ (ବ୍ୟୁରୋ)**

### ରିୟଲିଟି ଶୋ' ଡ୍ୟାନ୍ସ ଦିୱାନେ ଜୁନିୟର

ଟିଭି ରିୟଲିଟି ଶୋ' ଡ୍ୟାନ୍ସ ଦିୱାନେ ଜୁନିୟରରେ ସମ୍ବଲପୁର ପୁଅ ପ୍ରତୀକ ନାୟକ ଟପ-୭ରେ ପହଞ୍ଚିଛନ୍ତି। ସେ ନିଜର ନୃତ୍ୟ ମାଧ୍ୟମରେ ବିଚାରକଙ୍କ ହୃଦୟ ଜିତିପାରିଛନ୍ତି। ଟପ-୭ରେ ପହଞ୍ଚି ପ୍ରତୀକ ଓଡ଼ିଶାବାସୀଙ୍କୁ ବିଜୟ ମୁକୁଟ ଦେବା ଆଶା ଉଜ୍ଜୀବିତ କରିଛନ୍ତି। ତେଣୁ ସେ ନିଜ ସପକ୍ଷରେ ଭୋଟ ଅପିଲ କରିଛନ୍ତି। ସମ୍ବଲପୁର କମିଶନର କଲୋନୀ ବାସିନ୍ଦା ବିଜୟ କୁମାର ନାୟକ ଓ ସସ୍ମିତା ନାୟକଙ୍କ ଏକମାତ୍ର ପୁଅ ପ୍ରତୀକ ସେଭେନହିଲ୍ସ ସ୍କୁଲର ନବମ ଶ୍ରେଣୀରେ ଅଧ୍ୟୟନ କରନ୍ତି। ପାଠପଢ଼ା ସହ ନୃତ୍ୟକୁ ମଧ୍ୟ ସେ ଭଲ ପାଆନ୍ତି। ଏହି ରିୟଲିଟି ଶୋ' ସକାଶେ ସେ ପ୍ରାୟ ତିନିମାସ ହେବ ମୁମ୍ବାଇରେ ରହୁଛନ୍ତି। ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଅଫିସରେ କାର୍ଯ୍ୟରତ ବାପା ବିଜୟ କହିଛନ୍ତି, ନୃତ୍ୟରେ ପ୍ରତୀକ ଅଡିସନ ରାଉଣ୍ଡରୁ ବିଚାରକଙ୍କ ମନ ଜିଣୁଛି। ବର୍ତ୍ତମାନ ଟପ-୭ରେ ପହଞ୍ଚିଛି। ତେଣୁ ବହୁତ ଖୁସି ଲାଗୁଛି।



# ହାତୀ କଙ୍କାଳ ଉଦ୍ଧାର ଘଟଣା | ଘଟଣାସ୍ଥଳରେ କେନ୍ଦ୍ରୀୟ ଟିମ୍‌ର ତଦନ୍ତ

- ବନ ଅଧିକାରୀଙ୍କ ସମ୍ପୃକ୍ତିକୁ ନେଇ ଉଦ୍‌ବେଗ
- ବଡ଼ ଅଧିକାରୀ ସମ୍ପୃକ୍ତ ଥିଲେ ଛଡ଼ାଯିବ ନାହିଁ

**ଭୁବନେଶ୍ୱର, ୨୫।୬(ବ୍ୟୁରୋ)**

ଆଠଗଡ଼ ବନଖଣ୍ଡ ବଡ଼ମ୍ବା ରେଞ୍ଜରୁ ମାଟିତଳୁ ମିଳିଥିବା ୩ ହାତୀ କଙ୍କାଳ ଘଟଣାର ତଦନ୍ତ ପାଇଁ ଓଡ଼ିଶା ଆସିଛି ୱାଇଲ୍ଡଲାଇଫ୍ କ୍ରାଇମ୍ ସେଣ୍ଟ୍ରାଲ ବ୍ୟୁରୋ(ଡବ୍ଲ୍ୟୁସିସିବି) ଟିମ୍। ଏଥିରେ ଡବ୍ଲ୍ୟୁସିସିବିର ଇନ୍ସପେକ୍ଟର କୌଶିକ ମଣ୍ଡଳ ଓ କନ୍‌ଷ୍ଟେବଲ ରାଜୀବ ଦୀକ୍ଷିତ ଶନିବାର ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଏଥିସହିତ ବନ ବିଭାଗ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ବୁଝିଛନ୍ତି। ଦୁଇଦିନ ଧରି ତଦନ୍ତ ପରେ ସେମାନେ ସୋମବାର ଫେରିଯିବେ। ତେବେ ଏ ସମ୍ପର୍କରେ କୌଶିକ କହିଛନ୍ତି, ଆମେ ସବୁ ଦିଗକୁ ନେଇ ତଦନ୍ତ କରୁଛୁ। ଶିକାରୀମାନେ ଏହି କାମ କରିବା ଅଲଗା କଥା, କିନ୍ତୁ ଏଠାରେ ବନ ଅଧିକାରୀମାନେ ହାତୀ ମୃତ୍ୟୁକୁ ଲୁଚାଇବା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଏହି ଘଟଣାରେ ଯେତେ ବଡ଼ ଅଧିକାରୀଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଲେ ମଧ କାହାକୁ ଛଡ଼ାଯିବ ନାହିଁ ବୋଲି ସେ କହିଛନ୍ତି।

ଗତ ୨ ଓ ୩ ତାରିଖରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ବଡ଼ମ୍ବା ରେଞ୍ଜ୍‌ର ଭିନ୍ନ ଦୁଇଟି ସ୍ଥାନକୁ ଜେସିବି ଦ୍ୱାରା ଖୋଳି ମାଟିତଳୁ ଦୁଇଟି ହାତୀ କଙ୍କାଳ ଉଦ୍ଧାର କରିଥିଲା। ଏହାପୂର୍ବରୁ ଆଠଗଡ଼ ବନଖଣ୍ଡରେ ହାତୀ ଶିକାର ଓ ହାତୀ ମୃତ୍ୟୁକୁ ନେଇ ବିବାଦ ଦେଖାଦେଇଥିଲା। ଏପରି କି ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଏକ ହାତୀ ମୃତ୍ୟୁକୁ ଲୁଚାଇବାକୁ ଯାଇ ପୋତି ଦେଇଥିଲେ। ଏବେ ଦୁଇ ହାତୀ କଙ୍କାଳ ମିଳିବା ପରେ ଏହି ବନଖଣ୍ଡରେ ହାତୀ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ଦୁଇ ଘଟଣାର ତଦନ୍ତବେଳେ ବନ ବିଭାଗ ଆଉଏକ ସ୍ଥାନରେ ପୋତାଯାଇଥିବା ଏକ ହାତୀ କଙ୍କାଳ ଜବତ କରିଥିଲା। ଏହାକୁ ନେଇ ସବୁଠି ଚର୍ଚ୍ଚା ଆରମ୍ଭ ହେବା ସହ ବନ ବିଭାଗ ବିବାଦ ଘେରକୁ ଚାଲି ଆସିଥିଲା। ବନ୍ୟପ୍ରାଣୀ ବିଶେଷଜ୍ଞମାନେ ତଦନ୍ତ ଦାବି କରିଥିଲେ। ରାଜ୍ୟ ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ନେଇଥିଲେ। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍‌ଆଇଟି) ଗଠନ କରାଯାଇଥିଲା। ଉକ୍ତ ଟିମ୍ ତଦନ୍ତ ଚଳାଇଛି। ମାସକ ଭିତରେ ରିପୋର୍ଟ ଦେବା ପାଇଁ ଏସ୍‌ଆଇଟିକୁ ନିର୍ଦ୍ଦେଶ ଦିଆଯାଇଛି। ସିସିଏଫ୍ ମନୋଜ ନାୟରଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍‌ରେ ବନ ବିଭାଗର ଦୁଇଜଣ କର୍ମଚାରୀ ଥିବାବେଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଜଣେ ଡିଏସ୍‌ପି ର୍‍ୟାଙ୍କର ଅଧିକାରୀ ରହିଛନ୍ତି। ତେବେ ତଦନ୍ତରେ ସ୍ୱଚ୍ଛତା ଆଣିବା ପାଇଁ ଏଥିରେ ଜଣେ ନିରପେକ୍ଷ ବିଶେଷଜ୍ଞଙ୍କୁ ସାମିଲ କରିବା ପାଇଁ ବନ୍ୟପ୍ରାଣୀ ବିଶେଷଜ୍ଞ ତଥା କେନ୍ଦ୍ରୀୟ ବନ୍ୟପ୍ରାଣୀ ବୋର୍ଡର ସଦସ୍ୟ ବିଶ୍ୱଜିତ ମହାନ୍ତି ଦାବି କରିଥିଲେ। ଏ ନେଇ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗତ ୧୭ ତାରିଖରେ ବନ୍ୟପ୍ରାଣୀ ପିସିସିଏଫ୍ ଏବଂ ପ୍ରୋଜେକ୍ଟ ଏଲିଫ୍ୟାଣ୍ଟର ମୁଖ୍ୟଙ୍କୁ ଚିଠି ଲେଖି ଜଣେ ନିରପେକ୍ଷ ବେସରକାରୀ ବ୍ୟକ୍ତିଙ୍କୁ ଏସ୍‌ଆଇଟିରେ ସାମିଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ସେଭଳି କୌଣସି ପଦକ୍ଷେପ ନିଆଯାଇ ନାହିଁ। ସୋମବାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଘଟଣାସ୍ଥଳକୁ ଯିବ ବୋଲି ଜଣାପଡ଼ିଛି। ତେବେ ଏଥିରେ ବନ ବିଭାଗର କର୍ମଚାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଗଲେ କୌଣସି ସୁଫଳ ମିଳିବ ନାହିଁ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି।

# ସଂରକ୍ଷିତ ଜଙ୍ଗଲରୁ ମିଳିଲା ହାତୀ ମୃତଦେହ



**କେନ୍ଦୁଝର,୨୫।୬(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ୍ କାଳିଆହତା ସେକ୍ସନର ରେକୁଟି ବିଟ୍ ଅଧୀନ କଳାପାଟ ସଂରକ୍ଷିତ ଜଙ୍ଗଲ ଟୋଲକପଦାରେ ଶନିବାର ଏକ ମାଈ ହାତୀର ମୃତଦେହ ବନ ବିଭାଗ ଜବତ କରିଛି। ହାତୀଟିର ବୟସ ପ୍ରାୟ ୩୫ ବର୍ଷ ହେବ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍.ଡି. ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ ଚଳାଇଛନ୍ତି।

ପ୍ରକାଶ ଯେ, ଶନିବାର ମଧ୍ୟାହ୍ନରେ ଛତୁ ଗୋଟାଇବାକୁ ଯାଇଥିବା ସ୍ଥାନୀୟ ଗ୍ରାମବାସୀ ହାତୀ ମୃତଦେହ ଦେଖି ବନ ବିଭାଗ କର୍ମଚାରୀଙ୍କୁ ଜଣାଇଥିଲେ। ଉକ୍ତ ଅଞ୍ଚଳରେ ୫ ଟିକିଆ ଏକ ହାତୀପଲ କିଛିଦିନ ହେବ ବୁଲୁଥିଲେ। ଏଣୁ ମୃତ ହାତୀ ଉକ୍ତ ଦଳର କି ନୁହେଁ, କେବେ ଓ କେଉଁ କାରଣରୁ ମରିଛି ତାହା ତଦନ୍ତ କଲେ ଜଣାପଡ଼ିବ ବୋଲି ଡିଏଫ୍‌ଓ ଧନରାଜ କହିଛନ୍ତି।

### ଅସୁରକ୍ଷିତ ହାତୀପଲ

ମୃତ ହାତୀ ନିକଟରେ ଅନ୍ୟ ହାତୀମାନେ ଜଗି ରହିଥିବାରୁ ବନ କର୍ମଚାରୀମାନେ ତା' ନିକଟରେ ପହଞ୍ଚି ପାରି ନାହାନ୍ତି।

ସୂଚନାଯୋଗ୍ୟ, ହାତୀଙ୍କ ଗତିବିଧି ଓ ଚଳପ୍ରଚଳ ନିରୀକ୍ଷଣ କରିବା ପାଇଁ ବନ ବିଭାଗ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ତଦାରଖ ପାଇଁ ବନ ଅଧିକାରୀ ନିୟୋଜିତ ହୋଇଛନ୍ତି। ଟ୍ରାକିଂ ସହ ଅନ୍ୟ ଅତ୍ୟାଧୁନିକ ବ୍ୟବସ୍ଥା ଥିବା ସତ୍ତ୍ୱେ ଏହି ହାତୀପଲରୁ କିପରି ଗୋଟିଏ ହାତୀର ମୃତ୍ୟୁ ଘଟିଲା ଓ ଏ ସମ୍ପର୍କରେ ବନ ବିଭାଗ କିପରି ଜାଣିପାରିଲା ନାହିଁ ସେଥିନେଇ ପରିବେଶବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ମିଶାଇ ୨୦୨୨-୨୩ରେ ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନରେ ଗୋଟିଏ ଏବଂ କେନ୍ଦୁଝର ଡିଭିଜନରେ ୪ଟି ହାତୀ ମୃତ୍ୟୁମୁଖରେ ପଡ଼ିଛନ୍ତି।



ଆମ ନାକ ଆଗରେ ଯାହା ଯେତିକି ଘଟୁଛି–ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ– ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। –ଶ୍ରୀଅରବିନ୍ଦ

# ଆମ ଅଧିକାର ଓ ନ୍ୟାୟିକ ବ୍ୟବସ୍ଥା



ଆକାର ପଟେଲ

ଆମ ସୁପ୍ରିମକୋର୍ଟ ବିଚାରପତିମାନଙ୍କ ମଧ୍ୟରୁ ଜଣେ ବିଦେଶରେ ବକ୍ତବ୍ୟ ପ୍ରଦାନ କରିବା ସମୟରେ ଆଶ୍ଚର୍ଯ୍ୟଜନକ ବିଷୟ ଉପସ୍ଥାପନ କରିଥିଲେ। ଏକ ଲିଗାଲ ୱେବ୍‌ସାଇଟ ତାଙ୍କ ବକ୍ତବ୍ୟକୁ ପ୍ରସାର କରିଥିଲା। ବିଚାରପତି (ଯାହାଙ୍କ ନାମ ପ୍ରକାଶ କରାଯାଉନାହିଁ) କହିଥିଲେ ଯେ, ଦେଶରେ ବିବାଦୀୟ ଧାରା ବଢୁଛି ଏବଂ ଏହା ରାଜନୈତିକ ମନ୍ତବ୍ୟରେ ଧୈର୍ଯ୍ୟର ଅଭାବକୁ ସୂଚିତ କରୁଛି। ଫଳରେ କିଛି ଖରାପ ସ୍ଥିତି ଉପୁଜିବାର ସମ୍ଭାବନା ରହୁଛି, ଯେଉଁଠି ଅଧିକାରଗୁଡ଼ିକୁ ଅନୁଭବ କରିବା ଲାଗି କୋର୍ଟଗୁଡ଼ିକୁ ଏକ ମାତ୍ର ଅଙ୍ଗ ଭାବେ ମାନିନିଆଯାଉଛି। କୋର୍ଟଗୁଡ଼ିକ ମଧ୍ୟ ବିଧିବ୍ୟବସ୍ଥା ଓ କାର୍ଯ୍ୟପାଳିକା ସହ ଜଡ଼ିତ ସମସ୍ୟା ସମାଧାନ କରିବାରେ ବ୍ୟସ୍ତ ରହୁଛନ୍ତି। ସେମାନେ କ'ଣ କରୁଛନ୍ତି ତାହା ବିଚାରପତିଙ୍କ ବକ୍ତବ୍ୟରୁ ସ୍ପଷ୍ଟ ବୁଝିହେଉଛି। ବିଚାରପତି କହିଛନ୍ତି ଯେ, ନାଗରିକମାନେ ସେମାନଙ୍କ ଅଧିକାର ପାଇଁ ସରକାର ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଜଡ଼ିତ ରହିବା ଗୁରୁତ୍ୱପୂର୍ଣ୍ଣ। କୋର୍ଟଗୁଡ଼ିକର ମଧ୍ୟ ଏହି ପ୍ରକ୍ରିୟାରେ ଗୁରୁତ୍ୱ ରହିଛି। କିନ୍ତୁ କୋର୍ଟ ଗୋଟିଏ ସ୍ଥାନ ନୁହେଁ ଯେଉଁଠି ଅଧିକାରଗୁଡ଼ିକୁ ଦାବି କରାଯାଇପାରିବ କିମ୍ବା ସୁରକ୍ଷିତ ରଖାଯାଇପାରିବ। ବିଶେଷ କରି ସୁପ୍ରିମକୋର୍ଟ ହେଉଛି ଏକମାତ୍ର ଅଙ୍ଗ ଯାହା ସହ ଅଧିକାରକୁ ନେଇ ନାଗରିକମାନେ ଜଡ଼ିତ ରହୁଛନ୍ତି। ଦେଖିବାକୁ ଗଲେ ଆମେରିକାରେ ସୁପ୍ରିମକୋର୍ଟ ବର୍ଷକୁ କେବଳ ୮୦ଟି ମାମଲା ଶୁଣାଣି ଶେଷ କରୁଛି। କିନ୍ତୁ ଭାରତରେ ସୁପ୍ରିମକୋର୍ଟରେ ୭୦,୦୦୦ ମାମଲା ବିଚାର ପଡ଼ିରହିଛି। ଏହା ହିଁ ଦୁଇ ଦେଶର ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ବଡ଼ ପ୍ରଭେଦକୁ ସୂଚିତ କରୁଛି, ଯଦିଓ ଅନେକ କ୍ଷେତ୍ରରେ ଆମେରିକା ନ୍ୟାୟିକ ବ୍ୟବସ୍ଥା ସହ ଆମର ସାମଞ୍ଜସ୍ୟ ରହିଛି। ୧୯୪୯ରେ ନିଷ୍ପତ୍ତି ନିଆଯାଇଥିଲା ଯେ, ଭାରତରେ ଗଠିତ ସୁପ୍ରିମ୍‌କୋର୍ଟରେ ୮ରୁ ଅଧିକ ବିଚାରପତି ରହିବେ ନାହିଁ (ଅନୁଚ୍ଛେଦ ୧୨୪)। ହେଲେ ଭାରତରେ ଏବେ ୩୦ ଜଣ ବିଚାରପତି ଥିବାବେଳେ ଆମେରିକାରେ ଅଛନ୍ତି ୯ ଜଣ। ଆମେରିକା କୋର୍ଟ ଏକାଠି ମାମଲାଗୁଡ଼ିକର ବିଚାର କରିଥାଆନ୍ତି। କିନ୍ତୁ ଭାରତର ସୁପ୍ରିମକୋର୍ଟ ଅନେକ ଛୋଟ ଛୋଟ ବେଞ୍ଚ୍ ଜାମିନଠାରୁ ଆରମ୍ଭ କରି ଜମିଜମା ବିବାଦୀୟ ମାମଲାର ଶୁଣାଣି କରୁଛନ୍ତି। ଏଣୁ ଆମ ନ୍ୟାୟିକ ବ୍ୟବସ୍ଥା ଯେଉଁ ଭାବେ ଗଠିତ ହୋଇଥିଲା ତାହା ଏବେ ଭିନ୍ନ ପ୍ରକାରେ ପ୍ରକାଶ ପାଇଆସୁଛି।

ଏବେ ବିଚାରପତି କ'ଣ କହିଥିଲେ ତା' ପ୍ରତି ଦୃଷ୍ଟି ଦେବା। ଭାରତରେ ନ୍ୟାୟିକ ବ୍ୟବସ୍ଥା ନାଗରିକ କାର୍ଯ୍ୟକଳାପ ସହ ଅଧିକ ଜଡ଼ିତ ରହୁଥିବା ସତ୍ତ୍ୱେ, ଅନ୍ତତପକ୍ଷେ ସଂଖ୍ୟା ଦୃଷ୍ଟିରୁ ବର୍ଦ୍ଧିତ ବିବାଦୀୟ ଧାରା ଏବଂ ରାଜନୈତିକ ପ୍ରକ୍ରିୟା ସହ ଏହା ପର୍ଯ୍ୟାପ୍ତ ଭାବେ ଜଡ଼ିତ ହେଉନାହିଁ ବୋଲି ବିଚାରପତିମାନେ ଅନୁଭବ କରିବା ଉଚିତ। ମୋ ମତରେ, ବିଚାରପତିଙ୍କ ସମୀକ୍ଷା ଠିକ୍। ପ୍ରଶ୍ନ ହେଉଛି, ଏହା କାହିଁକି ଘଟୁଛି। କୁହାଯାଇପାରେ ଯେ, ଭାରତରେ ସ୍ଥିତି ଅନିୟନ୍ତ୍ରିତ ଓ ବିଘଟନକାରୀ। ଯଦି ସରକାର ଏବଂ ରାଜନୈତିକ ଦଳଗୁଡ଼ିକ ଏହାକୁ ନିୟନ୍ତ୍ରଣ କରି ବିନା ବିଚାର ଓ ଦଣ୍ଡରେ ଲୋକଙ୍କ ଘର ଭାଙ୍ଗିବାକୁ ଚାହୁଁଛନ୍ତି, ତେବେ ସେମାନେ କେଉଁଠିକୁ ଯିବେ? କାର୍ଯ୍ୟପାଳିକାକୁ ଯାଇପାରନ୍ତି ସେମାନେ, କିନ୍ତୁ ତାହା ହିଂସାର ମୂଳ କାରଣ। ସେମାନେ ମଧ୍ୟ ବିଧି ବ୍ୟବସ୍ଥାକୁ ଯାଇପାରନ୍ତି। ଅର୍ଥାତ୍ ବିରୋଧୀଙ୍କ ସହ ମିଶି ସରକାରଙ୍କୁ ଏହାର କାରଣ ଜଣାଇବା ଲାଗି କହିପାରନ୍ତି। ଏହା ଏବେ ଭାରତରେ ହେଉ ନାହିଁ କି? ନିର୍ଦ୍ଦିଷ୍ଟ ଭାବେ ନାଗରିକ, ସିଭିଲ ସୋସାଇଟି ଗ୍ରୁପ, ଆକ୍ଟିଭିଷ୍ଟ ଯେଉଁମାନେ କୋର୍ଟ ଯାଉଛନ୍ତି ସେମାନେ ସରକାରଙ୍କ ସହ ନିଶ୍ଚିତ ଭାବେ ଜଡ଼ିତ ରହୁଛନ୍ତି। କିନ୍ତୁ ଦାୟିତ୍ୱରେ ଥିବା ରାଜନୈତିକ ଦଳକୁ ଅତ୍ୟନ୍ତ କ୍ରୂର ଓ ଅନ୍ୟାୟ ବ୍ୟବହାର କରିବାକୁ ପ୍ରେରିତ କରାଗଲେ କ'ଣ କରାଯାଇପାରିବ? ବିଚାରପତି ଜଣଙ୍କ ଏହା ଉପରେ କିଛି ପ୍ରକାଶ ନ କରି କହିଲେ ଯେ, ସୁପ୍ରିମକୋର୍ଟ ନାଗରିକମାନଙ୍କ ମୌଳିକ ଅଧିକାରଗୁଡ଼ିକର ସୁରକ୍ଷା କରୁଥିବାବେଳେ ଏହାଠାରୁ ତଳକୁ ଖସି ନିର୍ବାଚିତ ପ୍ରତିନିଧିମାନେ ଜଡ଼ିତ ପ୍ରସଙ୍ଗଗୁଡ଼ିକ ଉପରେ ଅଧିକ ଧ୍ୟାନ ଦେବା ଉଚିତ ନୁହେଁ। ଏହା କରିବା ଦ୍ୱାରା କେବଳ ସାମ୍ବିଧାନିକ କାର୍ଯ୍ୟରୁ କୋର୍ଟ ଦୂରେଇ ଯାଉନାହିଁ, ବରଂ ଗଣତାନ୍ତ୍ରିକ ସମାଜର ସେବା ବି କରୁନାହିଁ ବୋଲି ବୁଝିବାକୁ ହେବ।

ଏକ ସୁସ୍ଥ ଗଣତନ୍ତ୍ରରେ ନାଗରିକମାନେ ଉତ୍ତମ ବ୍ୟବହାର କରିବାକୁ ସକ୍ଷମ ହେବା ଦରକାର ଏବଂ ବ୍ୟବସ୍ଥାର ସବୁ ଅଙ୍ଗ ସହ ଜଡ଼ିତ ହେବା ଉଚିତ। ତେବେ କୁହାଯାଇପାରେ ଯେ, ନ୍ୟାୟପାଳିକାର ଏକ ପ୍ରାଥମିକ କାର୍ଯ୍ୟ ରହିଛି। ଏହା କାର୍ଯ୍ୟପାଳିକାର ମାତ୍ରାଧିକ କାର୍ଯ୍ୟ ବନ୍ଦ କରିବା ଓ ତାହା ସହ ଏକପାଖିଆ ଏକମତ ନ ହେବା ଦରକାର। ବିଶେଷ କରି ଅଧିକାର ବାହାରେ କାର୍ଯ୍ୟପାଳିକାର ଅତ୍ୟଧିକ କାର୍ଯ୍ୟ ଭାରତର ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏହାର ଆବଶ୍ୟକତା ରହିଛି। ଏବେ ସ୍ଥିତି ଏଭଳି ହୋଇଛି ଯେ, ନାଗରିକତ୍ୱକୁ ନେଇ ମାମଲା ଏବଂ ନିର୍ବାଚନୀ ରାଜନୀତିର ବେନାମୀ ପାଣ୍ଠିଯୋଗାଣ ମାମଲା କୋର୍ଟ ଦ୍ୱାରା ବିଚାର ହୋଇପାରିନାହିଁ। କଶ୍ମୀରରେ ଅଟକ ବା ବନ୍ଦୀ ଥିବା ଲୋକଙ୍କ ଜାମିନ ଲାଗି ଆବେଦନ ମଧ୍ୟ କୋର୍ଟରେ ପଡ଼ିରହିଲା। ସମାଲୋଚକ ଓ ଆକ୍ଟିଭିଷ୍ଟମାନେ ନ୍ୟାୟପାଳିକା ଉପରେ ଏ ପ୍ରକାର ଚାପ ପକାଇଛନ୍ତି ଯେ, ବିଚାରପତି ଜଣଙ୍କୁ ସମ୍ଭବତଃ ପ୍ରତିକ୍ରିୟା ରଖିବାକୁ ପଡ଼ିଲା। ଅଧିକାଂଶଙ୍କୁ ଏହା ମନେହେଉଛି ଯେ, ଜଣେ ନିର୍ବିବାଦୀୟ ନେତା ଓ ଗୋଟିଏ ରାଜନୈତିକ ଦଳ ଦ୍ୱାରା ନିୟନ୍ତ୍ରିତ ସରକାରଙ୍କ ଦ୍ୱାରା ଭାରତ ଏକ ଭିନ୍ନ ଦିଗରେ ଯାଉଛି। କିନ୍ତୁ ଭାରତର ସମ୍ବିଧାନ କିମ୍ବା ପରମ୍ପରା ବା ଆଧୁନିକତା ସହ ତାଳଦେଇ ତାହା ସେହି ଦିଗରେ ଯାଉନାହିଁ। ବୈଧାନିକ ଓ କାର୍ଯ୍ୟପାଳିକା ସହ ଦେଶର ଆଉ ଯେଉଁ ଅଙ୍ଗ ରହିଲା ସେସବୁ ଠିକ୍ ରହିବା ଦରକାର, ଯେଉଁଠିକୁ ନାଗରିକମାନେ ଯାଇପାରିବେ ଓ ଦେଶର ଅଧିକାରଗୁଡ଼ିକ ଦାବି କରିପାରିବେ। କିନ୍ତୁ ଏହା ନିର୍ବିବାଦୀୟ ହେବା ଦରକାର। ଏହି ଯୁଦ୍ଧର ପ୍ରାଥମିକ ରଣଭୂମି ନ୍ୟାୟିକ ବ୍ୟବସ୍ଥାରେ ରହିବା ଦରକାର, ଯେଉଁଠି ବିଚାରପତିମାନେ ଏକ ଅନିୟନ୍ତ୍ରିତ ଏବଂ କ୍ଷତିକାରକ ଦେଶ ବିରୋଧରେ ନାଗରିକମାନଙ୍କ ପାଇଁ ଠିଆ ହେବେ।

Email:aakar.patel@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | 9 | | 3 | 6 |
| | | 5 | | 2 | | | | |
| | | | | 8 | | 4 | | |
| | 4 | | | | 1 | | | |
| | 9 | | | | 3 | 8 | 1 | 2 |
| | | | | | 8 | | | 4 |
| | | | | | 2 | | | |
| 1 | | | | | | 3 | | |
| 7 | 3 | | 4 | | | | 5 | 9 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 6 | 7 | 9 | 1 | 2 | 4 | 3 |
| 9 | 1 | 7 | 2 | 4 | 3 | 5 | 8 | 6 |
| 3 | 2 | 4 | 6 | 8 | 5 | 7 | 1 | 9 |
| 8 | 6 | 3 | 5 | 1 | 9 | 4 | 2 | 7 |
| 4 | 7 | 5 | 3 | 6 | 2 | 1 | 9 | 8 |
| 1 | 9 | 2 | 8 | 7 | 4 | 3 | 6 | 5 |
| 6 | 4 | 8 | 1 | 3 | 7 | 9 | 5 | 2 |
| 2 | 3 | 9 | 4 | 5 | 8 | 6 | 7 | 1 |
| 7 | 5 | 1 | 9 | 2 | 6 | 8 | 3 | 4 |

ଗତ କାଲିର ଉତ୍ତର

# ଐରାବତର ଆର୍ତ୍ତନାଦ



ରାଧାମୋହନ ମହାପାତ୍ର

ସ୍ଥଳଭାଗର ବୃହତ୍ତମ ଜୀବ ତଥା ଐତିହ୍ୟ ପ୍ରାଣୀ ହାତୀ ବା ହସ୍ତୀ ବଂଶର ଜୀବନ ଆଜି ସଙ୍କଟାପନ୍ନ। ରାଜ୍ୟରେ ଗତ ଅଢ଼େଇ ବର୍ଷରେ ଅର୍ଥାତ୍ ୨୦୨୦ ବର୍ଷ ଆରମ୍ଭରୁ ଏପର୍ଯ୍ୟନ୍ତ ୧୭୫ ହାତୀଙ୍କ ମୃତ୍ୟୁ ଘଟିଲାଣି। ଅର୍ଥାତ୍ ପ୍ରତି ୫ ଦିନରେ ଗୋଟିଏ ହାତୀ ମରୁଛି। ୧୭୫ ମୃତ ହାତୀଙ୍କ ମଧ୍ୟରୁ ୩୯ ହାତୀକୁ ଶିକାର କରାଯାଇଛି। ଶିକାରୀମାନେ ଗୁଳି, ବିଷ ଓ ବିଦ୍ୟୁତ୍ ଆଘାତ ଦେଇ ହାତୀ ମାରୁଛନ୍ତି। କମ୍ ଉଚ୍ଚତାରେ ଥିବା ବିଦ୍ୟୁତ୍ ତାରରେ ଲାଗି ୫ ହାତୀଙ୍କ ଜୀବନଯାଇଛି। ଟ୍ରେନ୍ ଧକ୍କାରେ ୧୩ ହାତୀଙ୍କ ଜୀବନ ଯାଇଥିବା ବେଳେ ୭୦ ହାତୀ ବିଭିନ୍ନ ରୋଗ, ବୟସାଧିକ ଓ ଖାତରେ ପଡ଼ି ମରିଛନ୍ତି। ୪୧ ହାତୀଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ତେବେ ଏହି ୪୧ ହାତୀଙ୍କ ମଧ୍ୟରୁ ଅଧିକାଂଶ ଶିକାର କରାଯାଇଥିବା ପ୍ରାଣୀ ପ୍ରେମୀମାନେ ମତ ଦିଅନ୍ତି।

ଏଇ ଚଳିତ ମାସ ଜୁନ ପ୍ରଥମ ସପ୍ତାହରେ ଆଠଗଡ଼ ବନଖଣ୍ଡ ନରସିଂହପୁର ପଶ୍ଚିମାଞ୍ଚଳରୁ ଗୋଟିଏ ଦନ୍ତାହାତୀକୁ ଗୁଳିବିଦ୍ଧ କରିବାର ଘଟଣା ଆମ ନଜରକୁ ଆସିଛି। ସୋସିଆଲ ମିଡିଆ ଆକାଉଣ୍ଟରେ ଗୁଳିବିଦ୍ଧ ହାତୀ ସମ୍ପର୍କରେ ପୋଷ୍ଟ କରିବାରୁ ଘଟଣା ପ୍ରଘଟ ହେଲା। କୌଣସି ଜଣେ ଦୁର୍ବୃତ୍ତ ଶିକାରୀ ୧୫/୧୭ ବର୍ଷର ଏହି ହାତୀଟିକୁ ଖୁବ୍ ନିକଟରୁ ରାଇଫଲ ନୁହେଁ, ଛରରା ବନ୍ଧୁକରୁ ଗୁଳି କରିଥିଲା। ଏହା ୧ ଏଲ୍.ଜି. କାର୍ଟ୍ରିଜ୍ .୧୨ ବୋର ବନ୍ଧୁକ, ଯେଉଁଥିରେ ୬ଟି କିମ୍ବା ୯ଟି ଗୁଳିଥାଏ। ହାତୀ ନିକଟତର ହୋଇଥିବାରୁ ୬ଟିଯାକ ଗୁଳି ତାଳୁର ଅଗ୍ରଭାଗରେ ବାଜିଛି। ଛରରା .୧୨ ବୋର ବନ୍ଧୁକରେ ହାତୀ ମରାଯାଏ ନାହିଁ। ଏଥିପାଇଁ ଦରକାର ହୁଏ ଶକ୍ତିଶାଳୀ ୪୦୫ ବା ୫୦୦ ବୋର ଏକ୍ସପ୍ରେସର ରାଇଫଲ୍ ଗୁଳି। ହାତୀଟି ଛରରା ବନ୍ଧୁକରେ ଆଘାତପ୍ରାପ୍ତ ହେବାରୁ ସଙ୍ଗେ ସଙ୍ଗେ ନ ମରି ଯନ୍ତ୍ରଣାରେ ଛଟପଟ ହେଲା, ଗଜ ଗର୍ଜନରେ ବନଭୂଇଁ ପ୍ରକମ୍ପିତ ହେଲା ଏବଂ ଶେଷରେ ସେ ଗୋଟିଏ ନାଳରେ ପଡ଼ିଗଲା, ଆଉ ଉଠି ପାରିନଥିଲା। ଘଟଣା ଜଣାପଡ଼ିବା ପରେ ନନ୍ଦନକାନନ ଓ ସାତକୋଶିଆର ଡାକ୍ତରୀ ଦଳ ପହଞ୍ଚି ହାତୀର ଚିକିତ୍ସା କରିଥିଲେ। ତା' ମୁଣ୍ଡରେ ସୃଷ୍ଟ କ୍ଷତ ୧୫ ଦିନ ତଳର ହୋଇଥିବାରୁ ସେ ଅତ୍ୟନ୍ତ ଦୁର୍ବଳ ଏବଂ କ୍ଷତଗୁଡ଼ିକ ସେପ୍ଟିସେମିଆ ହୋଇଯାଇଥିଲା। ପ୍ରାୟ ସପ୍ତାହେ ଧରି ଚିକିତ୍ସିତ ହେବା ପରେ ହାତୀଟି ଶେଷରେ ଆଖି ବୁଜିଛି। ଏହାପରେ ମଧ୍ୟ ରାଜ୍ୟରେ ହାତୀ ମୃତ୍ୟୁ ବଢିଚାଲିଛି।

ସବୁଠୁ ଉଦ୍‌ବେଗର ବିଷୟ ଯେ, ଆଠଗଡ଼ ବନଖଣ୍ଡରେ ବିଭିନ୍ନ ସମୟରେ ହାତୀ ମୃତ୍ୟୁ ଘଟିବା ଏବଂ ଏହାକୁ ଲୁଚାଇବାରେ ବିଭାଗୀୟ ଅଧିକାରୀମାନେ ଭରପୂର ପ୍ରୟାସ କରୁଥିବା ନଜର ରହିଛି। ନିକଟ ଅତୀତରେ ଏହି ବନଖଣ୍ଡ ଅଧୀନରେ ବିଭିନ୍ନ ସ୍ଥାନରୁ ହାତୀକଙ୍କାଳ ମାଟିତଳୁ ଉଦ୍ଧାର ହେବା, ଆଉ ଏକ ହାତୀକୁ ବ୍ୟବଚ୍ଛେଦ ନ କରି ଲୁଣ ପକାଇ ପୋତା ହେଉଥିବା ଭିଡିଓ ଭାଇରାଲ ହେବା ଘଟଣା ବିଭାଗୀୟ କାର୍ଯ୍ୟକଳାପକୁ ପଦାରେ ପକାଇଛି। ଏବେ ଏହାର ତନାଘନା ତଦନ୍ତ ଏବଂ ଟିମ୍ ଗଠନ ଓ ଆକ୍ସନ ଟେକେନ ରିପୋର୍ଟ କେତେଦୂର କାର୍ଯ୍ୟକାରୀ ହେବ ଓ ଅପରାଧ ରୋକିବ ତାହା ଭବିଷ୍ୟତ ହିଁ କହିବ। ଦୁଃଖର ବିଷୟ ଏହିକି ଯେ, ରାଜ୍ୟରେ ୫ ବର୍ଷ ହେଲା ହାତୀଗଣନା ହୋଇନାହିଁ। ଶେଷ ଥର ୨୦୧୭ରେ ରାଜ୍ୟରେ ହାତୀଗଣନା ହୋଇଥିଲା। ସେତେବେଳେ ରାଜ୍ୟରେ ସମୁଦାୟ ହାତୀସଂଖ୍ୟା ୧୯୭୬ ଥିଲା। ଓଡ଼ିଶାରେ ହାତୀମୃତ୍ୟୁ ହାର ଅନ୍ୟ ରାଜ୍ୟଗୁଡ଼ିକ ଅପେକ୍ଷା ଅଧିକ। ଯେତିକି ହାତୀ ଓଡ଼ିଶାରେ ମରିଛନ୍ତି, ସେମାନଙ୍କ ହିସାବ ଦେଖିଲେ ୧୯୯୦ରୁ ୨୦୦୦ (୧୦ ବର୍ଷ) ଭିତରେ ବର୍ଷକୁ ହାରାହାରି ୪୬ ହାତୀ ମୃତ୍ୟୁବରଣ କରିଛନ୍ତି। ୨୦୧୦ରୁ ଏପର୍ଯ୍ୟନ୍ତ ବର୍ଷକୁ ହାରାହାରି ୭୮ ହାତୀ ମରିଛନ୍ତି। ଏଭଳି ଭାବେ ହାତୀମୃତ୍ୟୁ ଗ୍ରାଫ୍ ବଢ଼ିଚାଲିଲେ ଆଗାମୀ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ଜଙ୍ଗଲୀ ହାତୀ ଆଉ ଦେଖିବାକୁ ମିଳିବେନି ବୋଲି ଆଶଙ୍କା ଅମୂଳକ ନୁହେଁ।



ଟ୍ରାଙ୍କୁଲାଇଜ୍ କରି ହତ୍ୟା ଏବଂ ରେଳ ଧକ୍କା ହାତୀମୃତ୍ୟୁର ଅନ୍ୟ କାରଣ ପାଲଟିଛି। ଅସୁସ୍ଥ ହାତୀକୁ ସୁସ୍ଥ କରିବା କିମ୍ବା ଉପୁଡ଼ିଆ ହାତୀକୁ କାବୁ କରିବା ପାଇଁ ବନ ବିଭାଗ ନିଶ୍ଚେତକ ଇଞ୍ଜେକ୍ସନ ଜାଇଲାଜାଇନ + କୋଟାମାଇନ ବ୍ୟବହାର କରୁଛି। ଫଳରେ ମାତ୍ରାଧିକ ଡୋଜ ଯୋଗୁ ଅନେକ ସମୟରେ ହାତୀ ମୃତ୍ୟୁମୁଖରେ ପଡୁଛନ୍ତି। ନିକଟରେ ଚନ୍ଦକା ଡମପଡ଼ା ଅଭୟାରଣ୍ୟରେ 'କୁମ୍‌କୀ' ପ୍ରଶିକ୍ଷଣ ନେଉଥିବା 'ନନ୍ଦ' ହାତୀକୁ ବାରମ୍ବାର ଟ୍ରାଙ୍କୁଲାଇଜ୍ କରିବାରୁ ତା'ର ମୃତ୍ୟୁ ଘଟିଲା ବୋଲି ଅଭିଯୋଗ ଉଠିଛି। ୨୦୨୧ ମାର୍ଚ୍ଚରେ ଯାଜପୁରର ନରହନ୍ତା 'ନରସିଂହ'କୁ କୁମ୍‌କୀ ପ୍ରଶିକ୍ଷଣ ସମୟରେ ବାରମ୍ବାର ଟ୍ରାଙ୍କୁଲାଇଜ୍ କରିବା ଦ୍ୱାରା ତା'ର ମୃତ୍ୟୁ ଘଟିଛି। ଏବେ ଚନ୍ଦକାର 'ଶଙ୍କର'କୁ ମଧ୍ୟ ବାରମ୍ବାର ଟ୍ରାଙ୍କୁଲାଇଜ୍ କରାଯାଉଛି। ଫଳରେ ସେ ଦୁର୍ବଳ ହୋଇ ଗଲାଣି ଏବଂ କେତେବେଳେ ତା'ର ମୃତ୍ୟୁ ଘଟିବ କହି ହେଉ ନାହିଁ। ମୃତ୍ୟୁ ସର୍ବଦା ହାତୀପଲ ପଛରେ ଗୋଡ଼େଇଛି। ଗତ ଅଢ଼େଇ ବର୍ଷରେ କେବଳ ରେଳ ଧାରଣାରେ ୧୩ ହାତୀଙ୍କ ଜୀବନ ଗଲାଣି।

ଦନ୍ତାହାତୀର ଦାନ୍ତ ଶିକାରୀର ବିଶେଷ ଆକର୍ଷଣ। ହାତୀଦାନ୍ତର ବଡ଼ ବଜାର ହେଉଚି ଚାଇନା। ସେଠାରେ ହାତୀଦାନ୍ତରୁ ପ୍ରସ୍ତୁତ ହେଉଥିବା ଏକ ଔଷଧ ପାଇଁ ଏହାର ଚାହିଦା ରହିଛି। ଗୃହର ଆସବାବପତ୍ରରେ ହାତୀଦାନ୍ତର କଳାକୃତି ବ୍ୟବହାର ଦନ୍ତାହାତୀ ହତ୍ୟାର ମୁଖ୍ୟ କାରଣ। ଚାଇନାର କିଛି ମାଫିଆ ଉତ୍ତର–ପୂର୍ବ ଭାରତକୁ ଟାର୍ଗେଟ୍ କରିଛନ୍ତି। ଆସାମ, ମଣିପୁର, ମିଜୋରାମ ଓ ଓଡ଼ିଶାକୁ ଲକ୍ଷ୍ୟକରି ହାତୀଦାନ୍ତ ବେପାରୀମାନେ ଜାଲ ବିଛାଇ ବସିଛନ୍ତି। ବିଭାଗୀୟ ଧରପଗଡ଼ ଯୋଗୁ ଅନେକ ହାତୀଦାନ୍ତ ଜବତ କରାଯାଉଛି, କିନ୍ତୁ ଅପରାଧ ରୋକିବା ପାଇଁ ଯଥେଷ୍ଟ ନୁହେଁ। ଦୋଷୀକୁ ଦଣ୍ଡ ଦେବା ଅପେକ୍ଷା ଦୋଷ ନ ଘଟାଇବାର ଆଶୁ ପଦକ୍ଷେପ ସର୍ବଦା ସ୍ୱାଗତଯୋଗ୍ୟ।

ଆମ ସମାଜରେ ଅନ୍ୟ ବନ୍ୟଜନ୍ତୁ ଅପେକ୍ଷା ହାତୀର ସ୍ଥାନ ସ୍ୱତନ୍ତ୍ର। ସଭ୍ୟତାର ଉନ୍ମେଷକାଳରୁ ହାତୀ ଜନଜୀବନ ସହିତ ଜଡ଼ିତ। ଖ୍ରୀ.ପୂ. ୬ ହଜାର ବର୍ଷ ତଳେ ହରପ୍ପା ସିନ୍ଧୁ ସଭ୍ୟତା କାଳରେ ସମାଜରେ ପୋଷ୍ୟ ହାତୀର ସୂଚନା ମିଳେ। ଅଧୁନା ହାତୀକୁ ଗଜରାଜ ବୋଲି ସମ୍ବୋଧନ କରାଯାଏ। ଗଜଲକ୍ଷ୍ମୀ ପୂଜା ହିନ୍ଦୁ ସମାଜରେ ନିଷ୍ଠାର ସହିତ ପାଳିତ ହୁଏ। ହିନ୍ଦୁ ଦେବତା ବିଘ୍ନନାଶନ ଗଣେଶଙ୍କର ମୁଣ୍ଡ ହେଉଛି ହାତୀମୁଣ୍ଡ। ଇନ୍ଦ୍ର ଦେବତାଙ୍କ ପ୍ରିୟ ହସ୍ତୀର ନାମ ଐରାବତ। ମହାପ୍ରଭୁ ଜଗନ୍ନାଥଙ୍କର ମାଘ ପୂର୍ଣ୍ଣିମା ଦିନ 'ଗଜ ଉଦ୍ଧାରଣ ଗଣେଶ ବେଶ' ଦେଖିବାକୁ ମିଳିଥାଏ। ଦେବସ୍ନାନ ପୂର୍ଣ୍ଣିମା ଦିନ ମଣ୍ଡପରେ ଜଗନ୍ନାଥ ଦିବ୍ୟ 'ଗଜବେଶ'ରେ ଜାତି ଧର୍ମ ନିର୍ବିଶେଷରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଆମ ରାଜ୍ୟର ରାଜାଙ୍କୁ ଗଜପତି ବୋଲି ସମ୍ବୋଧନ କରାଯାଏ 'ବୀରଶ୍ରୀ ଗଜପତି'। କିନ୍ତୁ ପରିତାପର ବିଷୟ, ଆଜି ମର୍ତ୍ତ୍ୟର ଐରାବତ ବଞ୍ଚିବା ପାଇଁ ସଂଘର୍ଷ କରୁଛି ପ୍ରତି ମୁହୂର୍ତ୍ତରେ। ହାତୀ ଏକ ଶାକାହାରୀ ଜୀବ। ଜଙ୍ଗଲ, ବଣ, ନଟାର ସବୁଜ ପତ୍ର ହେଉଛି ତା'ର ଜୀବନ। ଆଜିର ଦ୍ରୁତ ଜନବୃଦ୍ଧି ଓ ବନକ୍ଷୟ ବନ୍ୟପ୍ରାଣୀ ଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ହାତୀମାନଙ୍କ ପାଇଁ ଅରଣ୍ୟରେ ଯଥେଷ୍ଟ ଖାଦ୍ୟ ମିଳୁନାହିଁ। ଫଳରେ ସେମାନେ ଗାଁ ଓ ସହରମୁହାଁ ହେଉଛନ୍ତି। ଯଦ୍ୱାରା ସେମାନେ ମଣିଷର ଶିକାର ହେଉଛନ୍ତି ଓ ମଣିଷ ମଧ୍ୟ ସେମାନଙ୍କ ଦ୍ୱାରା ମୃତ୍ୟୁ ଲଭୁଛି। ମଣିଷ–ହାତୀ ଲଢ଼େଇ ନିତିଦିନିଆ ଘଟଣା ପାଲଟିଲାଣି। ବନ୍ୟଜନ୍ତୁ ଶିକାରକୁ ରୋକିବା ପାଇଁ ୨୦୦୮ରେ ସ୍ପେସାଲ ଷ୍ଟ୍ରାଇକିଂ ଫୋର୍ସ ଗଠନ ପାଇଁ ଘୋଷଣା କରିଥିଲେ। ଘୋଷଣାକୁ ୧୪ ବର୍ଷ ବିତିଗଲାଣି, ହେଲେ ଏପର୍ଯ୍ୟନ୍ତ ଏହା ଗଠନ ହୋଇପାରିଲା ନାହିଁ। ଘୋଷଣା ବା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଆନ୍ତରିକତା ଓ ସଚେତନତାର ଆବଶ୍ୟକତା ରହିଛି।

ମୋ: ୯୮୬୧୧୮୯୯୩୬

# ବରିଷ୍ଠଙ୍କ ପରାମର୍ଶଦାତ୍ରୀ

ବିଶ୍ୱବ୍ୟାପୀ ଅନ୍ୟତମ ସାମାଜିକ ସମସ୍ୟା ଭାବେ ବୟସ୍କଙ୍କ ପ୍ରତି ହତାଦର ବଢ଼ିଥିବା ଲକ୍ଷ୍ୟ କରାଯାଉଛି। ଜୀବନସାରା ପିଲାମାନଙ୍କ ପାଇଁ ପରିଶ୍ରମ କରି ସେମାନଙ୍କୁ ଭଲରେ ରଖିବାକୁ ଅହରହ ଉଦ୍ୟମରତ ବ୍ୟକ୍ତି ଜୀବନର ସାୟାହ୍ନରେ ପହଞ୍ଚିଲା ବେଳେ ଯଦି ଅସ୍ୱାଭାବିକତାର ସମ୍ମୁଖୀନ ହୁଅନ୍ତି, ସେହି ସମୟରେ ତାଙ୍କୁ ଦୁଃଖ ମାଡ଼ିବସେ। ନିଜ ସନ୍ତାନଙ୍କଠାରୁ ଦୁର୍ବ୍ୟବହାର ମିଳିଲେ ସେ ହତବାକ୍ ହୋଇପଡ଼ନ୍ତି। ଏପରି କି ଅତି ଧନୀ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତି ମଧ୍ୟ ଜୀବନର ଶେଷ ସମୟରେ ପିଲାଙ୍କଠାରୁ ଆଦର ନ ପାଇଲେ ଭାଙ୍ଗିପଡ଼ନ୍ତି। ଏତେ ସତ୍ତ୍ୱେ ସେ କଦାପି ନିଜ ଆତ୍ମୀୟଙ୍କଠାରୁ ପାଉଥିବା ଯନ୍ତ୍ରଣାକୁ ଅନ୍ୟ କାହାଠାରେ ବାଣ୍ଟିବାକୁ ଚାହାନ୍ତି ନାହିଁ। ତେବେ କେତେକଙ୍କ ଧୈର୍ଯ୍ୟର ସୀମା ଅତିକ୍ରମ କରିଗଲେ ସେମାନେ ଆଇନର ଆଶ୍ରୟ ନେବାକୁ ବାଧ ହୁଅନ୍ତି। ଆଜି ଅସଂଖ୍ୟ ବୃଦ୍ଧାବୃଦ୍ଧ ନ ଚାହୁଁଥିଲେ ମଧ୍ୟ ସେମାନଙ୍କୁ ପିଲାମାନେ ଜରାନିବାସରେ ଛାଡ଼ିଦେଇ ଆସୁଛନ୍ତି। ତେଣୁ ଅନ୍ତର୍ଜାତୀୟ ସ୍ତରରେ ବୟସ୍କଙ୍କ ଦୁଃଖ ବଢ଼ିବାରେ ଲାଗିଛି। ଏହି ସାମାଜିକ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ରାଷ୍ଟ୍ର ଆଇନ ଆଣିଥିବା ବେଳେ ସେମାନଙ୍କୁ ସାହାଯ୍ୟ ଓ ସହଯୋଗ କରିବା ଲାଗି ବ୍ୟବସ୍ଥା କରୁଛନ୍ତି। ଭାରତରେ ଏ ଦିଗରେ ବହୁବିଧ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଅନେକ ବୟସ୍କ ବ୍ୟକ୍ତିଙ୍କ ତିଷ୍ଠିବା ଅସହଜ ହୋଇପଡୁଛି।



ବ୍ୟକ୍ତିତ୍ୱ

ଅଞ୍ଜଲି ଚତୁର୍ବେଦୀ

ଏବେ ଭାରତୀୟ–ଆମେରିକୀୟ ଆଇନ ବିଶେଷଜ୍ଞ ଅଞ୍ଜଲି ଚତୁର୍ବେଦୀ ଆମେରିକାର ବରିଷ୍ଠ ବ୍ୟାପାର ବିଭାଗର ଜେନେରାଲ କାଉନ୍‌ସେଲ ଭାବେ ମନୋନୀତ ହୋଇଛନ୍ତି। ବୟସ୍କ ବ୍ୟକ୍ତିଙ୍କୁ କିଭଳି ନ୍ୟାୟ ମିଳିବ ତାହା ତାଙ୍କ ପାଇଁ ପ୍ରମୁଖ କାର୍ଯ୍ୟ ହେବ ବୋଲି କହିଛନ୍ତି। ତୁଳନାତ୍ମକ ଭାବେ ଦେଖିଲେ ଆମେରିକାରେ ଆଇନ କାର୍ଯ୍ୟକାରିତାରେ କଠୋର ଆଭିମୁଖ୍ୟ ଅନୁପାଳନ କରାଯାଇଥାଏ। ତେବେ ଅଞ୍ଜଳି ତାଙ୍କ ବିଭାଗରେ ମାନବୀୟ ଗୁଣାବଳୀକୁ ଅଗ୍ରାଧିକାର ଦେବେ ବୋଲି କହିଛନ୍ତି। ତାଙ୍କ ମତରେ କୌଣସି ସମସ୍ୟାର ସମାଧାନ କରାଯିବା ପୂର୍ବରୁ ଘଟଣାକୁ ଭଲ ଭାବେ ବୁଝି ଠିକ୍ ଭାବେ ତର୍ଜମା କରାଯିବା ଦରକାର। ଅନ୍ୟ ଜଣଙ୍କ କାହାଣୀ ଶୁଣିବା ଲାଗି ପ୍ରଚଣ୍ଡ ଧୈର୍ଯ୍ୟ ଧାରଣ କରୁଥିବା ବ୍ୟକ୍ତି ଏ ଦିଗରେ ସଫଳତା ପାଇଥାଆନ୍ତି ବୋଲି ସେ କହିଛନ୍ତି।

କେନ୍ଦ୍ରୀୟ ନ୍ୟୁୟର୍କର ଏକ ଛୋଟିଆ ସହରରେ ଅଞ୍ଜଳିଙ୍କ ଜନ୍ମ। ସେଠାରେ ଦୁଇଟି ବଡ଼ ଶିଳ୍ପସଂସ୍ଥା ଓ ଗୋଟିଏ ସ୍ଥାନୀୟ କଲେଜ ଉକ୍ତ ଅଞ୍ଚଳକୁ ପରିଚୟ ଦେଇଥାଏ। ସେହି କଲେଜରେ ଅଧ୍ୟାପକ ଥିଲେ ଅଞ୍ଜଳିଙ୍କ ବାପା। ସେଠାରେ ସେ ନ୍ୟୁକ୍ଲିୟର ଫିଜିକ୍ସ ପଢ଼ାଉଥିଲେ। ହେଲେ ଅଞ୍ଜଳି ପିଲାଦିନୁ ଜୀବନରେ କିଛି ନୂଆ କରିବାକୁ ଚାହିଁଥିଲେ ଓ ଆଇନ ପାଠକୁ ବାଛିଥିଲେ। ଜର୍ଜଟାଉନ୍ ୟୁନିଭର୍ସିଟି ଲ' ସ୍କୁଲରୁ ସେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଜଣେ ଯୋଗ ଶିକ୍ଷୟିତ୍ରୀ ଭାବେ ମଧ୍ୟ ତାଙ୍କ ସୁନାମ ରହିଛି। ମେରିଲାଣ୍ଡର ଚେଭି ଚେଜ୍‌ରେ ସ୍ୱାମୀ ଓ ପୁଅ ସହ ରହୁଛନ୍ତି। ଆମେରିକାର ଅନ୍ୟତମ ପ୍ରଖ୍ୟାତ ଆଇନ ବିଶେଷଜ୍ଞ ଭାବେ ନାମ ଅର୍ଜନ କରିଥିବା ଅଞ୍ଜଳିଙ୍କ କ୍ୟାରିୟର ଫେଡେରାଲ ପ୍ରସିକ୍ୟୁଟରରୁ ଅରମ୍ଭ ହୋଇଥିଲା। ସରକାରୀ ସେବାକୁ ଆସିବା ପୂର୍ବରୁ ସେ ଇନ୍‌ଭେଷ୍ଟିଗେଶନ୍ସ ଫର୍ ନର୍ଥରୋପ୍ ଗ୍ରୁମାନ୍ କର୍ପୋରେଶନର ଆସିଷ୍ଟାଣ୍ଟ ଜେନେରାଲ କାଉନ୍‌ସେଲ ତଥା ନିର୍ଦ୍ଦେଶକ ରହିଥିଲେ। ଏହାର ଅନ୍ତର୍ଜାତୀୟ ତଦନ୍ତ ଟିମ୍‌ର ସେ ନେତୃତ୍ୱ ନେଉଥିଲେ। ଏହା ପୂର୍ବରୁ ଅଞ୍ଜଳି ବ୍ରିଟିଶ ପେଟ୍ରୋଲିୟମ୍(ବିପି)ର ଆସିଷ୍ଟାଣ୍ଟ ଜେନେରାଲ କାଉନ୍‌ସେଲ ଏବଂ ୱାଶିଂଟନ୍ ଡିସିଭିତ୍ତିକ ଲ' ଫାର୍ମ 'ନିକ୍ସନ୍ ପିବଡି'ର ପାର୍ଟନର ମଧ୍ୟ ଥିଲେ। ଅର୍ଥାତ୍ କର୍ପୋରେଟ୍ ଦୁନିଆରେ ମାମଲା ପରିଚାଳନା କରି ପୋଖତ ହୋଇଥିବା ଅଞ୍ଜଳି ସରକାରୀ କାର୍ଯ୍ୟକୁ ଠିକ୍ ଭାବେ ତୁଲାଇ ପାରିବେ ବୋଲି ବିଶ୍ୱାସ ରଖି ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କୁ ବରିଷ୍ଠ ବ୍ୟାପାର ବିଭାଗରେ ଏଭଳି ଗୁରୁଦାୟିତ୍ୱ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବରିଷ୍ଠମାନଙ୍କୁ ବିଶ୍ୱସ୍ତରୀୟ ସୁବିଧା ଓ ସେବା ପହଞ୍ଚାଇବା ଦିଗରେ ଏହା କାର୍ଯ୍ୟ କରୁଛି। ଅଞ୍ଜଳି କହିଛନ୍ତି, ବରିଷ୍ଠଙ୍କୁ ସର୍ବାଧିକ ଅନୁକମ୍ପା ଦେବା, ପ୍ରତିଶ୍ରୁତି ପାଳନ, ଉତ୍କର୍ଷ ପ୍ରତିପାଦନ, ପେସାଗତ ବୈଶିଷ୍ଟ୍ୟ, ସଚ୍ଚୋଟତା, ଦାୟିତ୍ୱବୋଧତା ଓ ତତ୍ତ୍ୱାବଧାନ କ୍ଷେତ୍ରରେ ଯେତେସମ୍ଭବ ସେତେ ସୁଯୋଗ ଓ ପରିବେଶ ସୃଷ୍ଟି କରାଯିବା ଲାଗି ସେ କାର୍ଯ୍ୟ କରିବେ। ଜର୍ଜଟାଉନ୍ ୟୁନିଭର୍ସିଟି ଆଣ୍ଡ ହଷ୍ଟିଙ୍ଗ୍‌ସ କଲେଜ ଅଫ୍ ଲ'ରେ ସେ ଆଡ୍‌ଜଙ୍କଟ ପ୍ରଫେସର ଭାବେ ଟ୍ରାଏଲ୍ ଆଡଭୋକେସି ଆଣ୍ଡ କ୍ରିମିନାଲ ପ୍ରୋସିଜିଓର ପଢ଼ାଇଥିବାରୁ ବରିଷ୍ଠଙ୍କ ପ୍ରତି ହେଉଥିବା ଅନ୍ୟାୟକୁ ଠିକ୍ ଭାବେ ଚିହ୍ନଟ କରି ପ୍ରତିକାର କରିପାରିବେ ବୋଲି ଆଶା କରାଯାଉଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଫାଇନାନ୍ସ ସମ୍ପର୍କରେ ଶିକ୍ଷା କରିବା ଲାଗି ୫ମ ଶ୍ରେଣୀର ପିଲାମାନେ ଏକ ନିଜସ୍ୱ ବ୍ୟାଙ୍କ ଚଳାଇବା କିଛି କମ୍ କଥା ନୁହେଁ। ଏଭଳି ଏକ ବ୍ୟାଙ୍କ ଖୋଲାଯାଇଛି କର୍ଣ୍ଣାଟକ ମୁଲର୍‌ର ଏକ ସରକାରୀ ସ୍କୁଲରେ। ଏହି ବ୍ୟାଙ୍କ ସ୍କୁଲ ଶିକ୍ଷକ ସି.ଏସ୍ ସତୀଶ୍‌ଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ଏହାର ନାମ ରଖାଯାଇଛି ବ୍ୟାଙ୍କ ଅଫ୍ ମୁଲର୍। ଏହି ବ୍ୟାଙ୍କରେ ପଞ୍ଚମ ଶ୍ରେଣୀର ୩୭ ପିଲାଙ୍କ ଆକାଉଣ୍ଟ ଖୋଲାଯାଇଛି। ପ୍ରତି ପିଲାଙ୍କର ନିଜସ୍ୱ ଲକର ରହିଛି, ଯେଉଁଠି ସେମାନେ ଟଙ୍କା ରଖୁଛନ୍ତି। ସେମାନଙ୍କୁ ହାତତିଆରି ପାସ୍‌ବୁକ୍ ଦିଆଯାଇଛି। ସେଥିରେ ସଞ୍ଚିତ ଟଙ୍କାର ପରିମାଣ ଶିକ୍ଷକ ଉଲ୍ଲେଖ କରିଥାଆନ୍ତି। ପିଲାମାନେ ହାତତିଆରି ଚାଲାଣ କିମ୍ବା ଏକ ଚେକ୍ ମାଧ୍ୟମରେ ଟଙ୍କା ଉଠାଇବାର ବ୍ୟବସ୍ଥା ହୋଇଛି। ବ୍ୟାଙ୍କ ଚଳାଇବା ଲାଗି ପିଲାମାନଙ୍କ ମଧ୍ୟରେ ମ୍ୟାନେଜର, ଆକାଉଣ୍ଟାଣ୍ଟ ଏବଂ କ୍ୟାଶିୟର ବି ରହିଛନ୍ତି। ଆକାଉଣ୍ଟରେ ୧୦୦ ଟଙ୍କା ସଞ୍ଚୟ ହେଲେ ପେନ୍‌ସିଲ, ୨୦୦ ଟଙ୍କା ହେଲେ ପେନ୍, ୩୦୦ ଟଙ୍କାରେ ନୋଟ୍‌ବୁକ ବୋନସ ଆକାରରେ ପାଉଛନ୍ତି। ୫୦୦ ଟଙ୍କା ସଞ୍ଚୟରେ ସେମାନଙ୍କୁ ୫ ପ୍ରତିଶତ ସୁଧ ଦିଆଯାଉଛି ଏବଂ ୧୦୦୦ ଟଙ୍କା ସଞ୍ଚୟ ହୋଇଗଲେ ସେ ଟଙ୍କା ସେମାନଙ୍କ ପ୍ରକୃତ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଉଛି। ପରେ ପିଲାମାନେ ସେହି ସଞ୍ଚିତ ଟଙ୍କାକୁ ପାଠ୍ୟ ଉପକରଣ କିଣିବା, ପିକ୍‌ନିକ୍ ଯିବା ଆଦିରେ ଖର୍ଚ୍ଚ କରିପାରିବେ ବୋଲି କହିଛନ୍ତି ସତୀଶ୍।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜୁନ୍ ୧୯୯୭

- ଶ୍ରୀଲଙ୍କାର ଓମାନତାଇଠାରେ ସେନା ଓ ତାମିଲ ଗେରିଲା ମଧ୍ୟରେ ଘମାଘୋଟ ଯୁଦ୍ଧ ଲାଗି ଉଭୟ ପକ୍ଷରୁ ୩୦୦ ନିହତ।
- ଆଲଜିୟର୍ସର ୩୦୦ କି.ମି. ଦକ୍ଷିଣ–ପୂର୍ବରେ ଅବସ୍ଥିତ ଏମ୍.ସିଲା ଡିପାର୍ଟମେଣ୍ଟ ସମେତ ବିଭିନ୍ନ ସ୍ଥାନରେ ମୁସ୍‌ଲିମ୍ ଆତଙ୍କବାଦୀମାନେ ଗଣହତ୍ୟାକାଣ୍ଡ ଚଳାଇ ୭୦ ଜଣଙ୍କୁ ମାରିଦେଇଛନ୍ତି।
- ସନ୍ତ୍ରାସବାଦର ମୂଳୋତ୍ପାଟନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ଅଭେଦ ପାଚେରି ତୋଳି ଚଉପାଶେ ସଦା ସେ
ଥିଲେ ହେଁ ନିକଟେ ଯଥା ଅଛି ଦୂର ପ୍ରବାସେ
ନିଭୃତ ମାନସର ସୁନିବିଡ଼ ପରାସ
କ୍ଷତ ଅନ୍ତରେ ମମ ରକ୍ତର ଯବା ସେ !
(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

### ଯୁବଶକ୍ତି ଦେଶ ବିକାଶର ମେରୁଦଣ୍ଡ

ମହାଶୟ,

ଦେଶର ମୋଟ ଜନସଂଖ୍ୟାର ୨୮% ହେଉଛନ୍ତି ଯୁବଗୋଷ୍ଠୀ, ଯେଉଁମାନଙ୍କର ଜାତୀୟ ଆୟରେ ୩୪% ଅବଦାନ ରହିଛି। ଦେଶର ପ୍ରଗତି ଓ ଅଭିବୃଦ୍ଧି ଯୁବଶକ୍ତିର ଦକ୍ଷତା, ଶୃଙ୍ଖଳ ଏବଂ ମାନସିକତା ଉପରେ ନିର୍ଭରଶୀଳ। କିନ୍ତୁ ଆଜିକାଲି ଯୁବଗୋଷ୍ଠୀଙ୍କ ଦ୍ୱାରା ଛାତ୍ର ଆନ୍ଦୋଳନ, ରାସ୍ତାରୋକୋ, ହରତାଳ, ଛୋଟ ଛୋଟ କଥାରେ ସରକାରୀ କିମ୍ବା ବେସରକାରୀ ସମ୍ପତ୍ତି ନଷ୍ଟ ଏବଂ ଧନଜୀବନ ନଷ୍ଟ ଯେଉଁ ପରିମାଣରେ ବୃଦ୍ଧି ପାଇଛି ତାହା ଅକଳ୍ପନୀୟ। ବେକାର ଯୁବକମାନଙ୍କର ନୈରାଶ୍ୟବାଦ ହିଁ ଏହାର ପ୍ରମୁଖ କାରଣ। ତେବେ କିଛି ଉପାୟ ଆପଣାଇଲେ ଏହାର ସମାଧାନ ହେବାର ସମ୍ଭାବନା ରହିଛି। ସର୍ବପ୍ରଥମେ ଯୁବକମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ରୋଜଗାର ମାର୍ଗ ପାଇଗଲେ ସେମାନେ ଅସାମାଜିକ କାର୍ଯ୍ୟକଳାପରେ ନିଜକୁ ସାମିଲ କରିବାରୁ କ୍ଷାନ୍ତ ରହିବେ ; ଯାହାକି ନିଜର, ନିଜ ପରିବାର ତଥା ଦେଶର ପ୍ରଗତିରେ ସହାୟକ ହେବ, ଏହା ନିଃସନ୍ଦେହ। ବର୍ଦ୍ଧିତ ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ ନ କଲେ ବେକାରି ସମସ୍ୟାର ସମାଧାନ କେବଳ ସ୍ୱପ୍ନ ମଧ୍ୟରେ ସୀମିତ ରହିଯିବ। ଶିକ୍ଷା ସମାପ୍ତି ପରେ କେବଳ ଚାକିରିର ପଶ୍ଚାତ୍‌ଧାବନ ନ କରି କିପରି ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ଗୁଣାତ୍ମକ ଓ ଧନ୍ଦାମୂଳକ ଶିକ୍ଷା ପ୍ରବର୍ତ୍ତନ କରିବା ସହିତ ଯେଉଁମାନେ କୃଷି, ବ୍ୟବସାୟ, ବାଣିଜ୍ୟ, ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଚାହିଁବେ, ସେମାନଙ୍କୁ ବିନା ସୁଧରେ ଋଣ ତଥା ବୈଷୟିକ ସହାୟତା ପ୍ରଦାନ କରିବା ଆବଶ୍ୟକ। ଯୁବକମାନଙ୍କୁ ଶୃଙ୍ଖଳିତ କରି ଦେଶର ପ୍ରଗତି ପଥରେ ଆଗେଇନେବାକୁ ହେଲେ, ମୋବାଇଲରେ ପ୍ରଦର୍ଶିତ ଅଶ୍ଳୀଳ ୱେବ୍‌ସାଇଟ ଉପରେ ରୋକ ଲଗାଇବା ଜରୁରୀ। ଅର୍ଥନୈତିକ ସଂରକ୍ଷଣର ପ୍ରଚଳନ ତଥା ନିୟୋଜନ କ୍ଷେତ୍ରରେ ସ୍ୱଚ୍ଛତା ଅନେକ ପରିମାଣରେ ଯୁବକମାନଙ୍କର ନୈରାଶ ଦୂରୀକରଣରେ ସହାୟକ ହୋଇପାରିବ।

– ସୁଧାକର ଦାସ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦ୍ରୌପଦୀଙ୍କୁ ସମର୍ଥନ ଜଣାଇଲା ବିଏସ୍‌ପି

ନୂଆଦିଲ୍ଲୀ/ଲକ୍ଷ୍ନୌ,୨୫।୬


ମାୟାବତୀ

ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଶନିବାର ସମର୍ଥନ ଜଣାଇଛି। ଜୁଲାଇ ୧୮ରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ମୁର୍ମୁ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଥିଲେ। ପ୍ରଥମ ଥର ଲାଗି ଜଣେ ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ବିଏସ୍‌ପିର ଆନ୍ଦୋଳନରେ ଆଦିବାସୀ ସମାଜ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଦଳ ସୁପ୍ରିମୋ ମାୟାବତୀ କହିଛନ୍ତି। ସେଥିପାଇଁ ବିଏସ୍‌ପି ମୁର୍ମୁଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଛି। ତେବେ ଭାଜପା କିମ୍ବା ଏନ୍‌ଡିଏକୁ ସମର୍ଥନ କି ଉପାକୁ ବିରୋଧ କରିବାକୁ ଏଭଳି ନିଷ୍ପତ୍ତି ନିଆଯାଇ ନ ଥିବା ମାୟାବତୀ କହିଛନ୍ତି।

ବିରୋଧୀ ଦଳ ମିଳିତ ରାଷ୍ଟ୍ରପତି ପ୍ରାର୍ଥୀ ଦେବା ବେଳେ ତାଙ୍କ ସହ ଯୋଗାଯୋଗ କରାଯାଇ ନ ଥିବାରୁ ଏହାକୁ ବିଏସ୍‌ପି ଅଧକ୍ଷା ସମାଲୋଚନା କରିଛନ୍ତି। ଗତ ୧୫ ତାରିଖରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକତରଫା ଭାବେ ଏବଂ ନିଜ ଇଚ୍ଛାରେ କେତେକ ନିର୍ଦ୍ଦିଷ୍ଟ ବିରୋଧୀ ଦଳଙ୍କୁ ବୈଠକକୁ ଡାକିଥିଲେ। ଏହା ପରେ ୨୧ ତାରିଖରେ ଏନ୍‌ସିପି ନେତା ଶରଦ ପାୱାର ଡାକିଥିବା ମିଳିତ ବିରୋଧୀ ଦଳ ବୈଠକକୁ ମଧ୍ୟ ବିଏସ୍‌ପିକୁ ଡକାଯାଇ ନ ଥିଲା। ଏହା ସେମାନଙ୍କ ଜାତିଆଣ ମନୋଭାବକୁ ସ୍ପଷ୍ଟ କରୁଛି ବୋଲି ମାୟାବତୀ କହିଛନ୍ତି। ତେଣୁ ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ଦଳ ନିଜସ୍ୱ ନିଷ୍ପତ୍ତି ନେବ ବୋଲି ମାୟାବତୀ ସ୍ପଷ୍ଟ କରିଛନ୍ତି।

ଦ୍ରୌପଦୀ ମୁର୍ମୁ ବିରୋଧୀ ଦଳଗୁଡ଼ିକର ସମର୍ଥନ ହାସଲ ଲାଗି ଉଦ୍ୟମ ଚଳାଇଛନ୍ତି। ଏହି କ୍ରମରେ ସେ ଶନିବାର ଜେଏମ୍‌ଏମ୍ ସୁପ୍ରିମୋ ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଫୋନ୍ କରି ତାଙ୍କ ସମର୍ଥନ ଲୋଡ଼ିଛନ୍ତି। ଜେଏମ୍‌ଏମ୍ ମୁଖ୍ୟତଃ ଏକ ଆଦିବାସୀ ଦଳ ହୋଇଥିବାବେଳେ ରାଷ୍ଟ୍ରପତି ନିର୍ବାଚନ ସମ୍ପର୍କରେ ଆଲୋଚନା ଲାଗି ଶନିବାର ଦଳୀୟ ଏମ୍‌ପି ଓ ବିଧାୟକମାନଙ୍କ ବୈଠକ ଡାକିଛି। ଶୁକ୍ରବାର ମୁର୍ମୁ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ଏନ୍‌ସିପି ଅଧକ୍ଷ ଶରଦ ପାୱାର, ଟିଏମ୍‌ସି ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଫୋନ୍ କରି ସେମାନଙ୍କ ଦଳର ସମର୍ଥନ ଲୋଡ଼ିଥିଲେ। ସେମାନେ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆମକୁ ଥରେ ସୁଯୋଗ ଦିଆଯାଉ: କେଜ୍‌ରିୱାଲ

ନୂଆଦିଲ୍ଲୀ,୨୫।୬


ତ୍ରିରଙ୍ଗା ଯାତ୍ରା ଅବସରରେ କୁଲୁଠାରେ ରୋଡ ଶୋ' କରୁଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱତ ମାନ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶନିବାର ହିମାଚଳ ପ୍ରଦେଶର କୁଲୁରେ ରୋଡ ଶୋ' କରିଛନ୍ତି। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି କେଜ୍‌ରିୱାଲ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରି ଦେଲେଣି। ଏହି ଅବସରରେ ସେ ଉପସ୍ଥିତ ଜନତାଙ୍କୁ କହିଥିଲେ ଏତେ ଟାଣ ଖରାରେ ବି ଆପଣମାନେ ଆସି ଥିବାରୁ ଧନ୍ୟବାଦ। ମୋ ସାନ ଭାଇ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱତ ମାନଙ୍କ ସ୍ୱରରେ ସ୍ୱର ମିଳାଇ କହୁଛି ଆମେ ରାଜନୀତି କରିବାକୁ ଆସିନୁ। ଆମେ ଆନ୍ନା ଆନ୍ଦୋଳନରୁ ବାହାରିଛୁ। ଆମେ ଶପଥ ନେଇଥିଲୁ କି ଆମେ ଦେଶରୁ ଭ୍ରଷ୍ଟାଚାର ହଟାଇବୁ। ଆମେ ଆମର ମନ୍ତ୍ରୀଙ୍କୁ ହିଁ ହଟାଇଛୁ। ଭଗୱନ୍ତ ମାନ ତାଙ୍କ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜେଲ ପଠାଇଛନ୍ତି। କାହାକୁ ଜଣା ନ ଥିଲା କ ଜିରୋ ଟଲରାନ୍ସ ଅଛି। ନା ନିଜକୁ ଛାଡନ୍ତି ନା ଅନ୍ୟକୁ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ କହିଛନ୍ତି ହିମାଚଳର ହଜାର କୋଟିର ବଜେଟ ରହିଛି। ହେଲେ ଏତେ ବର୍ଷ ହେଲା କିଛି ସ୍କୁଲ, କଲେଜ ଅବା ହସ୍ପିଟାଲ ତିଆରି ହୋଇ ନାହିଁ। ତେବେ ହଜାର କୋଟି ଗଲା କୁଆଡେ। ଏଠାକାର ଶାସନ ୫ ବର୍ଷ ଭାରତୀୟ ଜନତା ପାର୍ଟି(ଭାଜପା) ଆଉ ୫ ବର୍ଷ କଂଗ୍ରେସ ନିକଟରେ ଥିଲା। ହେଲେ ଦିଲ୍ଲୀରେ ଆମେ ସ୍କୁଲ ଗୁଡିକୁ ସୁନ୍ଦର କରି ଗଢିଛୁ। ଏବେ ଲୋକେ ପିଲାମାନଙ୍କୁ ସରକାରୀ ସ୍କୁଲରେ ପାଠ ପଢାଉଛନ୍ତି। ଯଦି ଆପଣମାନଙ୍କୁ ଲାଗୁଛି ଭାଜପା ଅବା କଂଗ୍ରେସ ଆପଣଙ୍କ ପିଲାମାନଙ୍କୁ ଭଲ ସ୍କୁଲ ଦେଇ ପାରିବେ ତେବେ ତାଙ୍କୁ ଆପଣମାନେ ଭୋଟ ଦିଅନ୍ତୁ। ଯଦି ଆପଣ ଦୁଇଟି ଯାକ ଦଳକୁ ଦେଖି ସାରିଛନ୍ତି ତେବେ ଆମକୁ ଥରେ ସୁଯୋଗ ଦିଅନ୍ତୁ ବୋଲି ଉପସ୍ଥିତ ଜନତାଙ୍କୁ କେଜ୍‌ରିୱାଲ କହିଥିଲେ।

# କଂଗ୍ରେସରେ ମତଭେଦ

## ଦ୍ରୌପଦୀଙ୍କୁ ସମର୍ଥନ ପ୍ରସଙ୍ଗ

### ସୁର କହିଲେ ସୋନିଆଙ୍କୁ ଚିଠି ଲେଖିବେ

ଭୁବନେଶ୍ୱର,୨୫।୬(ବ୍ୟୁରୋ)



ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ନ କରିବାକୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବାରମ୍ବାର କହୁଥିବା ବେଳେ ଦଳର ବରିଷ୍ଠ ବିଧାୟକ ସୁରେଶ ରାଉତରାୟ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଦ୍ରୌପଦୀଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରିବା ପାଇଁ ସୋନିଆ ଗାନ୍ଧୀଙ୍କ ପାଖରେ ପ୍ରସ୍ତାବ ରଖିବେ ବୋଲି ମଧ୍ୟ କହିଛନ୍ତି। ସୁରେଶଙ୍କ ଏଭଳି ମତକୁ ନେଇ ରାଜ୍ୟ କଂଗ୍ରେସରେ ମତଭେଦ ସୃଷ୍ଟି ହୋଇଛି। ମାଟିର ଝିଅ ଆଗ ନା ପାର୍ଟିର ନିର୍ଦ୍ଦେଶ। ଏମିତି ପ୍ରଶ୍ନରେ ଘାଣ୍ଟି ହେଉଛନ୍ତି କଂଗ୍ରେସ ନେତା। ଦ୍ରୌପଦୀଙ୍କୁ ନିର୍ଦ୍ୱନ୍ଦ୍ୱରେ ଜିତାଇବାକୁ ସୋନିଆଙ୍କୁ ସୁର ପ୍ରସ୍ତାବ ଦେବା ମନ୍ତବ୍ୟକୁ ବ୍ୟକ୍ତିଗତ ନିଷ୍ପତ୍ତି କହି ଦଳ ଏଡ଼ାଇ ଯାଇଛି। ପିସିସି ସଭାପତି କହିଛନ୍ତି ଯେ ଆମେ ଏକ ଜାତୀୟ ଦଳରେ ରହିଛୁ। ଦଳୀୟ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଯାହା ଆସିବ ଆମେ ତାହା ପାଳନ କରିବୁ। ରାଷ୍ଟ୍ରପତି ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ଏ ପ୍ରସଙ୍ଗକୁ ନେଇ କଂଗ୍ରେସ ରାଜନୀତି ସରଗରମ ହେବାରେ ଲାଗିଛି।

ଏନ୍‌ଡିଏ ପ୍ରାର୍ଥୀଙ୍କୁ କଂଗ୍ରେସ କେବେ ସମର୍ଥନ କରିବ ନାହିଁ ବୋଲି ପିସିସି ସଭାପତି ଓ କଂଗ୍ରେସ ବିଧାୟକ ଦଳ ନେତା ଯୁକ୍ତି ବାଢୁଛନ୍ତି। କିନ୍ତୁ ଏହାକୁ ନେଇ ଦଳର ନେତାଙ୍କ ମଧ୍ୟରେ ସହମତି ହୋଇପାରୁନାହିଁ। ସୁରେଶ ରାଉତରାୟଙ୍କ ଯୁକ୍ତି ହେଉଛି ଦ୍ରୌପଦୀ ନିର୍ଦ୍ୱନ୍ଦ୍ୱରେ ଜିତିବା ନିଶ୍ଚିତ। ତେଣୁ ଓଡ଼ିଆ ଝିଅକୁ ସର୍ବସହମତିରେ ଜିତାଇବା ପାଇଁ ସେ ସୋନିଆ ଗାନ୍ଧୀଙ୍କୁ ପ୍ରସ୍ତାବ ଦେବେ ବୋଲି କହିଛନ୍ତି। ତେବେ ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ ତାହା ସେ ଅକ୍ଷରେ ଅକ୍ଷରେ ପାଳନ କରିବେ ବୋଲି ମଧ୍ୟ କହିଛନ୍ତି। ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବିଧାନସଭାର ୧୪୭ ଜଣ ବିଧାୟକଙ୍କୁ ଦଳମତ ନିର୍ବିଶେଷରେ ଭୋଟ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ କରିଛନ୍ତି। ଏହାକୁ ଯଦି ଅନ୍ୟ ଦଳର ବିଧାୟକମାନେ ଗ୍ରହଣ କରନ୍ତି ତାହା ସ୍ୱାଗତଯୋଗ୍ୟ ବୋଲି ବିଜେଡି କହିଛି। ଅନ୍ୟପଟେ ପିସିସି ସଭାପତି କିନ୍ତୁ ସୁରଙ୍କ ମନ୍ତବ୍ୟକୁ ବ୍ୟକ୍ତିଗତ ବୟାନ କହି ଭାଜପାର ମାଟି ଓ ପାର୍ଟି ରାଜନୀତିକୁ କଡ଼ା ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ସୁରେଶ ରାଉତରାୟ ନିଜ ପୁତ୍ରର ରାଜନୈତିକ ଭବିଷ୍ୟତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ପ୍ରଭାବିତ ହୋଇଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ୨୯ରେ ଭାଜପା କାର୍ଯ୍ୟକାରିଣୀ

ଭୁବନେଶ୍ୱର,୨୫।୬(ବ୍ୟୁରୋ)

ଆସନ୍ତା ୨୯ ତାରିଖରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଫୁଲନଖରା, କୁରାଙ୍ଗସ୍ଥିତ 'ମୀରା କୋର୍ଟୟାର୍ଡ'ଠାରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ୨୮ତାରିଖ ଅପରାହ୍ନରେ ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀମାନଙ୍କର ବୈଠକ ଅନୁଷ୍ଠିତ ହେବ। ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକାରିଣୀ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ସହ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସମସ୍ତ ଏମପି ଓ ବିଧାୟକ, ରାଷ୍ଟ୍ରୀୟ ପଦାଧିକାରୀ, ରାଜ୍ୟ ପଦାଧିକାରୀ ପ୍ରମୁଖ ଯୋଗ ଦେବେ।

**P.G./U.G. ADMISSION (2022-23)**
**(SELF FINANCE)**
**PRANANATH COLLEGE (AUTONOMOUS), KHORDHA**

After remarkable performances by previous batches not just in terms of academic pursuits and placement drives but also across seminars, workshops, internships, industry visit etc. our institute is pleased to announce that Admission are open through SAMS for upcoming Academic Session 2022-23 in following courses.

1. M.A. in PM & IR
2. M.Sc. in Computer Science
3. M.Sc. in Applied Geology
4. M.A. in Education
5. M. Com
6. BBA (Admission through College Admission Committee)

Teachers of superior caliber with Ph.D/NET qualification and highly experienced guest faculties have been continuing to nurture these academic programmes. Candidates with high aspiration are invited to apply.
Further details are available on **www.pnautonomouscollege.in**.
Sd./- Principal
Prananath College (Autonomous), Khordha

# 'ଗଣତନ୍ତ୍ର ସୁରକ୍ଷା ପାଇଁ ସତ୍ୟାଗ୍ରହୀଙ୍କ ବଳିଦାନ ଅବିସ୍ମରଣୀୟ'

## ଭାଜପା ରାଜ୍ୟ କାର୍ଯ୍ୟାଳୟରେ କଳାଦିବସ ପାଳିତ

ଭୁବନେଶ୍ୱର,୨୫।୬(ବ୍ୟୁରୋ)


ସମୀର ମହାନ୍ତି

କେବଳ ଶାସନ କ୍ଷମତା ଏବଂ ପଦବୀ ଲୋଭରେ କୋଟି କୋଟି ଲୋକଙ୍କ ସାମ୍ବିଧାନିକ ଅଧିକାରକୁ କଂଗ୍ରେସ ଦଳ ଜଳାଞ୍ଜଳି ଦେଇଆସିଛି। ସମ୍ବିଧାନରେ ଦିଆଯାଇଥିବା ବ୍ୟକ୍ତିର ସ୍ୱାଧୀନତା, ଗଣମାଧ୍ୟମର ସ୍ୱତନ୍ତ୍ରତା, ନ୍ୟାୟପାଳିକାର ସ୍ୱତନ୍ତ୍ରତାକୁ ମଧ୍ୟ ହତ୍ୟା କରିବାକୁ ପଛାଇ ନାହିଁ। ୧୯୭୫ ଜୁନ୍ ୨୫ ତାରିଖ ମଧ୍ୟରାତ୍ରରେ ସମ୍ବିଧାନକୁ ହତ୍ୟା କରିବା ସହ ଗଣତନ୍ତ୍ରର କଣ୍ଠରୋଧ କରି କଂଗ୍ରେସ ଦଳ ଆମ ଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲା। ୪୭ ବର୍ଷ ପୂର୍ବେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଅତ୍ୟାଚାର ବିରୋଧରେ ଯିଏ ସ୍ୱର ଉଠାଇଥିଲେ ସେମାନଙ୍କ ବିରୋଧରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ମିଥ୍ୟା ଏତଲା ଦାଏର କରାଯାଇ ଗିରଫ କରାଯାଇଥିଲା। ଦୀର୍ଘ ୨୧ ମାସ ଧରି ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି ରହିଥିଲା। ଜୋର ଜବରଦସ୍ତି ବିରୋଧୀ ରାଜନୈତିକ ଦଳର ନେତା, ସତ୍ୟାଗ୍ରହୀ, ବୁଦ୍ଧିଜୀବୀ ଏବଂ ସାମ୍ବାଦିକମାନଙ୍କୁ କାରାଗାରକୁ ପଠାଇ ଦିଆଯାଇଥିଲା। ଗଣତନ୍ତ୍ରର ହତ୍ୟା କରିବାକୁ ଯାଇ ଆଇନକୁ ହତ୍ୟା କରି ସୁପ୍ରିମକୋର୍ଟର କନିଷ୍ଠ ବିଚାରପତିଙ୍କୁ ମୁଖ୍ୟ ବିଚାରପତି କରାଯାଇଥିଲା। ସେହି ଦିନଠାରୁ ଭାରତୀୟ ଗଣତନ୍ତ୍ରରେ ଏହି ଦିବସକୁ କଳା ଦିବସର ଆଖ୍ୟା ଦିଆଯାଇଛି। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଅଗଣିତ ସତ୍ୟାଗ୍ରହୀଙ୍କ ବଳିଦାନ ଅବିସ୍ମରଣୀୟ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଜରୁରିକାଳୀନ ପରିସ୍ଥିତିରେ ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ଦେଶର ବହୁ ବ୍ୟକ୍ତି ନିଜ ସ୍ୱାଧୀନତାକୁ ଜଳାଞ୍ଜଳି ଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ, ଡ. ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ନବକୃଷ୍ଣ ଚୌଧୁରୀ, ଲାଲକୃଷ୍ଣ ଆଡଭାନୀ, ମୋରାରଜୀ ଦେଶାଇ, ରବି ରାୟଙ୍କ ସମେତ ବହୁ ସଂଖ୍ୟାରେ ନାଗରିକ ଗଣତନ୍ତ୍ର ଓ ସମ୍ବିଧାନର ସଂରକ୍ଷଣ ପାଇଁ ନିଜ ତରଫରୁ ଯୋଗ ଦେଇଥିଲେ। ଓଡ଼ିଶାର ଥିବା ୧୨୦୦ରୁ ଊର୍ଦ୍ଧ୍ୱ ସତ୍ୟାଗ୍ରହୀ ଏବଂ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ର, ଯୁବ ଏବଂ ରାଜନେତାଙ୍କୁ ଗିରଫ କରାଯାଇଥିଲା। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ରାଜ୍ୟର ଅଗଣିତ ସତ୍ୟାଗ୍ରହୀଙ୍କ ବଳିଦାନ ଓ ଯୋଗଦାନ ଅବିସ୍ମରଣୀୟ। ତେଣୁ ସେହି ମହାନ୍ ବ୍ୟକ୍ତିଙ୍କୁ ଭାଜପା କାର୍ଯ୍ୟକର୍ତ୍ତାଙ୍କ ତରଫରୁ ଧନ୍ୟବାଦ ଦେବା ସହ ସେମାନଙ୍କ ବଳିଦାନକୁ ସମ୍ମାନିତ କରାଯାଇଛି।

ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ବୁଦ୍ଧିଜୀବୀ ପ୍ରକୋଷ୍ଠ ପକ୍ଷରୁ ଗଣତନ୍ତ୍ରର ସୁରକ୍ଷା ଦିବସ ପାଳନ କରାଯିବା ସହିତ ଜରୁରିକାଳୀନ ପରିସ୍ଥିତିରେ କାରାବରଣ କରିଥିବା ସଂଗ୍ରାମୀ ବନ୍ଧୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ବଳଭଦ୍ର ମାଝି, ବୁଦ୍ଧିଜୀବୀ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ସଜ୍ଜନ ଶର୍ମା ଓ ଭୁବନାନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**LOWER SUKTEL R.R.C&B DIVISION, BOLANGIR**
e-mail id- lsrrcbdbgr@gmail.com

**'e' Procurement Notice**

**Bid identification NO.-LSRRC&BD-BGR-05/2022-23**

**No.A-343:** The Superintending Engineer, Lower Suktel RRC&B Division, Bolangir on behalf of the Governor of Odisha invites online percentage rate tender to be received in online mode only for the work as detailed below.

| WORK-1 | | |
|---|---|---|
| 1 | Name of the Work | Construction of Sub-Base formation for main road and branch road including cross drainage works (Box Culverts) in RR Colony of LSIP, Balangir at Uchhabahal. |
| 2 | Estimated Cost | : Rs.47,37,595.00 |
| 3 | Cost of Tender Paper | : Rs. 6,000.00 |
| 4 | Class of Contractor | : 'B' and 'A' Class |
| 5 | Period Of Completion | : 4 (Four) Months |
| 6 | Date and Time of Bid availability in The Portal | : From Dt. 27.06.2022 at 10:00 AM. To Dt.11.07.2022 up to 5:00 PM. |
| 7 | Last date and time of receipt of Bid in the Portal | : Dt. 11.07.2022 up to 5:00 PM. |
| 8 | Date and time of opening of Bid in the portal | :Dt. 12.07.2022 at 11:00 AM |
| 9 | Name and address of the officer inviting the Bid | : Superintending Engineer, Lower Suktel R.R.C & B Division, Bolangir, At-Laltikra, P.O-R.College, Dist-Bolangir 767002. |
| 10 | Any corrigendum / Addendum will be displayed in the Govt. website only. | |
| 11 | Further details can be seen from the e-procurement portal- **www.tendersodisha.gov.in** | |

Sd./-SUPERINTENDING ENGINEER
LOWER SUKTEL R.R.C&B DIVISION, BOLANGIR
OIPR-32182/11/0008/2223

**ନିୟନ୍ତ୍ରିତ ବଜାର କମିଟି, କୋରାପୁଟ କାର୍ଯ୍ୟାଳୟ**
**ଜିଲ୍ଲାପାଳ, କୋରାପୁଟଙ୍କ କାର୍ଯ୍ୟାଳୟ ପରିସର**
ଦୂରଭାଷ- ୦୬୮୫୨-୨୫୨୦୦୭

**ବିଜ୍ଞାପନ**

**ବିଜ୍ଞାପନ ସଂଖ୍ୟା ୩୧୧/୨୦୨୨** ତା୨୪।୦୬।୨୦୨୨ରିଖ

ଏତଦ୍ୱାରା କୋରାପୁଟ ରାଜସ୍ୱ ଉପଖଣ୍ଡର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କୋରାପୁଟ ନିୟନ୍ତ୍ରିତ ବଜାର କମିଟିଙ୍କ ଅଧୀନରେ ଥିବା ସେମିଳିଗୁଡ଼ା ବଜାର ପ୍ରାଙ୍ଗଣରେ ୬୬ଟି ଦୋକାନଗୃହ ଓ ଚାରିଗୋଟି ଗୋଦାମ ଗୃହ ମାସିକ ଭଡ଼ା ସୂତ୍ରରେ କୋରାପୁଟ ରାଜସ୍ୱ ଉପଖଣ୍ଡର ସର୍ବସାଧାରଣଙ୍କ ଆବଣ୍ଟନ ନିମନ୍ତେ ନିୟନ୍ତ୍ରିତ ବଜାର କମିଟି, କୋରାପୁଟଙ୍କ ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆଗ୍ରହୀ ବ୍ୟକ୍ତିବିଶେଷ ତା୨୭।୦୬।୨୦୨୨ରିଖ ପୂର୍ବାହ୍ନ ୧୦ ଘଟିକାଠାରୁ ତା୦୮।୦୭।୨୦୨୨ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ନିୟନ୍ତ୍ରିତ ବଜାର କମିଟି କୋରାପୁଟଙ୍କ କାର୍ଯ୍ୟାଳୟରେ ଟ୫୦୦.୦୦ (ପାଞ୍ଚଶହ ଟଙ୍କା) ମାତ୍ର ଦାଖଲ କରି ଦରଖାସ୍ତ ଫର୍ମ ପାଇପାରିବେ । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ତା୦୮।୦୭।୨୦୨୨ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ। ପ୍ରାପ୍ତ ଦରଖାସ୍ତଗୁଡିକ ତା୧୧।୦୭।୨୦୨୨ରିଖ ସୋମବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଉପଜିଲ୍ଲାପାଳ, କୋରାପୁଟଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀମାନଙ୍କ ଉପସ୍ଥିତିରେ ଖୋଲାଯିବ ଓ ମନୋନୀତ ହୋଇ ନ ଥିବା ଆବେଦନକାରୀମାନଙ୍କର ଅମାନତ ଟଙ୍କା ଫେରସ୍ତ କରିଦିଆଯିବ । ପୁନଶ୍ଚ ଜଣାଇ ଦିଆଯାଉଅଛି ଯେ, ମାଛ, ମାଂସ (ଛେଳି ଓ କୁକୁଡ଼ା), ଶୁଖୁଆ ବ୍ୟବସାୟ କରିବା ପାଇଁ ଅନୁମତି ଦିଆଯିବ ନାହିଁ।

| କ୍ର. ନଂ. | ଜାଗା ବା ସ୍ଥାନର ନାମ | ବିଷୟର ବିବରଣୀ | ଅମାନତ ବାବଦକୁ ଡିପୋଜିଟ |
|---|---|---|---|
| ୧ | ସେମିଳିଗୁଡ଼ା ବଜାର ପ୍ରାଙ୍ଗଣ | ତଳ ଦୋକାନ ଗୃହ | ଟ୫୦,୦୦୦/– (ପଚାଶ ହଜାର ଟଙ୍କା) |
| ୨ | ସେମିଳିଗୁଡ଼ା ବଜାର ପ୍ରାଙ୍ଗଣ | ଉପର ଦୋକାନ ଗୃହ | ଟ୩୦,୦୦୦/– (ତିରିଶ ହଜାର ଟଙ୍କା) |
| ୩ | ସେମିଳିଗୁଡ଼ା ବଜାର ପ୍ରାଙ୍ଗଣ | ଗୋଦାମ ଗୃହ | ଟ୨,୦୦,୦୦୦/– (ଦୁଇ ଲକ୍ଷ ଟଙ୍କା) |

ପ୍ରକାଶ ଥାଉକି, ଅଧକ୍ଷ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ ତାଙ୍କର କ୍ଷମତା ବଳରେ କୌଣସି କାରଣ ନ ଦର୍ଶାଇ ଯେ କୌଣସି ସମୟରେ ବଣ୍ଟନ ବ୍ୟବସ୍ଥାକୁ ବାତିଲ କରିପାରିବେ ।

ସ୍ୱା./- ଅଧକ୍ଷ
ନିୟନ୍ତ୍ରିତ ବଜାର କମିଟି, କୋରାପୁଟ

**Government of Odisha**
**Higher Education Department**

**Dateline for Common PG Entrance Test (CPET - 2022) & P.G. e-Admission for the Session 2022-23 for State Public Universities and Colleges**

No. N-11: Dateline for Common PG e-Admission for the Session 2022-23 & Entrance Test (CPET - 2022) for State Public Universities and Colleges with PG Courses under project 'Student Academic Management System (SAMS)' is given below. Any change in the dateline will be published in the Newspapers as well as in the website **www.samsodisha.gov.in**. Common Prospectus (CP) for CPET - 2022 will be available in the said website. Kindly refer the CP before filling up the CAF.

| SL # | Activites | Timeline |
|---|---|---|
| 1 | Availability of Online Common Application Form (CAF) in the website **www.samsodisha.gov.in** | 27 June 2022 |
| 2 | Last date of applying Online CAF through **www.samsodisha.gov.in** | 12 July 2022 |
| 3 | Opening of correction Window for editing the CAF, which is already submitted before (No fresh CAF will be entertained) | 13 July 2022 & 14 July 2022 |
| 4 | Available of Hall Ticket in existing Student login (applicant's e-Space) for downloading | 20 July 2022 (2.00 P.M.) |
| 5 | Commencement of Entrance Examination (CPET - 2022) | 01 Aug. 2022 to 13 Aug. 2022 (Except 07th Aug., 09th Aug. & 11th Aug.) |
| 6 | Handing over the entrance marks to OCAC by the Entrance Examination Conducting University by | 22 Aug. 2022 |
| 7 | Updation of Graduation/Equivalent marks by the applicant | From 12 Aug. 2022 to 20 Aug. 2022 (5.00 P.M.) |
| 8 | Publication of subject-wise and State-wide merit list | 25 August 2022 (2.00 P.M.) |
| 9 | Choice filling by eligible applicants | 25 Aug. 2022 to 30 Aug. 2022 |
| 10 | Provisional allotment of Seats (First Round) | 05 Sept. 2022 (4.00 P.M.) |
| 11 | Reporting at allotted Institutions, admission and data updation in the University/College e-Space (First Round) | 06 Sept. 2022 & 07 Sept. 2022 (5.00 P.M.) |
| 12 | Updation of Slide-Up Option Form online by the Students taken admission in First Round of Selection | 08 Sept. 2022 (3.00 P.M.) |
| 13 | Data updation in the e-Space of the Students, admitted from the First Round Merit List by the respective Institutions | 08 Sept. 2022 (7.00 P.M.) |
| 14 | Publication of Provisional Allotment of Seats (Second Round) | 13 Sept. 2022 (12.00 Noon) |
| 15 | Reporting at allotted institutions, admission and data updation in the university/college e-Space (Second Round) | 14 Sept. 2022 & 15 Sept. 2022 (5.00 P.M.) |
| 16 | Data updation in the e-Space of the Students, admitted from the Second Round Merit List by the respective Institutions | 16 Sept. 2022 (5.00 P.M.) |
| 17 | Publication of Provisional Vacant Seats in SAMS website | 20 Sept. 2022 |
| 18 | Publication of Spot Merit List | 23 Sept. 2022 |
| 19 | Reporting of the candidates for Spot Selection at the Institutions | 24 Sept. 2022 & 26 Sept. 2022 (5.00 P.M.) |
| 20 | Updation of the selected candidate's name by the Institutions out of the reported candidates for the Spot Selection | 27 Sept. 2022 (5.00 P.M.) |
| 21 | Publication of Final selected Spot Merit List for admission | 28 Sept. 2022 (12.00 Noon) |
| 22 | Admission and Data updation of the Candidates, reported from the Spot Merit List | 29 Sept. 2022 & 30 Sept. 2022 |
| 23 | Collection of Admission Fees at the respective HEIs (After completion of e-Admission Process for the Session 2022-23) | Dates will be notifed by the Higher Education Department Later |

**For more details please Contact: e-Admission Helpline (Toll Free) Number 155335 / 1800-345-6770**

**N.B.:** Candidates, whose final U.G. results are awaited (not published), can also apply online in the Common Application Form (CAF) to appear CPET - 2022. But, they must upload their marks prior to preparation of "Subject wise and State wide provisional rank" within the dateline, failing which, their applications will not be considered.

**OIPR-11001/11/0010/2223** Sd./- Deputy Director, PTC Section

## ସଂକ୍ଷେପରେ

### ୨୬ ମୋବାଇଲ, ୪୧ ହଜାର ଟଙ୍କା ଜବତ: ୩ ଗିରଫ

ବିରିଡ଼ି, ୨୫।୬(ଡି.ଏନ୍.ଏ.): ବିରିଡ଼ି ଥାନା ଅନ୍ତର୍ଗତ ଅଣଖିଆ ବଜାରର ଏକ ମୋବାଇଲ ଦୋକାନରୁ ଗତ ୧୭ ତାରିଖରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ମୋବାଇଲ ସେଟ୍ ଘରର ସ୍କାଏଲାଇଟ ଭାଙ୍ଗି ଚୋରିକରି ନେଇଥିଲେ। ପୋଲିସ ଏହାର ତଦନ୍ତ କରି ଚୋରି ହୋଇଥିବା ୨୬ଟି ବିଭିନ୍ନ ମଡେଲର ମୋବାଇଲ, ସାମଗ୍ରୀ, ଗୋଟିଏ ସିପିପ୍ଲସ କ୍ୟାମେରା, ଡିଭିଆର ମେଶିନ ଓ ମନିଟର ସହ ନଗଦ ୪୧ ହଜାର ୯ଶହ ଟଙ୍କା ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ବିରିଡି ଥାନା ଅନ୍ତର୍ଗତ ଗୋପୀନାଥପୁର ଗାଁର ମିହିର କୁମାର ସାହୁ(୨୪) ଓରଫ ଲିପୁ, ଅଢଙ୍ଗଗଡ଼ ଗାଁର ମହେଶ୍ୱତା ଜେନା (୪୦) ଓରଫ କୁନି, ଲୋକନାଥ ଜେନା (୪୫)ଙ୍କୁ ପୋଲିସ ଗିରଫ କରିଛି। ଚୋରି ଘଟଣାରେ ଜଣେ ନାବାଳକଙ୍କ ସମ୍ପୃକ୍ତି ରହିଛି। ଏ ନେଇ ଥାନାରେ ନଂ.୧୨୦/୨୨ରେ ମାମଲା ରୁଜୁ ହୋଇଥିଲା। ଘଟଣାରୁ ପ୍ରକାଶ, ଦୋକାନ ମାଲିକ ନିତ୍ୟାନନ୍ଦ ନାୟକ ଘରକୁ ଚାଲିଯିବା ପରେ ବିଳମ୍ବିତ ରାତିରେ ଘର ସାଇଡ ପଟେ ଥିବା ସ୍କାଏ ଲାଇଟ ଭାଙ୍ଗି ନାବାଳକ ଜଣକ ଦୋକାନ ଭିତରକୁ ପ୍ରବେଶ କରିଥିଲେ। ପରେ ବିଭିନ୍ନ ନାମୀଦାମୀ ମୋବାଇଲ ବାହାରେ ଅପେକ୍ଷା କରିଥିବା ୩ ଅଭିଯୁକ୍ତଙ୍କୁ ଦେଇଥିଲେ। ଦୋକାନରୁ ବାହାରି ଆସିବା ପରେ ସ୍କାଏ ଲାଇଟ ପଟେ ନିଆଁ ଧରି ଭିତରକୁ ଫିଙ୍ଗିବାରୁ ଶୋ'କେସ୍ ସହ ଦରକାରୀ କାଗଜପତ୍ର ଜଳିଯାଇଥିଲା। ଚୋରି ମୋବାଇଲ ସହ ଅନ୍ୟ ସିଜ୍ ସାମଗ୍ରୀକୁ ଅଭିଯୁକ୍ତମାନେ ସିମ୍‌ରେ ପକାଇ ବ୍ୟବହାର କରିବା ପରେ ମୋବାଇଲ ଟ୍ରାକର ଦ୍ୱାରା ତାଙ୍କ ପରିଚୟ ମିଳିଥିଲା। ଅଭିଯୁକ୍ତମାନେ ଚୋରି କରିଥିବା ସ୍ୱୀକାର କରିବା ପରେ ସେମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ଧର୍ମଶାଳା,୨୫।୬(ଡି.ଏନ୍.ଏ.): ଜେନାପୁର ଥାନା ମାଳହାଟ ନିକଟରେ ଶନିବାର ୨ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଏବଂ ଆହତଙ୍କ ପରିଚୟ ମିଳିପାରିନାହିଁ। ଗୁରୁତର ଅବସ୍ଥାରେ ଦୁଇ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଭାବେ ଆହତ ହୋଇଥିବା ଅନ୍ୟଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ବୈଷୟିକ ସହାୟତା ପାଇଁ କଟକ ଗଲେ ଆଇଓ

**ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ ଆକାଉଣ୍ଟରୁ ୪୬ ଲକ୍ଷ ହଡପ୍ ମାମଲା**

- ଚେକ୍ ଲଗାଇଥିବା ଯୁବକମାନେ ଓଡ଼ିଆରେ କଥା ହେଉଥିଲେ
- ଚାଲି ଚାଲି ୩ ଜଣ ବ୍ୟାଙ୍କ ପର୍ଯ୍ୟନ୍ତ ଯାଇଥିଲେ
- ର୍‍ୟାକେଟ୍ ଓଡ଼ିଶାରେ ସକ୍ରିୟ ଥିବା ସନ୍ଦେହ

ଜଗତ୍‌ସିଂହପୁର ଅଫିସ, ୨୫।୬

ଜଗତ୍‌ସିଂହପୁର ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ ଆକାଉଣ୍ଟରୁ ୪୬,୧୨,୯୦୦ ଟଙ୍କା ଗାଏବ ମାମଲା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଜାଲ୍ ଚେକ୍ ବଳରେ ବ୍ୟାଙ୍କ୍ ଅଫ୍ ବରୋଦା ଜଗତ୍‌ସିଂହପୁର ଶାଖାରୁ ଗତ ୧୭ ତାରିଖରେ କୋଲ୍‌କାତାସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କକୁ ଆର୍‌ଟିଜିଏସ୍‌ରେ ଏହି ଟଙ୍କା ଟ୍ରାନ୍ସଫର ହୋଇଥିଲା। ଏହାର ଗୋଟିଏ ଦିନ ଭିତରେ ସବୁ ଟଙ୍କା ଉଠିଯାଇଥିଲା। କିନ୍ତୁ ଗତ ୨୨ ତାରିଖରେ ଶାଖା ପକ୍ଷରୁ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ହେଲାପରେ ପୋଲିସ ନଂ. ୪୦୫/୨୨ରେ ମାମଲା ରୁଜୁ ସହ ତଦନ୍ତ ଚଳାଇଛି। ପ୍ରାଥମିକ ପର୍ଯ୍ୟାୟରେ ପୋଲିସ ବ୍ୟାଙ୍କ୍ ଅଫ୍ ବରୋଦା ଜଗତ୍‌ସିଂହପୁର ଶାଖାର ସିସିଟିଭି ଫୁଟେଜ୍ ଯାଞ୍ଚ କରି କିଛି ତଥ୍ୟ ପାଇଥିଲା, ଯେଉଁଥିରେ ଚେକ୍ ଲଗାଇବାକୁ ବ୍ୟାଙ୍କ ଯାଇଥିବା ଯୁବକମାନଙ୍କ ଛବି ଦେଖିଥିଲା। ୩ ଜଣ ଯୁବକ ଯେଉଁମାନଙ୍କ ବୟସ ୩୦ରୁ ୩୫ ବର୍ଷ ଭିତରେ ହେବ ସେମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ପଟୁ ଜଗତ୍‌ସିଂହପୁର-ବାଲିକୁଦା ମୁଖ୍ୟରାସ୍ତାରେ ଚାଲି ଚାଲି ଯାଇଥିଲେ। ଜଣ ଜଣ କରି ୨ ଜଣ ବ୍ୟାଙ୍କ ଭିତରକୁ ପ୍ରବେଶ କରିଥିଲେ। ଅନ୍ୟ ଜଣକ କିନ୍ତୁ ବାହାରେ ଅପେକ୍ଷା କରି ରହିଥିଲେ। ସେତେବେଳେ ସମୟ ପାଖାପାଖି ପୂର୍ବାହ୍ନ ୧୦ଟା ୧୫ରୁ ୧୦ଟା ୪୫ ମିନିଟ୍ ଭିତରେ ହେବ। ବ୍ୟାଙ୍କ କର୍ମଚାରୀଙ୍କୁ ପଚାରିବାରୁ ଉଭୟ ଓଡ଼ିଆ କି ଅଣଓଡ଼ିଆ ଜଣା ନ ଥିଲେ ସୁଦ୍ଧା ସେମାନେ ଓଡ଼ିଆରେ କଥା ହେଉଥିବା ସୂଚନା ଦେଇଥିଲେ। କିନ୍ତୁ ଚେକ୍ ଲଗାଇବାକୁ ଯାଇଥିବା ଯୁବକଦ୍ୱୟ ଅସ୍ପଷ୍ଟ କି ସ୍ପଷ୍ଟ ଓଡ଼ିଆ କହୁଥିଲେ ସେ କଥା ମନେ ପକାଇ ପାରି ନ ଥିଲେ। ତେବେ ସାଙ୍ଗରେ ପୂରଣ ହୋଇଥିବା ଆର୍‌ଟିଜିଏସ୍ ଫର୍ମ ନେଇଯାଇଥିବା କଥା ବ୍ୟାଙ୍କ କର୍ମଚାରୀ କହିଥିଲେ। ଏହା ବାଦ୍ ବ୍ୟାଙ୍କରୁ ଆଉ କିଛି ତଥ୍ୟ ଜଣାପଡ଼ି ନ ଥିଲା। ତେଣୁ ପୋଲିସ ଯୁବକମାନଙ୍କ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ ପାଇଁ ଚେଷ୍ଟା ଜାରି ରଖିଛି। ସେମାନେ ଓଡ଼ିଆ କି ଅଣଓଡ଼ିଆ ତାହା ଜାଣିବାକୁ ପ୍ରାଥମିକତା ଦେଉଛି। ଯଦି ଓଡ଼ିଆ ହୋଇଥିବେ ତେବେ ସେମାନଙ୍କ ନାଁ, ଠିକଣା ଦରକାର। ଅଣଓଡ଼ିଆ ହୋଇଥିଲେ ଓଡ଼ିଶାରେ ରହୁଥିବା ସନ୍ଦେହ କରାଯାଉଛି। କାରଣ ସେମାନେ ଓଡ଼ିଆ ଭାଷାରେ କଥା ହେଉଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏସବୁ ଦୃଷ୍ଟିରୁ ସେମାନେ କେଉଁଠି ରହୁଛନ୍ତି ତାହା ପୋଲିସ ପାଇଁ ଜାଣିବା ଜରୁରୀ ହୋଇପଡ଼ିଛି। ଚେକ୍ ଲଗାଇବା ଦିନ ଯୁବକମାନେ କେଉଁଥିରେ କୁଆଡ଼େ ଯାଇଥିଲେ ତା'ର ସିସିଟିଭି ଫୁଟେଜ୍ ପୋଲିସ ଖୋଜୁଛି। ଯେହେତୁ ନିକଟରେ ଓଡ଼ିଶାର ଏକାଧିକ ସ୍ଥାନରେ ଅନୁରୂପ ଘଟଣା ଘଟିଗଲାଣି ତେଣୁ ଆମ ରାଜ୍ୟରେ ର୍‍ୟାକେଟ୍ ସକ୍ରିୟ ଥିବା ସହଜେ ଅନୁମେୟ। ଏପରି କି ଜଗତ୍‌ସିଂହପୁର ଜିଲାର ଲୋକ ଏଥିରେ ସାମିଲ ଥିବା ସନ୍ଦେହ କରାଯାଉଛି। କାରଣ ୩ ଯୁବକ ଚାଲି ଚାଲି ବ୍ୟାଙ୍କକୁ ନିଧଡ଼କରେ ଯିବା ଏବଂ ବ୍ୟାଙ୍କରେ ଏତେ ସମୟ ରହିବା ସହଜ କଥା ନୁହେଁ। ଏତେ ଟଙ୍କା ଟ୍ରାନ୍ସଫର କରୁଥିବାରୁ ସେମାନଙ୍କ ଆଚରଣ ସନ୍ଦେହଜନକ ହୋଇଥିଲେ ବ୍ୟାଙ୍କ କର୍ମଚାରୀ ହୁଏତ କିଛିଟା ଅଭାସ ପାଇପାରିଥାନ୍ତେ। କିନ୍ତୁ ସେଭଳି କିଛି ହୋଇ ନ ଥିଲା। ହେଲେ ସେମାନଙ୍କ ସହ ଅନ୍ୟ କେତେଜଣ ଯୋଜନାବଦ୍ଧ ଭାବେ କାର୍‌ରେ ଆସି କିଛି ଦୂରରେ ଅଟକି ରହିଥିବା କଥା ମଧ୍ୟ ତଦନ୍ତ ପରିସରକୁ ଆସୁଛି। ତେବେ ଏସବୁ ସନ୍ଦେହ ଭିତରେ ପୋଲିସକୁ ବୈଷୟିକ ଜ୍ଞାନର ଅଧିକ ଆବଶ୍ୟକତା ପଡିଛି। ଯେହେତୁ କଟକ ନୂଆବଜାରର ଏକ ବ୍ୟାଙ୍କ ଶାଖାରୁ ଅନୁରୂପ ଭାବେ ଟଙ୍କା ଠକେଇ ହୋଇଥିଲା ଏବଂ ତଦନ୍ତ ଦାୟିତ୍ୱ ସାଇବର ଥାନା ନେଇଛି। ତେଣୁ ବୈଷୟିକ ସହାୟତା ପାଇଁ ତଦନ୍ତକାରୀ ଅଧିକାରୀ ତଥା ଏସ୍‌ଆଇ ରାଜେନ୍ଦ୍ର କୁମାର ଭୋଳ କଟକରେ ପହଞ୍ଚିଛନ୍ତି। ସେ ତଦନ୍ତ କେଉଁ ଦିଗରେ ଚାଲିଛି ଓ କି ପ୍ରକାର ବୈଷୟିକ ଜ୍ଞାନକୌଶଳ ବିନିଯୋଗ ହେଉଛି ତା' ଉପରେ ଅଧିକ ଜାଣିବାକୁ ଚେଷ୍ଟା କରୁଥିବା ଜଗତ୍‌ସିଂହପୁର ଥାନା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି।

ବ୍ୟାଙ୍କ୍ ଅଫ୍ ବରୋଦା ଜଗତ୍‌ସିଂହପୁର ଶାଖାରେ ଜଗତ୍‌ସିଂହପୁର ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ ନାମରେ ଏକ ଆକାଉଣ୍ଟ ରହିଛି। ସେ ୧୩।୪।୨୨ରେ ଏକ ଚେକ୍ ବହି (ନଂ.୧୧୬ରୁ ୧୩୦) ନେଇଥିଲେ। କିନ୍ତୁ ୧୭।୬।୨୨ରେ ଉପରୋକ୍ତ ଚେକ୍ ମଧ୍ୟରୁ ୧୧୯ ନମ୍ବରର ଅବିକଳ ନକଲ ବ୍ୟବହାର ହୋଇଥିଲା। ଆର୍‌ଟିଜିଏସ୍ ବଳରେ ରୁମା ଟେଲିକମ୍ ନାମରେ କୋଲ୍‌କାତାସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ଏକ ଆକାଉଣ୍ଟକୁ ୪୬,୧୨,୯୦୦ ଟଙ୍କା ଯିବା ପାଇଁ ଚେକ୍ ଲାଗିଥିଲା। ଯେହେତୁ ଏତେ ଟଙ୍କା, ତେଣୁ ବ୍ୟାଙ୍କ ପକ୍ଷରୁ ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ ମୋବାଇଲକୁ କଲ୍ କରାଯାଇଥିଲେ ସୁଦ୍ଧା ସଂଯୋଗ ହୋଇ ନ ଥିଲା। ତା'ର ୧୦ ମିନିଟ୍ ପରେ ସେହି ନମ୍ବରରୁ ବ୍ୟାଙ୍କକୁ କଲ୍ ଆସିବା ସହ ଟଙ୍କା ଉଠାଇବାକୁ ଚାହୁଁଥିବା କୁହାଯାଇଥିଲା। ଚେକ୍‌ଟି ଅସଲି ଥିବା ବ୍ୟାଙ୍କ ପକ୍ଷରୁ ଜଣାପଡ଼ିବାରୁ ଟଙ୍କା ଟ୍ରାନ୍ସଫର କରିଦିଆଯାଇଥିଲା। ଏହାର ୧୫ ମିନିଟ୍ ପରେ ପ୍ରଥମେ ୯ ଓ ପରେ ୧୨ ଲକ୍ଷ ଟଙ୍କା କୋଲ୍‌କାତାସ୍ଥିତ ଆଇସିଆଇସିଆଇର ଏକ ଆକାଉଣ୍ଟକୁ ଚାଲିଯାଇଥିଲା। ୧୮ ତାରିଖରେ ୨୪ ଲକ୍ଷ ଓ ପର୍ଯ୍ୟାୟକ୍ରମେ ସମସ୍ତ ଟଙ୍କା ଉଠାଣ କରାଯାଇଥିଲା। କିନ୍ତୁ ଗତ ୨୧ ତାରିଖରେ ବ୍ୟାଙ୍କ ପକ୍ଷରୁ ଜଗତ୍‌ସିଂହପୁର ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କୁ ପଚରାଯିବାରୁ ସେ ଚେକ୍ ଲଗାଇନାହାନ୍ତି। ଏହା ତାଙ୍କ ପାଖରେ ସୁରକ୍ଷିତ ଥିବା କହିଥିଲେ। ତା' ପରେ ବ୍ୟାଙ୍କ ପକ୍ଷରୁ ଗତ ୨୨ ତାରିଖରେ ଏବଂ ୨୪ରେ ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କ ପକ୍ଷରୁ ପୃଥକ୍ ଭାବେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ହୋଇଛି।

## ସଂଗ୍ରାମପୁର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

**ବୈଠକ କରି ନ ପାରି ଫେରିଲେ ଏସ୍‌ଏଚ୍‌ଜି ମହିଳା**

ବାଲିକୁଦା,୨୫।୬(ସ୍ୱ.ପ୍ର.)


ଥାନାକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

ରାଜ୍ୟ ସରକାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମିଶନ ଶକ୍ତି ମାଧ୍ୟମରେ ଋଣ ଯୋଗାଇଦେବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଚାହୁଁଛନ୍ତି। ହେଲେ ତୃଣମୂଳ ସ୍ତରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟାମାନେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ଘଟଣା ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ସଂଗ୍ରାମପୁର ପଞ୍ଚାୟତ କାର୍ଯ୍ୟାଳୟ ଦେଖିବାକୁ ମିଳିଛି। ଶୁକ୍ରବାର ଏସ୍‌ଏଚ୍‌ଜିର ସଦସ୍ୟାମାନେ ବୈଠକ କରିବାକୁ ସରପଞ୍ଚଙ୍କୁ ଚାବି ମାଗିଥିଲେ। ହେଲେ ସରପଞ୍ଚଙ୍କ ସ୍ୱାମୀ ସମ୍ପୃକ୍ତ ମହିଳାମାନଙ୍କୁ ଚାବି ଦେବା ବଦଳରେ ଓଲଟା ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ ବୋଲି ବାଲିକୁଦା ଥାନାରେ ସେମାନେ ଅଭିଯୋଗ ହୋଇଛି। ଏହାକୁ ନେଇ ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟରେ ପଡ଼ିଥିବା ତାଲା ଉପରେ ଆଉ ଏକ ତାଲା ପକାଇ ପ୍ରତିବାଦ ଜଣାଇଥିଲେ। ହେଲେ ସରପଞ୍ଚଙ୍କ ସ୍ୱାମୀ ତପନ ବେହେରା ଥାନାରେ ପହଞ୍ଚି ଏ ନେଇ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଲା ଖୋଲିବାକୁ ସମ୍ପୃକ୍ତ ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କୁ କହିଥିଲେ। ହେଲେ ଏଥିରେ ପୋଲିସ ଫଳପ୍ରଦ ହୋଇ ନ ଥିଲା। ବାଧହୋଇ ପୋଲିସ ଉପସ୍ଥିତିରେ ତାଲାକୁ ରାତି ପ୍ରାୟ ୧୧ଟାରେ ଭଙ୍ଗାଯାଇଥିଲା। ଏହାର ପ୍ରତିବାଦରେ ଶନିବାର ଏସ୍‌ଏଚ୍‌ଜି ସଦସ୍ୟାମାନେ ଥାନାରେ ପହଞ୍ଚି ସରପଞ୍ଚ ସ୍ୱାମୀଙ୍କ ଏତାଦୃଶ କାର୍ଯ୍ୟକୁ ବିରୋଧ କରିଥିଲେ। ଥାନାରେ ମହିଳାମାନେ ବସି ରହିଥିଲେ। ତେବେ ଭଡା ବସ୍ଥା ଯାଉଥିବା କହି ସରପଞ୍ଚ କିମ୍ବା ତାଙ୍କ ସ୍ୱାମୀ କେହିହେଲେ ଥାନାରେ ପହଞ୍ଚି ମହିଳାଙ୍କ ସହ ଆଲୋଚନା କରି ନ ଥିଲେ। ଫଳରେ ଦିନସାରା ମହିଳାମାନେ ଥାନାରେ ପଡ଼ିରହିଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ସରପଞ୍ଚଙ୍କ ସ୍ୱାମୀ ଥାନାରେ ପହଞ୍ଚିବା ପରେ ଆଲୋଚନା କରାଯାଇଥିଲା।

## ଚାକିରି କରାଇଦେବା ନାଁରେ ୨୯ ଲକ୍ଷ ଠକେଇ:ଜଣେ ଗିରଫ

ମାଲକାନଗିରି,୨୫।୬(ଡି.ଏନ୍.ଏ.)

ଚାକିରି କରାଇ ଦେବା ନାଁରେ ଠକେଇ କରିଥିବା ଜଣେ ଯୁବକଙ୍କୁ ମାଥିଲି ପୋଲିସ ଜଗତ୍‌ସିଂହପୁରରୁ ଗିରଫ କରିଛି। ସେ ହେଲେ ସ୍ମୃତିଶେଖର ଜେନା। ଜଣେ ମହିଳାଙ୍କଠାରୁ ସେ ୨୯ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ସ୍ମୃତିଶେଖର ମାଲକାନଗିରି ଜିଲା ମାଥିଲି ଅଞ୍ଚଳର ରମ୍ଭା ନାଏକଙ୍କୁ ଚାକିରି କରାଇ ଦେବାକୁ କହି ଅର୍ଥ ମାଗିଥିଲେ। ରମ୍ଭା ତାଙ୍କୁ ବିଶ୍ୱାସ କରି ୨୯ ଲକ୍ଷ ଟଙ୍କା ଦେଇଥିଲେ। ଦିନ ଗଡ଼ି ଚାଲିଥିଲେ ମଧ୍ୟ ରମ୍ଭାଙ୍କ ଚାକିରି ହେଉ ନ ଥିବାରୁ ସେ ବ୍ୟସ୍ତ ହୋଇପଡୁଥିଲେ। ପରେ ସ୍ମୃତିଶେଖର ତାଙ୍କୁ ଆଉ ଟଙ୍କା ମାଗିଥିଲେ। ଏଥିରେ ରମ୍ଭାଙ୍କ ସନ୍ଦେହ ହେବାରୁ ସେ ମାଥିଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ଆଇଆଇସି ସୂର୍ଯ୍ୟପ୍ରକାଶ ନାୟକ ମାମଲା ରୁଜୁ କରି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଘଟଣାର ତଦନ୍ତକରି ଅଭିଯୁକ୍ତ ସ୍ମୃତିଶେଖରଙ୍କୁ ଜଗତ୍‌ସିଂହପୁରରୁ ପୋଲିସ ଗିରଫ କରିଛି। ତାଙ୍କଠାରୁ ୨ଟି ମୋବାଇଲ, ଗୋଟିଏ ସୁନା ମୁଦି ଜବତ ହୋଇଛି।

## ହାବିଲଦାର, କନଷ୍ଟେବଲ, ଡ୍ରାଇଭର ଶାଖା ସଂଘ ନିର୍ବାଚନ


ସଦସ୍ୟମାନେ ଭୋଟ ଦେଉଛନ୍ତି।

ଜଗତ୍‌ସିଂହପୁର ଅଫିସ, ୨୫।୬

ଜଗତ୍‌ସିଂହପୁର ଥାନା ପରିସର ଅଭ୍ୟର୍ଥନା ଗୃହରେ ଶନିବାର ଜିଲା ହାବିଲଦାର, କନଷ୍ଟେବଲ ଓ ଡ୍ରାଇଭର ଶାଖା ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ (କ, ଖ), କୋଷାଧ୍ୟକ୍ଷ ସହ ୫ଟି କାର୍ଯ୍ୟକାରୀ ସମିତିସଭ୍ୟ ପଦ ପାଇଁ ନିର୍ବାଚନ ହୋଇଥିଲା। ପ୍ରତ୍ୟେକ ପଦବୀରେ ୨ ଜଣ ଲେଖାଏ ପ୍ରାର୍ଥୀ ହୋଇଥିବାରୁ କଡ଼ା ଟକ୍କର ହେଉଥିଲା। ମତଦାନ ସକାଳ ୮ରୁ ଅପରାହ୍ନ ୧ଟା ମଧ୍ୟରେ କରାଯାଇଥିଲା। ତେବେ ମୋଟ ୫୦୧ ସଭ୍ୟଙ୍କ ମଧ୍ୟରୁ ୪୯୪ ଜଣ ମତଦାନ କରିଥିଲେ। ନିର୍ବାଚନ ଅଧିକାରୀ ଭାବେ ଆଇଆଇସି ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ଦାୟିତ୍ୱ ତୁଲାଇଥିଲେ। ରବିବାର ସକାଳ ୭ଟାରୁ ଗଣତି ଆରମ୍ଭ ହେବ। ଗଣତି ପରେ ଫଳାଫଳ ଘୋଷଣା କରାଯିବ ଆଇଆଇସି ସାହୁ କହିଛନ୍ତି।

## କୋଷ୍ଟଗାର୍ଡ ପକ୍ଷରୁ ଉପକୂଳ ସଚେତନତା ରାଲି

ପାରାଦୀପ,୨୫।୬(ସ୍ୱ.ପ୍ର.)


କୋଷ୍ଟଗାର୍ଡର ସଚେତନତା ରାଲିକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗର ନିର୍ଦ୍ଦେଶକ ପ୍ରଦୀପ ଜେନା ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

କୋଷ୍ଟଗାର୍ଡ ଓଡ଼ିଶା ମୁଖ୍ୟାଳୟ ୭ ପାରାଦୀପ ପକ୍ଷରୁ ଦୁଇଦିନିଆ ଉପକୂଳ ସୁରକ୍ଷା ସଚେତନତା ରାଲି ଶନିବାର ଆରମ୍ଭ ହୋଇଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି (ଆଜାଦ୍ କି ଅମୃତ ମହୋତ୍ସବ) ଉପଲକ୍ଷେ ଆୟୋଜିତ ଏହି ରାଲିରେ ୭୫ ଜଣ ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ଇଣ୍ଡିଆନ ଅଏଲ, ସିଆର୍‌ପିଏଫ୍, ସିଆଇ୍‌ଏସ୍‌ଏଫ୍, ସାମୁଦ୍ରିକ ମତ୍ସ୍ୟ ବିଭାଗ, ସାମୁଦ୍ରିକ ପୋଲିସ, ଏନ୍‌ସିବି, ଆଦିର କର୍ମଚାରୀ ସାମିଲ ହୋଇଛନ୍ତି। ରାଲି ୧୪୦ ଉପକୂଳବର୍ତ୍ତୀ ଅଞ୍ଚଳରେ ଗସ୍ତ କରିବ। ପୁରୀ ଓ ଚନ୍ଦ୍ରଭାଗାଠାରେ ରବିବାର ଉଦ୍‌ଯାପିତ ହେବ। ଏହି ସମୟ ମଧ୍ୟରେ ଏକାଧିକ ଜାଗାରେ ମତ୍ସ୍ୟଜୀବୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି କୋଷ୍ଟଗାର୍ଡ ମୁଖ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହାକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଜେନା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ବନ୍ଦର ଭିତରେ କୋଇଲା ପ୍ଲଟରେ ନିଆଁ

ପାରାଦୀପ,୨୫।୬(ସ୍ୱ.ପ୍ର.)


ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା କୋଇଲା ପ୍ଲଟରେ ନିଆଁ ଲାଗି ଯାଇଛି।

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଥିବା କୋଇଲା ପ୍ଲଟରେ ଶୁକ୍ରବାର ରାତିରୁ ନିଆଁ ଜଳୁଛି। ବନ୍ଦର ୩ ନଂ. ଗେଟ୍‌ଠାରୁ ବହୁମୁଖୀ ବର୍ଥ ପର୍ଯ୍ୟନ୍ତ କୋଇଲା ଗଦାରେ ଏହି ନିଆଁ ଅଧିକ ଦେଖାଯାଉଛି। ଉକ୍ତ ନିଆଁକୁ ଆୟତ୍ତ କରିବାକୁ ବନ୍ଦର ଅଗ୍ନିଶମ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ରାତି ସମୟରେ ନିଆଁର ପ୍ରକୋପ ଦୃଶ୍ୟମାନ ହେଉଛି। ବନ୍ଦର କୋଇଲା ପ୍ଲଟରେ ଅଧିକାଂଶ ସମୟରେ ନିଆଁ ଆପଣାଛାଏଁ ଲାଗିଥାଏ। ଶନିବାର ଅଧିକ ଅଞ୍ଚଳରେ ଲାଗିଛି ବୋଲି ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ଖରାରେ କୋଇଲା ଶୁଖିଲା ଥାଏ। ବର୍ଷା ପାଣି ପଡିଲା ମାତ୍ରେ ତାହା ନିଆଁ ଲାଗିଯାଏ। ଏହା ସେତେ ଗୁରୁତର ନୁହେଁ ବୋଲି କୁହାଯାଇଛି।

## ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

**ବିଦ୍ୟାଳୟ ମିଶ୍ରଣକୁ ବିରୋଧ**

ରଘୁନାଥପୁର,୨୫।୬(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଗୁଆଲିପୁର ପଞ୍ଚାୟତ ପାଟେଣିଗାଁ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନୀୟ ରାଧାନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣକୁ ବିରୋଧ କରି ଶନିବାର ଛାତ୍ରୀଛାତ୍ର ଓ ଅବିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ବର୍ତ୍ତମାନ ସ୍କୁଲରେ ୫୩ ଜଣ ପିଲା ଅଧ୍ୟୟନ କରୁଛନ୍ତି। ଦୁଇଟି ସ୍କୁଲର ବ୍ୟବଧାନ ୧ କିମି ଦୂରତ୍ୱ ଅଟେ। ପିଲାଙ୍କ ଯିବା ବାଟରେ ଜଳସେଚିତ କେନାଲ ଓ ଜଳାଶୟ ରହିଛି। ଉକ୍ତ ରାସ୍ତା ଦେଇ ଛୋଟ ପିଲାମାନେ ଯାତାୟତ କଲେ କୌଣସି ସମୟରେ ବିପଦରେ ସମ୍ମୁଖୀନ ହୋଇପାରନ୍ତି। ଏଣୁ ପୂର୍ବ ସରକାରୀ ନିର୍ଦ୍ଦେଶକୁ ବାତିଲ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ବ୍ଲକ ଓ ଜିଲା ଶିକ୍ଷାଧିକାରୀ, ବିଧାୟକ, ଶିକ୍ଷାମନ୍ତ୍ରୀ ଓ ସଚିବଙ୍କୁ ଲିଖିତ ଅଭିଯୋଗ ହୋଇଥିଲା। ଏଥିରେ କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ଗ୍ରାମବାସୀ ଅନିର୍ଦ୍ଦିଷ୍ଟକାଳ ଧାରଣା ଦେବେ ବୋଲି ପୁରୁଷୋତ୍ତମ ଦାସ, ସବିତା ଦାସ, ଉପେନ୍ଦ୍ରନାଥ ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜ୍ଞାନେନ୍ଦ୍ର ଦାସ, କନକଲତା ଦାସ, ବିଦ୍ୟୁଲତା ଦାସ, ଅଞ୍ଜନା ସେଠୀଙ୍କ ସମେତ ଗ୍ରାମବାସୀ କହିଛନ୍ତି।


ବିଦ୍ୟାଳୟ ମିଶ୍ରଣକୁ ବିରୋଧ କରି ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା।

# ୪ ଦିନ ପରେ ବି ଦୁର୍ବୃତ୍ତଙ୍କ ଟେର୍ ମିଳୁନି

**ଗୋରେଖନାଥଙ୍କ ଦାନବାକ୍ସରୁ ୧୦ ଲକ୍ଷ ଟଙ୍କା ଲୁଟ୍ ଘଟଣା**

- ୨ ହୋମ୍‌ଗାର୍ଡ, ଜଣେ କନ୍‌ଷ୍ଟେବଲଙ୍କୁ ସ୍ଥାନାନ୍ତର କରି ପୋଲିସ ଚୁପ୍

ରଘୁନାଥପୁର,୨୫।୬(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କ ସମ୍ମୁଖରେ ଥିବା ୨ ନଂ. ଦାନବାକ୍ସରୁ ଗତ ମଙ୍ଗଳବାର ମଧ୍ୟରାତ୍ରିରେ ଦୁର୍ବୃତ୍ତମାନେ ୧୦ ଲକ୍ଷ ଟଙ୍କା ଚୋରିକରି ଫେରାର ହୋଇଯାଇଥିଲେ। ଏହା ମଧ୍ୟରେ ୪ ଦିନ ବିତିଯାଇଥିଲେ ସୁଦ୍ଧା ତିର୍ତ୍ତୋଲ ଥାନା ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ, ଯାହାକି ସ୍ଥାନୀୟ ଅଞ୍ଚଳବାସୀ ତଥା ଶ୍ରଦ୍ଧାଳୁଙ୍କ ଭାବାବେଗ ପ୍ରତି କୁଠାରାଘାତ କରିଛି। ପୋଲିସ ଜାଣିଶୁଣି ତଦନ୍ତରେ ବିଳମ୍ବ କରୁଛି ନା ଏହା ପଛରେ କୌଣସି ରହସ୍ୟ ଲୁଚି ରହିଛି ତାହା ଏବେ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାତି ୧୦ଟା ପ୍ରଭୁଙ୍କ ପହୁଡ଼ ପାଇଁ ଧାର୍ଯ୍ୟ ହୋଇଥିବାବେଳେ ଉକ୍ତ ଦିନ ରାତି ୯ଟାରେ ପହୁଡ଼ ପଡିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଚୋରି ସମୟରେ ସିସିଟିଭି ଫୁଟେଜ୍‌ରେ ୩ଜଣ ଦୁର୍ବୃତ୍ତ ସାମିଲ ଥିବା ଦେଖାଯାଉଥିଲା। ଏହା ପଛରେ ଏକ ର୍‍ୟାକେଟ ଥିବାର ଆଲୋଚନା ହେଉଛି। ସର୍ବପରେ ସନ୍ଧାନୀ କୁକୁର ଯେଉଁ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଛଣଗଦା ଓ କୁଟାଗଦା ଚତୁଃପାର୍ଶ୍ୱରେ ବୁଲୁଥିଲା, ଉକ୍ତ ଦିନ ଠିକ୍ ଭାବେ ତାକୁ ଯାଞ୍ଚ କରା ନ ଯିବା ଏବଂ ଏହାର ମାଲିକଙ୍କୁ ତଦନ୍ତ ପରିସରକୁ ଆଣି ପଚରାଉଚରା କରିଥିଲେ କିଛି ବି ସୁରାକ ପୋଲିସ ପାଇଥାନ୍ତା ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ରାତ୍ର ଜଗୁଆଳ ଚୋରି ସମ୍ପର୍କରେ ଖବରପାଇ ସେଠାକୁ ଯାଇଥିଲେ ମଧ୍ୟ ସ୍ଥାନୀୟ ଗ୍ରାମବାସୀଙ୍କୁ ଏ ସମ୍ପର୍କରେ ଖବର ନ ଦେବା ସନ୍ଦେହଘେରକୁ ଆସିଛି। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୀଠ ଦାୟିତ୍ୱରେ ଥିବା ଦୁଇ ହୋମଗାର୍ଡ ଓ ଜଣେ କନଷ୍ଟେବଲଙ୍କୁ ସ୍ଥାନାନ୍ତର କରି ପୋଲିସ ଚୁପ୍ ବସିଛି ବୋଲି ଅଭିଯୋଗ ହେଉଛି। ପୀଠରେ ବାର୍ଷିକ ହୁଣ୍ଡି, ନିଲାମି ଭୋଗ, ଦୀପ ଦୋକାନ ଏବଂ ବିବାହ, ବ୍ରତ ଇତ୍ୟାଦିର ରସିଦ ବାବଦରେ କୋଟି କୋଟି ଟଙ୍କା କାରବାର ହେଉଥିବାବେଳେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ହୁଗୁଳା ରହିଛି। ଏହାଛଡ଼ା ଉନ୍ନତମାନର ସିସି କ୍ୟାମେରା ପୀଠରେ ବ୍ୟବହୃତ ହେଉ ନ ଥିବାରୁ ଏହାର ସ୍ପଷ୍ଟ ଚିତ୍ର ଦେଖିବାରେ ଅସୁବିଧା ହେଉଛି। ପୀଠରେ ତୁରନ୍ତ ଉନ୍ନତମାନର ସୁରକ୍ଷା ବ୍ୟବସ୍ଥା ସହ ହାଇ ଟେକ୍ନୋଲୋଜିର ସିସି କ୍ୟାମେରା ଲଗାଯିବା ପାଇଁ ଦାବି ହେଉଛି। ଏହାଛଡା ପୀଠ ପରିସରରେ ବିପଦକାଳୀନ ଆଲାର୍ମ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଉପରୋକ୍ତ ସମସ୍ତ ବିଷୟକୁ ତର୍ଜମା କରି ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଧରିବାକୁ ଏସ୍‌ପି ଓ ଜିଲାପାଳଙ୍କ ନିକଟରେ ଦାବି ହେଉଛି। ଏ ସମ୍ପର୍କରେ ତଦନ୍ତକାରୀ ଏସ୍‌ଆଇ ଦୀନେଶ ପଟ୍ଟାଙ୍କୁ ପଚାରିବାରେ ଚିରାଚରିତ ଢଙ୍ଗରେ ହାଲୁକା ଭାବେ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।


ଗୋରେଖନାଥଙ୍କ ଦାନବାକ୍ସରୁ ଦୁର୍ବୃତ୍ତମାନେ ଚୋରି କରୁଥିବାର ଦୃଶ୍ୟ ସିସିଟିଭିରେ ରହିଛି।

## ସଂକ୍ଷେପରେ

### ଦାଦନ ଖଟିବାକୁ ଯାଇଥିବା ଯୁବକଙ୍କ ଆତ୍ମହତ୍ୟା

ରାଜନଗର,୨୫।୬(ଡି.ଏନ.ଏ.): ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିଲେ ରାଜନଗର ଥାନା ଅନ୍ତର୍ଗତ ମହିଁଷାସୁର ଗ୍ରାମର ସତ୍ୟରାଜ ଜେନା। ସେ ହାଇଦ୍ରାବାଦରେ ଏକ ହୋଟେଲରେ କାମ କରୁଥିଲେ। ଆଉ ଦିନ କେଇଟା ପରେ ଘରକୁ ଆସିବେ ବୋଲି ମାଆଙ୍କୁ ଜଣାଇଥିଲେ। କିନ୍ତୁ ଶନିବାର ସକାଳୁ ସେ ହୋଟେଲର ଏକ କୋଠରୀରେ ଆତ୍ମହତ୍ୟା କରିଥିବା ଖବର ଘରେ ପହଞ୍ଚିଥିଲା। ସତ୍ୟରାଜ ଆତ୍ମହତ୍ୟା କରିଛି ନା ତାଙ୍କୁ କିଏ ମାରି ହୋଟେଲରେ ଟାଙ୍ଗି ଦେଇଛନ୍ତି ଏ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଖବର ପାଇବା ପରେ ରାଜନଗର ଆସିଥିବା ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ସତ୍ୟରାଜଙ୍କ ମାଆ ଭେଟି ପୁଅର ମୃତଦେହ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ଏଥିସହିତ ସହ ପୁଅକୁ ହତ୍ୟା କରାଯାଇଥିବା ନେଇ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ପଣ୍ଡା ଏ କ୍ଷେତ୍ରରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜନଗରର ପୂର୍ବତନ ବିଧାୟକ ସ୍ୱର୍ଗତ ଅନନ୍ତ ଚରଣ ତ୍ରିପାଠୀଙ୍କ ନାତି ତଥା ଶିକ୍ଷାବିତ୍ ସୁକାନ୍ତ କୁମାର ତ୍ରିପାଠୀଙ୍କ ପୁଅ ସଞ୍ଜୀବଙ୍କ ଅକାଳ ମୃତ୍ୟୁ ଘଟିଛି। ଏହି ଖବର ପାଇ ଶନିବାର ବୈଜୟନ୍ତ ରାଜନଗର ବ୍ଲକ ବାଲିକଣାଶାସନ ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପଣ୍ଡାଙ୍କ ସହିତ ଜିଲା ଭାଜପା ସଭାପତି କିଶୋର ପଣ୍ଡା, ଅଜୟ କୁମାର ବେହେରା, ସରପଞ୍ଚ ଦିଲ୍ଲୀପ ରାଉତ, କୈଳାସ ପରିଡା, ଦିଲ୍ଲୀପ ପାତ୍ର, ମେଘୁଶ୍ୟାମ ସାହୁ, ସଦାଶିବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ମଦ ଦୋକାନ ପଛରୁ ଯୁବକଙ୍କ ମୃତଦେହ ଜବତ

ରାଜନଗର,୨୫।୬(ଡି.ଏନ.ଏ.): ରାଜନଗର ଥାନା ଅଧୀନ ସାନବଡଗୋପାଳପୁର ବଜାର ନିକଟରେ ଥିବା ଠିପିବନ୍ଦ ବିଦେଶୀ ମଦ ଦୋକାନ ପଛରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତଦେହ ନିକଟରୁ ମଦ ବୋତଲ ସହ ବିଷ ବୋତଲ ମଧ୍ୟ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଶନିବାର ସକାଳେ ସ୍ଥାନୀୟ ଲୋକେ ବିଲକୁ ଯାଉଥିବା ବେଳେ ମଦ ଦୋକାନର ୨ଶହ ମିଟର ଦୂରରେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ତଦନ୍ତ କରିବା ପରେ ମୃତକ ରାଜପୁର ପଞ୍ଚାୟତ ଚନ୍ଦନପୁର ଗ୍ରାମର ଗୋପୀନାଥ ପ୍ରଧାନ (୪୦) ବୋଲି ଜଣାପଡିଥିଲା। ପୋଲିସ ଏ ସଂକ୍ରାନ୍ତରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ ମଧ୍ୟ ତାଙ୍କ ଭାଇ କିମ୍ବା ପଡୋଶୀ କେହି ଆସି ନ ଥିଲେ। ମୃତ ଗୋପୀନାଥଙ୍କ ସ୍ତ୍ରୀ ପୁଅ ସହିତ ବାପଘରେ ରହୁଛନ୍ତି। ସ୍ତ୍ରୀ ଗାୟତ୍ରୀ ପ୍ରଧାନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଗଞ୍ଜେଇ,ଟଙ୍କା ଜବତ: ଜଣେ ଗିରଫ



ଆଳି,୨୫।୬(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ଆଳି ଥାନା ସିଙ୍ଗିରିରେ ଗଞ୍ଜେଇ ଓ ଟଙ୍କା ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଆଳି ଥାନା ଆଇଆଇସି ଦିଲୀପ ସାହୁଙ୍କ ସୂଚନା ମୁତାବକ ସିଙ୍ଗିରି ଅଞ୍ଚଳର ନିରଞ୍ଜନ ଦାସ(୬୯) ଗଞ୍ଜେଇ ବିକୁଥିବା ଖବର ପାଇ ତାଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା। ସେଠାରୁ ୭ କିଲୋଗ୍ରାମ ଗଞ୍ଜେଇ ଜବତ କରାଯିବା ସହ ୩୮୦୬୦ ଟଙ୍କା ଜବତ କରାଯାଇଛି। ନିରଞ୍ଜନଙ୍କୁ ବିରୋଧରେ ଏକ ମାମଲା(ନଂ.୨୨୭/୨୨) କରାଯାଇ ଗିରଫ କରାଯାଇଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

### ଚୋରା ମଦ ବେପାରୀ ଗିରଫ

ଆଳି,୨୫।୬(ଡି.ଏନ୍.ଏ.): ଶୁକ୍ରବାର ରାତିରେ ଆଳି ଥାନା ଅଧୀନ ବାଳକାଟି ଅଞ୍ଚଳରେ ପୋଲିସ ଚଢ଼ାଉ କରି ଜଣେ ମହିଳାଙ୍କ ଘରୁ ୩.୧ ଲିଟର ଦେଶୀ ମଦ ଜବତ କରିଛି। ସେହିପରି ଇଚ୍ଛାପୁର ଅଞ୍ଚଳର ଗୋବିନ୍ଦ ନାୟକଙ୍କ ଘରେ ପୋଲିସ ଚଢାଉ କରି ୨୮.୪ଲିଟର ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଗୋବିନ୍ଦଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି।

# ବ୍ରହ୍ମ ତାଳଧ୍ୱଜ ରଥରେ ଯୋଡ଼ାହେଲା ୪ ନାହାକା

କେନ୍ଦ୍ରାପଡ଼ା ଅଫିସ, ୨୫।୬

ଆସନ୍ତା ଜୁଲାଇ ୧ରେ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ରଥଯାତ୍ରା। ପୁରୀ ଶ୍ରୀକ୍ଷେତ୍ର ପରେ ରଥଯାତ୍ରା ଦିନ ଯେଉଁ କେତୋଟି ସ୍ଥାନରେ ପ୍ରବଳ ଜନସମାଗମ ହୁଏ, ସେଥିମଧ୍ୟରୁ ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଇଚ୍ଛାପୁର ଅନ୍ୟତମ। ରଥଯାତ୍ରା ଉପଲକ୍ଷେ ନିର୍ମିତ ହେଉଥିବା ବ୍ରହ୍ମ ତାଳଧ୍ୱଜ ରଥରେ ପରମ୍ପରା ଅନୁଯାୟୀ ଆଷାଢ଼ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ନାହାକା ପୂଜା ହୋଇଥିଲା। ତାହା ଶନିବାର ଯୋଡ଼ାହୋଇଛି। ଏହି ରଥରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉ, ଅନୁଜ ଜଗନ୍ନାଥ ଓ ଭଉଣୀ ସୁଭଦ୍ରାଙ୍କ ସହ ସୁଦର୍ଶନ ବିରାଜମାନ ହେବେ। ଶ୍ରୀଜୀଉ ମଣି ବିଗ୍ରହ ହୋଇଥିବା ବେଳେ ବିରାଜିତ ରଥକୁ ବ୍ରହ୍ମ ତାଳଧ୍ୱଜ ରଥ କୁହାଯାଏ। ଏହି ବ୍ରହ୍ମ ତାଳଧ୍ୱଜ ରଥରେ ଗତ ସ୍ନାନ ପୂର୍ଣ୍ଣିମାରେ ଦୁଇ ନୂତନ ଚକ ଡେରା ଲାଗି ହୋଇ ବରାନ୍ଦ କାର୍ଯ୍ୟ ସରିଛି।

ଏ ସମ୍ପର୍କରେ ରଥ ନିର୍ମାଣର ମୁଖ୍ୟ କାରିଗର ତ୍ରିଲୋଚନ ମହାରଣା କହିଛନ୍ତି, ବିଶ୍ୱର ଏହି ବିଶାଳ ରଥର ଉଚ୍ଚତା ୪୩ ହାତ ୧୦ ଅଙ୍ଗୁଳି। କଳସ ଓ ନେତକୁ ବାଦ୍ ଦେଲେ କେବଳ ରଥର ଉଚ୍ଚତା ୬୫ ଫୁଟ ୬ ଇଞ୍ଚ। ରଥର ବ୍ୟାସ ୩୮ ଫୁଟ। ବଖୁରିଆ ଯନ୍ତ୍ରରେ ମାପ ହୋଇ ନିର୍ମିତ ଏହି ବ୍ରହ୍ମ ତାଳଧ୍ୱଜ ରଥର ଉଚ୍ଚତା ଅଥବା ବ୍ୟାସ କମ୍ ହୋଇ ନ ଥିବା ଦର୍ଶାଇଛନ୍ତି। ଗବେଷକ ନିରଞ୍ଜନ ମେକାପ ଓ ଜିଲା ସୂଚନା ପୁସ୍ତିକା ଅନୁଯାୟୀ, ୧୭୨୮ ମସିହାରେ ମରହଟ୍ଟା ସନ୍ନ୍ୟାସୀ ସନ୍ଥ ଗୋପାଳ ଦାସ ତୁଳସୀ କ୍ଷେତ୍ରରେ ଅବସ୍ଥାନ କରିବା ପରେ ଶ୍ରୀଜୀଉଙ୍କ ମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ନିର୍ମିତ ହୋଇଥିଲା। ଏହି ମହାତ୍ମା ହିଁ ଏପରି ରଥଯାତ୍ରା ଆରମ୍ଭ କରିଥିଲେ। ତେବେ ବିଭିନ୍ନ ପୁରାଣ ଓ ସାହିତ୍ୟରୁ ଜଣାଯାଏ, ଦ୍ୱିବିନ୍ଦ ଦାନବ ବଧ କାଳରେ ତାଳବନରେ ବ୍ରହ୍ମା ଏହି ତାଳଧ୍ୱଜ ରଥ ଶ୍ରୀବଳଦେବଜୀଉଙ୍କୁ ପ୍ରଦାନ କରିଥିଲେ। ବଳଦେବ ସ୍ୱୟଂ ବାସୁଦେବ ଓ ଅନନ୍ତ। ସହରର ପୁରୁଣା ବସ୍‌ଷ୍ଟାଣ୍ଡ ମୂଳ ମନ୍ଦିରରେ ଶ୍ରୀଜୀଉ ଏକାକୀ ପୂଜା ପାଉଥିଲେ। ପରବର୍ତ୍ତୀ ସମୟରେ ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନଙ୍କ ପୂଜାର୍ଚ୍ଚନା କରାଯାଉଛି। ଅଗ୍ରପୂଜ୍ୟ ଶ୍ରୀବଳଦେବଜୀଉ ମୁନିଋଷିଙ୍କ ଗହଣରେ ଯାତ୍ରା କରିବା ଏଠାକାର ପରମ୍ପରା ରହିଛି। ରଥର ଦେବତା ଓ ପାର୍ଶ୍ୱଦେବତା ଯଥାକ୍ରମେ ରଥ– ବ୍ରହ୍ମ ତାଳଧ୍ୱଜ, ଦାତା– ବ୍ରହ୍ମା, ରଥ ରକ୍ଷକ–ବାସୁଦେବ, ଭାସ୍କର,



ଆୟୁଧ– ହଳମୂଷଳ, ଭଦ୍ରପୀଠ– ଅଷ୍ଟଦଳ କମଳ। ରଥ ନିର୍ମାଣର ପାରମ୍ପରିକ ରୀତିନୀତି ସମ୍ପର୍କରେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରି କୁହନ୍ତି, ଦୋଳପୂର୍ଣ୍ଣିମା ପରଦିନ ଚୈତ୍ର କୃଷ୍ଣ ପ୍ରତିପଦରେ ରଥ ନିର୍ମାଣ ନିମନ୍ତେ ନିର୍ଦ୍ଦିଷ୍ଟ ବୃକ୍ଷରେ ଆଜ୍ଞାମାଳ ବନ୍ଧାଯାଇ ପୂଜା ପରେ ବୃକ୍ଷ ଛେଦନ ହୁଏ। ଅକ୍ଷୟ ତୃତୀୟାରେ ଏହି କାଷ୍ଠ ସହ ଯନ୍ତ୍ରାଦି ପୂଜା ପାଇ ରଥ ନିର୍ମାଣର ଶୁଭାରମ୍ଭ ହୋଇଥାଏ। ଅନୁକୂଳ ଦିବସରେ ଯେଉଁ କାଷ୍ଠ ଖଣ୍ଡିକ କଟାଯାଇଥାଏ, ସେଥିରେ ହଳାୟୁଧ ତିଆରି ବିଧି ରହିଛି। ଏହି ହଳାୟୁଧ ରଥ ଶୀର୍ଷରେ ସ୍ଥାନିତ ହୁଏ। ରଥକାଠ ସମ୍ପର୍କରେ ପୂର୍ବତନ ଟ୍ରଷ୍ଟି ଧୀରେନ ସାହୁ କୁହନ୍ତି, ଏହି ରଥ ନିର୍ମାଣ ପାଇଁ ପୂର୍ବ ରଥକାଠ ସହ ନୂତନ କାଠ ଲାଗିଥାଏ। ପ୍ରତିବର୍ଷ ଦୁଇ ଚକ ଓ ଦୁଇ ଅଖର ପରିବର୍ତ୍ତନ ହୁଏ। ଚଳିତ ବର୍ଷ ପ୍ରାୟ ୫୦୦ ଘନଫୁଟ କାଠ ବନ ବିଭାଗ ନିକଟରୁ କିଣାଯାଇଛି। ଟ୍ରଷ୍ଟି ଯଯାତି କେଶରୀ ମହାନ୍ତି କହିଛନ୍ତି, ଚଳିତ ବର୍ଷ

- ଅକ୍ଷୟ ତୃତୀୟାରେ ଅନୁକୂଳ ହୋଇଥିଲା ରଥ ନିର୍ମାଣ
- ଉଚ୍ଚତା ୪୩ ହାତ ୧୦ ଅଙ୍ଗୁଳି, ବ୍ୟାସ ୩୮ ଫୁଟ
- ପୁରୁଣା ମନ୍ଦିରରେ ଶ୍ରୀଜୀଉ ଏକାକୀ ପୂଜା ପାଉଥିଲେ

ରଥଯାତ୍ରା ପାଇଁ ପ୍ରାୟ ୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ଅର୍ଥ ଭରଣା ପାଇଁ ବିଭିନ୍ନ ସଂସ୍ଥା, ବ୍ୟକ୍ତି, ଅନୁଷ୍ଠାନ ଓ ସରକାରୀ ସହଯୋଗକୁ ଅପେକ୍ଷା କରାଯାଇଛି। ଶ୍ରୀଜୀଉଙ୍କ ରଥଯାତ୍ରା ପାଇଁ ଏକ ସ୍ୱତନ୍ତ୍ର ବନ ପ୍ରକଳ୍ପ ଆରମ୍ଭ ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଏଠାରେ ଦୁଇଦିନ ଧରି ରଥଯାତ୍ରା ଅନୁଷ୍ଠିତ ହୁଏ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଲକ୍ଷ୍ୟ ରଖି ପ୍ରଶାସନ, ଟ୍ରଷ୍ଟ ବୋର୍ଡ ପକ୍ଷରୁ ବାରମ୍ବାର ପ୍ରସ୍ତୁତି ଓ ସମୀକ୍ଷା ବୈଠକ କରାଯାଉଛି। ଏହାଛଡ଼ା ସହରର ପରିମଳଠାରୁ ଶ୍ରଦ୍ଧାଳୁଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି।

## ଋଣ ଟଙ୍କା ଶୁଝି ନ ପାରି ଯୁବକଙ୍କ ଆତ୍ମହତ୍ୟା

ଡେରାବିଶ,୨୫।୬(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ରଜାଙ୍ଗ ଗ୍ରାମର ୩୨ ବର୍ଷୀୟ ଯୁବକ ରାକେଶ ସ୍ୱାଇଁ ଋଣ ଟଙ୍କା ଶୁଝି ନ ପାରି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ରଜାଙ୍ଗ ଗ୍ରାମର ରାକେଶ (୩୨) ବ୍ୟବସାୟ କରିବା ପାଇଁ ବିଭିନ୍ନ ବେସରକାରୀ ସଂସ୍ଥାରୁ ଋଣ ଓ ହାତ ଉଧାରି ଆଣିଥିଲେ। ବ୍ୟବସାୟ କ୍ଷତିରେ ଚାଲିବାରୁ ସେ ଏହି ଋଣ ଓ ହାତ ଉଧାରି ଟଙ୍କା ଶୁଝିପାରି ନ ଥିଲେ। ଋଣ ଟଙ୍କା ଆଦାୟ କରିବାକୁ ତାଗିଦ୍ ହେବାରୁ ରାକେଶ ଆତ୍ମହତ୍ୟା ଭଳି ପନ୍ଥାକୁ ବାଛି ନେଇଥିଲେ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ସବୁଦିନ ଭଳି ଶୁକ୍ରବାର ରାତିରେ ରାକେଶ ଖାଇସାରି ଶୋଇଥିଲେ। ଶନିବାର ପ୍ରତ୍ୟୁଷରୁ ସେ ନ ଉଠିବାରୁ ପରିବାର ଲୋକ ତାଙ୍କୁ ଡାକିଥିଲେ। ମାତ୍ର ଘର ଭିତରୁ କୌଣସି ଉତ୍ତର ମିଳି ନ ଥିଲା। ପରିବାର ଲୋକେ କବାଟ ଭାଙ୍ଗିବା ପରେ ରାକେଶଙ୍କ ମୃତଦେହ ଘର ଭିତରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୨୨)କରି ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପାକ୍ସ ସଭାପତି ହେଲେ ସୁବ୍ରତ,ସନାତନ



ନବ ନିର୍ବାଚିତ ପାକ୍ସ ପ୍ରତିନିଧି ଓ କର୍ମକର୍ତ୍ତାମାନେ।

ଆଳି,୨୫।୬(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ପତ୍ରପୁର ଓ ସିଙ୍ଗିରି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ର ସଭାପତି ଭାବେ ଯଥାକ୍ରମେ ସୁବ୍ରତ ବେହୁରା ଓ ସନାତନ ମିଶ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶନିବାର ସଭାପତି ପଦବୀ ନିମନ୍ତେ ପତ୍ରପୁର ଓ ସିଙ୍ଗିରି ପାକ୍ସରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପତ୍ରପୁର ସମବାୟ ସମିତି ପକ୍ଷରୁ ସୁବ୍ରତ ବେହୁରାଙ୍କ ବ୍ୟତୀତ ଅନ୍ୟ କେହି ପ୍ରାର୍ଥୀ ନାମାଙ୍କନ ଦାଖଲ କରି ନ ଥିବାରୁ ନିର୍ବାଚନ ଅଧିକାରୀ ସନ୍ତୋଷ ନାୟକ ତାଙ୍କୁ ସଭାପତି ଭାବେ ଘୋଷଣା କରିଥିଲେ। ଗତ ୩୦ ତାରିଖରେ ଏହି ସମିତି ଅଧୀନରେ ଥିବା ୧୫ ଜୋନରୁ ୧୫ ଜଣ ନିର୍ଦ୍ଦେଶକ ନାମାଙ୍କନ ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେମାନେ ହେଲେ ୧ନଂ. ଜୋନର ଅଲେଖ ନାଥ ଶର୍ମା,୨ନଂ. ଜୋନ୍‌ର ସୁବ୍ରତ ବେହୁରା,୩ନଂ. ଜୋନ୍‌ର ଗୋପୀନାଥ ପ୍ରଧାନ, ୪ନଂ. ଜୋନର ଭାରତ ପ୍ରିୟା ଦାଶ,୫ନଂ. ଜୋନର ଦୁର୍ଯ୍ୟୋଧନ ସାହୁ,୬ନଂ. ଜୋନର ଘନଶ୍ୟାମ ମଲ୍ଲିକ,୭ନଂ. ଜୋନ୍‌ର ଗୁରୁଚରଣ ମଲ୍ଲିକ,୮ନଂ. ଜୋନ୍‌ର ଦେବେନ୍ଦ୍ର ମହାଳିକ,୯ନଂ. ଜୋନ୍‌ର କନକଲତା ରାଉତ,୧୦ନଂ. ଜୋନର ମନୋଜ କୁମାର ସାହୁ,୧୧ନଂ. ଜୋନ୍‌ର ସମର ପ୍ରସାଦ ରାଉତ,୧୨ନଂ. ଜୋନ୍‌ର ତ୍ରୈଲୋଚନ ଦାସ,୧୩ନଂ. ଜୋନ୍‌ର ସଞ୍ଜୟ କୁମାର ସ୍ୱାଇଁ,୧୪ନଂ. ଜୋନ୍‌ର ସୁକାନ୍ତ ମଲିକ,୧୫ନଂ. ଜୋନ୍‌ର ଅରୁଣ କୁମାର ପରିଡା ବୋଲି ନାୟକ ସୂଚନା ଦେଇଛନ୍ତି। ଏହି ନିର୍ବାଚନ କାର୍ଯ୍ୟକ୍ରମକୁ ସମବାୟ ସମିତି ସମ୍ପାଦକ ଅନନ୍ତ ଚରଣ ନାୟକ ପରିଚାଳନା କରିଥିଲେ।

ସେହିପରି ସିଙ୍ଗିରି ପାକ୍ସରେ ସନାତନ ମିଶ୍ରଙ୍କ ବ୍ୟତୀତ ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନ ଦାଖଲ କରିନାହାନ୍ତି। ତେଣୁ ନିର୍ବାଚନ ଅଧିକାରୀ ଗୁରୁଚରଣ ସାମଲ ସନାତନଙ୍କୁ ସଭାପତି ଭାବେ ଘୋଷଣା କରିଛନ୍ତି। ଗତ ୩୦ ତାରିଖରେ ଏହି ସମିତି ଅଧୀନରେ ଥିବା ୧୫ ଟି ଜୋନ୍‌ରୁ ୧୪ଟି ଜୋନ୍‌ରେ ନିର୍ଦ୍ଦେଶକ ପଦବୀରେ ନାମାଙ୍କନ ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ପ୍ରଭାତ ପାତ୍ର, ରାଜୀବ ଦାସ, ପତିତପାବନ ସାହୁ, ରଶ୍ମିତା ମହାନ୍ତି, ସବିତା ଦାସ, ସନାତନ ମିଶ୍ର, ହେମନ୍ତ କୁମାର ରାଉତ, କନକଲତା ସାହୁ, ଦୀପ୍ତିମୟୀ ବେହେରା, କରୁଣାକର ବେହେରା,ଊର୍ମିଳା ସାହାଣୀ,ଅମିତାଭ ସ୍ୱାଇଁ, ଫକୀର ତରାଇ,ରଞ୍ଜନ କୁମାର ସେଠୀ ବୋଲି ସାମଲ ସୂଚନା ଦେଇଛନ୍ତି। ଏହି ନିର୍ବାଚନକୁ ସମିତି ସମ୍ପାଦକ ଅମରେନ୍ଦ୍ର ରାଉଳ, ସହ ସମ୍ପାଦକ ଦିବ୍ୟଜ୍ୟୋତି ମହାନ୍ତି ପରିଚାଳନା କରିଥିଲେ।

## ଡ୍ରେନ୍ ଉପରେ ପାଚେରି, ଘରେ ପଶିଲା ଆବର୍ଜନା ପାଣି

ଧର୍ମଶାଳା,୨୫।୬(ଡି.ଏନ.ଏ.):

ଧର୍ମଶାଳା ବ୍ଲକ୍ ବଳରାମପୁର ତଳଗଡ଼ ଗାଁରେ ଆରଡି ରାସ୍ତା ପାର୍ଶ୍ୱରେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କରାଯାଇଛି। ମାତ୍ର ଗ୍ରାମର ଜଣେ ବ୍ୟକ୍ତି ନିଜ ଜାଗା ଦର୍ଶାଇ ଡ୍ରେନ ବନ୍ଦ କରିଦେବାରୁ ବର୍ଷା ଜଳ ଅଟକି ରହି ଅବର୍ଜନା ସୃଷ୍ଟି କରିବା ସହ କେତେଜଣଙ୍କ ଘରେ ପସିଯାଉଛି। ସ୍ଥାନୀୟ ସରପଞ୍ଚ ବିପିନ ବିହାରୀ ସେଠୀ, ଗ୍ରାମର ବିଦ୍ୟାଧର ମିଶ୍ର, ଅଗଣି ମିଶ୍ର, ହେମନ୍ତ ଆଚାର୍ଯ୍ୟ, ପ୍ରଦୀପ ପଣ୍ଡା, ବିଜୟ କୁମାର ଦାସ, ସୁଶାନ୍ତ କର ପ୍ରମୁଖ ଏନେଇ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ବହୁ ପୂର୍ବରୁ ରାସ୍ତା ପାର୍ଶ୍ୱରେ ନିର୍ମାଣାଧୀନ ଡ୍ରେନରେ ବର୍ଷା ଜଳ ନିଷ୍କାସିତ ହେଉଥିଲା। ମାତ୍ର ଏବେ ଡ୍ରେନ ବନ୍ଦ ଥିବାରୁ ୨/୩ଦିନ ହେବ ବର୍ଷା ହେବା ଦ୍ୱାରା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଆସନ୍ତା ୨୭ତାରିଖରେ ବ୍ଲକ କାର୍ଯ୍ୟାଳୟରେ ହେବାକୁ ଥିବା ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଗ୍ରାମବାସୀ ପୁନର୍ବାର ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କଲା କଂଗ୍ରେସ

ପଟ୍ଟାମୁଣ୍ଡାଇ,୨୫।୬(ସ୍ୱ.ପ୍ର.)

ରାହୁଲ ଗାନ୍ଧୀ ଓ କଂଗ୍ରେସକୁ ବଦନାମ କରିବା ପାଇଁ କେନ୍ଦ୍ର ସରକାର ଉଦ୍ୟମ କରୁଛନ୍ତି। ସେଥିପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ହାତ କରି ରାହୁଲ ଗାନ୍ଧୀଙ୍କୁ ବାରମ୍ବାର ଜେରା କରାଯାଉଛି। ଏହାକୁ ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ବିରୋଧ କରାଯାଇଛି। ଖାଲି ସେତିକି ନୁହେଁ କଂଗ୍ରେସ କାର୍ଯ୍ୟାଳୟରେ ଦିଲ୍ଲୀ ପୋଲିସ ଅନଧିକାର ପ୍ରବେଶ କରି ଚଳାଇଥିବା ମାତ୍ରାଧିକ କାର୍ଯ୍ୟର ମଧ ସମାଲୋଚନା କରାଯାଇଛି। ନ୍ୟାଶନାଲ ହେରାଲ୍ଡ ଘଟଣାକୁ ଆଳ କରି କେନ୍ଦ୍ରରେ କ୍ଷମତାସୀନ ମୋଦି ସରକାର ଏଭଳି କାଣ୍ଡମାନ ଭିଆଉଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ପଟ୍ଟାମୁଣ୍ଡାଇ ବାଇପାସ ଛକରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହ ପ୍ରଧାନମନ୍ତ୍ରୀଙ୍କୁ କୁଶପୁତ୍ତଳିକା ଦାହା କରାଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ମଳୟ ଦାସଙ୍କ ନେତୃତ୍ୱରେ ଜିଲା ଯୁବକଂଗ୍ରେସ କମିଟି ସଭାପତି ସତ୍ୟପ୍ରିୟ ସାମଲ, ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ କମିଟି ସଭାପତି ଅମୂଲ୍ୟ କୁମାର ପ୍ରଧାନ, ଯୁବକଂଗ୍ରେସ ସଭାପତି ଓଁକାର ମହାନ୍ତି, ବରିଷ୍ଠ କଂଗ୍ରେସନେତା ପୁରୁଷୋତ୍ତମ ଗିରି, ହେମନ୍ତ ମଳିକ, ଛବିନ୍ଦ୍ର ସେଠୀ, ଅଜୟ ସ୍ୱାଇଁ, ବ୍ରଜକିଶୋର ନାୟକ, ପ୍ରସନ୍ନ ନାୟକ, ସମୀର ଜେନା ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ କେନ୍ଦ୍ର ସରକାର ବିରୋଧୀ ନାରା ଦେବା ସହିତ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ।



କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି।

## ଏସ୍‌ବିଆଇ ପକ୍ଷରୁ ଗ୍ରାହକ ସମ୍ପର୍କ ଶିବିର

ରାଜନଗର,୨୫।୬(ଡି.ଏନ.ଏ.)

ରାଜନଗରସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପକ୍ଷରୁ ଗ୍ରାହକ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ରଞ୍ଜନ କୁମାର ସାହୁଙ୍କ ପୌରୋହିତ୍ୟରେ ଗ୍ରାହକ ମାନଙ୍କ ସହ ଭାବ ବିନିମୟ ହୋଇଥିଲା। ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖାରେ ଦୂରଦୂରାନ୍ତରୁ ଆସୁଥିବା ଗ୍ରାହକମାନେ ସନ୍ତୁଷ୍ଟ ହୋଇ ଫେରୁଛନ୍ତି କି ନାହିଁ, ବିଭିନ୍ନ କାର୍ଯ୍ୟରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି କି ନାହିଁ, ଏ ନେଇ ଶାଖା ପରିଚାଳକ ଓ ସାଧାରଣ ଲୋକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଗ୍ରାହକମାନଙ୍କ ସହ ସୁସମ୍ପର୍କ ରଖିବା ପାଇଁ ଏହି ଶିବିରର ମୂଳ ଲକ୍ଷ୍ୟ ବୋଲି ଶାଖା ପରିଚାଳକ ସାହୁ କହିଥିଲେ। ଏହି ଶିବିରରେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର, ଡ. ବିକ୍ରମାଦିତ୍ୟ ଦାସ, ଘନଶ୍ୟାମ ମିଶ୍ର, ଶିକ୍ଷକ ଅଭୟ କୁମାର ରାଉତ, ବିଚିତ୍ର କୁମାର ପ୍ରଧାନ, କଳ୍ପତରୁ ପରିଡା, ରବିନ୍ଦ୍ର ମହାରଣା, ବିଚିତ୍ର କୁମାର ନାୟକ, ବ୍ୟବସାୟୀ ସତ୍ୟ ନାରାୟଣ ଦାସ, ଅଭୟ କୁମାର ନାୟକ, ପୁଲିନ ବିହାରୀ ମହାନ୍ତି, ପ୍ରଦ୍ୟୁମ୍ନ କିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କ କର୍ମଚାରୀ ନିରଞ୍ଜନ ଭୋଇ, ମହେଶ୍ୱର ପଲାଇ, ନରସିଂହ ମାରାଣ୍ଡି, ସୌମ୍ୟରଞ୍ଜନ ସାହୁ, ଶୁଭଶ୍ରୀ ମଲ୍ଲିକ, ସୂର୍ଯ୍ୟକାନ୍ତ ପ୍ରଧାନ, ଦିନବନ୍ଧୁ ସୂତାର ଓ ନିର୍ମଳ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।



ଶିବିରରେ ଯୋଗ ଦେଇଥିବା ଗ୍ରାହକ ଓ ଅନ୍ୟମାନେ।

# ସମସ୍ୟାଘେରରେ ବାଉଁଶ କାରିଗର

ପଟ୍ଟାମୁଣ୍ଡାଇ,୨୫।୬(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବାଉଁଶ କାରିଗରମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ସମୟ ସହ ତାଳ ଦେଇ ଉଭୟ ଗ୍ରାମ ଓ ସହରାଞ୍ଚଳରେ ଦିନକୁ ଦିନ ବାଉଁଶ ତିଆରି ଉପକରଣର ଚାହିଦା କମିବାରେ ଲାଗିଛି। ଆଜିର ପ୍ଲାଷ୍ଟିକ୍ ଯୁଗରେ ବାଉଁଶ ନିର୍ମିତ ସାମଗ୍ରୀର ବିକ୍ରିବଟା ପାଇଁ କୌଣସି ବଜାର ସୁବିଧା ନାହିଁ। ଫଳରେ କାରିଗରମାନେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀର ଉପଯୁକ୍ତ ମୂଲ୍ୟ ପାଉନାହାନ୍ତି। ବଜାରରେ ବାଉଁଶ ଉପକରଣ ବଦଳରେ ଆଲୁମିନିୟମ, ଷ୍ଟିଲ୍, ପ୍ଲାଷ୍ଟିକ୍ ଓ ପଲିଥିନ ତିଆରି ସାମଗ୍ରୀ ସ୍ଥାନ ନେଇଛି। ଏଥିଯୋଗୁ କେତେଜଣ କୌଳିକ ଓ ପରମ୍ପରାଗତ ବୃତ୍ତିରୁ ଦୂରେଇଯାଇ ଅନ୍ୟ ବୃତ୍ତି ଆପଣେଇ ନେଉଛନ୍ତି। ଆଉ କେତେଜଣ ପରମ୍ପରାଗତ ବୃତ୍ତିକୁ ଛାଡ଼ି ନ ପାରି ବଞ୍ଚାଇବା ଲାଗି ସଂଘର୍ଷ କରିଛନ୍ତି। ଅନ୍ୟପକ୍ଷେ ଗାଁ ଗହଳିରେ ଏବେ ବାଉଁଶ ଅଭାବ ଓ ବଜାର ଚାହିଦା କମିବା ଯୋଗୁ କାରିଗରମାନଙ୍କ ଜୀବନଜୀବିକା ଦୁର୍ବିଷହ ହେବାକୁ ବସିଲାଣି। ପଟ୍ଟାମୁଣ୍ଡାଇ ଅଞ୍ଚଳ ବଲ୍ଲାରପୁର, ବେଲତଳ, କାକୁଡିପଲ୍ଲୀ, ଓସଙ୍ଗରା, ଅଣ୍ଡରା, ଡାମରପୁର ଗାଁର ଏହି ସମ୍ପ୍ରଦାୟର ଲୋକଙ୍କ ପାଇଁ ବୃତ୍ତିକୁ ବଞ୍ଚାଇ ରଖିବା କଷ୍ଟକର ହୋଇପଡିଛି। ଅଞ୍ଚଳରେ ଏହି ସମ୍ପ୍ରଦାୟର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ପୁରୁଷାନୁକ୍ରମେ ଏମାନେ ବାଉଁଶରେ ଟୋକେଇ, ପାଛିଆ, ଝୁଡ଼ି, କୁଲା, ଝାମ୍ପି, ଫୁଲଚାଙ୍ଗୁଡି, ଝାଡୁ, ଖଡ଼ିକା, ପାନଝୁଡି, ଭୋଗେଇ, ଡାଲା, ଗଉଣି ଆଦି ଗୃହ ଉପକରଣ ତିଆରି କରିଆସୁଛନ୍ତି। ମହିଳା ପୁରୁଷମାନେ ଏହି ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ପ୍ରଥମେ ବାଉଁଶକୁ ଚିରି ଛୋଟ ଛୋଟ ପାତିଆରେ ପରିଣତ କରିବା ପରେ ସେଥିରୁ ସାମଗ୍ରୀ ପ୍ରସ୍ତୁତ କରାଯାଏ। ଏପରି କି ଗ୍ରାହକମାନଙ୍କୁ ଆକୃଷ୍ଟ କରିବାକୁ ବାଉଁଶ ପାତିଆକୁ ରଙ୍ଗ ବେରଙ୍ଗ କରି ସୁନ୍ଦର ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ପରେ ଏହାକୁ ପୁରୁଷମାନେ ନିକଟସ୍ଥ ହାଟବଜାରକୁ ନେଇ ବିକ୍ରି କରିଥାନ୍ତି। କଞ୍ଚାମାଲ ସଂଗ୍ରହ, ସାମଗ୍ରୀ ପ୍ରସ୍ତୁତି ଓ ଜିନିଷ ବିକ୍ରିରେ ପରିଶ୍ରମ ତୁଳନାରେ ସେମାନେ ଉପଯୁକ୍ତ ମୂଲ୍ୟ ପାଇ ନ ଥାନ୍ତି।

ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଆଉ ବାଉଁଶ ବୁଦା ଦେଖିବାକୁ ମିଳୁନି। ଫଳରେ କାରିଗରମାନେ ବାହାରୁ ସ୍ୱଳ୍ପ ପରିମାଣର ବାଉଁଶକୁ ଅଧିକ ଦାମ୍ ଦେଇ କିଣୁଛନ୍ତି। ସାମଗ୍ରୀ ତିଆରି ପରେ ମଧ ତାହାକୁ ଅଧିକ ଦରରେ ବିକ୍ରି କରିବା ସମ୍ଭବ ହେଉନାହିଁ। ସ୍ୱଳ୍ପ ରୋଜଗାରରେ ଆଜିକାଲିର ବ୍ୟୟବହୁଳ ସମାଜରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି ବାଉଁଶ କାରିଗର ହଳଧର ଯେନା କହିଛନ୍ତି। ଅନ୍ୟ ଜଣେ କାରିଗର ଅନନ୍ତ ମଳିକ କୁହନ୍ତି, ପୂର୍ବରୁ ଓଡ଼ିଆ ପରମ୍ପରାରେ ବିବାହ ତଥା ଅନ୍ୟ ପୂଜା ପାର୍ବଣରେ ଆମେ ତିଆରି କରୁଥିବା ବାଉଁଶ ସାମଗ୍ରୀର ବହୁତ ଚାହିଦା ରହୁଥିଲା। ନୂଆ ବୋହୂଟିଏ ଶାଶୁଘରକୁ ଯିବା ସମୟରେ ବାପଘର ପକ୍ଷରୁ ଅନ୍ୟ ଜିନିଷ ସହ ବାଉଁଶ ତିଆରି ବିଭିନ୍ନ ସାମଗ୍ରୀ ଦିଆଯାଉଥିଲା। ଏବେ କିନ୍ତୁ ଏସବୁ ଖୁବ୍ କମ୍ ସ୍ଥାନରେ ଦେଖିବାକୁ ମିଳୁଛି। ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ଯୋଗୁ ଗ୍ରାହକମାନେ ବାଉଁଶ ତିଆରି ସାମଗ୍ରୀକୁ ନେଇ ଆଗ୍ରହ ଦେଖାଉ ନାହାନ୍ତି। ଯଦି ସରକାର ଆମକୁ ପ୍ରୋତ୍ସାହନ ଯୋଗାଇ ଦିଅନ୍ତେ ଓ ଏହାର ବିକ୍ରି ନିମନ୍ତେ ବ୍ୟବସ୍ଥା କରନ୍ତେ ତେବେ ଆମେ ଉପକୃତ ହୋଇପାରନ୍ତୁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ନରେନ୍ଦ୍ର ଧଳ କହିଛନ୍ତି, ଅଞ୍ଚଳର ଶତାଧିକ ପରିବାର କେବଳ ବାଉଁଶ କାରିଗରି କାମକରି ପେଟ ପୋଷନ୍ତି। ସେମାନଙ୍କ ପାଇଁ କୌଣସି ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯାଇନାହିଁ। ଜିଲା ପ୍ରଶାସନ ସେମାନଙ୍କୁ ସହାୟତାର ହାତ ବଢ଼ାଇ ବିଭିନ୍ନ ଗୃହୋପକରଣର ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତ କରିବାକୁ ପ୍ରଶିକ୍ଷଣ ଯୋଗାଇଦେଲେ ସାମଗ୍ରୀର ଚାହିଦା ବୃଦ୍ଧି ପାଆନ୍ତା ଓ ଆର୍ଥିକ ଉନ୍ନତି ସମ୍ଭବ ହୋଇପାରନ୍ତା।

### ବୃତ୍ତି ବଞ୍ଚାଇବାକୁ ସଂଘର୍ଷ



## ୧୦୦୦ ଟଙ୍କା କମିଛି ସୁନା ଦର

**ନୂଆଦିଲ୍ଲୀ:** ଚଳିତ ସପ୍ତାହରେ ସୁନା ଦର ପାଖାପାଖି ୧୦୦୦ ଟଙ୍କା ହ୍ରାସ ପାଇଛି। ସୁନାର ଅଗଷ୍ଟ ଫ୍ୟୁଚର୍ସ ୧୦ ଗ୍ରାମ୍ ପିଛା ୫୦,୬୦୩ ଟଙ୍କା ରହିଛି। ବିଦେଶରେ ସୁନାର ଦର ୧୮୨୬ ଟଙ୍କା ପ୍ରତି ଆଉନ୍ସ ରହିଛି। ଏହାଛଡ଼ା ସପ୍ତାହ ଶେଷ ସୁଦ୍ଧା ଏମ୍‌ସିଏକ୍ସରେ ରୁପା ଦର କିଲୋଗ୍ରାମ୍ ପିଛା ୫୯,୭୪୯ ଟଙ୍କାରେ ବନ୍ଦ ହୋଇଛି। ଏନେଇ ସ୍ୱସ୍ତିକା ଇନ୍‌ଭେଷ୍ଟମାର୍ଟର ସିନିୟର କମୋଡିଟି ରିସର୍ଚ୍ଚ ଆନାଲିଷ୍ଟ ନୃପେନ୍ଦ୍ର ଯାଦବ କହିଛନ୍ତି, ସୁନା ଦରରେ ଆଗକୁ ମଧ୍ୟ ହ୍ରାସ ଜାରି ରହିବ। ଆମେରିକୀୟ ଡଲାରରେ ଦୃଢ଼ ସ୍ଥିତି ଏବଂ ଟ୍ରେଜେରି ୟିଲ୍ଡର ପ୍ରଭାବ ସୁନା ଦର ଉପରେ ଦେଖିବାକୁ ମିଳୁଛି।

### ସଂକ୍ଷେପରେ

## ୪ର୍ଥ ଥର ପାଇଁ ଋଣ ଖିଲାପ କଲା ଏଫ୍‌ଇଏଲ୍

**ନୂଆଦିଲ୍ଲୀ,୨୫।୬:** ଋଣ ଭାରରେ ବୁଡି ରହିଥିବା ଫ୍ୟୁଚର ଗ୍ରୁପ୍‌ର ଫ୍ୟୁଚର ଏଣ୍ଟରପ୍ରାଇସେସ୍ ଲିମିଟେଡ୍ (ଏଫ୍‌ଇଏଲ୍) ୪.୧୦ କୋଟି ଟଙ୍କାର ଋଣ ଶୁଝିବା ଦିଗରେ ଖିଲାପକାରୀ ସାବ୍ୟସ୍ତ ହୋଇଛି। ଋଣ ପରିଶୋଧ ଧାର୍ଯ୍ୟ ତାରିଖ ଜୁନ୍ ୨୪ରେ ଥିବା ବେଳେ ଏଫ୍‌ଇଏଲ୍ ଏଥିରେ ବିଫଳ ରହିଥିବା ଏକ ନିୟାମକ ଫାଇଲିଂରେ କହିଛି। କମ୍ପାନୀ ଚଳିତ ବର୍ଷ ଜୁନ୍ ୨୪ରେ ଅଣପରିବର୍ତ୍ତନୀୟ ଋଣ ସ୍ୱୀକାରପତ୍ର ଉପରେ ସୁଧ ସମ୍ବନ୍ଧିତ ନିଜ ଦାୟିତ୍ୱ ପୂରା କରିବାକୁ ଅସଫଳ ରହିଛି। କିଶୋର ବିୟାନୀଙ୍କର ଏହି ଫ୍ୟୁଚର ଗ୍ରୁପ୍ ଫାର୍ମ ଦ୍ୱାରା ଜୁନ୍ ମାସରେ ଏହା ୪ର୍ଥ ଋଣ ଖିଲାପ । ଚଳିତ ସପ୍ତାହ ଆରମ୍ଭରେ ଏଫ୍‌ଇଏଲ୍ ନିଜ ଅଣପରିବର୍ତ୍ତନୀୟ ଋଣ ସ୍ୱୀକାରପତ୍ର ପାଇଁ ୮୫.୭୧ ଲକ୍ଷ ଏବଂ ୬.୦୭ କୋଟି ଟଙ୍କାର ଋଣ ପରିଶୋଧ ପାଇଁ ୨ଥର ଡିଫଲ୍ଟ ସାବ୍ୟସ୍ତ ହୋଇଛି।

## ପୁଣି ଉଡ଼ିବ ଜେଟ୍ ଏୟାରୱେଜ୍

**ନୂଆଦିଲ୍ଲୀ,୨୫।୬:** ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜ୍ ପୁଣି ଥରେ ଯାତ୍ରୀ ସେବା ଯୋଗାଇବ ବୋଲି ସୂଚନା ମିଳିଛି। ଏପରିକି କମ୍ପାନୀ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ପରିଚାଳନାଗତ ନିଯୁକ୍ତି ମଧ ଆରମ୍ଭ ହୋଇଯାଇଛି। ଏହା ସହ ବିମାନ କମ୍ପାନୀ କ୍ୟାବି କ୍ରୁ ଓ ପୂର୍ବତନ କର୍ମଚାରୀଙ୍କୁ ପୁଣି ଥରେ ଏୟାରଲାଇନ୍ସକୁ ଫେରିବା ନିମନ୍ତେ ଯୋଗାଯୋଗ କରାଯାଇଛି। ଜେଟ୍ ଏୟାରୱେଜର ପରିଚାଳନା ନିଯୁକ୍ତି ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ଏହା ପୂର୍ବରୁ ବିମାନକ୍ଷେତ୍ରର ନିୟାମକ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ମେ ୨୦ରୁ ଏୟାରଲାଇନକୁ କମର୍ସିଆଲ ପରିଚାଳନା ଆରମ୍ଭ କରିବାକୁ ଅନୁମତି ଦେଇଥିଲେ। ଏୟାରଲାଇନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସଞ୍ଜୀବ କପୁର ଏ ସମ୍ପର୍କରେ ଟୁଇଟ କରିଛନ୍ତି। ଏୟାରଲାଇନ୍ସ ଆଗାମୀ ଦିନରେ ପାଇଲଟ ଓ ଇଞ୍ଜିନିୟର ନିଯୁକ୍ତି ଆରମ୍ଭ କରିବ।

# ବଢ଼ିବ ଜିଏସ୍‌ଟି କ୍ଷତିପୂରଣ ସେସ୍ ସମୟସୀମା

ନୂଆଦିଲ୍ଲୀ,୨୫।୬

ଜିଏସ୍‌ଟି କାଉନ୍‌ସିଲ ବୈଠକ ପୂର୍ବରୁ ସରକାରଙ୍କ ପକ୍ଷରୁ ବଡ଼ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଉପରେ କ୍ଷତିପୂରଣ ସେସ୍ ଲଗାଇବା ସମୟସୀମାକୁ ପ୍ରାୟ ୪ ବର୍ଷ ବୃଦ୍ଧିକରି ୩୧ ମାର୍ଚ୍ଚ ୨୦୨୬ କରିଦେଇଛନ୍ତି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଚଳିତ ବର୍ଷ ଜୁଲାଇ ୧ରୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଜିଏସ୍‌ଟି କ୍ଷତିପୂରଣ ସେସ୍ ଲଗାଇବା ଜାରି ରହିବ। ସୂଚନାଯୋଗ୍ୟ, ପୂର୍ବରୁ ଏହାର ସମୟସୀମା ଚଳିତ ମାସ ୩୦ ତାରିଖରେ ଶେଷ ହେବାକୁ ରହିଥିଲା। ଆସନ୍ତା ସପ୍ତାହରେ ହେବାକୁ ଥିବା ଜିଏସ୍‌ଟି କାଉନ୍‌ସିଲ ବୈଠକରେ ଏହାର ସମୟସୀମା ବଢ଼ାଇବା




ନେଇ ନିଷ୍ପତ୍ତି ନିଆଯାଇଛି। କୋଭିଡ୍ ମହାମାରୀ ସମୟରେ ଗତ ୨ବର୍ଷ ପାଇଁ କରିଥିବା ଋଣର ପରିଶୋଧ ଲାଗି ଏହାର ସମୟସୀମାକୁ ବୃଦ୍ଧି କରାଯାଇଛି। ପୂର୍ବ ବର୍ଷ ଅନୁଷ୍ଠିତ ହୋଇଥିବା ଜିଏସ୍‌ଟି ପରିଷଦର ୪୫ ତମ ବୈଠକ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ, ରାଜ୍ୟଗୁଡ଼ିକର ବିଭିନ୍ନ କରକୁ ଭାଟ୍ ସହିତ ରାଷ୍ଟ୍ରୀୟ କର ଜିଏସ୍‌ଟିକୁ ସାମିଲ କରିବାର ପରିଣାମ ସ୍ୱରୂପ ରାଜସ୍ୱରେ ହ୍ରାସ ଭରଣା କରିବା ବ୍ୟବସ୍ଥାକୁ ୨୦୨୨ରେ ସମାପ୍ତ କରାଯିବ। ଏହି ବିଜ୍ଞପ୍ତି ପରେ ବିଳାସପୂର୍ଣ୍ଣ ଜିନିଷଗୁଡ଼ିକ ଉପରେ ଲଗାଯାଇଥିବା କ୍ଷତିପୂରଣ ସେସ୍ ସମୟସୀମାକୁ ବୃଦ୍ଧି କରାଯାଇ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତ କରାଯିବ। ଅନ୍ୟ କିଛି ସାମଗ୍ରୀ ଏବଂ ସେବା ଉପରେ ଜିଏସ୍‌ଟି

### ଚଳିତ ମାସରେ ଶେଷ ହେବାକୁ ଥିବା ଅବଧିକୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି

କ୍ଷତିପୂରଣକୁ ଏହା ପୂର୍ବରୁ ହିଁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏହି ସମୟସୀମା ମଧ୍ୟରେ ରାଜ୍ୟଗୁଡ଼ିକ ଯେଉଁ ଋଣ ନେଇଥିଲେ ତାକୁ ଶୁଝିବାକୁ ହେବ। ଏଥିପାଇଁ ତମାଖୁ, ସିଗାରେଟ୍, ହୁକ୍କା, ହାଇ ଏଣ୍ଡ ମୋଟରସାଇକେଲ, ଏୟାରକ୍ରାଫ୍ଟ ଏବଂ ମୋଟର ଭେହିକିଲ୍ ଉପରେ ସେସ୍ ଲଗାଇବା ଜାରି ରହିବ। ଫଳରେ ଏହିସବୁ ଜିନିଷ କ୍ରୟ କରିବାକୁ ହେଲେ ବର୍ତ୍ତମାନ ଉପଭୋକ୍ତାଙ୍କୁ ପୂର୍ବାପେକ୍ଷା ଅଧିକ ଖର୍ଚ୍ଚ କରିବାକୁ ହେବ। ସୂଚନାଯୋଗ୍ୟ, ଆସନ୍ତା ସପ୍ତାହରେ ଚଣ୍ଡିଗଡ଼ଠାରେ ଜିଏସ୍‌ଟି କାଉନ୍‌ସିଲର ୪୬ ତମ ବୈଠକ ଅନୁଷ୍ଠିତ ହେବ।

# ନ୍ୟୁ ଷ୍ଟାର୍ଟଅପ୍ 'ବନ୍ ଭି ଟେକ୍ନୋଲୋଜି'




ଭୁବନେଶ୍ୱର,୨୫।୬

ଭାରତୀୟ ଏରିଏଲ୍ ମୋବିଲିଟି ଷ୍ଟାର୍ଟଅପ୍ ବନ୍-ଭି ଟେକ୍ନୋଲୋଜି ସମ୍ପର୍କରେ ଘୋଷଣା କରାଯାଇଛି। ନିକଟରେ ପ୍ୟାରିସରେ ଅନୁଷ୍ଠିତ ଭିଭା ଟେକ୍ ୨୦୨୨ରେ ଏହାର କାର୍ଗୋ ଲଜିଷ୍ଟିକ୍ସ କନ୍‌ସେପ୍ଟ ପ୍ଲାଟ୍‌ଫର୍ମ (ଫ୍ଲାଇଂ)ର ସଫଳତା ଷ୍ଟାର୍ଟଅପ୍‌କୁ ନୂଆ ଦିଶା ଦେଖାଇଛି। ଆଇଆଇଟି ମଣ୍ଡିର ପ୍ରୋତ୍ସାହନ ଏବଂ ଏଆଇସି ସିଭିରମଣ ଓ ଭୁବନେଶ୍ୱର ଇଞ୍ଜିନିୟରିଂ କଲେଜର ସହଯୋଗରେ ବନ୍ ଭି ଭାରତର ପ୍ରଥମ ଏଆଇ-ପାୱାର୍ଡ ମଲ୍ଟି-ୟୁଟିଲିଟି ଇଲେକ୍ଟ୍ରିକ୍ ଏୟାର ଭେଇକିଲ, ଆର୍‌ଏମ୍୦୦୧ ନିର୍ମାଣ କରିଛି। ଓଡ଼ିଶାଭିତ୍ତିକ ଏହି ଷ୍ଟାର୍ଟଅପ୍ ଗ୍ଲୋବାଲ ପ୍ଲାଟ୍‌ଫର୍ମରେ ଭାରତକୁ ପ୍ରତିନିଧିତ୍ୱ କରିବା ସହ ଏରୋ ସ୍ପେସ୍ ସଲ୍ୟୁସନ୍ କ୍ଷେତ୍ରରେ ପ୍ରଶଂସନୀୟ ଇନୋଭେସନ ପ୍ରଦର୍ଶନ କରିବା ପାଇଁ ନିମନ୍ତ୍ରଣ କରାଯାଇଥିଲା । ଉକ୍ତ କୋର୍ ଟିମ୍‌ରେ ସତ୍ୟବ୍ରତ ଶତପଥୀ (କୋ-ଫାଉଣ୍ଡର,ସିଇଓ), ଗୌରବ ଅଢା (କୋ-ଫାଉଣ୍ଡର,କୋ-ସିଇଓ), ଅବିନାଶ ସାହୁ (କୋ-ଫାଉଣ୍ଡର,ସିଟିଓ) ଏବଂ ରାହୁଲ କୁମାର (କୋ-ଫାଉଣ୍ଡର,ହେଡ୍ ଅଫ୍ ଡିଜାଇନ୍) ପ୍ରମୁଖ ଯୋଗ ଦେଇଥିଲେ। ଭିଭା ଟେକ୍ ପ୍ୟାରିସରେ ଭାରତର ପ୍ରଡକ୍ଟ ଇନୋଭେଶନ ଷ୍ଟୋରିର ନେତୃତ୍ୱ ନେବା ପାଇଁ ବନ୍ ଭିକୁ ନୀତି ଆୟୋଗ, ଇନ୍‌ଭେଷ୍ଟ ଇଣ୍ଡିଆ, ଅଟଳ ଇନୋଭେଶନ ମିଶନ , ଆଇଏସ୍ଆଇଆର୍‌ଆଇଟି ଏବଂ ଫ୍ରାନ୍ସରେ ଅବସ୍ଥାପିତ ଭାରତୀୟ ଦୂତାବାସ ମିଳିତ ଭାବେ ଚୟନ କରିଥିଲେ।

# ହିରୋ ପ୍ୟାସନ 'ଏକ୍ସଟେକ୍'ର ବଜାର ପ୍ରବେଶ

ନୂଆଦିଲ୍ଲୀ,୨୫।୬

ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ହିରୋ ପ୍ୟାସନ 'ଏକ୍ସଟେକ୍'ର ବଜାର ପ୍ରବେଶ ହୋଇଯାଇଛି। ବିଶେଷକରି ଏହାର ଡିଜାଇନିଂ ଶୈଳୀ, ନିରାପତ୍ତା, ସଂଯୋଗୀକରଣ ଏବଂ ଆରାମଦାୟକର ଏକ ସମ୍ପୂର୍ଣ୍ଣ ମିଶ୍ରଣ । କମ୍ପାନୀ ଉକ୍ତ ସେଗ୍‌ମେଣ୍ଟରେ ପ୍ରଥମ ପ୍ରୋଜେକ୍ଟର ଏଲ୍‌ଇଡି ହେଡ୍ ଲ୍ୟାମ୍ପ, ବ୍ଲୁଟୁଥ୍ କନେକ୍ଟିଭିଟି ସହ ସମ୍ପୂର୍ଣ୍ଣ ଡିଜିଟାଲ ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର,ଏସ୍‌ଏମ୍‌ଏସ୍ ଏବଂ କଲ୍ ଆଲର୍ଟ, ବାସ୍ତବ ସମୟ ମାଇଲେଜ ସୂଚକ, ନିମ୍ନ ଇନ୍ଧନ ସୂଚକ, ସାଇଡ ଷ୍ଟାଣ୍ଡ ଇଞ୍ଜିନ କଟ୍‌ଅଫ୍ ଏବଂ ସେବା ସ୍ମାରକ ଭଳି ଅନେକ ବୈଶିଷ୍ଟ୍ୟ ସହ ଯୁବବର୍ଗଙ୍କୁ ଆକୃଷ୍ଟକଲା ଭଳି ଲୁକ୍ ମଧ ରହିଛି। ସେହିଭଳି ଏହାର ବୈଶିଷ୍ଟ୍ୟ ଏବଂ ପ୍ୟାସନ ବ୍ରାଣ୍ଡର ଭରସା ଓ ବିଶ୍ୱସନୀୟତା ପ୍ୟାସନ ଏକ୍ସଟେକ୍‌କୁ




ଅନ୍ୟମାନଙ୍କ ଠାରୁ ଆଗରେ ରଖିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ହିରୋ ମୋଟୋକର୍ପର ମୁଖ୍ୟ ଅଭିବୃଦ୍ଧି ଅଧିକାରୀ ରଞ୍ଜୀବଜିତ ସିଂହ କହିଛନ୍ତି, ହିରୋ ପ୍ୟାସନ ଏକ ପ୍ରତିଷ୍ଠିତ ବ୍ରାଣ୍ଡ ଏବଂ ଦୀର୍ଘ ଏକ ଦଶନ୍ଧିରୁ ଅଧିକ ସମୟ ହେବ ଗ୍ରାହକଙ୍କ ଭଲ ପାଇବା ଓ ବିଶ୍ୱାସଭାଜନ ହୋଇପାରିଛି। ଏହାର ନୂତନ ଶୈଳୀ ଏବଂ ମନୋଭାବ ସହ ପ୍ୟାସନ ଏକ୍ସଟେକ୍ ନୂତନ ଯୁଗର ଚାଳକମାନଙ୍କୁ ଆକର୍ଷିତ କରିବ। ସେହିପରି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବୈଶିଷ୍ଟ୍ୟ ସହ ଏହାର ବଜାରର ମାନଦଣ୍ଡ ସ୍ଥିର କରିବ। ଆମେ ନିଶ୍ଚିତ ଯେ ପ୍ୟାସନ ଏକ୍ସଟେକ୍ ଦେଶର ମୋଟରସାଇକେଲ ବିଭାଗରେ ଆମର ନେତୃତ୍ୱକୁ ଆହୁରି ଦୃଢ଼ କରିବାକୁ ସକ୍ଷମ ହେବ। ଅପରପକ୍ଷରେ ସାରା ଦେଶରେ ହିରୋ ମୋଟୋକର୍ପ ଡିଲର ପଏଣ୍ଟଗୁଡ଼ିକରେ ଏହା ଉପଲବ୍ଧ ରହିଛି। ଏହାର ଏକ୍ସ ଶୋରୁମ୍ ମୂଲ୍ୟ ୭୪,୫୯୦ ଟଙ୍କା (ଡ୍ରମ୍ ପ୍ରକାର) ଏବଂ ୭୮,୯୯୦ ଟଙ୍କା (ଡିସ୍କ ପ୍ରକାର) ରହିଛି।

## ଆମେରିକାର ଅଭିବୃଦ୍ଧି ଆକଳନ ହ୍ରାସ

ନୂଆଦିଲ୍ଲୀ,୨୫।୬

ଇଣ୍ଟରନ୍ୟାଶନାଲ ମନିଟାରି ଫଣ୍ଡ (ଆଇଏମ୍‌ଏଫ୍) ପକ୍ଷରୁ ଆମେରିକାର ଆର୍ଥିକ ଅଭିବୃଦ୍ଧି ଆକଳନ ହ୍ରାସ କରିଦିଆଯାଇଛି। ଫେଡେରାଲ୍ ରିଜର୍ଭର ସୁଧ ହାର ବୃଦ୍ଧି କାରଣରୁ ଏଭଳି ଘଟିଛି। ଆମେରିକାର ଆର୍ଥିକ ନୀତିର ବାର୍ଷିକ ମୂଲ୍ୟାଙ୍କନରେ ଆଇଏମ୍‌ଏଫ୍ କହିଛି, ଆମେରିକାର ସମଗ୍ର ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ମାତ୍ର ୨.୯% ବୃଦ୍ଧି ହେବ। ଏହା ପୂର୍ବରୁ ଆଇଏମ୍‌ଏଫ୍ ପକ୍ଷରୁ ଗତ ଏପ୍ରିଲରେ ଆମେରିକାର ଜିଡିପି ଅଭିବୃଦ୍ଧି ଆକଳନ ୩.୭% ରହିବ ବୋଲି କୁହାଯାଇଥିଲା। ସେହିପରି ୨୦୨୩ ବର୍ଷ ପାଇଁ ଆମେରିକାର ଅଭିବୃଦ୍ଧି ଅନୁମାନକୁ ୨.୩%ରୁ ହ୍ରାସକରି ୧.୭% କରିଦେଇଛି ଆଇଏମ୍‌ଏଫ୍। ୨୦୨୧ ଅକ୍ଟୋବରରେ ଆଇଏମ୍‌ଏଫ୍ ପକ୍ଷରୁ ଚଳିତ ବର୍ଷ ପାଇଁ ଆର୍ଥିକ ଅଭିବୃଦ୍ଧି ଆକଳନ ୫.୨% ରହିଥିଲା।

## ସମନ୍ୱିତ ସେବା ଯୋଗାଇବ ସାଭେକ୍ସ

ଭୁବନେଶ୍ୱର, ୨୫।୬

ଭାରତର ବୃହତ୍ ଇନ୍‌ଫର୍ମେଶନ ଆଣ୍ଡ କମ୍ୟୁନିକେଶନ ଟେକ୍ନୋଲୋଜି ଡିଷ୍ଟ୍ରିବ୍ୟୁଟର ସାଭେକ୍ସ ଟେକ୍ନୋଲୋଜିଜ୍ ପ୍ରାଇଭେଟ୍ ଲିମିଟେଡ୍ ୩ ମାର୍କେଟ୍ ଇନୋଭେଟର୍ସ ଏବଂ ଲିଡର୍ସ ଜୁମ୍, ପଲି ଏବଂ ଫ୍ରେସ୍‌ୱାର୍କ୍ସକୁ ଏକାସାଙ୍ଗରେ ନେଇ ସେମାନଙ୍କ କୋଲାବୋରେଟିଭ୍ ସୁଟ୍ ସଲ୍ୟୁସନ୍‌କୁ ପ୍ରଦର୍ଶନ କରିବ। ମୁମ୍ବାଇରେ ମୁଖ୍ୟାଳୟ ଥିବା ଏହି କମ୍ପାନୀର ୩୯ଟି ନିଜସ୍ୱ ଅଫିସ୍ ରହିଥିବା ବେଳେ ୪୨ ଷ୍ଟକ୍ ସ୍ଥାନ ରହିଛି। ଏହାଛଡ଼ା ୭୦୦ରୁ ଅଧିକ ସହରରେ ଏହାର ୬୦୦ରୁ ବେଶି ସେଲ୍ସ ଫୋର୍ସ ରହିଥିବା ବେଳେ ୧୦,୦୦୦ରୁ ଊର୍ଦ୍ଧ୍ୱ ସହଯୋଗୀ ରହିଛନ୍ତି। ଅନିଲ ଜାଗାସିଆଙ୍କୁ ନେଇ ଗଠିତ ଦଳର ମାର୍ଗଦର୍ଶନରେ ପ୍ରତିଷ୍ଠାତା ଏବଂ ଚେୟାରମ୍ୟାନ୍ ଜୟନ୍ତ ଗୋରାଡିଆ, ପରିଚାଳନା ନିର୍ଦ୍ଦେଶକ ଦେବାଙ୍ଗ ପାଣ୍ଡ୍ୟା, ସିଟିଓ ଏବଂ ନିର୍ଦ୍ଦେଶକ ରୋନକ ଜାଗାସିଆ, ବ୍ୟବସାୟ ଏବଂ ଆଲିଆନ୍ସ ଏଣ୍ଟରପ୍ରାଇସ୍ ନିର୍ଦ୍ଦେଶକ ମହେନ୍ଦ୍ର ୱାହିଲେ, ନିର୍ଦ୍ଦେଶକ ସୌରଭ ନାଏକଙ୍କ ସୁପରିଚାଳନା ଦ୍ୱାରା କମ୍ପାନୀ ବଜାରରେ ବିଶ୍ୱାସ ଏବଂ ଅଖଣ୍ଡତା ବଜାୟ ରଖିବାରେ ସକ୍ଷମ ହୋଇଛି। କମ୍ପାନୀର ସହଯୋଗ ୩ଟି ମାର୍କେଟ୍ ଲିଡରଙ୍କୁ ସହଯୋଗ ପ୍ରଦାନ କରିଥାଏ। ଏକା ସାଙ୍ଗରେ ପ୍ରତ୍ୟେକ ସ୍ମାର୍ଟ ଉପକରଣ ଟୁଲ୍ସକୁ ପ୍ରଦର୍ଶନ କରିବାରେ ଏହା ସହଯୋଗ କରେ। ଆମମାନଙ୍କ ମଧ୍ୟରୁ ଅନେକେ ଜୁମ୍‌କୁ ଏକ ଭିଡିଓ କନ୍‌ଫରେନ୍ସିଂ ପ୍ଲାଟ୍‌ଫର୍ମ ଭାବେ ଜାଣିଥାଉ। ତେବେ ଏହାଦ୍ୱାରା ମିଟିଂ, ଫୋନ୍‌କଲ୍, ଚାଟ୍, ହ୍ୱାଇଟ୍‌ବୋର୍ଡ ଭଳି ବିଭିନ୍ନ କାର୍ଯ୍ୟଦକ୍ଷତା ରହିଛି।

### ଫୁର୍‌ସତ୍

# ମସ୍ତିଷ୍କ ବିକାଶରେ ବାଧକ ଜିନ୍‌ଗତ ରୋଗ

**ୱାଶିଂଟନ:** ଆମେରିକୀୟ ବୈଜ୍ଞାନିକମାନେ ଏକ ଆନୁବଂଶିକ ରୋଗ ଚିହ୍ନଟ କରିଛନ୍ତି, ଯାହା ଶିଶୁମାନଙ୍କ ମସ୍ତିଷ୍କ ବିକାଶରେ ବାଧକ ସାଜିଥାଏ। ଏହି ରୋଗ କାରଣରୁ ଅନେକ ଶିଶୁ ଅସ୍ୱାଭାବିକ ବ୍ୟବହାର କରିବା ସହ ସମୟ କ୍ରମେ ସେମାନେ ମାନସିକ ବିକାରଗ୍ରସ୍ତ ମଧ ହୋଇଯାଉଛନ୍ତି। ବୈଜ୍ଞାନିକଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ଜେନେଟିକ୍ ଡିଜିଜ୍‌ର ନାମକରଣ ଅଦ୍ୟାବଧି କରାଯାଇ ନାହିଁ। ପୋର୍ଟସ୍‌ମାଉଥ୍, ସାଉଥ୍‌ହାମ୍ପଟନ ଏବଂ କୋପେନହାଗେନ୍ ୟୁନିଭର୍ସିଟିର ବିଶେଷଜ୍ଞ ରୋଗ ଚିହ୍ନଟ ନେଇ ଗବେଷଣା ଜାରି ରଖିଛନ୍ତି। ବିଶ୍ୱରେ ପ୍ରତି ୧୭ ଜଣଙ୍କ ମଧ୍ୟରୁ ଜଣଙ୍କଠାରେ ଏହି ବିରଳ ରୋଗ ଦେଖାଯାଏ। ଗୁଣସୂତ୍ର ପରିବର୍ତ୍ତନ ଦ୍ୱାରା ସୃଷ୍ଟ ରୋଗ ମନୁଷ୍ୟର ଜୀବନଶୈଳୀକୁ ଅଧିକମାତ୍ରାରେ ପ୍ରଭାବିତ କରୁଥିବା ବୈଜ୍ଞାନିକ କହିଛନ୍ତି। ଏହାର ଏକ ରିପୋର୍ଟ ଆମେରିକାନ ଜର୍ନାଲ ଅଫ୍ ହ୍ୟୁମାନ ଜେନେଟିକ୍ସରେ ପ୍ରକାଶ ପାଇଛି।



ମସ୍ତିଷ୍କରେ ଥିବା ପ୍ରୋଟିନ୍ କୋଡିଙ୍ଗ୍ ଜିନ୍ ଗ୍ଲୁଟାମେଟ୍ ଆଇନୋଟ୍ରୋପିକ୍ ରିସେପ୍ଟର ଏମ୍‌ପିଏ ଟାଇପ୍ ସବ୍‌ୟୁନିଟି-୧ (ଜିଆର୍‌ଆଇଏ ୧) ଏ ପ୍ରକାର ରୋଗ ଶିଶୁ ଶରୀରରେ ସୃଷ୍ଟି କରୁଥିବା ବୈଜ୍ଞାନିକ ଦାବି କରିଛନ୍ତି। ଜିଆର୍‌ଆଇଏ-୧ ଜିନ୍ ବା ଗୁଣସୂତ୍ର ବ୍ରେନ୍‌ରେ ଇଲେକ୍ଟ୍ରିକାଲ୍ ସିଗ୍‌ନାଲ ସୃଷ୍ଟି କରିଥାଏ। କୌଣସି ଶିଶୁ ମସ୍ତିଷ୍କରେ ଇଲେକ୍ଟ୍ରିକାଲ୍ ସିଗ୍‌ନାଲ ନ ପହଞ୍ଚିଲେ ବା ଏହି ପ୍ରକ୍ରିୟାରେ ବାଧା ସୃଷ୍ଟି ହେଲେ ବ୍ରେନକୁ ଠିକ୍ ସୂଚନା ଯାଇ ପାରି ନ ଥାଏ। ଫଳରେ ଶିଶୁର ବ୍ୟବହାରରେ ଅସ୍ୱାଭାବିକତା ପରିଲକ୍ଷିତ ହୋଇଥାଏ। ଏହି ଜିନ୍‌ଗତ ରୋଗ ଚିହ୍ନଟ ପାଇଁ କରାଯାଇଥିବା ଅଧ୍ୟୟନରେ ବାୟୋକେମିଷ୍ଟିସ୍ ଓ କ୍ଲିନିକାଲ ଜେନେଟିକ୍ସମାନେ ବେଙ୍ଗର ଟାଡ୍‌ପୋଲ (ବେଙ୍ଗପୁଟା)ଓ ବେଙ୍ଗ ଡିମ୍ବାଣୁର ବ୍ୟବହାର କରୁଛନ୍ତି। ତେବେ ଆଗାମୀ ପିଢ଼ିର ଡିଏନ୍‌ଏ ସିକ୍ୱେନ୍ସିଂରେ ପରିବର୍ତ୍ତନ ଦେଖିବାକୁ ମିଳୁଥିବାବେଳେ ଏଥିଯୋଗୁ ଶିଶୁଙ୍କ ମସ୍ତିଷ୍କର ବିକାଶ ହୋଇପାରୁ ନ ଥିବା ପୋର୍ଟସ୍‌ମାଉଥ୍ ୟୁନିଭର୍ସିଟିର ଲାବରେଟୋରି ରିସର୍ଚ୍ଚ ମୁଖ୍ୟ ପ୍ରଫେସର୍ ମାଟ୍ ଗୁଇଲ୍ କହିଛନ୍ତି। ଗବେଷଣାରେ ସାମିଲ୍ ପ୍ରଫେସର ଆନି ଗୁର୍ଡ୍‌ୱିନ୍ କହିଛନ୍ତି, ଟାଡ୍‌ପୋଲକୁ ନେଇ କରାଯାଉଥିବା ଏହି ଅଧ୍ୟୟନ ଦ୍ୱାରା ମନୁଷ୍ୟ ବ୍ରେନ୍‌ରେ ଦେଖାଯାଉଥିବା ରୋଗକୁ ସହଜରେ ଚିହ୍ନଟ କରାଯାଇପାରିବ। ଜିନ୍ ସମ୍ବନ୍ଧୀୟ ରୋଗଗୁଡ଼ିକର ଚିହ୍ନଟ ପାଇଁ ପୂର୍ବରୁ ମୂଷାଙ୍କଠାରେ ଅଧ୍ୟୟନ କରାଯାଇଛି। କିନ୍ତୁ ମୂଷା ଅପେକ୍ଷା ବେଙ୍ଗପୁଟାରେ କରାଯାଉଥିବା ବର୍ତ୍ତମାନର ଗବେଷଣା ସ୍ପଷ୍ଟ ଫଳାଫଳ ଦେଇଥିବା ପ୍ରଫେସର ଗୁଇଲ୍ କହିଛନ୍ତି।

### ୧୭ ଜଣରେ ଜଣେ ଆକ୍ରାନ୍ତ

## ସୁପର ଓମ୍ୟାନ୍‌ରେ ମୀରା

**ମୁମ୍ବାଇ:** ନିଜ ବୋଲ୍ଡ ଅନ୍ଦାଜ୍ ପାଇଁ ବେଶ୍ ଜଣାଶୁଣା ନାୟିକା ମୀରା ଚୋପ୍ରା। ତାଙ୍କ ଆଗାମୀ ଫିଲ୍ମକୁ ନେଇ ବି.ଟାଉନ୍‌ରେ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। ସମଲିଙ୍ଗୀ ସମ୍ପର୍କ ଉପରେ ନିର୍ମାଣ ହେବାକୁ ଥିବା ଫିଲ୍ମ 'ସୁପର ଓମ୍ୟାନ୍'ରେ ମୁଖ୍ୟ ଭୂମିକାରେ ମୀରା ଅଭିନୟ କରିବେ। ଦେଶରେ ଅନେକ ମହିଳା ସମଲିଙ୍ଗୀ ସମ୍ପର୍କରେ ଥିବାବେଳେ ସମାଜ ଭୟରେ ସେମାନେ ବାହାରେ ନିଜ ରିଲେସନ୍ ବିଷୟରେ କହିପାରୁ ନ ଥିବା ମୀରା କହିଛନ୍ତି। ସୁପର ଓମ୍ୟାନ୍ ଏକ ସ୍ୱତନ୍ତ୍ରଧରଣର ଫିଲ୍ମ ବୋଲି ଏହାର ପ୍ରଯୋଜକ କହିଛନ୍ତି। ନିକଟରେ ମୀରାଙ୍କ ଅଭିନୀତ ଆଉ ଏକ ଫିଲ୍ମ 'ଶଫେଦ'ର ଫାଷ୍ଟ ଲୁକ୍ ଉନ୍ମୋଚନ କରିଛନ୍ତି ଏଆର୍ ରେହମାନ।



ମୀରା ଚୋପ୍ରା

# ନିଶାଦ୍ରବ୍ୟ ଭବିଷ୍ୟତ ନଷ୍ଟର କାରକ

**ନି**ଶାଦ୍ରବ୍ୟର ବ୍ୟବହାର ଯୋଗୁ ବହୁବିଧ ଶାରୀରିକ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଏହାର ଅପବ୍ୟବହାର ଏବଂ ବେଆଇନ କାରବାର ନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୨୬ରେ ଅନ୍ତର୍ଜାତୀୟ ଡ୍ରଗ୍ ଅପବ୍ୟବହାର, ବେଆଇନ କାରବାର ନିରୋଧୀ ଦିବସ ପାଳିତ ହୋଇଥାଏ। ନିଶାଦ୍ରବ୍ୟର ନକାରାତ୍ମକ ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ମିଳିତ ଜାତିସଂଘ ପକ୍ଷରୁ ନିଶାଦ୍ରବ୍ୟ ସେବନ ତଥା ବେଆଇନ ଡ୍ରଗ୍ କାରବାର ବିରୋଧରେ ୧୯୮୯ଠାରୁ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଚାଇନାର ପ୍ରଥମ ଅଫିମ ଯୁଦ୍ଧ ଶେଷ ପରେ ୨୫ ଜୁନ୍ ୧୮୩୯ ଗୁଆଙ୍ଗଡୋଙ୍ଗର ହୁମେନରେ ଲିନ ଜେକ୍ସୁଙ୍କ ପକ୍ଷରୁ ଅଫିମ ବାଣିଜ୍ୟକୁ ବନ୍ଦ କରିବା ପାଇଁ ଜୁନ୍ ୨୬ରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହାକୁ ସ୍ମରଣୀୟ କରିବା ଲାଗି ଜାତିସଂଘ ସାଧାରଣ ସଭାରେ ୭ ଡିସେମ୍ବର ୧୯୮୭ରେ ଏହି କକକକକକଦିବସ ପାଳନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ୨୬ ଜୁନ୍ ୧୯୮୭ରେ ଭିଏନାରେ ଆୟୋଜିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଡ୍ରଗ୍ ଅପବ୍ୟବହାର ନିୟନ୍ତ୍ରଣ ଏବଂ ବେଆଇନ କାରବାର ଉପରେ ରୋକ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦିବସ ପାଳନ ପାଇଁ ଜୁନ୍ ୧୭ ଏବଂ ୨୬ ତାରିଖ ଚୟନ କରାଯାଇଥିଲା। ପରବର୍ତ୍ତୀ ବୈଠକରେ ୨୬ ଜୁନ୍‌କୁ ଚୟନ କରାଯାଇଥିଲା। ପୃଥିବୀରେ ପ୍ରତିବର୍ଷ ୩୨୨ ବିଲିୟନ ଡଲାରର ବେଆଇନ ଡ୍ରଗ୍ କାରବାର ହୋଇଥାଏ।

### ଅନ୍ତର୍ଜାତୀୟ ଡ୍ରଗ୍ ଅପବ୍ୟବହାର, ବେଆଇନ କାରବାର ନିରୋଧୀ ଦିବସ

# ଘରକୁ ଫେରିଲେ ରାହୁଲ




### ଗ୍ରାମବାସୀ କଲେ ଭବ୍ୟ ସ୍ୱାଗତ

**ଛତିଶଗଡ଼:** ଛତିଶଗଡ ଜାଞ୍ଜଗିର ଚାମ୍ପାର ପିହରିଡ ଗ୍ରାମର ୧୧ ବର୍ଷୀୟ ରାହୁଲ ସାହୁ ଶନିବାର ଡାକ୍ତରଖାନାରୁ ଘରକୁ ଫେରିଛନ୍ତି। ବୋର୍‌ୱେଲରେ ଖସି ପଡ଼ିବା ପରେ ରାହୁଲ ସାରା ଦେଶବାସୀଙ୍କ ପାଇଁ ଚର୍ଚ୍ଚିତ ଚେହେରା ପାଲଟିଥିଲେ । ୫ ଦିନ ପର୍ଯ୍ୟନ୍ତ ବୋର୍‌ୱେଲ୍‌ରେ ରହିବା କାରଣରୁ ଜୀବାଣୁମାନେ ତାଙ୍କ ଶରୀରରେ ପ୍ରବେଶ କରିଥିଲେ। ଏ ନେଇ ତାଙ୍କ ଶରୀରରେ ଇନ୍‌ଫେକ୍ସନ ହୋଇଥିବା ରାହୁଲଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ରାହୁଲ ଘରକୁ ଫେରିବା ନେଇ ସାରା ଗ୍ରାମରେ ଏବେ ଖୁସିର ଲହରି। ଶନିବାର ଏକ ବିରାଟ ଶୋଭାଯାତ୍ରାରେ ରାହୁଲଙ୍କୁ ଏକ ରଥରେ ବସାଇ ଗ୍ରାମବାସୀ ତାଙ୍କୁ ଘରକୁ ପାଛୋଟି ଆଣିଥିଲେ। ରାହୁଲଙ୍କୁ ଉଦ୍ଧାର ପରେ ଆପୋଲୋ ହସ୍ପିଟାଲରେ ତାଙ୍କ ଚିକିତ୍ସା କରାଯାଇଥିଲା। ତେବେ ଏ ନେଇ ତାଙ୍କ ବାପା ରାମକୁମାର ସାହୁ ରାଜ୍ୟ ସରକାର, ଉଦ୍ଧାରକାରୀ ଦଳ ଏବଂ ଡାକ୍ତରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୧୦ ତାରିଖ ଦିନ ଅପରାହ୍ନ ୨ଟା ବେଳେ ଘରବାହାରେ ଖେଳୁଥିବା ସମୟରେ ରାହୁଲ ୮୦ ଫୁଟ ବୋର୍‌ୱେଲରେ ଖସିପଡ଼ିଥିଲେ। ଘଟଣାର ସୂଚନା ପାଇ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ରେସ୍କ୍ୟୁ ଅପରେସନ୍ ଆରମ୍ଭ କରିଥିଲେ। ଦୀର୍ଘ ୧୦୬ ଘଣ୍ଟାର ଲମ୍ବା ଅପରେଶନ୍ ପରେ ରାହୁଲଙ୍କୁ ସେନା ଯବାନ ବୋର୍‌ୱେଲ୍‌ରୁ ବାହାର କରିଥିଲେ। ରେସ୍କ୍ୟୁ ଅପରେଶନ୍‌ରେ ସାମିଲ ଉଦ୍ଧାକାରୀ ଦଳକୁ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ସମ୍ମାନିତ କରିବା ସହ ଦେଶର ଏହି ଦୀର୍ଘତମ ରେସ୍କ୍ୟୁ ଅପରେଶନ୍ ଉପରେ ଡକ୍ୟୁମେଣ୍ଟାରୀ ଫିଲ୍ମ ତିଆରି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଲୋକେ ସଚେତନ ହେବା କଥା ସେ କହିଛନ୍ତି।

# ବିନା ଅନୁମତିରେ ଚାଲିଛି ପାଥୋଲାବ୍, ଏକ୍ସରେ କ୍ଲିନିକ୍

## ନୀରବଦ୍ରଷ୍ଟା ସାଜିଛି ସ୍ୱାସ୍ଥ୍ୟ ବିଭାଗ

ପଟ୍ଟାମୁଣ୍ଡାଇ, ୨୫ା୬(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହରରେ ଛତୁ ଫୁଟିଲା ଭଳି ମାଳ ମାଳ ଖୋଲିଚାଲିଛି ପାଥୋଲାବ୍ ଓ ଏକ୍ସରେ କ୍ଲିନିକ୍। ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ସମସ୍ତ ବିଷୟ ଜାଣୁଥିଲେ ମଧ୍ୟ ନୀରବଦ୍ରଷ୍ଟା ସଜିଛନ୍ତି। ଡିଏମ୍ଏଲ୍‌ଟିର ବିନା ଅନୁମତି ଓ ତାଙ୍କ ନିୟମ ଅନୁଯାୟୀ ପାଥୋଲାବ୍‌ଗୁଡିକ ଚାଲି ନ ଥିବା ଅଭିଯୋଗ ହେଉଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏ ସମ୍ପର୍କରେ ଜାଣୁଥିଲେ ମଧ୍ୟ ପାଥୋଲାବ୍‌ଗୁଡିକୁ ଯାଞ୍ଚ କରାଯାଉନାହିଁ। ସ୍ୱାସ୍ଥ୍ୟ ବିଭାଗର ନିୟମ ଅନୁଯାୟୀ, ପାଥୋଲାବ୍‌ରେ କେତେ କୋଠରି ଓ ସେଥିରେ କ'ଣ ସୁବିଧା ରହିବ ତାହା ନିର୍ଦ୍ଧାରଣ କରାଯାଇଥାଏ। କିନ୍ତୁ ସେ ସବୁକୁ ନ ମାନି ଗୋଟିଏ ଗୋଟିଏ ଛୋଟ କୋଠରିରେ ପଥୋଲାବ୍‌ମାନ ଚାଲିଛି। ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ଅଧୀନରେ ଅଳପୁଆ, ତୁଳସୀଡିଆ, ଅଣ୍ଡରା, ସାନଜରିଆ, ବଡ଼ପଡ଼ା ଓ ଚନ୍ଦନନଗରରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ମଧ୍ୟ ଏ ପ୍ରକାର ପାଥୋଲାବ୍ ଚାଲିଥିବା ଲୋକେ ଅଭିଯୋଗ କରିଛନ୍ତି। ବେଆଇନ ଭାବେ ଚାଲିଥିବା ପାଥୋଲାବ୍‌ଗୁଡିକ ଯାଞ୍ଚ କରାଯାଇ ସେଗୁଡିକୁ ବନ୍ଦ କରିବା ସହ ପାଥୋଲାବ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ସେହିପରି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମଧ୍ୟ ଘରୋଇ କ୍ଲିନିକ୍‌ଗୁଡିକ ଚାଲିଛି। ସେଗୁଡିକ ମଧ୍ୟ ସରକାରଙ୍କ ନିର୍ଦ୍ଧାରିତ ନିୟମକୁ ଅମାନ୍ୟ କରି ଅନାୟାସରେ ଚାଲିଥିବା ଅଭିଯୋଗ ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଢେର୍ ହ୍ରାସ ପାଇଛି। ଏହାର ଏକ କାରଣ ବେଆଇନ ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୂଣ ହତ୍ୟା। ସହରରେ ଛତୁ ଫୁଟିଲା ଭଳି ଖୋଲିଥିବା କ୍ଲିନିକ୍‌ରେ ବେଆଇନ ଲିଙ୍ଗ ନିରୂପଣକୁ ନେଇ ଗୁରୁତର ଅଭିଯୋଗ ହେଉଛି। ଯଦିଓ ଲୋକଦେଖାଣିଆ ଭାବେ ସବୁ କ୍ଲିନିକ୍ ବାହାରେ ଲିଙ୍ଗ ନିରୂପଣ ଅପରାଧ ବୋଲି ବୋର୍ଡ ଲଗାଯାଇଛି ତେବେ ଏହି ବୋର୍ଡ ତଳେ ଲୁଚିଛପି ବେଆଇନ କାର୍ଯ୍ୟ ଚାଲିଛି। ଏପରି ସ୍ଥଳେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଉ ନ ଥିବା ସ୍ୱାସ୍ଥ୍ୟ ବିଭାଗର ସାଧୁତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ମାଳ ମାଳ ହୋଇ ଚାଲିଥିବା ବେଆଇନ ପାଥୋଲାବ୍, ଏକ୍ସ-ରେ ଓ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଉପରେ ଚଢ଼ାଉ କରାଯିବାକୁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାଥୋଲାବ୍ ଓ ଘରୋଇ କ୍ଲିନିକ୍‌ର ଯାଞ୍ଚ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏ ସମ୍ପର୍କରେ ଏଡିଏମ୍ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରୁ ବିନା ଅନୁମତିରେ ବେଆଇନ ପାଥୋଲାବ୍, ଏକ୍ସ-ରେ, ଅଲଟ୍ରାସାଉଣ୍ଡ କ୍ଲିନିକ୍ ବହୁତ ଖୋଲିଛି। ଜିଲା ଟିମ୍ ଏହାର ଅନୁଧ୍ୟାନ କରୁଛି। କିଛିଦିନ ଭିତରେ ସେମାନଙ୍କ ଉପରେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ପୋଲରୁ ଖସି ବୃଦ୍ଧ ମୃତ

ଭଦ୍ରକ ଅଫିସ, ୨୫ା୬

ବିବାହ ଉତ୍ସବରୁ ଚାଲି ଚାଲି ଫେରୁଥିବା ବେଳେ ପୋଲରୁ ଖସିପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଜିଲା ସଦର ବ୍ଲକ ବାଣିଆ ପଞ୍ଚାୟତ କୁଡ଼ିଆମାଳ ଗ୍ରାମର ବାବାଜୀ ଜେନା। ବାବାଜୀ ଶୁକ୍ରବାର ରାତିରେ ପଡ଼ୋଶୀଙ୍କ ବିବାହ ଉତ୍ସବରେ ବରଯାତ୍ରୀ ହୋଇ ଭଦ୍ରକ ବେତଡ଼ା ଗ୍ରାମକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଏକ ପୋଲ ତଳକୁ ଖସି ପଡ଼ିଥିଲେ। ଶନିବାର ଲୋକେ ପୋଲ ତଳୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ, ୩ ଗୁରୁତର

ଧାମନଗର, ୨୫ା୬(ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକର କୋଠାର ଦିନାଜପୁରରୁ ଏକ ବରଯାତ୍ରୀ ଗାଡ଼ି ଶୁକ୍ରବାର ବିଳମ୍ବିତ ରାତିରେ ଫେରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିରେ ବସିଥିବା ୧୦ ବରଯାତ୍ରୀଙ୍କ ମଧ୍ୟରୁ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଗୁରୁତରମାନେ ହେଲେ ଧାମନଗର ଏନ୍ଏସି ଅଧୀନ ବରଗଡ଼ିଆ ଗ୍ରାମର ଶଶିକାନ୍ତ ପ୍ରଧାନ(୫୫), ପ୍ରଶାନ୍ତ ସାମଲ(୪୦) ଓ ବିକାଶ ସାମଲ(୧୭)। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ବରଗଡ଼ିଆ ଗ୍ରାମରୁ ଉକ୍ତ ବରଯାତ୍ରୀ ବୋଲେରୋରେ କୋଠାର ଦିନାଜପୁରକୁ ଯାଇଥିଲେ। ବିଳମ୍ବିତ ରାତିରେ ଫେରୁଥିବା ବେଳେ ଭଣ୍ଡାରିପଦୀ ଗ୍ରାମ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଗାଡ଼ି ଧକ୍କା ଦେଇଥିଲା। ଦୁର୍ଘଟଣାରେ ଗୁରୁତରମାନଙ୍କୁ ପ୍ରଥମେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ଶ୍ରୀ ଶାରଳା ସମବାୟ ସୂତାକଳ ସମ୍ପତ୍ତି ସିଲ୍



କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନେତୃମଣ୍ଡଳୀ।

ତିର୍ତ୍ତୋଲ, ୨୫ା୬(ଡି.ଏନ୍.ଏ.)

- ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ
- ସରକାର ଋଣ ପରିଶୋଧ ନ କଲେ ସଚିବାଳୟ ଯାଏ ହେବ ଆନ୍ଦୋଳନ

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ନାଉସିରାଠାରେ ଥିବା ଶ୍ରୀ ଶାରଳା ସମବାୟ ସୂତାକଳର କିଛି ସମ୍ପତ୍ତି ଏସ୍‌ବିଆଇ ସିଲ୍ କରିଥିବା ନେଇ ଶନିବାର କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ଆୟୋଜିତ ଏହି ପ୍ରେସମିଟ୍‌ରେ ଶ୍ରୀ ଶାରଳା ସମବାୟ ସୂତାକଳର କିଛି ସମ୍ପତ୍ତି ଏସ୍‌ବିଆଇ ଦ୍ୱାରା ଜବତ ସମ୍ପର୍କରେ ସରକାରୀ ଦଳକୁ ଦାୟୀ କରାଯାଇଛି। ସୂତାକଳକୁ ଋଣମୁକ୍ତ ସହ ପୁଣି କାର୍ଯ୍ୟକ୍ଷମ ଲାଗି ଦାବି କରାଯାଇଥିଲା। ଏଥିସହ ୫ଦଫା ଦାବିରେ ସଚିବାଳୟ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବାକୁ ଧମକ ଦିଆଯାଇଥିଲା। ସମ୍ମିଳନୀରେ ସୂତାକଳର ପୁନଃଉଦ୍ଧାର ସମେତ ତିର୍ତ୍ତୋଲ ମାଟି ତଥା ଜଗତ୍‌ସିଂହପୁର ଜିଲାର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସୂଚନା ଦିଆଯାଇଥିଲା। ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ନାମରେ ନାମିତ ଏହି ସୂତାକଳ ପୁଣି ଚାଲୁ କରିବା ସହ ୫ଟି ଦାବିକୁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ତିର୍ତ୍ତୋଲ ନୁହେଁ, ଜିଲାର ବିଭିନ୍ନ ସ୍ଥାନରେ କଂଗ୍ରେସ ପ୍ରତିବାଦର ସ୍ୱର ଉଠାଇବ। ଆବଶ୍ୟକ ପଡ଼ିଲେ ଏହି ଆନ୍ଦୋଳନ ସଚିବାଳୟ ପର୍ଯ୍ୟନ୍ତ ଯିବ ବୋଲି ପ୍ରକାଶ କରାଯାଇଥିଲା। ଏହି ସମ୍ମିଳନୀରେ ଜିଲା କଂଗ୍ରେସ ମୁଖପାତ୍ର ହିମାଂଶୁ ଭୂଷଣ ମଲ୍ଲିକ, ଯୁବ ସଙ୍ଗଠକ ତଥା ଗୋବିନ୍ଦପୁର ପଞ୍ଚାୟତ ସମିତିସଭ୍ୟ ଦେବ ପ୍ରସାଦ ନାୟକ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବେଦଦ୍ୟୁତି ପୃଷ୍ଟି, ବିରିଡ଼ି ବ୍ଲକ କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକ, ରଘୁନାଥପୁର ବ୍ଲକ କଂଗ୍ରେସ କମିଟି ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ପ୍ରତ୍ୟୁଷ ପରିଜା, ତିର୍ତ୍ତୋଲ ପଞ୍ଚାୟତ କଂଗ୍ରେସ ସଭାପତି ଲଲାଟ କେଶରୀ ମହାପାତ୍ର, ବୋଧେଇ ସମିତିସଭ୍ୟ ଶିବ ପ୍ରସାଦ ସାହୁ, ରଘୁନାଥପୁର ବ୍ଲକ କଂଗ୍ରେସ ଉପସଭାପତି ମାନସ ଗୋଛାୟତ, ମଳୟ ବାରିକ, ରବୀନ୍ଦ୍ର ମଲ୍ଲିକ, ସୁଶାନ୍ତ ଦାସ, ଗଣେଶ ସ୍ୱାଇଁ, ରାକେଶ ସ୍ୱାଇଁ, ସୁଦାମ ସ୍ୱାଇଁ ଏବଂ ସାଇ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ସ୍କୁଟି ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ଚାନ୍ଦବାଲି, ୨୫ା୬(ଡି.ଏନ.ଏ.)

ଚାନ୍ଦବାଲି-ଭଦ୍ରକ ମୁଖ୍ୟରାସ୍ତା ମହୁଲିଆ ଛକ ନିକଟରେ ଶନିବାର ସ୍କୁଟି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦବାଲି ମହୁଲିଆ ଗ୍ରାମର ଭୀମସେନ ପୋଥାଳ। ସ୍କୁଟି ଚାଳକ ଜଣଙ୍କ ଚାନ୍ଦବାଲିରୁ ବାହାରି ଚନ୍ଦନପୁରକୁ ଯାଉଥିବା ବେଳେ ମହୁଲିଆ ଛକ ନିକଟରେ ସାଇକେଲରେ ଆସୁଥିବା ଭୀମସେନ ଭାରସାମ୍ୟ ହରାଇ ସ୍କୁଟି ଆଗରେ ହଠାତ୍ ପଡ଼ିଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**OFFICE OF THE SUPERINTENDING ENGINEER RURAL WATER SUPPLY AND SANITATION DIVISION, CUTTACK**
MAHANADIBIHAR, CUTTACK-753004
Telephone:0671-2441619, e-mail:eerwssctc@gmail.com

**1st Corrigendum Notice**

**No.O-536:** The following changes are to be considered for Bid Identification No.RWSSCTC 03 of 2022-23 for unavoidable circumstances.
1. The value of work for Sl.No.5 will be read as "Rs.121.86 Lakhs instead of Rs.131.96 Lakhs.

Sd./-Superintending Engineer,RWS&S Division, Cuttack
OIPR-25022/11/0009/2223

**e-procurement Notice**
**OFFICE OF THE NOTIFIED AREA COUNCIL, GOPALPUR**
Tender Call Notice No. 1453 Dt.22.06.22
**Bid Identification No. 01/2022-23**

No.C-627:- Bid document consisting of work, estimated cost, cost of tender paper, time of completion, class of contractors and the set of terms and condition and condition of contract and other necessary documents can be seen in Govt. website i.e. www.tendersorissa.gov.in

| | |
|---|---|
| Total number of Civil works | 10 Nos. |
| Estimated cost | Rs.2.5 Lakh to Rs.10.0 Lakh |
| Date & time of availability of bid documents in the portal | 11.00 A.M. of dt. 24.06.2022 to 6.00 P.M. of dt.30.06.2022 for online bidding |
| Last date of receive of bid through Online | 6.00 P.M. of dt.30.06.2022 |
| Date of opening of bid | 11.00 A.M. on Dt.6.7.2022 |

Sd./- Executive Officer, N.A.C., Gopalpur
OIPR-13186/11/0005/2223

**OFFICE OF THE NOTIFIED AREA COUNCIL, RAMBHA**
Rambha N.A.C., Ganjam, Odisha, 761028
Tel: 06810-278336 E-mail: rambhanac123@gmail.com
Sl. No. 1424/NAC Dated: 24.06.2022

**QUOTATION CALL NOTICE**

No. C-632:- Sealed quotations are invited in item basis for **"Supply of different types of decorative plants and grass for Greenery & Landscapping"** in NAC area for pond beautification, open space development, smart park and children park purposes from different agencies having upto date GST clearance certificate, Registration certificate from any department or Local body, Aadhaar card & PAN for the works mentioned. The EMD (1% of supply order) should be attached in shape of fixed deposit from any Nationalized Bank in favour of the Executive Officer, NAC, Rambha payable at Rambha along with all documents as above at the time of agreement. The quotationer can receive the QCN from the office of the undersigned from **27.06.2022** to **06.07.2022** in office hour (except public holidays) with payment of **cost of quotation paper of Rs.400/-** in shape of cash/Draft. The sealed tenders should reach to the undersigned on or before **07.07.2022** by **12.00 noon** (except public holidays) & which will be opened on same day at **12.30 P.M.** by the undersigned. The quotationer or their authorized agent may be present at the time of opening if agencies so wishes. The quotationer received beyond the date & time mentioned above shall not be entertained. The Authority reserves the right to accept or reject any or all quotations without assigning any reason thereof.

Sd./- Executive Officer, NAC, Rambha (Gm)
OIPR-13114/11/0003/2223

# ୨ ସମବାୟ ସମିତିରେ ପରିଚାଳନା ନିର୍ଦ୍ଦେଶକ ପାଇଁ ଭୋଟ

ଡେରାବିଶ, ୨୫ା୬(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନରେ ଥିବା ୧୦ଟି ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରୁ ଗତ ୧୯ ତାରିଖ ରବିବାର ପ୍ରଥମ ପର୍ଯ୍ୟାୟରେ ୬ ସମବାୟ ସମିତିର ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ତେବେ କାଉପଡ଼ା କପିଳେଶ୍ୱର ସମବାୟ ସମିତିରେ ଥିବା ସମସ୍ତ ୧୫ଟି ଜୋନରେ ନିର୍ଦ୍ୱନ୍ଦ୍ୱରେ ପରିଚାଳନା ନିର୍ଦ୍ଦେଶକ ପ୍ରାର୍ଥୀ ନିର୍ବାଚିତ ହୋଇଥିବାରୁ ଏହି ଦୁଇଟି ସମିତିରେ ଭୋଟ ଗ୍ରହଣ ହୋଇନାହିଁ । ରବିବାର ବ୍ଲକ ଅଧୀନ ପଲେଇ ଓ ନହଙ୍ଗ ସମବାୟ ସମିତିରେ ନିର୍ବାଚନ ଅନୁଷ୍ଠିତ ହେବ । ଏହି ଦୁଇଟି ସମିତିରେ ସମୁଦାୟ ଭୋଟରଙ୍କ ସଂଖ୍ୟା ୫୦୦ ଥିବା ବେଳେ ନିର୍ଦ୍ଦେଶକ ପଦବୀ ପାଇଁ ୪୦ ଜଣ ପ୍ରାର୍ଥୀ ରହିଛନ୍ତି । ସେଥିମଧ୍ୟରୁ ପଲେଇ ସମବାୟ ସମିତିରେ ଥିବା ୧୫ଟି ଜୋନ୍ ମଧ୍ୟରୁ ୫ଟିରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୧୦ଟି ଜୋନ୍‌ରେ ଅନୁଷ୍ଠିତ ନିର୍ବାଚନରେ ୨୧ ଜଣ ପ୍ରାର୍ଥୀ ରହିଛନ୍ତି । ଏହି ସମିତିରେ ଭୋଟରଙ୍କ ସଂଖ୍ୟା ୨୯୭ ରହିଛି । ସେହିପରି ନହଙ୍ଗ ସମବାୟ ସମିତିରେ ୧୫ଟି ଜୋନ୍ ମଧ୍ୟରୁ ୭ଟି ଜୋନ୍‌ରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୮ ଜୋନ୍‌ରେ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ୧୯ ଜଣ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ରହିଛନ୍ତି। ଏହି ସିମିତିରେ ସମୁଦାୟ ଭୋଟରଙ୍କ ସଂଖ୍ୟା ୨୧୫ ରହିଛି । ଦୁଇଟି ସମବାୟ ସମିତି ନିର୍ବାଚନ ପାଇଁ ଜିଲ୍ଲା ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତ୍ୟେକ ସମିତିରେ ପ୍ରିଜାଇଡିଂ ଅଫିସରଙ୍କୁ ମିଶାଇ ୫ ଜଣ ଲେଖାଏ ୧୦ ଜଣ ପୋଲିଂ ପାର୍ଟିରେ ସାମିଲ ହୋଇଛନ୍ତି ବୋଲି ଜିଲା ସହକାରୀ ଉପନିବନ୍ଧକ ମନମୋହନ ରାଉତ ସୂଚନା ଦେଇଛନ୍ତି । ରାଉତଙ୍କ ସୂଚନା ଅନୁଯାୟୀ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ପଲେଇ ସମିତିରେ ଡେରାବିଶ ପୋଲିସ ଓ ନହଙ୍ଗ ସମିତିରେ ନିକିରାଇ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସକାଳ ୭ଟାରୁ ଏହି ନିର୍ବାଚନ ଅନୁଷ୍ଠିତ ହୋଇ ଅପରାହ୍ନ ୪ଟା ଯାଏ ଚାଲିବ ବୋଲି ରାଉତ କହିଛନ୍ତି ।

# ୪ ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଭଦ୍ରକ ଅଫିସ, ୨୫ା୬



ଗିରଫ ଅଭିଯୁକ୍ତମାନେ।

ଭଦ୍ରକ ସହରର ଆରଡ଼ି ଛକରୁ ଗ୍ରାମାଞ୍ଚଳ ପୋଲିସ ଶନିବାର ପୂର୍ବାହ୍ନରେ ୪ଜଣ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ମଧ୍ୟରୁ ଜଣେ ପୁରୁଣାବଜାର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ୩ଜଣ ଗେଲପୁର ଅଞ୍ଚଳର। ସେମାନଙ୍କ ନିକଟରୁ ପୋଲିସ ବହୁ ମାରଣାସ୍ତ୍ର ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଏହି ୪ଜଣ ଆରଡ଼ି ଛକ ନିକଟରେ ୩ଟି ବାଇକ୍‌ରେ ଆସୁଥିବା ବେଳେ ପାଟ୍ରୋଲିଂ ପୋଲିସ ଟିମ୍‌ର ସେମାନଙ୍କ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା। ପୋଲିସ ଅଟକାଇ ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ କାତି, କଟୁରି, ଲୁହାରଡ୍ ଆଦି ବାହାରିଥିଲା। ସେମାନେ ସାମରାଇପୁର ଅଞ୍ଚଳରେ ଡକାୟତି ଓ ସିନ୍ଧିଚୋରି କରିବା ପାଇଁ ଯୋଜନା କରୁଥିଲେ। ପରେ ସେମାନଙ୍କ ଘରୁ ୫ଟି ବାଇକ୍, ଟିଭି, ଡିଜେ ମେଶିନ, ଫ୍ୟାନ୍, ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ, ହାଲୋଜିନ୍ ଲାଇଟ ଓ ଦୁଇଟି ମଟର ପମ୍ପ ଜବତ କରାଯାଇଛି। ସେଥିମଧ୍ୟରୁ ଗୋଟିଏ ମଟର ପମ୍ପ ଚୋରି ଅଭିଯୋଗରେ ଗ୍ରାମାଞ୍ଚଳ ଥାନାରେ ମାମଲା(ନଂ.୩୨୭/୨୨)ରୁଜୁ ହୋଇଥିଲା। ତେବେ ତଦନ୍ତ ଚାଲିଥିବାରୁ ପୋଲିସ ଅଭିଯୁକ୍ତଙ୍କ ନାଁ ପ୍ରକାଶ କରିନାହିଁ।

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF CONSTRUCTION ENGINEER, LOWER SUKTEL IRRIGATION PROJECT, BALANGIR, AT-LALTIKRA, DIST:- BALANGIR, PIN-767002**
No.A-352:- email-Id- ccelsp@gmail.com
**Government of Odisha "e" PROCUREMENT NOTICE**
**Bid Identification No. 06/2022-23 of CCE, LSP, Balangir**

| | | |
|---|---|---|
| i | Name of work | PROVIDING HEAVY VEHICLES (HYDRAULIC EXCAVATOR) JCB MACHINE FOR EFFECTIVE DEMOLITION & LEVELLING OF HOUSES FOR EVICTION AND LOGISTIC SUPPORT FOR TRANSPORTATION OF HOUSE HOLD MATERIALS OF DISPLACED PERSONS OF 16 OUT OF 29 NOS. OF SUBMERGED VILLAGES OF LOWER SUKTEL IRRIGATION PROJECT, BALANGIR. |
| ii | Estimated cost | Rs.1,57,18,387.00 |
| iii | Period of completion | 18 (Eighteen) calendar months |
| iv | Date & Time of availability of bid document in the portal | 27.06.2022 at 10.30 A.M. |
| v | Last date/time for receipt of bid in the portal | 12.07.2022 upto 5.30 P.M. |
| vi | Name & address of the officer inviting bid | Chief Construction Engineer, Lower Suktel Irrigation Project, At-Laltikra,Dist- Balangir, PIN-767002 |

Further details can be seen from the e-Procurement Portal http://tendersodisha.gov.in.
Any corrigendum / addendum/ cancellation will be displayed in the Govt. Website only.

Chief Construction Engineer, Lower Suktel Project, Balangir
OIPR-32448/11/0002/2223

**DIRECTORATE OF TECHNICAL EDUCATION & TRAINING, ODISHA, KILLAMAIDAN, BUXIBAZAR, CUTTACK-753001**
Email:ccrdiploma2022@gmail.com,
Website: https://www.dtetorissa.com,Ph-0671-2301061

**DIPLOMA ADMISSION-2022**
No. KK-71 No.7903/ Dt.24.06.2022

**Admission to 1st Semester Diploma in Engineering/ Technology, Lateral Admission to 3rd Semester Engineering/ Technology & 1st Sem. / 1st Year Non-Engineering Courses**

**Diploma admission-2022 shall be conducted through ONLINE Application in SAMS Portal. Admission Timeline (For Government & Private Institutions of Odisha)**

| Sl # | Activities | Timeline (Diploma Admission 2022) | |
|---|---|---|---|
| | | 3rd Semester (LE) | 1st Semester/ 1st Year |
| 1 | Availability of ONLINE Common Application Form (CAF) on the SAMS Portal | 27.06.2022 | 27.06.2022 |
| 2 | Last date for applying ONLINE Common Application Form (CAF) | 23.07.2022 | 24.07.2022 |
| 3 | Commencement of document verification of applicants at selected NCCs, whose required documents have not been validated online | 29.06.2022 | 29.06.2022 |
| 4 | Last date of document verification of applicants at selected NCCs as applicable | 25.07.2022 | 27.07.2022 |
| 5 | Error free validation certificates from the NCCs | 27.07.2022 | 29.07.2022 |
| 6 | Selection of medical standard certificates of physically challenged (PC) candidates at SCB Medical College & Hospital, Cuttack | 28.07.2022 to 30.07.2022 | 30.07.2022 to 02.08.2022 |
| 7 | Verification of Merit List | 04.08.2022 | 10.08.2022 |
| 8 | Publication of Merit List | 05.08.2022 | 12.08.2022 |
| 9 | Online choice filling of institutions and branch by eligible applicants | 05.08.2022 to 10.08.2022 | 12.08.2022 to 17.08.2022 |
| 10 | Provisional Allotment of Seats (First Round) | 18.08.2022 | 24.08.2022 |
| 11 | Online payment of Part Admission fees (First Round) | 19.08.2022 to 22.08.2022 | 24.08.2022 to 29.08.2022 |
| 12 | Applicants, who are alloted first choice in the first round, after payment of part admission fee, will download the final allotment letter and report at the allotted institution | 19.08.2022 to 22.08.2022 | 24.08.2022 to 29.08.2022 |
| 13 | Online Choice Filling by left out SC/ST Candidates | 23.08.2022 | 30.08.2022 |
| 14 | Provisional Allotment of Seats (Second Round) | 30.08.2022 | 09.09.2022 |
| 15 | Online payment of Part Admission fees (Second Round) | 30.08.2022 to 03.09.2022 | 09.09.2022 to 14.09.2022 |
| 16 | Availability of final allotment letter to the applicants, except those, who have been issued final allotment letter in the first round. | 13.09.2022 | 23.09.2022 |
| 17 | Reporting of the final allotted candidates of second round only at the allotted institution | 13.09.2022 to 17.09.2022 | 26.09.2022 to 30.09.2022 |
| 18 | Redressal of Grievances of the applicants raised during admission process for settlement | 19.09.2022 | 01.10.2022 |
| 19 | Publication of institute/ branch wise vacancy report on the website | 22.09.2022 | 10.10.2022 |

NB-1. The detailed Eligibility Criteria was published on 13.06.2022 in All Odisha Editions of the Samaj, The Sambad, The Dharitri, The Prameya and All India Editions of the Times of India.
NB-2. The Diploma Admission-2022 information Brochure and USER Manual will be made available on the websites **https://www.dtetorissa.gov.in.** and **http://skill.samsodisha.gov.in.**

Sd./- Director of Technical Education and Training, Odisha, Cuttack
OIPR-14004/11/0003/2223

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**NOTICE INVITING REQUEST FOR PROPOSAL (RfP)**

No. CAD-928:- 1. Request for Proposal (RfP) for the following work is invited on-line through the e-procurement portal of Govt. of Odisha.

| # | Name of Project | EMD in INR | Bid Processing Fee in INR | Period of Services |
|---|---|---|---|---|
| 1. | Design, Manufacturing and Installation of PEB( Pre-Engineered Building) Sample Processing Unit including civil foundation, W/S, E/I and others on Turnkey basis at Jhiling Mines of Barbil Region in the district of Keonjhar. | Bid Security declaration to be submitted in lieu of EMD | 10,000/- plus 18% GST | 05 (Five) Months |

2. The bidders must participate in on-line bidding at the site: https://www.tendersodisha.gov.in
3. Bid documents will be available in the above website from 27/06/2022 to 11/07/2022 up to 05:00 PM
4. Last date and time for on-line submission of bid in web portal is 11/07/2022 upto 05:00 PM.
5. The tender will be opened on 12/07/2022 at 11:00 AM
6. The bidder must possess compatible Digital Signature Certificate (DSC) of Class-II or Class-III.

All other details can be seen from RfP Document at https://www.tendersodisha.gov.in. Odisha Mining Corporation Limited reserves the right to reject any or all RfPs received without assigning any reason thereof.

OIPR-30005/11/0065/2223 CGM (Civil)

# ଅଭିଷେକ-ଜ୍ୟୋତିଙ୍କୁ ସ୍ୱର୍ଣ୍ଣ ପଦକ


ଜ୍ୟୋତି ସୁରେଖା ଭେନ୍ନାମ ଓ ଅଭିଷେକ ବର୍ମା।

## ତୀରନ୍ଦାଜୀ ବିଶ୍ୱକପ୍

ପ୍ୟାରିସ,୨୫।୬(ପିଟି)

ତୀରନ୍ଦାଜୀ ବିଶ୍ୱକପ୍‌ର ଷ୍ଟେଜ ୩ରେ ଭାରତୀୟ ତୀରନ୍ଦାଜମାନେ ଶନିବାର ୨ଟି ପଦକ ହାସଲ କରିଛନ୍ତି। କମ୍ପାଉଣ୍ଡ ମିକ୍ସଡ୍ ଦଳଗତ ଇଭେଣ୍ଟରେ ଅଭିଷେକ ବର୍ମା ଓ ଜ୍ୟୋତି ସୁରେଖା ଭେନ୍ନାମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ୩ ନମ୍ବର ଜ୍ୟୋତି ବ୍ୟକ୍ତିଗତ ବିଭାଗରେ ରୌପ୍ୟ ପଦକ ପାଇଛନ୍ତି। ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଜ୍ୟୋତି ଶୁଟ୍-ଅଫ୍‌ରେ ଇଲା ଗିବସନଙ୍କଠାରୁ ହାରି ଯାଇଥିଲେ। ଉଭୟଙ୍କ ସ୍କୋର ୧୪୮-୧୪୮ ରହିବାରୁ ଶୁଟ୍‌ଅଫ୍‌ର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ମଧ୍ୟ ଉଭୟଙ୍କ ସ୍କୋର ୧୦-୧୦ ରହିଥିଲା। ତେବେ ଗିବସନ ସେଣ୍ଟରର ନିକଟବର୍ତ୍ତୀ ସ୍ଥାନରେ ଅଧିକ ତୀର ମାରିଥିବାରୁ ଫାଇଦାରେ ରହିଥିଲେ। କମ୍ପାଉଣ୍ଡ ମିକ୍ସଡ୍ ଦଳଗତ ଫାଇନାଲରେ ଆରମ୍ଭରୁ ପ୍ରଭାବ ବିସ୍ତାର କରି ଖେଳିଥିବା ଭାରତୀୟ ତୀରନ୍ଦାଜ ଫ୍ରେଞ୍ଚ ଯୋଡ଼ି ଜିନ ବୋଲଚ ଏବଂ ୪୮ ବର୍ଷୀୟା ଅଲିମ୍ପିକ୍ ପଦକଧାରୀ ସୋଫି ଡୋଡେମଣ୍ଟଙ୍କୁ ୧୫୧-୧୪୯ରେ ହରାଇ ଦେଇଥିଲେ। କମ୍ପାଉଣ୍ଡ ମିକ୍ସଡ୍ ଦଳଗତ ଇଭେଣ୍ଟରେ ଭାରତ ପାଇଁ ଏହା ପ୍ରଥମ ବିଶ୍ୱକପ୍ ସ୍ୱର୍ଣ୍ଣ ପଦକ। ପ୍ରଥମ ରାଉଣ୍ଡରେ ୩ୟ ସିଡ୍ ଭାରତୀୟ ଯୋଡ଼ି ଆରମ୍ଭରୁ ୪ ଥର ୧୦ ପଏଣ୍ଟ ହାସଲ କରି ଫ୍ରେଞ୍ଚ ତୀରନ୍ଦାଜଙ୍କଠାରୁ ୩ ପଏଣ୍ଟ ଆଗରେ ରହିଥିଲା। ଦ୍ୱିତୀୟ ରାଉଣ୍ଡରେ ଭାରତ କେବଳ ଥରେ ୧୦ ପଏଣ୍ଟ ହାସଲ କରିଥିବା ବେଳେ ଭାରତର ଅଗ୍ରଣୀ ବ୍ୟବଧାନକୁ ୧ ପଏଣ୍ଟକୁ ନେଇ ଆସିଥିଲେ। ତୃତୀୟ ରାଉଣ୍ଡ ଡ୍ର' ରହିବା ପରେ ଚତୁର୍ଥ ରାଉଣ୍ଡରେ ଅଭିଷେକ ଓ ଜ୍ୟୋତି ୨ ପଏଣ୍ଟରେ ଫ୍ରେଞ୍ଚ ଯୋଡ଼ିକୁ ହରାଇବା ସହ ସ୍ୱର୍ଣ୍ଣ ପଦକ ହାସଲ କରି ନେଇଥିଲେ। ମହିଳା ରକର୍ଭ ଦଳଗତ ଇଭେଣ୍ଟରେ ଭାରତକୁ ଅତିକମ୍‌ରେ ରୌପ୍ୟ ପଦକ ମିଳିବା ନିଶ୍ଚିତ ହୋଇଛି।

# ଭାରତ ସିରିଜ ବିଜୟୀ

ଡାମ୍ବୁଲା,୨୫।୬: ଏଠାରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୫ ଉଇକେଟରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ୨-୦ରେ ଆଗୁଆ ରହିବା ସହ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ବିଜୟୀ ହୋଇଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୨୬ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତୀୟ ଦଳ ୧୯.୧ ଓଭରରେ ହାସଲ କରି ନେଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଅଧିନାୟିକା ହରମନପ୍ରୀତଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଟସ୍ ଜିତି ବ୍ୟାଟିଂ କରିଥିବା ଘରୋଇ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୨୫ ରନ କରିଥିଲା। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୨ ଉଇକେଟ ନେଇଥିବା


ଶଟ୍ ଖେଳିବା ଅବସରରେ ହରମନପ୍ରୀତ କୌର।

ବେଳେ ଅଧିନାୟିକା ହରମନପ୍ରୀତ, ପୂଜା ବସ୍ତ୍ରକାର, ରାଧା ଯାଦବ ଓ ରେଣୁକା ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତୀୟ ଦଳକୁ ବିସ୍ଫୋରକ ଆରମ୍ଭ ଦେଇଥିଲେ ଶେଫାଳୀ ବର୍ମା (୧୭ ରନ୍, ୨ ଚୌକା ଓ ୧ ଛକା) ଏବଂ ସ୍ମୃତି ମନ୍ଧାନା (୩୯ ରନ୍, ୮ ଚୌକା)। ଦୁଇ ଓପନର ୩.୩ ଓଭରରେ ଦଳୀୟ ସ୍କୋରକୁ ୩୦ରେ ପହଞ୍ଚାଇଥିଲେ। ତା' ପରେ ସାବିନେନି ମେଘନା ୪ ଚୌକା ସହାୟତାରେ ୧୦ ବଲରେ ୧୭ ରନ କରି ଆଉଟ ହୋଇଥିଲେ। ଏଥିଯୋଗୁ ପାଓ୍ୱରପ୍ଲେ ୬ ଓଭର ମଧ୍ୟରେ ଭାରତୀୟ ଦଳ ୨ ଉଇକେଟ ହରାଇ ୫୨ ରନ କରିଥିଲା। ଏହାସତ୍ତ୍ୱେ ବିଜୟଲକ୍ଷ୍ୟ ହାସଲ କରିବା ଲାଗି ଭାରତୀୟ ଦଳକୁ ୧୯.୧ ଓଭର ପର୍ଯ୍ୟନ୍ତ ସଂଘର୍ଷ କରିବାକୁ ପଡ଼ିଥିଲା। ଭାରତୀୟ ଦଳ ୫ ଉଇକେଟ ହରାଇ ୧୨୭ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପାଇଁ ଅଧିନାୟିକା ହରମନପ୍ରୀତ ଅପରାଜିତ ୩୧ (୨ ଚୌକା) ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୨୦ ଓଭରରେ ୧୨୫/୭(ଭିଶ୍ମୀ ଗୁଣାରତ୍ନେ-୪୫, ଆଟାପାଟୁ-୪୩, ଦୀପ୍ତିଶର୍ମା-୨/୩୪, ହରମନପ୍ରୀତ କୌର-୧/୧୨)। ଭାରତ ୧୯.୧ ଓଭରରେ ୧୨୭/୫ (ସ୍ମୃତି ମନ୍ଧାନା-୩୯, ହରମନପ୍ରୀତ କୌର-୩୧, ଇନୋକା ରାଣାୱିରା-୨/୧୮, ଓଶାଡି ରାଣାସିଙ୍ଘେ-୨/୩୨)।

13th Happy Marriage Anniversary

Sudhir (Lulu) & Madhumita (Geeta)
Wish you both a Happy Marriage Anniversary.
-:With Best Compliments from:-
Family, Friends & Relatives.
D-73705

ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା

''ଆଭ୍ୟା''
ଜନମ ଦିନର ଅନନ୍ତ ଅଭିନନ୍ଦନ ଦିବ୍ୟଗୁଣେ ପୂରିଉଠୁ ତୁମ ଜୀବନ ପୁଷ୍ପାକୀର୍ଣ୍ଣ ହେଉ ତୁମ ଚଲାପଥ ଛତ୍ରଛାୟା ତଳେ ରଖିଥାନ୍ତୁ ପ୍ରଭୁ ଜଗନ୍ନାଥ।
ଶୁଭେଚ୍ଛା ସହ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୮୨୯

ଜନ୍ମଦିନ ଶୁଭେଚ୍ଛା

(ଓମ୍)
ସତ୍ୟଜିତ୍ ଖମାରୀ
ବୁଗବୁଗା (ଅତାବିରା), ବରଗଡ଼
ମାଁ ସମଲେଶ୍ୱରୀ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ। ଆଜି ତୋର ପଞ୍ଚମ ଜନ୍ମବାର୍ଷିକୀରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ: ପ୍ରିୟାଂଶା, ଅଭିଜିତ୍, ଅଭିଳାଷା, ଅଭିଲିପ୍ସା, ସୋନାଲିସା, ରୋକାଲିସା, ଆଲିସା, ଲିପ୍ସା।
ଧ-୮୨୮

# ବାଳିକା ବିଭାଗରେ ମଦର୍ସ-କିସ୍ ଫାଇନାଲ

## ସପ୍ତାହାନ୍ତ ଆନ୍ତଃ ବିଦ୍ୟାଳୟ ବାସ୍କେଟବଲ

ଭୁବନେଶ୍ୱର, ୨୫।୬ (କ୍ରୀଡ଼ା ପ୍ରତିନିଧି)

ୟୁନିଟ-୧ ଇନ୍‌ଡୋର ହଲ୍‌ରେ ଚାଲିଥିବା ସପ୍ତାହାନ୍ତ ଆନ୍ତଃ-ବିଦ୍ୟାଳୟ ବାସ୍କେଟବଲ ପ୍ରତିଯୋଗିତାର ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ମଦର୍ସ ପବ୍ଲିକ୍ ସ୍କୁଲ ଓ କିସ୍ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ବାସ୍କେଟବଲ ଆସୋସିଏଶନ ଏବଂ ଖୋର୍ଦ୍ଧାଜିଲା ବାସ୍କେଟବଲ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାର ଶନିବାର ପ୍ରଥମ ସେମିଫାଇନାଲରେ ମଦର୍ସ ୩୦-୧୨ ପଏଣ୍ଟରେ ସେଣ୍ଟ ଯୋସେଫ୍‌କୁ ପରାସ୍ତ କରିଛି। ବିଜୟୀ ଦଳର ଅନନ୍ୟା ମହାନ୍ତି ୧୦ ଏବଂ ସେଣ୍ଟ ଯୋସେଫ ପକ୍ଷରୁ ପ୍ରଜ୍ଞାଶ୍ରୀ ୯ ପଏଣ୍ଟ ସ୍କୋର କରିଥିଲେ। ୨ୟ ସେମରେ କିସ୍ ସ୍କୁଲ ୪୦-୧୦ ପଏଣ୍ଟରେ ବିଜେଇଏମ୍‌କୁ ହରାଇ ଦେଇଛି। କିସ୍ ପକ୍ଷରୁ ସଞ୍ଜିଲା କୁଜୁର ୨୦ ଏବଂ ସରିତା ସିଂ ଓ ମମତା ପୂଜାରୀ ୬ ପଏଣ୍ଟ ଲେଖାଏ ସ୍କୋର କରିଥିଲେ। ବାଳକ ବିଭାଗରେ ମଦର୍ସ ଓ ଭେଙ୍କଟେଶ୍ୱର ସ୍କୁଲ ଫାଇନାଲରେ ପହଞ୍ଚିଛନ୍ତି। ପ୍ରଥମ ସେମିରେ ମଦର୍ସ ୫୭-୧୨ ପଏଣ୍ଟରେ ଓଡିଏମ୍ ପବ୍ଲିକ୍ ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳର ଶଶାଙ୍କ ଶେଖର ୧୯ ଓ କୁନାଲ ଶାହା ୧୪ ପଏଣ୍ଟ ଏବଂ ଓଡିଏମ୍‌ର ପ୍ରୀତିକାନ୍ତ ୯ ପଏଣ୍ଟ ସ୍କୋର କରିଥିଲେ। ଦ୍ୱିତୀୟ ସେମିରେ ଭେଙ୍କଟେଶ୍ୱର ୬୦-୪୨ରେ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟକୁ ହରାଇ ଦେଇଛି। ଭେଙ୍କଟେଶ୍ୱରର ଓମ୍ ସ୍ଥିତିପ୍ରଜ୍ଞ ୨୯ ଓ ୟୁନିଟ-୧ର ଦୀନେଶ ୨୭ ପଏଣ୍ଟ ସ୍କୋର କରିଥିଲେ।

# ୯୬ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ଭୁବନେଶ୍ୱର, ୨୫।୬ (କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଡିଗ୍ରୀ କଲେଜ ଛାତ୍ରୀମାନଙ୍କୁ ଉତ୍କଳ କରାଟେ ସ୍କୁଲ୍‌ରେ ଦିଆଯାଉଥିବା ଆତ୍ମରକ୍ଷା କୌଶଳ ରିଆକ୍ଟର ଦଶମ ବ୍ୟାଚ୍‌ରେ ମୋଟ ୯୬ ଛାତ୍ରୀ ପ୍ରଶିକ୍ଷଣ ଲାଭ କରିଛନ୍ତି। ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ବିଭିନ୍ନ ଡିଗ୍ରୀ କଲେଜର ଏହି ଛାତ୍ରୀମାନଙ୍କୁ ଶିବିରରେ ୪୨ ଘଣ୍ଟାର ଶାରୀରିକ ଓ ମାନସିକ ଶିକ୍ଷା ପ୍ରଦାନ କରାଯାଇଥିଲା। ଶନିବାର ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଉଚ୍ଚଶିକ୍ଷା ବିଭାଗର ଅନୁଶାସନ ସଚିବ ତଥା ଏସଏନ୍‌ଓ ରମେଶ ଚନ୍ଦ୍ର ବେହେରା, ପ୍ରଶିକ୍ଷକ ଗୋପାଳ ଦାସ, ନିରଞ୍ଜନ ପଟ୍ଟନାୟକ, ଅନୁପମା ସ୍ୱାଇଁ, ସୁସ୍ମିନୀ ପାଲଟାସିଂ, କୃଷ୍ଣ ଚନ୍ଦ୍ର ନାୟକ, ମଧୁପ୍ରିୟା, ନ୍ୟାସା କୁମାରୀ ଏବଂ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ରିଆକ୍ଟ ଓ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା।


ଉଦ୍‌ଯାପନୀ ଉତ୍ସବରେ ପ୍ରଶିକ୍ଷକଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

# ଭାରତର ଦ୍ୱିତୀୟ ବିଜୟ

## ମହିଳା ଚ୍ୟାଲେଞ୍ଜ କପ୍ ଭଲିବଲ

ଭୁବନେଶ୍ୱର, ୨୫।୬ (କ୍ରୀଡ଼ା ପ୍ରତିନିଧି)

ଥାଇଲାଣ୍ଡର ନାଖୋନ୍‌ଠାରେ ଚାଲିଥିବା ୨୧ତମ ପ୍ରିନ୍‌ସେସ୍ କପ୍ ୩ୟ ଏଭିସି ମହିଳା ଚ୍ୟାଲେଞ୍ଜ କପ୍ ଭଲିବଲ ଟୁର୍ନାମେଣ୍ଟରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଶୁକ୍ରବାର ପ୍ରଥମ ଲିଗ୍ ମ୍ୟାଚରେ ସିଙ୍ଗାପୁରକୁ ୩-୦ରେ ହରାଇଥିବା ଭାରତ ଶନିବାର ଉଜ୍‌ବେକିସ୍ତାନକୁ ୩-୦ ସେଟ୍‌ରେ ବିଜୟ ହାସଲ କରିଛି। ପୂରା ମ୍ୟାଚରେ ଆଧିପତ୍ୟ ବିସ୍ତାର କରି ଖେଳିଥିବା ଭାରତୀୟ ଦଳ ୨୫-୧୬, ୨୫-୧୩, ୨୫-୧୬ ପଏଣ୍ଟରେ ବିଜୟୀ ହୋଇଥିଲା। ଭାରତ ପକ୍ଷରୁ ବ୍ଲକର ସୋର୍ଯ୍ୟା ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଭାରତ ଏହାର ପରବର୍ତ୍ତୀ ଲିଗ୍ ମ୍ୟାଚ ରବିବାର ମାଲେସିଆ ବିପକ୍ଷରେ ଖେଳିବ।



ବିଜୟ ହାସଲରେ ଉଲ୍ଲସିତ ଭାରତୀୟ ଖେଳାଳି।

## ରାଜ୍ୟ ଖବର

# ଦେଓ ନଦୀ ଜାମୁଘାଟ ପୋଲରେ ଫାଟ

## ଉଦଳା- କୁଆଁମରା ଯାତାୟାତ ବନ୍ଦ

ଉଦଳା/କୁଆଁମରା,୨୫।୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳାରୁ କୁଆଁମରାକୁ ସଂଯୋଗ କରୁଥିବା ଦେଓନଦୀ ଜାମୁଘାଟ ପୋଲରେ ଫାଟ ସୃଷ୍ଟି ହୋଇଛି। ବିପଦ ଆଶଙ୍କାରେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ପୋଲ ଉପରେ ଯାନବାହନ ଚଳାଚଳ ବନ୍ଦ କରି ଦିଆଯାଇଛି। ପୋଲର ଦୁଇ ପାର୍ଶ୍ୱରେ ପୋଲିସ ମୁତୟନ ହୋଇଛନ୍ତି। ଉଦଳା ଓ ଗୋପବନ୍ଧୁନଗର ବ୍ଲକ ସୀମା କଇଁସାରୀର ଜାମୁଘାଟଠାରେ ପ୍ରାୟ ୨୫ ବର୍ଷ ତଳେ ଦେଓ ନଦୀ ଉପରେ ଏହି ପୋଲ ନିର୍ମାଣ କରାଯାଇଥିଲା।

ଶୁକ୍ରବାର ଅଞ୍ଚଳରେ ଲଗାଣ ବର୍ଷା ହୋଇଥିଲା। ଶନିବାର ସକାଳେ ପୋଲର ୪ଟି ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ଭାରିଯାନ ଚଳାଚଳ ବେଳେ ପୋଲଟି ଦୋହଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପୋଲରେ ଫାଟ ସୃଷ୍ଟି ହେବା ଖବର ପ୍ରଚାରିତ ହେବା


ଜାମୁଘାଟ ପୋଲରେ ହୋଇଥିବା ଫାଟ।

ପରେ ଶତାଧିକ ଲୋକ ସେଠାରେ ଭିଡ଼ ଜମାଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୂର୍ତ୍ତ ବିଭାଗ ଅଧିକାରୀ ଓ ସ୍ଥାନୀୟ ପୋଲିସ ପହଞ୍ଚି ଲୋକଙ୍କ ସୁରକ୍ଷା ପାଇଁ ପୋଲର ଦୁଇ ମୁଣ୍ଡରେ ଅସ୍ଥାୟୀ ବାଡ଼ ବସାଇବା ସହ କ୍ରଶର ଗୁଣ୍ଡ ଜମା କରି ଗାଡ଼ି ଚଳାଚଳ ବନ୍ଦ କରିଥିଲେ।

ଏହି ରାସ୍ତା ଉପରେ ଠାକୁରମୁଣ୍ଡା,ଡଙ୍ଗାଡିହା,ପୋଡ଼ାଡ଼ିହା, ଉଦଳା, ମାଣଡ୍ରୀ, ବୈଶିଙ୍ଗା ଓ ରୁପ୍‌ସା ଅଞ୍ଚଳର ଲୋକେ ମଧ୍ୟ ନିର୍ଭର କରିଥାନ୍ତି। ତେବେ ବର୍ଷାଦିନ ଆରମ୍ଭରୁ ପୋଲର ଅବସ୍ଥା ବିପଦସଙ୍କୁଳ ହୋଇ ପଡ଼ିବାରୁ ଯାତାୟାତରେ ଘୋର ବାଧା ସୃଷ୍ଟି ହୋଇଛି। ଏହି ରାସ୍ତା ମୁଖ୍ୟତଃ ଉଦଳା - ଜୟପୁର ଦେଇ ବାଲେଶ୍ୱରକୁ ସଂଯୋଗ କରୁଥିବାରୁ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି। ଅନ୍ୟପକ୍ଷେ ଗୋପବନ୍ଧୁ ନଗର ବ୍ଲକର ଉଦଳା ହେଉଛି ମୁଖ୍ୟ ହେଡ୍‌କ୍ୱାର୍ଟର୍ସ। ଏଠାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଥାନା, ଡାକ୍ତରଖାନା, ପୋଲିସ ଉପଖଣ୍ଡ କାର୍ଯ୍ୟାଳୟ ପ୍ରଭୃତି କାର୍ଯ୍ୟ କରୁଛି। କୌଣସି କାର୍ଯ୍ୟ ପାଇଁ ଉଦଳା ଯିବାକୁ ହେଲେ ଏବେ ଗୋପବନ୍ଧୁନଗର ବ୍ଲକ ଏବଂ ଅନ୍ୟାନ୍ୟ ଅଞ୍ଚଳର ଲୋକମାନଙ୍କୁ କହ୍ନେଇବନ୍ଧ କିମ୍ବା ବୈରାଟପୁର ଦେଇ ୧୫ କି.ମି. ରାସ୍ତା ଅଧିକ ବୁଲିବାକୁ ପଡ଼ିବ। ଏହା ନିକଟରେ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ଲୋକଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଏଣୁ ଉକ୍ତ ପୋଲକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି। ତେବେ ଫାଟ ହୋଇଥିଲେ ମଧ୍ୟ ପୋଲର ସେଭଳି କୌଣସି କ୍ଷତି ହୋଇ ନ ଥିବା ପୂର୍ତ୍ତ ବିଭାଗ ଯନ୍ତ୍ରୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି।

# ବିଷାକ୍ତଛତୁ ଖାଇ ପରିବାରର ୫ ଗୁରୁତର

କୁଡୁମୁଲୁଗୁମ୍ମା,୨୫।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ପଞ୍ଚାୟତ ଅନ୍ତର୍ଗତ କଣ୍ଠାସାରୁ ଗ୍ରାମରେ ବିଷାକ୍ତଛତୁ ଖାଇ ଗୋଟିଏ ପରିବାରର ୫ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତିଲାଇ ହନ୍ତାଳ, ଚେମ୍ପୁ ହନ୍ତାଳ, ଘାସି ହନ୍ତାଳ, ଜେରୁକୁ ହନ୍ତାଳ ଓ ମାଣିକ ହନ୍ତାଳ। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତିଲାଇ ଶନିବାର ବନ୍ୟଦ୍ରବ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସେ କିଛି ଛତୁ ସଂଗ୍ରହ କରି ଘରକୁ ଆଣିଥିଲେ। ଏହି ଛତୁ ରାନ୍ଧି ପରିବାରର ସମସ୍ତେ ଖାଇଥିଲେ। ଖାଇବାର କିଛି ସମୟ ପରେ ସମସ୍ତଙ୍କ ଦେହ ହାତ ଅବଶ ଲାଗି ବାନ୍ତି ହୋଇଥିଲା। ସମସ୍ତଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି। କିଛି ବିଷାକ୍ତ ଜିନିଷ ଖାଇବା ଦ୍ୱାରା ଏପରି ଘଟିଛି। ଆବଶ୍ୟକ ହେଲେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯିବ ବୋଲି ଡାକ୍ତର କହିଛନ୍ତି।

# ଜାଲ ପ୍ରମାଣପତ୍ର ଦେଇ ୧୧୪ ଶିକ୍ଷକ ନିଯୁକ୍ତ

## ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଲାଗି ୧୧ ବିଇଓଙ୍କୁ ନିର୍ଦ୍ଦେଶ

ଛତ୍ରପୁର,୨୫।୬(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ବିଭିନ୍ନ ନକଲି ପ୍ରମାଣପତ୍ର ଦେଇ କେତେକ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନରେ ଅହେତୁକ ବିଳମ୍ବ ହୋଇଛି। ଏବେ ବି ୮୫ ଶିକ୍ଷକଙ୍କ ଉପରେ ହୋଇଥିବା ଅଭିଯୋଗ ସମ୍ପର୍କରେ ଯାଞ୍ଚ ରିପୋର୍ଟ ରାଜ୍ୟ ଶିକ୍ଷା ବିଭାଗ ନିକଟକୁ ପଠାଯାଇନି। ଅପରପକ୍ଷରେ ପୁଣି ୧୧୪ ଜଣ ଜାଲ ପ୍ରମାଣପତ୍ର ଦାଖଲ କରି ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ନେଇ ରାଜ୍ୟ ଶିକ୍ଷା ବିଭାଗ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଏହାର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଛତ୍ରପୁର, କବିସୂର୍ଯ୍ୟନଗର, ବେଗୁନିଆପଡା, ଆସିକା, ଜଗନ୍ନାଥପ୍ରସାଦ, ଶେରଗଡ, ପୋଲସରା, ବ୍ରହ୍ମପୁର, ହଞ୍ଜିଳି, ବୁଗୁଡା ଓ ସୋରଡା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ କରିବାକୁ ଚିଠି ଆସିଛି। ଜାଲ ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇଥିବା ୧୧୪ ଶିକ୍ଷକଙ୍କ ବିଭିନ୍ନ ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଓ ମାର୍କଶିଟ୍, ଜାତି ଓ ମାଇଗ୍ରେଶନ ପ୍ରମାଣପତ୍ର ଯାଞ୍ଚ କରିବାକୁ କୁହାଯାଇଛି। ଯାହାର ପ୍ରମାଣପତ୍ର ଜାଲ ଜଣାପଡିବ ସେମାନଙ୍କୁ ବହିଷ୍କୃତ କରିବା, ବିଭାଗୀୟ ପ୍ରୋସିଡିଂ ସହ ସେମାନଙ୍କ ନାଁରେ ସ୍ଥାନୀୟ ଥାନାରେ ଏତଲା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଜିଲାର ୯୯ ଶିକ୍ଷକଙ୍କ ଉପରେ ଏହି ଅଭିଯୋଗ ଆସିଥିଲା। ସେଥିରୁ ୭ ଜଣଙ୍କୁ ବହିଷ୍କୃତ କରାଯାଇଥିବା ବେଳେ ଜଣଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ଏଥିସହ ୧୯ ଶିକ୍ଷକଙ୍କ ନାଁରେ ଥାନାରେ ଏତଲା ହୋଇଥିଲା। କେତେକ କ୍ଷେତ୍ରରେ ସ୍ଥାନୀୟ ଥାନାରେ ଏତଲା ଦେଇ ବ୍ଲକ ଶିକ୍ଷା ଅଧିକାରୀମାନେ ନୀରବରେ ବସିଛନ୍ତି। ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଯୋଗୁ କେତେକ କୋର୍ଟକୁ ଯାଇ ସ୍ଥଗିତାଦେଶ ଆଣି ଶିକ୍ଷକତା କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାହିଁକିରେ**
**ଶାକର ପଟକ ଚୂନା ହୋଇଗଲା**
**ତାହାର ମଧୁର ଯାଇକିରେ ?**

ଶାକର ଏକ ମିଠା ଜାତୀୟ ପଦାର୍ଥ ହୋଇଥିବା ବେଳେ ଏହାର ଯେକୌଣସି ଅଂଶକୁ ଚାଖିଲେ ମଧ୍ୟ ତାହା ମିଠା ବା ମଧୁର ଲାଗିଥାଏ। ପରୋକ୍ଷରେ ଗୁଣିଜ୍ଞାନୀ ବ୍ୟକ୍ତି ଯେତେ ଦାରିଦ୍ର୍ୟର ତାଡ଼ନାରେ ଚାପିହେଲେ ମଧ୍ୟ ତାଙ୍କ ଗୁଣ ଗରିମା କେବେହେଲେ ନଷ୍ଟ ହୁଏ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚାଲୁଣି କହୁଛି ଛୁଞ୍ଚିକି**
**ତୋ ପଛରେ ଗୋଟିଏ କଣା।**

ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କେବଳ ଅନ୍ୟର ଦୋଷ ହିଁ ଦେଖିଥାନ୍ତି। ନିଜର ଦୋଷ ନ ଦେଖି ଅନ୍ୟର ଭୁଲ୍‌ଭଟକା ପ୍ରତି ଅଙ୍ଗୁଳି ଉଠାଇଥାନ୍ତି ବା ଉଖାରିଥାନ୍ତି। ନିଜର ଅସଂଖ୍ୟ ଦୋଷ ଥାଇ ଅନ୍ୟର ଦୋଷ ଦର୍ଶାଇବା ହାସ୍ୟାସ୍ପଦ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି଼.

## ପ୍ରଥମ ପୃଷ୍ଠାରୁ...

### ପ୍ରହସନ ପାଲଟିଛି ...

ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ପରିବହନ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରିପାରିବେ ନାହିଁ। ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ୍ ପାଣି ବୋତଲ, ଥର୍ମୋକୁଲ, ସାଜସଜ୍ଜା ପାଇଁ ବ୍ୟବହୃତ ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ୍, ପ୍ଲେଟ୍, ଗ୍ଲାସ୍, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଏହାସତ୍ତ୍ୱେ ସହରାଞ୍ଚଳଗୁଡ଼ିକରେ ଅବାଧରେ ପଲିଥିନ ଓ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ବହୁଳ ମାତ୍ରାରେ ବଢ଼ିଚାଲିଛି। ବିଡ଼ମ୍ବନା ଯେ ପୌର ସଂସ୍ଥା କର୍ତ୍ତୃପକ୍ଷ କିମ୍ବା ଏସ୍‌ପିସିବି କଟକଣା ଉପରେ ନଜର ଦେଉ ନ ଥିବାରୁ ୩ ବର୍ଷ ପରେ ମଧ୍ୟ ସହରାଞ୍ଚଳରେ ପଲିଥିନ ଭରା ହୋଇ ରହିଛି। ପରିବା ବ୍ୟବସାୟ କରୁଥିବା ରତ୍ନାକର ନାୟକ କହିଛନ୍ତି ଯେ ସରକାର ପଲିଥିନ ନିଷେଧ କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ହେଲେ ଆମ ପାଖକୁ ଅଧିକାଂଶ ଗରାଖ ଖାଲି ହାତରେ ଆସୁଛନ୍ତି। ଯଦି ପଲିଥିନ ନାହିଁ ତେବେ ସେମାନେ ଅନ୍ୟ ଜାଗାରୁ ନେଉଛନ୍ତି। ବାଧ୍ୟ ହୋଇ ଆମକୁ ରଖିବାକୁ ପଡୁଛି। ସରକାର ପଲିଥିନ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦରକାର। ନଚେତ୍ ପଲିଥିନ ବ୍ୟବହାର ବନ୍ଦ ହୋଇପାରିବ ନାହିଁ। କ୍ୟାଟରିଂ ବ୍ୟବସାୟ କରୁଥିବା ପ୍ରମୋଦ ସାହୁ କହିଛନ୍ତି, ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ପରିବେଶ ପାଇଁ କ୍ଷତିକାରକ। ମାତ୍ର ଏହାର ବିକଳ୍ପ ନ ଥିବା ଏବଂ ଶସ୍ତାରେ ଉପଲବ୍ଧ ହେଉଥିବାରୁ ଏହାକୁ ଆମେ ବ୍ୟବହାର କରୁଛୁ। ଏହା ବଦଳରେ ବଜାରରେ ବିକଳ୍ପ ବ୍ୟବସ୍ଥା କରାଗଲେ ପ୍ଲାଷ୍ଟିକ ବ୍ୟବହାର କମିପାରିବ। ରାଜ୍ୟ ପରିବେଶ ନିର୍ଦ୍ଦେଶକ ସୁଶାନ୍ତ ନନ୍ଦ କହିଛନ୍ତି ଯେ ୨୦୧୯ରୁ ରାଜ୍ୟର ସମସ୍ତ ସହରାଞ୍ଚଳରେ ପଲିଥିନ ଓ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ଉପରେ କଟକଣା ରହିଛି। ବ୍ୟବହାରକାରୀଙ୍କ ଉପରେ ଜରିମାନା କରାଯିବା ସହ ସ୍ୱତନ୍ତ୍ର ସ୍କ୍ୱାଡ ଜରିଆରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଆସନ୍ତା ଜୁଲାଇ ପହିଲାରୁ ସାରା ରାଜ୍ୟରେ ଏହି କଟକଣା ଲାଗୁ କରାଯିବ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏ ନେଇ ସମସ୍ତ ଜିଲାକୁ ଗାଇଡ୍‌ଲାଇନ ପଠାଇ ଦିଆଯାଇଛି। ଏଥିପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରିବାକୁ କୁହାଯାଇଛି ।

### ଦ୍ରୌପଦୀ ରାଷ୍ଟ୍ରପତି ହେଲେ...

ସମାଲୋଚନା କରିଛନ୍ତି। ବିବାଦୀୟ ହେବା ପରେ ଫିଲ୍ମ ନିର୍ମାତା ବର୍ମା ଆଉ ଏକ ଟୁଇଟ କରିଛନ୍ତି। ଏଥିରେ ସେ ଲେଖିଛନ୍ତି, ତାଙ୍କ ଟୁଇଟ୍ କେବଳ ଏକ ମଜାଳିଆ ଢଙ୍ଗରେ ଥିଲା। ଏହା ପଛରେ ତାଙ୍କର ଅନ୍ୟ କୌଣସି ଉଦ୍ଦେଶ୍ୟ ନ ଥିଲା। ମହାଭାରତର ଦ୍ରୌପଦୀ ତାଙ୍କ ପ୍ରିୟ ଚରିତ୍ର। ଏକ ବିରଳ ନାଁ ସହ ସାମଞ୍ଜସ୍ୟ ଥିବା କାହାଣୀ ମନେ ପଡ଼ି ଯିବାରୁ ତାଙ୍କ ଭାବନାକୁ ସେ ପ୍ରକାଶ କରିଥିଲେ। କାହାର ଭାବନାକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ସେ ଟୁଇଟ୍‌ରେ ଦର୍ଶାଇଛନ୍ତି।

### ସାମାଜିକ କର୍ମୀ ତୀସ୍ତା ...

କରାଇଯାଇଛି। ତତ୍କାଳୀନ ଗୁଜରାଟ ସରକାର ଦଙ୍ଗାବେଳେ ପୋଲିସକୁ ତା' କାର୍ଯ୍ୟ କରିବାରୁ ରୋକିଥିଲେ ବୋଲି ଶ୍ରୀକୁମାର ଅଭିଯୋଗ ଆଣିଥିଲେ। ସେହିପରି ଦଙ୍ଗାରେ ମୋଦିଙ୍କ ଭୂମିକା ଥିବା ନେଇ ସଞ୍ଜୀବ ଭଟ୍ଟ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଫାଇଲ୍ କରିଥିଲେ। ଏହି ଗିରଫଦାରି ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ ସାକ୍ଷାତକାରରେ ତୀସ୍ତା ଦଙ୍ଗା ବାବଦରେ ଭୁଲ୍ ତଥ୍ୟ ଦେଇ ବିଭ୍ରାନ୍ତ କରିଥିବା କହିଥିଲେ। ତିସ୍ତାଙ୍କ ଏକ ଏନ୍‌ଜିଓ ପକ୍ଷରୁ କେତେଜଣ ଭାଜପା କର୍ମୀଙ୍କ ବିରୋଧରେ ମିଛ ଦସ୍ତାବିଜ ପୋଲିସକୁ ଦିଆଯାଇଥିଲା ବୋଲି ଶାହା ଅଭିଯୋଗ କରିଥିଲେ। ସେମାନଙ୍କ ନାଁରେ ଠକିବା ଉଦ୍ଦେଶ୍ୟରେ ଜାଲିଆତି, ଜାଲ ଦସ୍ତାବିଜ୍ ଓ ପ୍ରମାଣପତ୍ର ଦେବା, ସରକାରୀ କର୍ମଚାରୀ ହୋଇ ମଧ୍ୟ ଭୁଲ୍ ରେକର୍ଡ ପ୍ରସ୍ତୁତ, ଆପରାଧିକ ଷଡ଼ଯନ୍ତ୍ର ଆଦି ଅଭିଯୋଗରେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି)ର ବିଭିନ୍ନ ଦଫା ବଳରେ ମାମଲା ରୁଜୁ ହୋଇଛି।

### ଖାଦ୍ୟାଭାବ ଆଶଙ୍କା...

ଫଳରେ ମୌସୁମୀ ବର୍ଷା ସ୍ୱାଭାବିକ ହୋଇପାରୁ ନାହିଁ। ସୂର୍ଯ୍ୟମୁଖୀ ଚାଷ କରୁଥିବା କେନ୍ଦ୍ରାପଡ଼ାର ଚାଷୀ ବଳରାମ ଲେଙ୍କା କହିଛନ୍ତି ଯେ ଗତ କିଛିବର୍ଷ ହେବ ବର୍ଷା ଅଭାବରୁ ଆଉ ଭଲ ଧାନ ଅମଳ ହେଉନାହିଁ। ମୌସୁମୀ ବର୍ଷା ସ୍ୱାଭାବିକ ହେଉ ନ ଥିବାରୁ ଧାନ ବୁଣିବା ବିଳମ୍ବ ହେଉଛି। ଅଧିକ ବର୍ଷା ଯୋଗୁ ତାହା ନଷ୍ଟ ହୋଇଯାଉଛି। ସୂର୍ଯ୍ୟମୁଖୀ, ପନିପରିବା କରି ପରିବାର ଚଳାଉଛି। କୃଷି ବିଶେଷଜ୍ଞ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟର ଚାଷୀମାନେ ସାଧାରଣତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଆନ୍ତି। ଯଦି ଠିକ୍ ସମୟରେ ବର୍ଷା ନ ହେବ ତେବେ ଧାନ ଚାଷ ପ୍ରଭାବିତ ହେବ। ଅତ୍ୟଧିକ ବର୍ଷା ହେବା ଦ୍ୱାରା ଖାଲୁଆ ଜମିରେ ମଧ୍ୟ ଚାଷ ସମ୍ଭବ ହେବ ନାହିଁ। ଏଥିଯୋଗୁ କୃଷି ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା ରହିଛି। ଜଳବାୟୁକୁ ଦୃଷ୍ଟିରେ ରଖି ଜଳସେଚନ ବ୍ୟବସ୍ଥା ହେବା ଦରକାର ।

ମନେ ପଡ଼ନ୍ତି

ଏକାଦଶାହର ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ସୁରେନ୍ଦ୍ର କୁମାର ରାଉତରାୟ
ପୂର୍ବତନ ସରପଞ୍ଚ, ପାହଳ
ଜୟପୁର (କରଣ ସାହି), ଭୁବନେଶ୍ୱର
ଆବିର୍ଭାବ: ୧୯୩୬
ତିରୋଧାନ: ୧୬।୦୬।୨୦୨୨
ଆଜି ଏକାଦଶାହ ପାଳନ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସଞ୍ଜୟ, ଜୟନ୍ତ, ସୁବ୍ରତ, କଳ୍ପତରୁ ଓ ସୁନୀଲ, ବନ୍ଧୁ ଓ ପରିବାରବର୍ଗ।
ଧ-୭୨୧୨୨

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବନମାଳୀ ମେକାପ
ବରିଷ୍ଠ ସେବାୟତ ସାକ୍ଷୀଗୋପାଳ ଗୋପାଳଜୀ ମନ୍ଦିର
(ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର)
ଆବିର୍ଭାବ ତା. ୦୪/୦୧/୧୯୩୮
ତିରୋଧାନ ତା. ୧୭/୦୬/୨୦୨୨
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ଧର୍ମପତ୍ନୀ- କିଶୋରୀ, ପୁତ୍ର- ଛନ, ଜନ, ତପସି, ପୁତ୍ରବଧୂ- ଶ୍ରୀୟା, ଜୟା, ପ୍ରିୟା, ନାତିନାତୁଣୀ-ଛନ୍ଦା, ରାଜୀବ, ପିଙ୍କୁ, ସିନୁ, ଜଗମୋହନ, ଭଉଣୀ, ଭିଣୋଇ, ଭାଣେଜୀ-ଆରିତ୍ରା।
ଧ-୭୩୩୩୪

# ଆତ୍ମହତ୍ୟା ହେଲେ କାହିଁକି???







ଦିନକୁ ଦିନ ବଢିବାରେ ଲାଗିଛି ଆତ୍ମହତ୍ୟା ଜନୀତ ମୃତ୍ୟୁ ସଂଖ୍ୟା। ବିଶେଷ କରି ଏଭଳି ମୃତ୍ୟୁ ଘଟଣାରେ ଯୁବ ବୟସ୍କଙ୍କ ସଂଖ୍ୟା ଅଧିକ ଥିବା ଅତ୍ୟନ୍ତ ପରିତାପର ବିଷୟ। ଏହି ଆତ୍ମହତ୍ୟା ପ୍ରବଣତା ଏକ ପ୍ରକାରର ମାନସିକ ବ୍ୟାଧି। ତେବେ କ'ଣ ଏହାର କାରଣ ଏବଂ କିପରି ଏହାର ନିରାକରଣ କରାଯାଇ ପାରିବ ତା'କୁ ନେଇ ଏଥରର ବିଶେଷ ଉପସ୍ଥାପନା...



ଡା. ଅଶ୍ରୁମୋଚନ ସାହୁ
ମାନସିକ ରୋଗ ବିଶେଷଜ୍ଞ

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ, ଆତ୍ମହତ୍ୟା ହେଉଛି ଏକ ଜଣାଶୁଣା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା। ତଥ୍ୟ ଅନୁଯାୟୀ, ବିଶ୍ୱର ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରନ୍ତି। ମାନସିକ ବିଷାଦ ଓ ମାନସିକ ରୋଗ ଆତ୍ମହତ୍ୟାର ପ୍ରମୁଖ କାରଣ।

ଆତ୍ମହତ୍ୟା ବା ସୁଇସାଇଡ୍ ୨ ପ୍ରକାର ହୋଇଥାଏ।

ଯଥା:

**୧– ସୁଇସାଇଡ୍:** ଯେକୌଣସି ଉପାୟରେ ନିଜେ ନିଜର ଜୀବନ ନେବା।

**୨– ପାରା–ସୁଇସାଇଡ:** ଅନ୍ୟକୁ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ କରାଇବା। ତଥ୍ୟ ଅନୁଯାୟୀ, ଆତ୍ମହତ୍ୟା ପ୍ରବଣତା ନାରୀମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଅଧିକ ଦେଖାଯାଏ।

**ଆତ୍ମହତ୍ୟାର ମୁଖ୍ୟ କାରଣ:**

**୧. ମାନସିକ ରୋଗ ଓ ବିଷାଦ ରୋଗ:** ଡିପ୍ରେସନ, ସ୍କିଜୋଫ୍ରେନିଆ, ଉନ୍ମାଦ ରୋଗ, ନିଶା ପ୍ରତି ଅତ୍ୟଧିକ ଆସକ୍ତ ବ୍ୟକ୍ତିମାନେ ଆତ୍ମହତ୍ୟା କରିବାକୁ ପଛେଇ ନଥା'ନ୍ତି। ବିଷାଦ ରୋଗ ରହିଲେ ବ୍ୟକ୍ତିର ମନ ଖରାପ ହେବା, କାମରେ ଅନାଗ୍ରହ ପ୍ରକାଶ କରିବା, ଏକା ରହିବା ଭଳି ଲକ୍ଷଣସବୁ ଦେଖାଯାଇଥାଏ। ବ୍ୟକ୍ତି ଏହି ରୋଗରେ ଧୀରେ ଧୀରେ ଆକ୍ରାନ୍ତ ହୋଇ ଆତ୍ମହତ୍ୟାକୁ ଆପଣାଇଥାଏ।

**୨. ଛାନିଆ ରୋଗ:** ଏହି ରୋଗରେ ରୋଗୀକୁ ବ୍ୟସ୍ତ ଲାଗିବା, ଛାତି ଧଡ଼ ଧଡ଼ ହେବା, ଶରୀରର ବିଭିନ୍ନ ଜାଗାରେ ଯନ୍ତ୍ରଣା ଆଦି ହୋଇଥାଏ। ଅନେକ ଚିକିତ୍ସା ସତ୍ତ୍ୱେ ରୋଗ ଭଲ ନ ହେଲେ ବ୍ୟକ୍ତିଟି ଶେଷରେ ଆତ୍ମହତ୍ୟା ପନ୍ଥା ଆପଣାଇଥାଏ।

**୩. ସ୍କିଜୋଫ୍ରେନିଆ:** ଏହି ରୋଗରେ ପୀଡ଼ିତ ହେଲେ ଅନ୍ୟକୁ ସନ୍ଦେହ କରିବା, ମନେମନେ କଥା ହେବା, ହସିବା ଏବଂ ମନରେ ଅତ୍ୟଧିକ ଡର ଆସିବା ଆଦି ଲକ୍ଷଣ ଦେଖା ଦେଇଥାଏ। ଫଳରେ ଜଣେ ଆତ୍ମହତ୍ୟା କରିଥାଏ।

**୪. ଉନ୍ମାଦ ରୋଗ:** ଏହି ରୋଗରେ ରୋଗୀ ଅତ୍ୟଧିକ ଫୂର୍ତ୍ତି ହେବା, ନିଜକୁ ବଡ଼ ଭାବିବା, ସବୁ କ୍ଷେତ୍ରରେ ଗଣ୍ଡଗୋଳ ଆଦି କରିବା, ନିଜକୁ କ୍ଷତି ପହଞ୍ଚାଇବା ଆଦି କରିଥାଏ। କରିଥାଏ। ଏମିତିକି କେବେ କେବେ ନିଜକୁ ମୃତ୍ୟୁ ମୁଖକୁ ପହଞ୍ଚାଇବାକୁ ବି ପଛାଇ ନ ଥାଏ।

**୫. ନିଶାଦ୍ରବ୍ୟ:** ନିଶାଦ୍ରବ୍ୟକୁ ବହୁଳ ମାତ୍ରାରେ ବ୍ୟବହାର କରି ନିଜ ଉପରୁ ନିଜ ଭାରସାମ୍ୟ ହରାଇ ନିଶାସକ୍ତ ବ୍ୟକ୍ତି ଆତ୍ମହତ୍ୟା କରିଥା'ନ୍ତି। ଉପରୋକ୍ତ କାରଣଗୁଡ଼ିକୁ ଛାଡ଼ିଦେଲେ ଯୁବାବସ୍ଥାରେ ଆତ୍ମହତ୍ୟାର ଆହୁରି ଅନେକ କାରଣ ରହିଛି। ସେଗୁଡ଼ିକ ହେଲା–

– ଦରକାରଠାରୁ ଅଧିକ ପାଇବା ପାଇଁ ଆଶା କରିବା।

– ପାରିବାରିକ ସମସ୍ୟା

– ପ୍ରେମରେ ବିଫଳତାକୁ ସହ୍ୟ ନ କରିପାରିବା

– ବୈବାହିକ ଜୀବନରେ ଅଶାନ୍ତି ଦେଖାଦେବା

– ଅତ୍ୟଧିକ ଋଣରେ ବୁଡ଼ି ରହିବା

– ପରୀକ୍ଷାରେ ବିଫଳତା

– ବେରୋଜଗାରି

– ଅନ୍ତରଙ୍ଗ ଲୋକଙ୍କ ବିୟୋଗକୁ ଗ୍ରହଣ କରି ନ ପାରିବା

– ଦରିଦ୍ରତା

– ମୋବାଇଲ୍ ବା ଇଣ୍ଟରନେଟ୍‌କୁ ବହୁଳମାତ୍ରାରେ ବ୍ୟବହାର କରି ଛୋଟ ପିଲା ଓ ଯୁବତୀଯୁବକମାନେ କ୍ରୋଧଶକ୍ତ ହେବାରୁ ଛୋଟଛୋଟ କଥାରେ ଆତ୍ମହତ୍ୟା କରିବା ପାଇଁ ପଛାଉନାହାନ୍ତି।





**ନିରାକରଣ:**

ବର୍ତ୍ତମାନ ଆତ୍ମହତ୍ୟାକୁ କିପରି ରୋକାଯାଇପାରିବ ତାହାହିଁ ସମାଜ ଆଗରେ ବଡ଼ ଆହ୍ୱାନ। ଆତ୍ମହତ୍ୟା ପ୍ରବଣତା ପ୍ରତିକାର ଲାଗି ମାନସିକ ରୋଗୀମାନଙ୍କୁ ତାଙ୍କ ମନର କଥା ପରିପ୍ରକାଶ କରିବା ପାଇଁ ପ୍ରୋତ୍ସାହନ କରିବା ଦରକାର। ଥରେ ଆତ୍ମହତ୍ୟା ଉଦ୍ୟମ କରୁଥିବା ବ୍ୟକ୍ତି ପ୍ରତି ସର୍ବଦା ନିରୀକ୍ଷଣ କରିବା ଦରକାର। କାରଣ ସେ ପୁଣିଥରେ ଆତ୍ମହତ୍ୟା ଉଦ୍ୟମ କରିପାରେ। ପ୍ରାଥମିକ ଲକ୍ଷଣ ଯେପରିକି ଅନ୍ୟମାନଙ୍କ ସହ ମିଳାମିଶା ନ କରିବା, ଏକା ଏକା ରହିବା, ବେଶୀ କଥା ନ କହିବା, ଖାଇବା, ଶୋଇବା ଆଦି ଦୈନନ୍ଦିନ ଜୀବନଶୈଳୀରେ ପରିବର୍ତ୍ତନ ଆସିବା ଏହିସବୁ ଲକ୍ଷଣ ଯଦି କାହାଠାରେ ଦେଖୁଛନ୍ତି, ତେବେ ତାଙ୍କୁ ଭଲ ଭାବରେ ନିରୀକ୍ଷଣ କରିବା ଓ ତାଙ୍କୁ ମାନସିକ ବିଭାଗ ଡାକ୍ତରଙ୍କ ପରାମର୍ଶ କରାଇବା ଦରକାର। ଫଳରେ ଆତ୍ମହତ୍ୟାକୁ ରୋକାଯାଇପାରିବ। ଅଭିଭାବକମାନେ କିଶୋରୀକିଶୋରଙ୍କ ଚାଲିଚଳନ, ଆଚରଣରେ ପରିବର୍ତ୍ତନ ଓ ଇଣ୍ଟରନେଟ୍ ବା ମୋବାଇଲ୍‌ର ବହୁଳ ବ୍ୟବହାର ଦେଖିଲେ ସେଥିପ୍ରତି ସତର୍କ ରହିବା ଆବଶ୍ୟକ।

## ଏ ସପ୍ତାହର ପ୍ରଶ୍ନ

୧– ପୃଥିବୀର ବୃହତ୍ତମ ହସ୍ପିଟାଲ ଜାହାଜର ନାମ ........... ?

୨– ଦୁର୍ନୀତି ବିରୋଧରେ ଅଭିଯୋଗ କରିବା ଲାଗି 'ଏବିସି ୧୪୪୦୦' ନାମକ ମୋବାଇଲ୍ ଆପ୍ଲିକେଶନ୍ ............. ରାଜ୍ୟ ପକ୍ଷରୁ ଆରମ୍ଭ କରାଯାଇଛି ?

୩– ୬ଟି ବିଶ୍ୱ କପ୍ ଖେଳିଥିବା ପ୍ରଥମ ମହିଳା କ୍ରିକେଟର ............... ?

୪– ବାଇଖୋ ପର୍ବ ..................ରେ ପାଳନ କରାଯାଏ ?

୫– ଏସିଆନ୍ ଗେମ୍‌ରେ କୁସ୍ତିରେ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିବା ପ୍ରଥମ ମହିଳା ଖେଳାଳି .......... ?

## ଗତ ଥରର ଉତ୍ତର

୧ ୟୁନିଭର୍ସାଲ ସୋସିଆଲ୍ ପ୍ରୋଟେକ୍ସନ ଟୁ ଏଣ୍ଡ ଚାଇଲ୍ଡ ଲେବର

୨ କାନାଡ଼ା

୩ କେରଳ

୪ ଉଗାଣ୍ଡା ଏବଂ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ

୫ ଝାଡ଼ଖଣ୍ଡ

## ଉତ୍ତରଦାତା



ସୁନୀଲ କୁମାର ବେହେରା, ବ୍ରହ୍ମପୁର



ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସର୍ବାଧିକ କମ୍ପ୍ୟୁଟର ପ୍ରସ୍ତୁତକାରୀ କମ୍ପାନୀ

୧.......... ଏଚ୍‌ପି

୨ .......... ଆସର୍

୩ .......... ଡେଲ୍

୪ .......... ଲେନୋଭୋ

୫ .......... ତୋଶିବା

୬ .......... ଆଇବିଏମ୍

୭ .......... ଫୁଜିତ୍ସୁ

୮ .......... ଏନ୍‌ଇସି

୯ .......... ଆପ୍ଲ

୧୦ .......... ଗେଟ୍‌ୱେ କମ୍ପ୍ୟୁଟର୍ସ

## ଜାଣନ୍ତୁ ଦୁନିଆ

# ସବୁଠୁ ଦାମୀ ଫୁଲ



ଠାକୁର ପୂଜାଠୁ ଆରମ୍ଭ କରି ଉପହାର ଦେବା ହେଉ ଅବା ସାଜସଜ୍ଜା ପର୍ଯ୍ୟନ୍ତ ଫୁଲର ଆଦର ସବୁଠି ରହିଛି। ତେବେ ସାଧାରଣତଃ ସଭିଙ୍କ ବାଡ଼ି ବଗିଚାରେ ବିଭିନ୍ନ ପ୍ରକାରର ଫୁଲ ଉପଲବ୍ଧ ଥିବା ବେଳେ ଆଉ କିଛି ଆବଶ୍ୟକତା ବେଳେ କିଣିବାକୁ ହୋଇଥାଏ। ହେଲେ କିଛି ଫୁଲ ଏମିତି ବି ରହିଛି, ଯାହାର ଦାମ୍ ଶୁଣିଲେ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିବ। ଜାଣିବା ସେଭଳି କିଛି ଫୁଲ ସମ୍ପର୍କରେ...

**କଦୁପୁଲ୍ ଫୁଲ:** କୁହାଯାଏ, ଶ୍ରୀଲଙ୍କାରେ ଦେଖାଯାଉଥିବା ଏହି ଫୁଲ ଦୁନିଆର ସବୁଠୁ ଦାମୀ ଫୁଲ। ତେବେ କେବଳ ରାତିରେ ଫୁଟି ମାତ୍ର କିଛି ଘଣ୍ଟା ମଧ୍ୟରେ ଶୁଖି ଯାଉଥିବା ଏହି ଫୁଲର ସୁବାସିତ ମହକ ସଭିଙ୍କୁ ବିମୋହିତ କରିଥାଏ। ଏପର୍ଯ୍ୟନ୍ତ ଏହି ଦୁର୍ଲଭ ଫୁଲର ଏକ ନିର୍ଦ୍ଦିଷ୍ଟ ଦାମ୍ ସ୍ଥିର ହୋଇନାହିଁ।

**ଜୁଲିଏଟ୍ ରୋଜ୍:** ଏହି ଫୁଲର ଦାମ୍ ୧୫.୮ ମିଲିଅନ୍ ଡଲାର ବା ୧୧୨କୋଟି ଟଙ୍କା। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ଡେଭିଡ୍ ଅଷ୍ଟିନ୍ ନାମକ ଜଣେ ବ୍ୟକ୍ତି ଅନେକ ପ୍ରକାରର ଫୁଲକୁ କଲମି କରାଇ ଏହି ନୂତନ ପ୍ରଜାତିର ଫୁଲ ଚାରା ପ୍ରସ୍ତୁତ କରିଥିଲେ। ଏଥିପାଇଁ ତାଙ୍କୁ ପାଖାପାଖି ୧୫ ବର୍ଷ ସମୟ ଲାଗିଥିଲା। ୨୦୦୬ରେ ପ୍ରଥମ ଥର ପାଇଁ ଏହି ଫୁଲକୁ ବିକ୍ରି କରାଯାଇଥିଲା।

**ଶେନ୍‌ଜେନ୍ ନୋଙ୍ଗକେ ଅର୍କିଡ୍:** ଏହା ଏକ ଅତ୍ୟନ୍ତ ସୁନ୍ଦର ଏବଂ ଭିନ୍ନ ଦେଖାଯାଉଥିବା ଏକ ଅର୍କିଡ୍ ଫୁଲ। ଚାଇନାରେ ଥିବା ଶେନ୍‌ଜେନ୍ ନୋଙ୍ଗକେ ୟୁନିଭର୍ସିଟିର ଏଗ୍ରିକଲ୍ଚର ସାଇଣ୍ଟିଷ୍ଟମାନଙ୍କ ୮ ବର୍ଷର ପ୍ରଚେଷ୍ଟା ପରେ ଏହି ନୂତନ ଅର୍କିଡ୍ ପ୍ରଜାତି ପ୍ରସ୍ତୁତ ହୋଇଥିଲା। ଆପଣ ଜାଣିଛନ୍ତି, ଏହି ଫୁଲର ବିଶେଷତ୍ୱ ହେଉଛି ଏହା ୪–୫ ବର୍ଷରେ ଥରେ ଫୁଟିଥାଏ, ଯେଉଁ ସମୟରେ ଏହାକୁ ନିଲାମ କରାଯାଇଥାଏ। ତେବେ ବର୍ତ୍ତମାନ ସୁଦ୍ଧା ଏହି ଫୁଲ ୧.୪୦ କୋଟି ଟଙ୍କା ବା ୨ ଲକ୍ଷ ଆମେରିକୀୟ ଡଲାରରେ ବିକ୍ରି ହୋଇଛି।





## ୟୁଥ୍ ଆଲର୍ଟ

# ଏମିତି ପିନ୍ଧନ୍ତୁ ଚଷମା

ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ଚକ୍ଷୁ ସମସ୍ୟା କାରଣରୁ ଚଷମା ବ୍ୟବହାର କରୁଛନ୍ତି। ଆଉ କେହି କେହି ଧୂଳି ମଳି ଆଦିରୁ ଚକ୍ଷୁକୁ ସୁରକ୍ଷା ଦେବା ପାଇଁ ଅବା ଫ୍ୟାଶନ୍ ଲାଗି ଅନେକଙ୍କୁ ଚଷମା ପିନ୍ଧୁଥିବା ଦେଖିବାକୁ ମିଳୁଛି। ହେଲେ ଏହାକୁ ବ୍ୟବହାର କରୁଥିଲେ କେତୋଟି କଥା ପ୍ରତି ସଚେତନ ହେବା ନିହାତି ଆବଶ୍ୟକ। ଜାଣିରଖନ୍ତୁ ସେ ସମ୍ପର୍କରେ ...





➔ପାୱାର ହେଉ ଅବା ନ ହେଉ, ନୂଆ ଚଷମା ପିନ୍ଧିବା ପୂର୍ବରୁ ଚେକ୍ କରିନିଅନ୍ତୁ ଏହା ଆପଣଙ୍କୁ କମ୍ଫର୍ଟେବଲ୍ ହେଉଛି ବା ନାହିଁ। ନଚେତ୍ ଆପଣ ଏହାକୁ ପିନ୍ଧିବା ଦ୍ୱାରା ଚକ୍ଷୁରେ ବିଭିନ୍ନ ସମସ୍ୟା ଉପୁଜିପାରେ।

➔ବର୍ତ୍ତମାନ ବିଭିନ୍ନ ଡିଜାଇନ୍ ଫ୍ରେମ ଥିବା ଚଷମା ମାର୍କେଟ୍‌ରେ ଉପଲବ୍ଧ। ତେବେ ମନେରଖନ୍ତୁ ଏଭଳି ଚଷମା ଆଦୌ ବ୍ୟବହାର କରନ୍ତୁ ନାହିଁ, ଯାହାର ଫ୍ରେମ୍ ଭାରି। କାରଣ ଏହା ଦ୍ୱାରା ନାକ ଏବଂ କାନ ଉପରେ ଚାପ ପଡ଼ି ଯନ୍ତ୍ରଣା ହେବାର ଆଶଙ୍କା ରହିଛି।

➔ପିନ୍ଧିବା ଏବଂ କାଢ଼ିବା ସମୟରେ ସର୍ବଦା ଚଷମାକୁ ଦୁଇହାତରେ ଧରନ୍ତୁ। ନଚେତ୍ ଗୋଟିଏ ହାତରେ ଧରିଲେ ଫ୍ରେମ୍ ବଙ୍କା ହୋଇଯିବାର ଆଶଙ୍କା ରହିଛି। ଯାହାଦ୍ୱାରା ନା କେବଳ ପିନ୍ଧିବା ବେଳେ ଅସୁବିଧା ହୁଏ ବରଂ ଗ୍ଲାସ୍ ଆଗପଛ ବା ବଙ୍କା ରହିବା ଯୋଗୁ ଆଖିରେ ମଧ୍ୟ ପ୍ରେସର ପଡ଼ିଥାଏ।

➔ଚଷମା ଗ୍ଲାସ୍‌ରେ ବିଭିନ୍ନ ପ୍ରକାରର କୋଟିଂ ଆସୁଛି। ଏହାକୁ ମନଇଚ୍ଛା ନ କିଣି ଡାକ୍ତରଙ୍କ ପରାମର୍ଶ କ୍ରମେ କିଣନ୍ତୁ। ଯେପରି ଅଧିକ ସମୟ କମ୍ପ୍ୟୁଟରରେ କାମ କରିବାକୁ ହେଉଥିଲେ ଏହାର ହାନିକାରକ ଲାଇଟ୍‌ରୁ ସୁରକ୍ଷା ପାଇଁ ଆଣ୍ଟିଗ୍ଲେୟାର୍ କୋଟିଂଯୁକ୍ତ ଲେନ୍ସ, ବାରମ୍ବାର ବାହାରକୁ ଯିବାକୁ ହେଉଥିଲେ ସୂର୍ଯ୍ୟ କିରଣରେ ଆସୁଥିବା ଅଲ୍‌ଟ୍ରାଭାଓଲେଟ୍ ଲାଇଟ୍‌ରୁ ସୁରକ୍ଷା ପାଇଁ ଫୋଟୋକ୍ରୋମିକ୍ ଲେନ୍ସ ବ୍ୟବହାର କରିପାରିବେ।

➔ଗ୍ଲାସ୍ ଲେନ୍ସ ଥିବା ଚଷମାର ଓଜନ ଅଧିକ ହେବା ସହ ସ୍କ୍ରାଚ୍ ହେବାର ଆଶଙ୍କା ବେଶୀ। ତା'ଛଡା ଏହା ପଡ଼ିଗଲେ ଶୀଘ୍ର ଭାଙ୍ଗି ମଧ୍ୟ ଯାଇଥାଏ। ସେହିପରି ପ୍ଲାଷ୍ଟିକ୍ ଲେନ୍ସ ହାଲୁକା ହୋଇଥିଲେ ହେଁ ଶୀଘ୍ର ସ୍କ୍ରାଚ୍ ହୋଇଥାଏ। ତେଣୁ ଏହା ବଦଳରେ ରେଜିନ୍ ଲେନ୍ସ କିମ୍ବା ଟ୍ରିପ୍ଲେକ୍ସ ଲେନ୍ସ ବ୍ୟବହାର କରନ୍ତୁ, ଯାହାକି ହାଲୁକା ଲାଗିବା ସହ ପଡ଼ିଗଲେ ସହଜରେ ଭାଙ୍ଗି ନ ଥାଏ।



# ରଜତଙ୍କ ଶତକରେ ମଧ୍ୟପ୍ରଦେଶ ଦୃଢ଼

## ରଣଜୀ ଟ୍ରଫି ଫାଇନାଲ

**ବେଙ୍ଗାଲୁରୁ, ୨୫।୬ (ପି.ଟି.)**

ୟାଶ୍ ଦୁବେ, ଶୁଭମ୍ ଶର୍ମାଙ୍କ ପରେ ରଜତ ପଟିଦାରଙ୍କ ଶତକ ସହାୟତାରେ ମଧ୍ୟପ୍ରଦେଶ ଏଠାରେ ଚାଲିଥିବା ମୁମ୍ବାଇ ବିପକ୍ଷ ରଣଜୀ ଟ୍ରଫି ଫାଇନାଲରେ ନିଜର ସ୍ଥିତିକୁ ଦୃଢ଼ କରିଛି। ବର୍ଷା ବାଧାପ୍ରାପ୍ତ ୪ର୍ଥ ଦିବସରେ ମଧ୍ୟପ୍ରଦେଶର ପ୍ରଥମ ଇନିଂସ ୫୩୬ ରନରେ ଶେଷ ହୋଇଥିଲା। ଫଳରେ ଦଳକୁ ଗେମ୍-ଚେଞ୍ଜିଂ ୧୬୨ ରନର ଅଗ୍ରଣୀ ମିଳି ଯାଇଥିଲା। ଶନିବାର ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ମୁମ୍ବାଇ ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଛି। ଦଳ ଏବେ ମଧ୍ୟ ମଧ୍ୟପ୍ରଦେଶ ଇନିଂସଠାରୁ ୪୯ ରନରେ ପଛୁଆ ରହିଛି। ରବିବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ମଧ୍ୟପ୍ରଦେଶ ରଣଜୀ ଚାମ୍ପିୟନ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ୪୧ ଥର ରଣଜୀ ଚାମ୍ପିୟନ ମୁମ୍ବାଇ ପ୍ରଥମ ଇନିଂସରେ ୩୭୪ ରନ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ତୃତୀୟ ଦିବସର ଅସମାପ୍ତ ସ୍କୋର ୩୬୮/୩ରୁ ଖେଳ ଆରମ୍ଭ କରିଥିଲା ମଧ୍ୟପ୍ରଦେଶ। ପୂର୍ବ ଦିନରୁ ୬୭ ରନରେ ଅପରାଜିତ ରହିଥିବା ରଜତ ନିଜ ଦକ୍ଷତା ଦେଖାଇ ଏହାକୁ ଶତକରେ ପରିଣତ କରିଥିଲେ। ସେ ୨୧୯ଟି ବଲ୍‌ର ସମ୍ମୁଖୀନ ହୋଇ ୨୦ ଚୌକା ସହାୟତାରେ ୧୨୨ ରନ କରିଥିଲେ। ଶେଷ ଭାଗରେ ସାରାଂଶ ଜୈନ କ୍ୟାରିୟରର ପ୍ରଥମ ପ୍ରଥମଶ୍ରେଣୀ ଅର୍ଦ୍ଧଶତକ ହାସଲ କରି ମୂଲ୍ୟବାନ ୫୭ ରନ କରିଥିଲେ। ମଧ୍ୟପ୍ରଦେଶ ଇନିଂସ ଠିକ୍ ୧୪ ଘଣ୍ଟା ୨ ମିନିଟ ଧରି ତିଷ୍ଠିଥିଲା। ବିଳମ୍ବରେ ସଫଳତା ପାଇଥିବା ମୁମ୍ବାଇ ବାମହାତୀ ସ୍ପିନର ସାମ୍ସ ମୁଲାନୀ ୫ ଉଇକେଟ ନେଇଥିଲେ। ତୁଷାର ଦେଶପାଣ୍ଡେ ୩ଟି ଏବଂ ମୋହିତ ଅବସ୍ଥି ୨ଟି ଉଇକେଟ ପାଇଥିଲେ। ମୁମ୍ବାଇ ଦ୍ୱିତୀୟ ଇନିଂସରେ ଅଧିନାୟକ ପୃଥ୍ୱୀ ଶ' ଏବଂ ବ୍ୟାଟିଂ କ୍ରମରେ ଉପରେ ଆସିଥିବା ହାର୍ଦ୍ଦିକ ତାମୋର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ପୃଥ୍ୱୀ ୫୨ ବଲ୍‌ରୁ ୪୪ ଏବଂ ତାମୋର ୩୨ ବଲ୍‌ରୁ ୨୫ ରନ କରି ଆଉଟ ହୋଇଥିଲେ। ଖେଳ ବନ୍ଦ ହେବା ବେଳକୁ ଅର୍ମାନ ଜାଫର ୩୦ ଓ ସୁଭେଦ ପାର୍କର ୯ ରନରେ ଅପରାଜିତ ଥିଲେ। ଅନ୍ତିମ ଦିବସରେ ମୋଟ ୯୫ ଓଭର ଖେଳ ହେବାର ଅଛି। ଶନିବାର ଅସମାପ୍ତ ଇନିଂସରୁ ଖେଳ ଆରମ୍ଭ କରି ମୁମ୍ବାଇ ଯଦି ୩୨୦ରୁ ଉର୍ଦ୍ଧ୍ୱ ସ୍କୋର କରି ୪୫ରୁ ୫୦ ଓଭରରେ ମଧ୍ୟରେ ୧୫୦ରୁ ଉର୍ଦ୍ଧ୍ୱ ଟାର୍ଗେଟ ଦେବ ଏବଂ ଶୀଘ୍ର ୧୦ ଉଇକେଟ ହାସଲ କରିପାରିବ ତେବେ ଦଳ ସପକ୍ଷରେ କିଛିଟା ସମ୍ଭାବନା ସୃଷ୍ଟି ହୋଇପାରେ। ମାତ୍ର ବେଙ୍ଗାଲୁରୁ ପିଚ୍‌ର ପ୍ରକୃତିରୁ ଏପରି କିଛି ହେବା ସମ୍ଭାବନା କ୍ଷୀଣ ରହିଛି।



ଶତକୀୟ ଇନିଂସ ଅବସରରେ ରଜତ ପଟିଦାର।

### ସଂକ୍ଷିପ୍ତ ସ୍କୋର

**ମୁମ୍ବାଇ ପ୍ରଥମ ଇନିଂସ:** ୩୭୪। **ମଧ୍ୟପ୍ରଦେଶ ପ୍ରଥମ ଇନିଂସ: ୫୩୬/ଅଲ୍‌ଆଉଟ** (ୟାଶ୍ ଦୁବେ-୧୩୩, ରଜତ ପଟିଦାର-୧୨୨, ଶୁଭମ୍ ଶର୍ମା-୧୧୬, ସାରାଂଶ ଜୈନ-୫୭, ସାମ୍ସ ମୁଲାନୀ-୫/୧୭୩, ତୁଷାର ଦେଶପାଣ୍ଡେ-୩/୧୧୬, ମୋହିତ ଅବସ୍ଥି-୨/୯୩)। **ମୁମ୍ବାଇ ଦ୍ୱିତୀୟ ଇନିଂସ: ୧୧୩/୨** (ପୃଥ୍ୱୀ ଶ'-୪୪, ଅର୍ମାନ ଜାଫର-୩୦*)।



ହାଇଦ୍ରାବାଦରେ ଅନୁଷ୍ଠିତ ୟୋନେକ୍ସ-ସନ୍‌ରାଇଜ୍ ସର୍ବଭାରତୀୟ ସବ୍‌ଜୁନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ବାଳିକା ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଓଡ଼ିଶାର ତନଭି ପତ୍ରୀ। ଉଚ୍ଚସ୍ତରୀୟ ପ୍ରତିଯୋଗିତାରେ ପ୍ରତିଭା ପ୍ରଦର୍ଶନ କରି ତନଭି ସମସ୍ତଙ୍କୁ ପ୍ରଭାବିତ କରିଥିଲେ।

## ୧୭ ବର୍ଷରୁ କମ୍ ମହିଳା ଫୁଟବଲ

# ଚିଲିଠାରୁ ହାରିଲା ଭାରତ

**ଏକ୍ୱିଲେୟା, ୨୫।୬(ପିଟି)**

୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳ ଶନିବାର ୧-୩ ଗୋଲରେ ଚିଲିଠାରୁ ପରାସ୍ତ ହୋଇଛି। ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତୀୟ ଦଳ ଲାଗି ଏହା ଦ୍ୱିତୀୟ ମ୍ୟାଚ୍‌ରେ ୨ୟ ପରାଜୟ। ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଦଳକୁ ଇଟାଲିଠାରୁ ୦-୭ ଗୋଲରେ ବୃହତ ପରାଜୟ ମିଳିଥିଲା। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଉଭୟ ଦଳ ଖୁବ୍ ଧୀମା ଆରମ୍ଭ କରିଥିଲେ। ଆରମ୍ଭରୁ ଭାରତୀୟ ଦଳକୁ ସୁଯୋଗ ମିଳିଥିଲା। ହେଲେ ଡିଫେଣ୍ଡର ନାକେତା ଫ୍ରି-କିକ୍‌କୁ ଗୋଲରେ ପରିଣତ କରିପାରି ନ ଥିଲେ। ୧୧ତମ ମିନିଟ୍‌ରେ ଚିଲି ପାଇଁ ଖାତା ଖୋଲିଥିଲେ କାଟେରିନ ରାମୋସ। ଏହାର ୮ ମିନିଟ୍ ପରେ ମାଇଟେଙ୍କ ହେଡର ଚିଲିକୁ ଆଣି ଦେଇଥିଲା ୨-୦ର ଅଗ୍ରଣୀ। ଦ୍ୱିତୀୟାର୍ଦ୍ଧରେ ନେହାଙ୍କଠାରୁ ପାସ ପାଇବା ପରେ କାଜଲ ଏକମାତ୍ର ଗୋଲ ସ୍କୋର କରିଥିଲେ। କିନ୍ତୁ ୬୭ତମ ମିନିଟ୍‌ରେ ଅମ୍ବର ରୋଲିନୋଙ୍କ ଗୋଲ ଯୋଗୁ ଚିଲି ମ୍ୟାଚ୍‌କୁ ୩-୧ ଗୋଲରେ ଜିତି ନେଇଥିଲା।

# ସାଇ ସ୍ୱସ୍ତିକଙ୍କୁ ଡବଲ ଟାଇଟଲ

## ସର୍ବଭାରତୀୟ ଟେନିସରେ ସଫଳତା

**ଭୁବନେଶ୍ୱର, ୨୫।୬**
**(କ୍ରୀଡ଼ା ପ୍ରତିନିଧି)**




ଓଡ଼ିଶାର ଟେନିସ ପ୍ରତିଭା ସାଇ ସ୍ୱସ୍ତିକ ମହାନ୍ତି ନିକଟରେ ଅନୁଷ୍ଠିତ ୨ଟି ସର୍ବଭାରତୀୟ ଟେନିସ ପ୍ରତିଯୋଗିତାରେ ଟାଇଟଲ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ୧୨ ବର୍ଷରୁ କମ୍ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସାଇ ସ୍ୱସ୍ତିକ ଚଳିତମାସ ୬ରୁ ୧୦ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ଗାଜିଆବାଦରେ ଅନୁଷ୍ଠିତ ଟୁର୍ନାମେଣ୍ଟର ସିଙ୍ଗଲ୍ସ ଫାଇନାଲରେ ପଶ୍ଚିମବଙ୍ଗର ସ୍ୱପ୍ନିଲ ଘୋଷଙ୍କୁ ୬-୨, ୬-୩ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଉତ୍ତର ପ୍ରଦେଶ, ଦିଲ୍ଲୀ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ଓଡ଼ିଶା ଓ ପଶ୍ଚିମବଙ୍ଗ ଆଦି ୭ ରାଜ୍ୟର ଖେଳାଳି ଅଂଶଗ୍ରହଣ କରିଥିଲେ। ସେହିପରି ୧୦ରୁ ୧୭ ପର୍ଯ୍ୟନ୍ତ ଦିଲ୍ଲୀରେ ଆୟୋଜିତ ଏଆଇଟିଏ ଜାତୀୟ ଟେନିସ ଟୁର୍ନାମେଣ୍ଟର ୧୨ ବର୍ଷରୁ କମ୍ ସିଙ୍ଗଲ୍ସରେ ମଧ୍ୟ ସେ ଟାଇଟଲ ହାସଲ କରିଛନ୍ତି। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ସାଇ ସ୍ୱସ୍ତିକ ତାମିଲନାଡୁର ପି. ଶ୍ରୀରାମଙ୍କୁ ୪-୬, ୬-୩, ୭-୬ (୭-୪) ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ପରାଜିତ ହୋଇଥିଲେ ହେଁ ଆତ୍ମବିଶ୍ୱାସର ସହ ଖେଳି ସେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ଅନ୍ତିମ ସେଟ୍ ଟାଇବ୍ରେକରରେ ମୀମାଂସା ହୋଇଥିଲା। ଏଥିରେ ଧୈର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ଦେଇ ସେ ସଫଳ ହୋଇଥିଲେ। ସାଇ ସ୍ୱସ୍ତିକ ହେଉଛନ୍ତି କଟକ ସିଡିଏ ଅଞ୍ଚଳର ଊର୍ମିଳା ମହାନ୍ତି ଓ କ୍ଷୀତିଶ୍ ମହାନ୍ତିଙ୍କ ପୁତ୍ର। ସେ କଟକ ସିଡିଟିଏ ଏକାଡେମୀର ପ୍ରତିଷ୍ଠିତ କୋଚ୍ ଲଳିତ ଦାଶଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।

# କେର୍ଲି, ଜେଫରସନ ଜିତିଲେ ୟୁଏସ୍ ଆଉଟ୍‌ଡୋର ଚାମ୍ପିୟନଶିପ୍

**ଇୟୁଜେନେ, ୨୫।୬(ଏପି)**

ଅଲିମ୍ପିକ୍ ରୌପ୍ୟ ପଦକଧାରୀ ଫ୍ରେଡ କେର୍ଲି ୟୁଏସ୍ ଆଉଟ୍‌ଡୋର ଟ୍ରାକ୍ ଓ ଫିଲ୍ଡ ଚାମ୍ପିୟନଶିପ୍‌ର ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କେର୍ଲି ୯.୭୭ ସେକେଣ୍ଡ୍‌ରେ ଦୌଡ଼ ଶେଷ କରିଥିଲେ। ତାଙ୍କ ପଛକୁ ମାର୍ଭିନ ବ୍ରାସି, ଓ୍ୱିଲ ଲାମ୍ସ ଏବଂ ଟ୍ରାୟଭନ ବ୍ରୋମେଲ ରହିଥିଲେ। ଏମାନେ ସମସ୍ତେ ଆସନ୍ତା ମାସରେ ହେବାକୁ ଥିବା ବିଶ୍ୱ ଆଉଟ୍‌ଡୋର ଚାମ୍ପିୟନଶିପ୍ ପାଇଁ ୟୁଏସ୍ ଦଳରେ ସ୍ଥାନ ପକ୍କା କରିଛନ୍ତି। କଷ୍ଟୋଲ କାରୋଲିନାର ମେଲିସା ଜେଫରସନ ମହିଳା ୧୦୦ ମିଟର ଦୌଡ଼ରେ ଆଲେୟା ହବସଙ୍କୁ ପଛରେ ପକାଇ ଟାଇଟଲ ହାସଲ କରିଛନ୍ତି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଆଜି କ'ଣ କେଉଁଠି

ଯାଜପୁର ଟାଉନ

- ଜିଲା ପ୍ରଶାସନ ଏବଂ ଜିଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଡ୍ରଗ୍ସ ଅପବ୍ୟବହାର ଏବଂ ଅନୈତିକ କାରବାର ବିରୋଧରେ ଅନ୍ତର୍ଜାତୀୟ ଦିବସ ପାଳନ କାର୍ଯ୍ୟକ୍ରମ। ସ୍ଥାନ- ଗୌତମ ବୁଦ୍ଧ ସଂସ୍କୃତି ଭବନ। ସମୟ-ପୂର୍ବାହ୍ନ ୯ଟା।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ଧର୍ମଶାଳା,୨୫।୬(ଡି.ଏନ୍.ଏ.):** ଜେନାପୁର ଥାନା ଅନ୍ତର୍ଗତ ମାଳହାଟ ନିକଟରେ ଶନିବାର ଅପରାହ୍ନରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଏବଂ ଆହତଙ୍କ ପରିଚୟ ମିଳିପାରିନାହିଁ। ଗୁରୁତର ଅବସ୍ଥାରେ ଦୁଇ ଜଣଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଭାବେ ଆହତ ହୋଇଥିବା ଅନ୍ୟଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜେନାପୁର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଅଗ୍ନିପଥ ପ୍ରତ୍ୟାହାର ଦାବିରେ କଂଗ୍ରେସର ସତ୍ୟାଗ୍ରହ ୨୭ରେ

**ଯାଜପୁର ଟାଉନ,୨୫।୬(ଡି.ଏନ.ଏ):** ଭାଜପା ୨୦୧୪ରେ କ୍ଷମତାକୁ ଆସିବା ପାଇଁ ବର୍ଷକୁ ଦୁଇ କୋଟି ନିଯୁକ୍ତିର ମିଥ୍ୟା ପ୍ରତିଶ୍ରୁତି ଦେଇଥିଲା। ପୁନର୍ବାର ସେନାରେ ସାମିଲ ହେବାକୁ ଥିବା ଲକ୍ଷଲକ୍ଷ ଶିକ୍ଷିତ ଯୁବକଙ୍କୁ ଅଭିନବ ଉପାୟରେ ଅଗ୍ନିପଥ ଯୋଜନା ଜରିଆରେ ଚୁକ୍ତିଭିତ୍ତିକ ନିଯୁକ୍ତି କରି ଆଉ ଏକ ପ୍ରତାରଣା କରିଛି। ଅଗ୍ନିପଥରେ ଅସ୍ଥାୟୀ ନିଯୁକ୍ତିକୁ ବିରୋଧ, ଠିକା ନିଯୁକ୍ତିକୁ ପ୍ରତ୍ୟାହାର କରିବା, ଭାରତର ସାର୍ବଭୌମତ୍ୱ ସୈନ୍ୟ ବାହିନୀର ମର୍ଯ୍ୟାଦା ରକ୍ଷା, ବେକାର ଯୁବତୀଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ଓ ତୁରନ୍ତ ଅଗ୍ନିପଥକୁ କେନ୍ଦ୍ର ସରକାର ପ୍ରତ୍ୟାହାର ଦାବିରେ କଂଗ୍ରେସ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରାଯିବ। ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶ ଓ ପ୍ରଦେଶ କଂଗ୍ରେସର ଆହ୍ୱାନରେ ଯାଜପୁର ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ସହରସ୍ଥ ଗୌତମବୁଦ୍ଧ ସଂସ୍କୃତି ଭବନ ସମ୍ମୁଖରେ ଆସନ୍ତା ୨୭ ତାରିଖରେ ଅଭିନବ ଉପାୟରେ ଏହି ସତ୍ୟାଗ୍ରହ କରାଯିବ। ଏହା ଦିନ ୧୦ରୁ ୧ଟା ପର୍ଯ୍ୟନ୍ତ ଚାଲିବ। ଏଥିରେ ଯାଜପୁର ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମୀ, ନେତୃମଣ୍ଡଳୀ ଓ ବୁଦ୍ଧିଜୀବୀ ସାମିଲ ହେବାକୁ କଂଗ୍ରେସ ନେତା ସନ୍ତୋଷ କୁମାର ନନ୍ଦ ଏବଂ ଜିଲା କଂଗ୍ରେସ ସଭାପତି ମନୋଜ ରାଉତ ଅନୁରୋଧ କରିଛନ୍ତି।

# ବ୍ୟାସନଗରରେ ଟ୍ରାଫିକ୍ ବିପର୍ଯ୍ୟସ୍ତ

**ଯାଜପୁର ରୋଡ୍,୨୫।୬(ଡି.ଏନ.ଏ.)**



ବ୍ୟାସନଗର ସହରର ଗୋଶାଳା ଛକରେ ଟ୍ରାଫିକ୍ ଜାମ।

- ବିପଦରେ ଛାତ୍ରୀଛାତ୍ରଙ୍କ ଜୀବନ
- ବାଲି, ମୋରମ ବୋଝେଇ ଭାରିଯାନ ଚଳାଚଳ ଅଶାୟତ୍ତ

ଯାଜପୁର ଜିଲାର ଅନ୍ୟତମ ସହର ବ୍ୟାସନଗରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେବାରେ ଲାଗିଛି। ସହରର ଅଣଓସରିଆ ରାସ୍ତା ସହ ବାଲି, ମୋରମ ବୋଝେଇ ଭାରିଯାନ ଚଳାଚଳ ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ହୋଇଛି। ପୌରସଂସ୍ଥା ପକ୍ଷରୁ ଆବଶ୍ୟକ ଯୋଜନା ହୋଇ ନ ଥିବାରୁ ଏହାର ପରିଣାମ ସହରର ଗଣେଶବଜାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି), ଗୋଶାଳା, କୋପଣ୍ଡ, ମୁଣ୍ଡମାଳ, ଦଳା ଅଞ୍ଚଳର ବାସିନ୍ଦାଙ୍କ ସହ ବାହାରୁ ଆସୁଥିବା ଲୋକଙ୍କୁ ଭୋଗିବାକୁ ପଡୁଛି। ଏଠାରେ ନୋ ଏଣ୍ଟ୍ରି ନିୟମ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନାହିଁ। ସହର ଭିତରକୁ ଯେକୌଣସି ସମୟରେ ବିପୁଳ ସଂଖ୍ୟାରେ ମାଲବୋଝେଇ ଟ୍ରାକ୍ଟର, ହାଇୱା, ଟ୍ରକ ପ୍ରବେଶ କରୁଛି। ଏହାସହ ଫିଟନେସ୍ ନ ଥିବା ଗାଡ଼ି ଚଳାଚଳ ହେଉଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି। ସହରବାସୀଙ୍କ ପକ୍ଷରୁ ଏହି ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟାର ସୁଧାର ଆଣିବାକୁ ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ହେଁ କିଛି ସୁଫଳ ମିଳି ପାରୁନାହିଁ। ଫଳରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ନବେ ଦଶକ ପରେ ଏଠାରେ ଶିଳ୍ପ ପ୍ରତିଷ୍ଠା ଆରମ୍ଭ ହୋଇଥିଲା। ସେହିଦିନଠାରୁ ବ୍ୟାସନଗର ସହରର ଆୟତନ ଓ ଲୋକ ସଂଖ୍ୟା ହୁହୁ ହୋଇ ବଢୁଛି। ଏହାବାଦ୍ ଏକାଧିକ ଖଣି କମ୍ପାନୀ ଜିଲାର କାଳିଆପାଣି ଅଞ୍ଚଳରେ କ୍ରୋମାଇଟ ଉତ୍ତୋଳନ କରୁଛି। ଏବେ ସହରର ଲୋକସଂଖ୍ୟା ପ୍ରାୟ ଦୁଇ ଲକ୍ଷ ପାଖାପାଖି ହେଲାଣି। କ୍ରମଶଃ ଶ୍ରମ ଉପନିର୍ଦ୍ଦେଶାଳୟ, ଷ୍ଟେଟବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ, ଜିଲା ଶ୍ରମ ଅଧିକାରୀ, ଖଣି ଉପନିର୍ଦ୍ଦେଶକ, କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ଓଏମ୍‌ସି, ଇଡ୍‌କୋ, ଉଠାଜଳସେଚନ ପ୍ରକଳ୍ପ, ବାଣିଜ୍ୟ କର, ଆୟକର ଆଦି କାର୍ଯ୍ୟାଳୟ ଖୋଲିଛି। ଏଥିସହ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ବହୁସଂଖ୍ୟାରେ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଗଣେଶ ବଜାରଠାରୁ ବ୍ୟାସ ରୋବର ଜଗନ୍ନାଥ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଏନ.ସି. ହାଇସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ଶଶିଭୂଷଣ ନୋଡାଲ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ଅରବିନ୍ଦ ଶିକ୍ଷା କେନ୍ଦ୍ର, ରିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଆଦି ରହିଛି। ଏହି ରାସ୍ତାରେ ପୁଣି ଯାଜପୁର ରୋଡ୍ ସିଏଚ୍‌ସି, ପ୍ରାଣୀ ଚିକିତ୍ସା କେନ୍ଦ୍ର ରହିଛି। ଏହି ରାସ୍ତା ଖରସ୍ରୋତା ଓ ବ୍ରାହ୍ମଣୀ ନଦୀକୁ ସଂଯୋଗ କରିଛି। ଫଳରେ ସେହି ନଦୀଗୁଡିକରୁ ଶତାଧିକ ଓଭରଲୋଡିଂ ବାଲି ବୋଝେଇ ଟ୍ରାକ୍ଟର ଓ ଟ୍ରକ ସ୍କୁଲ ଖୋଲିବା ଏବଂ ବନ୍ଦ ସମୟରେ ଚଳାଚଳ କରୁଛି। ଏହି ସମୟରେ ଛାତ୍ରୀଛାତ୍ରଙ୍କ ଯାତାୟାତରେ ବିଭିନ୍ନ ସମସ୍ୟା ସୃଷ୍ଟି କରୁଛି। ଶୁକ୍ରବାର ସକାଳ ୭ଟାରେ ଗୋଶାଳା ଛକରେ ଏକାଧିକ ବାଲି ବୋଝେଇ ଟ୍ରାକ୍ଟର, ସ୍କୁଲ ବସ୍ ଓ ଅନ୍ୟାନ୍ୟ ଗାଡ଼ି ଜାମ୍ ହୋଇଯାଇଥିଲା। ଏହା ପ୍ରାୟ ଅଧଘଣ୍ଟା ଧରି ଟ୍ରାଫିକ ସମସ୍ୟା ସୃଷ୍ଟି କରିବାରୁ ଛାତ୍ରୀଛାତ୍ର ଠିକ୍ ସମୟରେ ସ୍କୁଲକୁ ଯାଇପାରି ନ ଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଭାରିଯାନ ଚଳାଚଳ ପାଇଁ ସମୟ ନିର୍ଘଣ୍ଟ କରାଯାଇଛି। ସକାଳ ୭ଟାରୁ ୧ଟା ପର୍ଯ୍ୟନ୍ତ ମାଲ ପରିବହନ ଗାଡ଼ି ସହର ମଧ୍ୟ ଦେଇ ଯାଇପାରିବ ନାହିଁ। ଏହାପରେ ୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗାଡ଼ି ଚଳାଚଳକୁ ଅନୁମତି ଦିଆଯାଇଛି। ଅପରାହ୍ନ ୩ଟାରୁ ରାତି ୯ଟା ପର୍ଯ୍ୟନ୍ତ ମାଲ ପରିବହନ ଗାଡି ଚଳାଚଳ ବନ୍ଦ ରହିବ। ଏହାପରେ ରାତିରେ ଗାଡ଼ି ଚଳାଚଳ କରିପାରିବ। ଏହାକୁ ନିୟନ୍ତ୍ରଣ କରିବାକୁ ସହରର ସମସ୍ତ ଛକ ଜାଗାରେ ପୋଲିସ ମୁତୟନ କରାଯାଇଛି। କିନ୍ତୁ ସେମାନେ କିଛି ହାତଗୁଞ୍ଜା ନେଇ ଅସମୟରେ ମଧ୍ୟ ଭାରିଯାନ ଚଳାଚଳକୁ ଅନୁମତି ଦେଉଥିବା ଦେଖିବାକୁ ମିଳିଛି। ସହରର ଏଭଳି ଅନିୟନ୍ତ୍ରିତ ଟ୍ରାଫିକ ସମସ୍ୟା ଯୋଗୁ ସହରବାସୀଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି ହେଉଛି। ବିଡ଼ମ୍ବନାରେ ସିଏଚ୍‌ସିକୁ ଆସୁଥିବା ରୋଗୀମାନେ ଅନେକ ସମୟରେ ଟ୍ରାଫିକ ଜାମ୍‌ରେ ଫସି ନୟାନ୍ତ ହେଉଛନ୍ତି।

## ଡ୍ରେନ୍ ଉପରେ ପାଚେରି, ଘରେ ପଶିଲା ଆବର୍ଜନା ପାଣି

**ଧର୍ମଶାଳା,୨୫।୬(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍ ବଳରାମପୁର ତଳଗଡ଼ ଗାଁରେ ଆର୍‌ଡି ରାସ୍ତା ପାର୍ଶ୍ୱରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କରାଯାଇଛି। ମାତ୍ର ଗ୍ରାମର ଜଣେ ବ୍ୟକ୍ତି ନିଜ ଜାଗା ଦର୍ଶାଇ ଡ୍ରେନ ବନ୍ଦ କରିଦେବାରୁ ବର୍ଷା ଜଳ ଅଟକି ରହି ଆବର୍ଜନା ସୃଷ୍ଟି କରିବା ସହ କେତେଜଣଙ୍କ ଘରେ ପଶିଯାଉଛି। ସ୍ଥାନୀୟ ସରପଞ୍ଚ ବିପିନ ବିହାରୀ ସେଠୀ, ଗ୍ରାମର ବିଦ୍ୟାଧର ମିଶ୍ର, ଅଗଣି ମିଶ୍ର, ହେମନ୍ତ ଆଚାର୍ଯ୍ୟ, ପ୍ରଦୀପ ପଣ୍ଡା, ବିଜୟ କୁମାର ଦାସ, ସୁଶାନ୍ତ କର ପ୍ରମୁଖ ଏନେଇ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ବହୁ ପୂର୍ବରୁ ରାସ୍ତା ପାର୍ଶ୍ୱରେ ନିର୍ମାଣାଧୀନ ଡ୍ରେନରେ ବର୍ଷା ଜଳ ନିଷ୍କାସିତ ହେଉଥିଲା। ମାତ୍ର ଏବେ ଡ୍ରେନ ବନ୍ଦ ଥିବାରୁ ୨/୩ଦିନ ହେବ ବର୍ଷା ହେବା ଦ୍ୱାରା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ତୁରନ୍ତ ସମାଧାନ ପାଇଁ ଆସନ୍ତା ୨୭ତାରିଖରେ ବ୍ଲକ କାର୍ଯ୍ୟାଳୟରେ ହେବାକୁ ଥିବା ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଗ୍ରାମବାସୀ ପୁନର୍ବାର ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି।

# ତ୍ରୁଟିପୂର୍ଣ୍ଣ ଡ୍ରେନ୍ ଯୋଗୁ ରାସ୍ତାରେ ଜମିଲା ବର୍ଷାପାଣି



ବାଲିଚନ୍ଦ୍ରପୁର ବଜାରରେ ବର୍ଷା ପାଣି ଜମି ରହିଛି।

**ଚଣ୍ଡିଖୋଲ,୨୫।୬(ଡି.ଏନ୍.ଏ.)**

- ବ୍ୟବସାୟୀ ମହଲରେ ଅସନ୍ତୋଷ, ଶୀଘ୍ର ତ୍ରୁଟି ସୁଧାରିବାକୁ ଦାବି

ବଡ଼ଚଣା ପୂର୍ତ୍ତ ବିଭାଗ ତରଫରୁ ବରୁହାଁ-ବାଲିଚନ୍ଦ୍ରପୁର ରାସ୍ତାର ବାଲିଚନ୍ଦ୍ରପୁର ବଜାରରେ ଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କରାଯାଇଛି। ତେବେ ଏହି ଡ୍ରେନ୍ ନିର୍ମାଣ କାର୍ଯ୍ୟ ତ୍ରୁଟିପୂର୍ଣ୍ଣ ହୋଇଥିବା ଯୋଗୁ ଏବେ ଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହୁଛି। ବାଲିଚନ୍ଦ୍ରପୁର ବଜାର ଷ୍ଟେଟ୍‌ବ୍ୟାଙ୍କ ସମ୍ମୁଖରେ ରାସ୍ତା ଖାଲ ହୋଇଥିବାରୁ ଏଥିରେ ପୂର୍ବରୁ ପାଣି ଜମି ରହୁଥିଲା। ସେଥିପାଇଁ ପୂର୍ତ୍ତ ବିଭାଗ ତରଫରୁ ୧୬ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ଡ୍ରେନ୍ ନିର୍ମାଣ ହୋଇଥିଲା। ତେବେ ଏହି ଡ୍ରେନ୍ ନିର୍ମାଣ ଶୈଳୀ ସମ୍ପୂର୍ଣ୍ଣ ଭୁଲଥିଲା। ରାସ୍ତାଠାରୁ ଡ୍ରେନ୍ ନିମ୍ନଗାମୀ ହେବା ବଦଳରେ ରାସ୍ତାଠାରୁ ଏହା ଦେଢ଼ ଫୁଟ ଉଚ୍ଚରେ କରାଗଲା। ଫଳରେ ରାସ୍ତା ପାଣି ଡ୍ରେନ୍‌ରେ ଯିବା ବଦଳରେ ରାସ୍ତାରେ ଜମିରହୁଛି। ଗତ ଏପ୍ରିଲରେ ନିର୍ମାଣ କାର୍ଯ୍ୟ ହୋଇଥିଲାବେଳେ ତାହା ହଠାତ୍ ଜଣାପଡ଼ି ନ ଥିଲା। ବର୍ଷା ଦିନ ଆସିବା ପରେ ରାସ୍ତାରେ ପାଣି ଜମା ହେବାରୁ ଡ୍ରେନ୍ ନିର୍ମାଣରେ କିପରି ତ୍ରୁଟି ରହିଛି ତାହା ଏଠାରେ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଏପ୍ରିଲ୍ ୨୭ରେ ଧରିତ୍ରୀରେ 'ଡ୍ରେନ୍ ନିର୍ମାଣରେ ଅନିୟମିତତା ଅଭିଯୋଗ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଜୁନ ୭ରେ ଘଟଣା ସ୍ଥଳ ପରିଦର୍ଶନ କରି କାର୍ଯ୍ୟ ସମୀକ୍ଷା କରିବା ସହିତ ତୁରନ୍ତ ଏହାର ପ୍ରତିକାର କରିବାକୁ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ମଧ୍ୟରେ ୨୦ଦିନ ବିତି ଯାଇଥିଲେବି ତ୍ରୁଟିପୂର୍ଣ୍ଣ ନିର୍ମାଣ କାର୍ଯ୍ୟକୁ ଉଚିତ ମାର୍ଗରେ କରିବା ପରିବର୍ତ୍ତେ ଏହାର ଶେଷାଶଂକୁ ବିଭାଗୀୟ ଅଧିକାରୀ ସମ୍ପୂର୍ଣ୍ଣ କରିଦେଇଛନ୍ତି। ଯଦ୍ଦ୍ୱାରା ନିର୍ମାଣ ଜନିତ ତ୍ରୁଟି ଯୋଗୁ ଜାତାୟାତରେ ବାଧା ସୃଷ୍ଟି ହେଉଛି। ଏହି ରାସ୍ତାରେ ଏକ ଫୁଟରୁ ଦେଢ ଫୁଟ ପର୍ଯ୍ୟନ୍ତ ପାଣି ଜମି ରହୁଛି। ତେଣୁ ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବାକୁ ବାଲିଚନ୍ଦ୍ରପୁର ବ୍ୟବସାୟୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ସହକାରୀ ଯନ୍ତ୍ରୀ ପାର୍ଥସାରଥୀ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନାହାନ୍ତି।

# ମଦ୍ରାସା ସମସ୍ୟା ବୁଝିଲେ ଜିଲା ଶିକ୍ଷାଧିକାରୀ



**ଯାଜପୁର ଟାଉନ,୨୫।୬(ଡି.ଏନ.ଏ.)**

ମଦ୍ରାସା ଗୌସିୟା ହବିବିୟା କାଟିଆକୁ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ଶନିବାର ପରିଦର୍ଶନ କରିଛନ୍ତି। ଗିରି ଉକ୍ତ ମଦ୍ରାସାକୁ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ପାଠପଢ଼ା ତଦାରଖ କରିବା ସହିତ ମଦ୍ରାସାର ସମସ୍ୟା ଉପରେ ଆଲୋଚନା କରିଥିଲେ। 'ମୋ ସ୍କୁଲ' ଅଭିଯାନରେ ଶୀଘ୍ର ସାମିଲ ହେବା ପାଇଁ ମଦ୍ରାସାର ପ୍ରଧାନ ମୌଲବୀ ସେକ୍ ମହମ୍ମଦ ସମିମ୍‌ଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ ସେକ୍ ନାଦର ଓ ସମିତିସଭ୍ୟାଙ୍କ ପ୍ରତିନିଧି ସେକ୍ ଅସଲମ୍‌ଙ୍କୁ 'ମୋ ସ୍କୁଲ' ଅଭିଯାନରେ ସାମିଲ କରିବା ପାଇଁ ଅନୁରୋଧ କରିଥିଲେ। ସ୍କୁଲ ଅଭିଯାନ ଆକାଉଣ୍ଟ୍ ଖୋଲି ଏଥିରେ ଜମା କରିବା ପାଇଁ ଜିଲା ଶିକ୍ଷାଧିକାରୀ ନିଜ ତରଫରୁ ଅର୍ଥ ପ୍ରଦାନ କରି ଉପସ୍ଥିତ ଥିବା ସ୍ଥାନୀୟ ବ୍ୟକ୍ତିଙ୍କୁ ଉତ୍ସାହିତ କରିଥିଲେ। ମଦ୍ରାସାର ପରିବେଶକୁ ଅନୁଧ୍ୟାନ କରି କମିଟି ଏବଂ ଶିକ୍ଷକମାନଙ୍କୁ ପ୍ରଶଂସା କରିଥିଲେ। ମଧ୍ୟାହ୍ନଭୋଜନ ଗୃହର ପରିବେଶ ଏବଂ ଖାଦ୍ୟର ମାନ ମଧ୍ୟ ତଦାରଖ କରି ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଆର୍‌ସିସି ସେକ୍ ମହମ୍ମଦ କାସିଦ୍, ମୀର ଜାଫର ଅଲ୍ଲୀ, ପୂର୍ବତନ ସରପଞ୍ଚ ମୀର ଆଜାଦ୍, ସୟଦ ନୁର ମହମ୍ମଦ, ସେକ୍ ଏମ.ଡି ଜାକିର ହୋସେନ୍, ସେକ୍ ନିଜାମୁଦ୍ଦିନ, ରିୟାଜୁଦ୍ଦିନ୍ ଖାଁ, ଫିରୋଜ ଖାଁ, ସୟଦ ଓଲି ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

# ମର୍ତ୍ତ୍ୟ ବୈକୁଣ୍ଠ ପୀଠରେ କୃଷକ ସମ୍ପର୍କ ମେଳା

**ରସୁଲପୁର,୨୫।୬(ଡି.ଏନ.ଏ.)**

ରସୁଲପୁର ବ୍ଲକ୍ ଅନ୍ତର୍ଗତ ନଠୁଆବର ପଞ୍ଚାୟତର ଆଦମପୁରସ୍ଥିତ ମର୍ତ୍ତ୍ୟ ବୈକୁଣ୍ଠ ପୀଠରେ ଶନିବାର ଏକ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମାଞ୍ଚଳର ଚାଷୀ କୃଷିକାର୍ଯ୍ୟରେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଦିଗରେ ଆଲୋଚନା ହୋଇଥିଲା। ସେଥିପାଇଁ ଉଦ୍ଦିଷ୍ଟ କେତେକ ମୌଳିକ ଉପାୟ ଆପଣାଇବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ଚାଷକାର୍ଯ୍ୟରେ ବ୍ୟବହାର ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀ ଯଥା ବିହନ, ସାର, ଔଷଧ, କ୍ଷେତ ବେଉଷଣ, ରୋଗପୋକ ନିୟନ୍ତ୍ରଣ, ପାଣିପାଗ ଉପଯୋଗୀ ପଦକ୍ଷେପ ଓ ଚାଷ ପାଇଁ ଜମି ଚିହ୍ନଟ ଭଳି କେତେକ ଉପାଦେୟ ଦିଗ ପ୍ରତି ଚାଷୀ ଧ୍ୟାନ ଦେଇଥାନ୍ତି। ତେବେ ଏସବୁ ସମନ୍ୱୟରେ ଉନ୍ନତ କୃଷିକ୍ଷେତ ସୃଷ୍ଟି ସହ ଚାଷୀ ଲାଭବାନ ହେବା ସମ୍ଭବପର ବୋଲି ଇଷ୍ଟ ୱେଷ୍ଟ ମଞ୍ଜି କମ୍ପାନୀ ପକ୍ଷରୁ ଉପସ୍ଥିତ ସମ୍ବଳ ଅଧିକାରୀମାନେ ମତ ରଖିଥିଲେ।

ଚାଷୀ ଉନ୍ନତ କିସମର ବିହନ ଚୟନ କରିବା ସହ ଜୈବିକ ପ୍ରଣାଳୀରେ ଚାଷ କାର୍ଯ୍ୟ କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। କମ୍ପାନୀ ରିଜିଓନାଲ ମ୍ୟାନେଜର ମାନସ ମହାପାତ୍ର, ପ୍ରଡକ୍ଟ ମ୍ୟାନେଜର ଅଜିତ୍ କୁମାର ମିଶ୍ର, ଟେରିଟୋରି ମାନେଜର ସତ୍ୟ କୁମାର ମିଶ୍ର, ମାର୍କେଟ ଡେଭ୍‌ଲପମେଣ୍ଟ ଅଧିକାରୀ ଦେବୀପ୍ରସାଦ ସାମଲ ପ୍ରମୁଖ ଯୋଗଦେଇ ବିଭିନ୍ନ ଚାଷ ପାଇଁ ଉଦ୍ଦିଷ୍ଟ ଉନ୍ନତ କିସମର ବିହନ ଉପରେ ଆଲୋକପାତ କରିଥିଲେ। ଫୁଲକୋବି ଚାଷୀ ହ୍ୱାଇଟ୍ ଆଞ୍ଜେଲ, ଲଙ୍କା ଚାଷୀ ଧୁମ୍, କଖାରୁ ଚାଷୀ ଇଡବ୍ଲ୍ୟୁ-୧୩୭, କଲରା ଚାଷୀ ତୁକୁ ଓ ପାଖି ଜାତୀୟ କଲରା ମଞ୍ଜି ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ମଞ୍ଜିର ବ୍ୟବହାର ଓ ଉତ୍ପାଦନର ଅବଧି, ରୋଗପୋକ ନିୟନ୍ତ୍ରଣ ପ୍ରଣାଳୀ ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। ତେବେ ବିଗତ ବର୍ଷରେ ଚାଷୀ ସମାନ ଜାତୀୟ ମଞ୍ଜି ବ୍ୟବହାର କରି କ'ଣ ସବୁ ଅସୁବିଧା ଓ କେତେ ଲାଭବାନ ହୋଇଥିଲେ ସେ ଦିଗରେ ଅଧିକାରୀମାନଙ୍କୁ ପ୍ରଶ୍ନ ପଚାରିଥିଲେ। ମଞ୍ଜି ବ୍ୟବସାୟୀ ନାରାୟଣ ସାହୁ, ଅଗ୍ରଣୀ ଚାଷୀ ଶିଶିର ରାଉତଙ୍କ ସମେତ ଶତାଧିକ ଚାଷୀ ଯୋଗଦେଇ ଅଧିକାରୀଙ୍କ ସହ ଚାଷର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।



କୃଷକ ସମ୍ପର୍କ ମେଳାରେ ଯୋଗଦେଇଥିବା ଚାଷୀ।

# ବିଦ୍ୟାଳୟ ସ୍ଥିତି ପରଖିଲେ ଜନପ୍ରତିନିଧି

**ରସୁଲପୁର,୨୫।୬(ଡି.ଏନ.ଏ.)**



ଜନପ୍ରତିନିଧି ପିଲାଙ୍କ ସହ ଆଲୋଚନା କରୁଛନ୍ତି।

ରସୁଲପୁର ବ୍ଲକ୍ ଅନ୍ତର୍ଗତ ଭୋଟକା ପଞ୍ଚାୟତର ଜନପ୍ରତିନିଧି ଶନିବାର ଇଚ୍ଛାପୁର ୟୁଜିଏମ୍‌ଇ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ଏହି ସମୟରେ ସେମାନେ ବିଦ୍ୟାଳୟର ସ୍ୱଚ୍ଛତା ଓ ଶୈକ୍ଷିକ ପରିବେଶ ଉନ୍ନତି ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପରିଚାଳନା, ଶ୍ରେଣୀ କକ୍ଷରେ ପାଠପଢ଼ା ଦେଖିବା ସହ ବିଭିନ୍ନ ସମସ୍ୟା ନେଇ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଆଲୋଚନା କରିଛନ୍ତି।

ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ କୁମାର ସାହୁ ସକାଳ ୧୦ଟାରେ ବିଦ୍ୟାଳୟରେ ପହଞ୍ଚିଥିଲେ। ଏହି ସମୟରେ ୧ମରୁ ୭ମ ଶ୍ରେଣୀର ପିଲା ପ୍ରାର୍ଥନା କରୁଥିଲେ। ଜନପ୍ରତିନିଧି ପିଲାଙ୍କ ୟୁନିଫର୍ମର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦେବା ସହ ଜାତୀୟ ସଂଗୀତ ଗାନ ସମୟରେ ପିଲାଙ୍କ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ। ସରପଞ୍ଚ ରାଉତ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ସେଠୀଙ୍କଠାରୁ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟରେ ମୋଟ ୧୨୬ଜଣ ପିଲା ଅଧ୍ୟୟନରତ ଥିବାବେଳେ ୮ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ଫଳରେ ବିଦ୍ୟାର୍ଥୀଙ୍କ ଅନୁପାତରେ ୩ଜଣ ଶିକ୍ଷୟିତ୍ରୀ ବଳକା ରହିଥିବା ଜଣାଯାଇଛି। ତେବେ ଏହି ବିଦ୍ୟାଳୟ ସହ ୨ଟି ବିଦ୍ୟାଳୟ ମିଶିଥିବାରୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ସଂଖ୍ୟା ଅଧିକା ରହିଛି। ହେଲେ ଗଣିତ ଓ ବିଜ୍ଞାନ ବିଷୟ ପଢ଼ାଇବା ପାଇଁ ଜଣେ ହେଲେ ଶିକ୍ଷକ ନାହାନ୍ତି। ଦୀର୍ଘବର୍ଷ ହେବ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ଏବେ ସୁଦ୍ଧା ପିଲାଙ୍କୁ ଗଣିତ ବହି ମିଳିନାହିଁ। ସପ୍ତମ ଶ୍ରେଣୀରେ ୨୧ଜଣ ପିଲା ପଢୁଛନ୍ତି। ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ୬ଖଣ୍ଡ ଇଂଲିଶ ବହି ମିଳିଛି। ୬ଷ୍ଠ ଶ୍ରେଣୀ ପିଲାଙ୍କୁ ଓଡ଼ିଆ ବହି ମିଳିନାହିଁ। ତେଣୁ ପାଠପଢ଼ାରେ ଅସୁବିଧା ଉପୁଜୁଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି।

ବିଦ୍ୟାଳୟରେ ପାଚେରି ନ ଥିବାରୁ ସ୍ଥାନୀୟ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବିଦ୍ୟାଳୟ ପରିସରରେ ବଢିଯାଉଛି। ପାଚେରି ନିର୍ମାଣ ଓ ପରିତ୍ୟକ୍ତ ଶ୍ରେଣୀଗୃହ ଗୁଡ଼ିକର ମରାମତି ଉପରେ ଗୁରୁତ୍ୱ ଦେବାକୁ ପ୍ରତିନିଧିଦ୍ୱୟଙ୍କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନୁରୋଧ କରିଛନ୍ତି। ସରପଞ୍ଚ ଓ ସମିତିସଭ୍ୟ ଶ୍ରେଣୀଗୃହର ପରିଚାଳନା, ଅବ୍ୟବହୃତ ବେଞ୍ଚ ଓ ଡେସ୍କର ମରାମତି, ପାଇଖାନାରେ ସ୍ୱଚ୍ଛତା ବଜାଇ ରଖିବା, ମଧ୍ୟାହ୍ନଭୋଜନର ସୁପରିଚାଳନା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ପିଲାଙ୍କ ସମସ୍ୟା ଓ ବିଦ୍ୟାଳୟର କାର୍ଯ୍ୟାବଳୀ ସମ୍ପର୍କରେ ଅଭିଭାବକଙ୍କୁ ସଚେତନ ପାଇଁ ନିୟମିତ ବୈଠକ କରିବାକୁ କହିଛନ୍ତି। ପରେ ସରପଞ୍ଚ ରାଉତ ସହକାରୀ ଶିକ୍ଷୟିତ୍ରୀ ସୁକାନ୍ତି ବାଇ, ଟିଙ୍କିଲି ପଣ୍ଡା, ଶକୁନ୍ତଳା ଘଡ଼ାଇ, ବିଜୟଲକ୍ଷ୍ମୀ ଶତପଥୀ, ପ୍ରଭାସିନୀ ଦ୍ୱିବେଦୀ, ଯଶୋଦାରାଣୀ ସେଠୀ, ଶିକ୍ଷକ ପ୍ରଭାତ କୁମାର ନାଥ ପ୍ରମୁଖଙ୍କ ସହ ବିଦ୍ୟାଳୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୬ ଜୁନ୍, ୨୦୨୨



## ସଂକ୍ଷେପରେ

### ସୁନାଚେନ, ବାଇକ୍ ଲୁଟେରା ଗ୍ୟାଙ୍ଗ ଧରାପଡ଼ିଲା

**ଖୋର୍ଦ୍ଧା ଅଫିସ,୨୫।୬:** ଖୋର୍ଦ୍ଧା ସମେତ ରାଜଧାନୀ ଅଞ୍ଚଳରେ ସକ୍ରିୟ ଥିବା ଏକ ସୁନାଚେନ ଓ ବାଇକ୍ ଲୁଟେରା ଗ୍ୟାଙ୍ଗକୁ ଧରିଛି ଖୋର୍ଦ୍ଧା ଟାଉନ ପୋଲିସ। ଶନିବାର ଜଣେ ମହିଳାଙ୍କ ଠାରୁ ସୁନା ଚେନ ଲୁଟ ଘଟଣାରେ ଖୋର୍ଦ୍ଧା ଟାଉନ ପୋଲିସ ଶନିବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ଗଡଖୋର୍ଦ୍ଧା ହାଉସିବୋର୍ଡ କଲୋନୀର କାଳିପ୍ରସାଦ ରାଉଳ(୨୬), ସଦର ଥାନା ବାଜପୁର ନନ୍ଦପୁରର ସୁନିଲ ମାନସିଂ(୨୮) ଓରଫ ଢେଗ ଏବଂ ପୁରୀ ଜିଲା ଗଡ଼ିଶାଗୋଡା ଥାନା ରାଇଘରପୁରର ବିଭୂତିଭୂଷଣ ସାହୁ(୩୨)। ଏମାନଙ୍କ ଠାରୁ ଚୋରି କରିଥିବା ୯ଟି ସୁନାଚେନ ଏବଂ ୭ଟି ବାଇକ୍ ଜବତ ହୋଇଛି। ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଅଞ୍ଚଳରେ ଏକାଧିକ ଲୁଟ ଘଟଣାରେ ଏମାନଙ୍କ ସମ୍ପୃକ୍ତି ରହିଥିବା ଟାଉନ ଥାନାଧିକାରୀ ଡିଏସ୍‌ପି ସଞ୍ଜୟ ପଟ୍ଟନାୟକ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଗତ ୧୪ତାରିଖ ଅପରାହ୍ନ ୫ଟାରେ ପ୍ରୀତି ମିଶ୍ର ନାମକ ଜଣେ ଯୁବତୀ ତାଙ୍କ ବନ୍ଧୁ ଲକ୍ଷ୍ମୀପ୍ରିୟା ତ୍ରିପାଠୀଙ୍କ ସହ ସ୍କୁଟିରେ ନୂଆବସଷ୍ଟାଣ୍ଡ ଠାରୁ ବ୍ୟାଙ୍କ ଛକ ଅଭିମୁଖେ ଯାଉଥିଲେ। ଟିଏଲ୍‌ସି ରୋଡରେ ସମ୍ପୃକ୍ତ ଅଭିଯୁକ୍ତମାନେ ବାଇକ୍‌ରେ ଆସି ସ୍କୁଟି ପଛରେ ବସିଥିବା ଲକ୍ଷ୍ମୀପ୍ରିୟାଙ୍କ ବେକରୁ ସୁନାଚେନ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୯୫/୨୨) ରୁଜୁ ହୋଇଥିଲା। ସହରରୁ ବାରମ୍ବାର ସୁନାଚେନ ଲୁଟ୍ ନେଇ ଅଭିଯୋଗ ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର ଏବଂ ଡିଏସପି ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସ୍ପେଶାଲ ସ୍କ୍ୱାଡ୍ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ ସମୟରେ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପୂର୍ବରୁ ଖୋର୍ଦ୍ଧା ଟିଏଲସି ରୋଡ, ନୂଆ ବସଷ୍ଟାଣ୍ଡ, ବ୍ୟାଙ୍କ ଛକ ସମେତ ପିତାପଲ୍ଲୀ, ଯାଁଳା, ଭରତପୁର, ଭୁବନେଶ୍ୱର ଅଞ୍ଚଳରୁ ସୁନାଚୋରି ଲୁଟ ମାମଲାରେ ସମ୍ପୃକ୍ତି ଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ବିଭିନ୍ନ ଘରୋଇ ଫାଇନାନ୍ସ ସଂସ୍ଥାରେ ବନ୍ଧକ ରଖିଥିବା ଚୋରି ସୁନା ଜବତ ହୋଇଛି। ଏଥିସହିତ ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୭ଟି ବାଇକକୁ ମଧ ପୋଲିସ ଜବତ କରିଛି।

### ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଜଟଣୀ,୨୫।୬(ଡି.ଏନ୍.ଏ.):** ଜଟଣୀ ନିକଟ ପୁରୀ ଜିଲା ହରିରାଜପୁର ଗ୍ରାମର ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପୋଖରୀରେ ବୁଡ଼ି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ଥାନା ଅଧୀନ ବାଛରା ଗ୍ରାମର କୁନା ପରିଡ଼ା। ସୂଚନା ମୁତାବକ, ଅପରାହ୍ନ ୪ଟାରେ କୁନା ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କୌଣସି କାରଣରୁ ସେଠାରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# '୮ ତହସିଲଦାରଙ୍କୁ ତୁରନ୍ତ ଗିରଫ କର'

**ଯାଜପୁର ତହସିଲ ଦୁର୍ନୀତି ମାମଲା**

- ଦୁର୍ନୀତିଗ୍ରସ୍ତ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଭିଜିଲାନ୍ସ ସୁରକ୍ଷା

ଯାଜପୁର ଟାଉନ,୨୫।୬(ଡି.ଏନ.ଏ.)

ଯାଜପୁର ତହସିଲ ଅର୍ଥ ହରିଲୁଟ୍‌ରେ ସମ୍ପୃକ୍ତ ୮ ତହସିଲଦାରଙ୍କୁ ତୁରନ୍ତ ଗିରଫ ପାଇଁ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ ଦାବି କରାଯାଇଛି। ଏନେଇ ଶନିବାର ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ କୁହାଯାଇଛି ଯେ, ୨୦୧୭-୧୮ରେ ବୋର୍ଡ ଅଫ୍ ରେଭିନ୍ୟୁ ଯାଜପୁର ତହସିଲର ୧୦ବର୍ଷର ଟିକସ ସଂଗ୍ରହ ଓ ଆୟ ବ୍ୟୟର ଅଡିଟ୍ କରିଥିଲେ। ଅଡିଟ୍‌ରୁ ଜଣାପଡିଥିଲା ୨୦୦୬ରୁ୨୦୧୬ ମଧ୍ୟରେ ୮ତହସିଲଦାରଙ୍କ ସମେତ ୨୧ ଅଧିକାରୀ, ନାଜିର ଓ କିରାଣିମାନେ ପ୍ରାୟ ୫ କୋଟି ଟଙ୍କା ଆତ୍ମସାତ କରିଥିଲେ। ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ଏହି ଅଡିଟ୍ ରିପୋର୍ଟରେ ସେମାନଙ୍କ ବିରୋଧରେ ତୁରନ୍ତ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଥିଲା। ମାତ୍ର ତତ୍କାଳୀନ ଜିଲାପାଳ କୌଣସି ପଦକ୍ଷେପ ଗ୍ରହଣ ନକରି ରିପୋର୍ଟକୁ ପକାଇ ରଖିଲେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଭିଜିଲାନ୍ସ କେବଳ ନାମକୁ ମାତ୍ର ତଦନ୍ତ କରି ଚୁପ୍ ରହିଲା। ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ସୂଚନା ଅଧିକାର ବଳରେ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ତଥ୍ୟ ମାଗିବା ପରେ ୧୦ ବର୍ଷ ଧରି ଯାଜପୁର ତହସିଲର ତହସିଲଦାରଙ୍କ ସମେତ ଅନ୍ୟ କର୍ମଚାରୀ ଟଙ୍କା ଲୁଟ୍ କରିଥିବା ଜଣାପଡିଥିଲା। ତେବେ ୨୦୧୯ ସେପ୍ଟେମ୍ବର ୨୬ରେ ସୂଚନା ଅଧିକାର କର୍ମୀ ବେହୁରା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିବା ପରେ ଅଡିଟ୍ ରିପୋର୍ଟ ଆଧାରରେ କ'ଣ ତଦନ୍ତ ହୋଇଛି ତାହା ଜଣାଇବାକୁ ଭିଜିଲାନ୍ସକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ପରେ ୨୦୨୦ ମାର୍ଚ୍ଚ ୨୦ରେ ଭିଜିଲାନ୍ସ ମଧ୍ୟବର୍ତ୍ତିକାଳୀନ ତଦନ୍ତ ରିପୋର୍ଟ ଦାଖଲ କରିଥିଲା। ତଦନ୍ତ ରିପୋର୍ଟରେ ଭିଜିଲାନ୍ସ କେଶ୍ ନଂ.୧୯/୨୦୧୯ରେ ଯାଜପୁର ତହସିଲର ବିଭିନ୍ନ ଅଧିକାରୀଙ୍କ ବିରୋଧରେ ମାମଲା ପଞ୍ଜୀକୃତ ହୋଇଥିବା ଜଣାଇଥିଲା। ତତ୍କାଳୀନ ନାଜିର ରଜତ କୁମାର ରାଉତରାୟ ଓ ତତ୍କାଳୀନ ତହସିଲଦାର ଲକ୍ଷ୍ମୀଧର ମିଶ୍ର ୩୪ ଲକ୍ଷ ୬୫ହଜାର ୨୩୭ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ରହିଛି। ପୂର୍ବତନ ତହସିଲଦାର ଗୌରହରି ବେହେରା, ମମତା ବାରିକ, ପୂର୍ବତନ ବରିଷ୍ଠ କିରାଣି ଶରତ ଚନ୍ଦ୍ର ବାରିକ ଓ ତହସିଲର କେତେଜଣ କର୍ମଚାରୀ ମିଳିତ ଭାବେ ବାଲି ଓ ମୋରମ ରୟାଲଟି ଅର୍ଥକୁ ଟ୍ରେଜେରିରେ ଡିପୋଜିଟ୍ ନ କରି ପ୍ରାୟ ୩ କୋଟି ୬ଲକ୍ଷ ୨୨ହଜାର ୪୩୮ ଟଙ୍କା ହରିଲୁଟ୍ କରିଥିବା ଘଟଣାରେ ଭିଜିଲାନ୍ସ ମାମଲା ରୁଜୁ କରିଛି।

ଭିଜିଲାନ୍ସ ୨୦୦୯ ମାର୍ଚ୍ଚ ୩୧ଠାରୁ ୨୦୧୦ ମେ' ୨୮ ମଧ୍ୟରେ ଉପରିସ୍ଥ ତହସିଲଦାରଙ୍କ ସମେତ ନାଜିର ଓ ଅନ୍ୟ କିରାଣୀମାନେ ୭୯ଲକ୍ଷ ୫୨ହଜାର ୬୧୩ ଟଙ୍କା ଆତ୍ମସାତ କରିଥିଲେ ବୋଲି ରିପୋର୍ଟ ଦେଇଥିଲା। ୨୦୧୦ ସେପ୍ଟେମ୍ବର ୨୦ଠାରୁ ୨୦୧୩ ଅକ୍ଟୋବର ୩୧ମଧ୍ୟରେ ପୂର୍ବତନ ନାଜିର ରାଉତରାୟ, ପୂର୍ବତନ ବରିଷ୍ଠ କିରାଣି ଅଜୟ ସାହୁ, ଶରତ ଚନ୍ଦ୍ର ବାରିକ ଓ ପୂର୍ବତନ ତହସିଲଦାର ମମତା ବାରିକ ମିଳିତ ଭାବେ ୨କୋଟି ୨୬ ଲକ୍ଷ ୬୯ହଜାର ୮୨୫ ଟଙ୍କା ହରିଲୁଟ୍ କରିଥିବା ଆଉ ଏକ କେସ୍ ରୁଜୁ ହୋଇଛି। ମିଥ୍ୟା ଟ୍ରେଜେରି ଚାଲାଣ, ଚେକ୍ ଟ୍ରେଜେରିରେ ଦାଖଲ ନ କରିବା, ମିଥ୍ୟା କ୍ୟାସ୍ ରେଜିଷ୍ଟର ପ୍ରସ୍ତୁତ କରିବା ଆଦି ତତ୍କାଳୀନ ତହସିଲଦାରଙ୍କ ଜଣାଡରେ କରୁଥିଲେ ଏବଂ ସମସ୍ତ ଅର୍ଥ ତହସିଲଦାରଙ୍କଠାରୁ କିରାଣି ପର୍ଯ୍ୟନ୍ତ ବାଣ୍ଟି ନେଉଥିଲେ। ଏହି ରିପୋର୍ଟ ଦାଖଲ ପରେ ଲୋକାୟୁକ୍ତ ସମସ୍ତଙ୍କ ନାମରେ ଫୌଜଦାରୀ ମାମଲା ରୁଜୁ କରିବା ସହ ତରନ୍ତ ତଦନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ୨ବର୍ଷ ପରେ ଚଳିତ ଜୁନ୍‌ରେ ପୂର୍ବତନ ନାଜିର ରାଉତରାୟ, ବରିଷ୍ଠ କିରାଣି ସାହୁଙ୍କୁ ଭିଜିଲାନ୍ସ ଗିରଫ କରିଛି। ମାତ୍ର ଏହି ହରିଲୁଟ୍‌ରେ ସମ୍ପୃକ୍ତ ୮ ପୂର୍ବତନ ତହସିଲଦାର ବିଜୟ କୁମାର ଖଣ୍ଡାୟତ, ସୁଧାଂଶୁ ଶେଖର ନାୟକ, କୁମରବର ନାୟକ, ମାନସ ରଞ୍ଜନ ସାମଲ, ଗୌରହରି ବେହେରା, ମମତା ବାରିକ ଓ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ବିରୋଧରେ ଭିଜିଲାନ୍ସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ସୁରକ୍ଷା ଦେଇଚାଲିଛି। ସେମାନେ ଉଚ୍ଚ ପଦବୀରେ ଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ନିଜର ଭାବମୂର୍ତ୍ତି ବଞ୍ଚାଇବା ପାଇଁ ତଳିଆ କର୍ମଚାରୀଙ୍କୁ ଗିରଫ କରିଛି ବୋଲି ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଉକ୍ତ ସମ୍ମିଳନୀରେ ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ, ସର୍ବେଶ୍ୱର ବେହୁରା, ସୁଧୀର ମହାନ୍ତି, ହୃଷୀକେଶ ମେକାପ ଓ ସୁଦୀପ୍ତ ପଣ୍ଡା ଉପସ୍ଥିତ ଥିଲେ।

### ୨୬ ମୋବାଇଲ, ୪୧ ହଜାର ଟଙ୍କା ଜବତ: ୩ ଗିରଫ

ବିରିଡ଼ି, ୨୫।୬(ଡି.ଏନ୍.ଏ.)

ବିରିଡ଼ି ଥାନା ଅନ୍ତର୍ଗତ ଅଣଖିଆ ବଜାରର ଏକ ମୋବାଇଲ ଦୋକାନରୁ ଗତ ୧୭ ତାରିଖରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ମୋବାଇଲ ସେଟ୍ ଘରର ସ୍କାଏଲାଇଟ ଭାଙ୍ଗି ଚୋରିକରି ନେଇଥିଲେ। ପୋଲିସ ଏହାର ତଦନ୍ତ କରି ଚୋରି ହୋଇଥିବା ୨୬ଟି ବିଭିନ୍ନ ମଡେଲର ମୋବାଇଲ, ସାମଗ୍ରୀ, ଗୋଟିଏ ସିସିପ୍ଲସ କ୍ୟାମେରା, ଡିଭିଆର ମେଶିନ ଓ ମନିଟର ସହ ନଗଦ ୪୧ ହଜାର ୯ଶହ ଟଙ୍କା ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ବିରିଡି ଥାନା ଅନ୍ତର୍ଗତ ଗୋପୀନାଥପୁର ଗାଁର ମିହିର କୁମାର ସାହୁ(୨୪) ଓରଫ ଲିପୁ, ଅଢଙ୍ଗଗଡ଼ ଗାଁର ମହେଶ୍ୱତା ଜେନା (୪୦) ଓରଫ କୁନି, ଲୋକନାଥ ଜେନା (୪୫)ଙ୍କୁ ପୋଲିସ ଗିରଫ କରିଛି। ଚୋରି ଘଟଣାରେ ଜଣେ ନାବାଳକଙ୍କ ସମ୍ପୃକ୍ତି ରହିଛି। ଏ ନେଇ ଥାନାରେ ନଂ.୧୨୦/୨୨ରେ ମାମଲା ରୁଜୁ ହୋଇଥିଲା। ଘଟଣାରୁ ପ୍ରକାଶ, ଦୋକାନ ମାଲିକ ନିତ୍ୟାନନ୍ଦ ନାୟକ ଘରକୁ ଚାଲିଯିବା ପରେ ବିଳମ୍ବିତ ରାତିରେ ଘର ସାଇଡ ପଟେ ଥିବା ସ୍କାଏ ଲାଇଟ ଭାଙ୍ଗି ନାବାଳକ ଜଣକ ଦୋକାନ ଭିତରକୁ ପ୍ରବେଶ କରିଥିଲେ। ପରେ ବିଭିନ୍ନ ନାମୀଦାମୀ ମୋବାଇଲ ବାହାରେ ଅପେକ୍ଷା କରିଥିବା ୩ ଅଭିଯୁକ୍ତଙ୍କୁ ଦେଇଥିଲେ। ଦୋକାନରୁ ବାହାରି ଆସିବା ପରେ ସ୍କାଏ ଲାଇଟ ପଟେ ନିଆଁ ଧରି ଭିତରକୁ ଫିଙ୍ଗିବାରୁ ଶୋ'କେସ୍ ସହ ଦରକାରୀ କାଗଜପତ୍ର ଜଳିଯାଇଥିଲା।

# ଜନବସତିରେ କୁକୁଡ଼ା ଫାର୍ମକୁ ବିରୋଧ



ଜନବସତି ନିକଟରେ ଥିବା କୁକୁଡା ଫାର୍ମ।

**କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଭିଓଙ୍କୁ ପତ୍ର ଲେଖିଲା ଏସ୍‌ପିସିବି**

ଯାଜପୁର ଅଫିସ,୨୫।୬

ଯାଜପୁର ଜିଲା ସଦର ବ୍ଲକ ଏରବାଙ୍ଗ ପଞ୍ଚାୟତ ୮ ନମ୍ବର ୱାର୍ଡ ଇନ୍ଦାରୋଇ ଗ୍ରାମର ଜନବସତି ମଧ ଭାଗରେ ଏକ କୁକୁଡ଼ା ଫାର୍ମ ନିର୍ମାଣ ହେଉଛି। ଏହାଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହ ପିଲାମାନଙ୍କୁ ରୋଗ ବ୍ୟାପିବା ଆଶଙ୍କା ରହିଛି। ନିର୍ମାଣାଧୀନ ଫାର୍ମଠାରୁ ପ୍ରାୟ ୧୫୦ ମିଟର ଦୂରରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ବ୍ଲାଡ ଫ୍ଲୁ, ସ୍ୱାଇନ ଫ୍ଲୁ ଭଳି ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ରହିଛି। ଏହିମର୍ମରେ ଏରବାଙ୍ଗ ସରପଞ୍ଚ ରେଖା ମଲ୍ଲିକଙ୍କ ସମେତ ଗ୍ରାମବାସୀ ଯାଜପୁର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହିକ୍ରମରେ ଜିଲାପାଳ ୫।୫।୨୦୨୨ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ(ଆରଓ)ଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଏସ୍‌ପିସିବି କଳିଙ୍ଗନଗର ଆର୍‌ଓ ପ୍ରମୋଦ କୁମାର ବେହେରା ଗତ ୭ ତାରିଖରେ ଯାଜପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ)ଙ୍କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ସିଡିଭିଓଙ୍କୁ ଦେଇଥିବା ପତ୍ରରେ ଆରଓ ଦର୍ଶାଇଛନ୍ତି ଯେ, ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ(ସିପିସିବି) ଗତ ଜାନୁୟାରୀ ୨୦୨୨ରେ କୁକୁଡାଫାର୍ମ ପାଇଁ ଏକ ନୂତନ ପରିବର୍ତ୍ତିତ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିଛନ୍ତି। ଉକ୍ତ ଗାଇଡ୍‌ଲାଇନ୍‌ରେ ଗୋଟିଏ ସ୍ଥାନରେ ୫ ହଜାରରୁ ଊର୍ଦ୍ଧ୍ୱ କୁକୁଡ଼ା ଥିବା ଏକକ ଫାର୍ମଗୁଡ଼ିକୁ ଆସନ୍ତା ୧।୧।୨୦୨୩ରୁ ପ୍ରଦୂଷଣ ଆଇନ ପରିସରଭୁକ୍ତ କରାଯିବ। ଏଥିପାଇଁ କନସେଣ୍ଟ ଟୁ ଏଷ୍ଟାବ୍ଲିଶ (ସିଟିଇ) ଏବଂ କନସେଣ୍ଟ ଟୁ ଅପରେଟ(ସିଟିଓ) ପାଇଁ ଅନୁମତିର ଆବଶ୍ୟକତା ପଡ଼ିବ। ବର୍ତ୍ତମାନ ୨୫ ହଜାରରୁ ଊର୍ଦ୍ଧ୍ୱ କୁକୁଡା ଥିବା ଫାର୍ମଗୁଡ଼ିକ ପାଇଁ ତାହା ଜରୁରୀ ରହିଛି। ଯେହେତୁ ଅଭିଯୋଗ ହୋଇଥିବା କୁକୁଡା ଫାର୍ମ ୬ ହଜାରରୁ ୭ ହଜାର କ୍ଷମତା ମଧ୍ୟରେ ରହିଛି, ସେଥିପାଇଁ ବର୍ତ୍ତମାନ ଏସ୍‌ପିସିବି ନୂଆ ଗାଇଡ୍‌ଲାଇନ୍ ପରିସରଭୁକ୍ତ ନୁହେଁ। ତେଣୁ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ସିପିସିବିର ପୂର୍ବ ଗାଇଡ୍‌ଲାଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ନେବା ଉଚିତ ବୋଲି ସେ ଦର୍ଶାଇଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବେଗୁନିଆ,୨୫।୬(ଡି.ଏନ୍.ଏ.)

ବେଗୁନିଆ ଥାନା ତଥା ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼ନୟାପଲ୍ଲୀ ଗ୍ରାମ ନିକଟ ଏକ ଆମ୍ବତୋଟାରୁ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ମୃତକ ହେଲେ ଏହି ଗ୍ରାମର ବିନୋଦ ବରାଳ(୩୦)। ସୂଚନା ମୁତାବକ, ବିନୋଦ ଶନିବାର ପୂର୍ବାହ୍ନରେ ଘରୁ ବାହାରି କେଉଁଆଡେ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକେ ଖୋଜାଖୋଜି କରିଥିଲେ। ବିନୋଦ ଏକ ବରଗଛରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କହିଥିଲେ। ଖବରପାଇ ବେଗୁନିଆ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ରବିବାର ସକାଳେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

### ଦୋକାନ ତାଲା ଭାଙ୍ଗି ଚୋରି

ନିରାକାରପୁର,୨୫।୬(ଡି.ଏନ୍.ଏ.)

ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଡୋ ପଞ୍ଚାୟତ କୁଣିଆ ସାମନ୍ତରାୟପୁର ଗ୍ରାମରେ ଥିବା ଏକ ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଛନ୍ତି।ଏନେଇ ଶନିବାର ଦୋକାନ ମାଲିକ ବ୍ରଜ କିଶୋରଙ୍କ ଅଭିଯୋଗ କ୍ରମେ ପୋଲିସ ତଦନ୍ତ ଚଳାଇଛି।

# ରସୁଲପୁର ସମିତି ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



ସମ୍ମାନିତ ହୋଇଥିବା ସମବାୟ ସମିତି ସଭାପତି ଓ ଜନପ୍ରତିନିଧି।

ରସୁଲପୁର,୨୫।୬(ଡି.ଏନ.ଏ.)

ରସୁଲପୁର ବ୍ଲକ୍ ଅଧୀନ ୧୧ ସମବାୟ ସମିତି ମଧ୍ୟରୁ ପ୍ରମୁଖ ସମିତିଭାବେ ରସୁଲପୁର ସମବାୟ ସମିତିକୁ ବିବେଚନା କରାଯାଏ। ଉକ୍ତ ସମିତିର ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ରାଉତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ଚାଷୀଙ୍କ ସ୍ୱାର୍ଥ ପାଇଁ ଲଢେଇ କରିବେ। ମୁଖ୍ୟମନ୍ତ୍ରୀଙ୍କ କୃଷିନୀତି ଅନୁଯାୟୀ ଚାଷୀଙ୍କୁ ସୁବିଧା ପ୍ରଦାନ ଦିଗରେ ପ୍ରୟାସ କରିବେ ବୋଲି ପ୍ରକାଶ କରିଛନ୍ତି। ତେବେ ରସୁଲପୁରକୁ ହେଡ୍‌କ୍ୱାର୍ଟର୍ସ ସମିତି ଭାବେ ମନେ କରାଯାଉଥିବାରୁ ଚଳିତ ସମବାୟ ନିର୍ବାଚନରେ ସମିତିର ୧୫ ବୋର୍ଡ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସଭାପତି ପଦରେ ରାଉତଙ୍କୁ ଆସୀନ କରିବାରେ ଧର୍ମଶାଳା ଓ କୋରେଇ ବିଧାୟକଙ୍କ ସହଯୋଗ ରହିଛି। ସେ ଉଭୟ ବିଧାୟକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହ ସମିତି ଅଧୀନ ଧର୍ମଶାଳା ନିର୍ବାଚନମଣ୍ଡଳୀର ରସୁଲପୁର, ରାହାମ୍ବା ଓ କୋରେଇ ନିର୍ବାଚନମଣ୍ଡଳୀର ଭୋଟକା ସରପଞ୍ଚ, ସମିତିସଭ୍ୟଙ୍କ ସମର୍ଥନ ଏବଂ ସହଯୋଗ ଯୋଗୁ ନିର୍ବାଚନ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇପାରିଛି ବୋଲି କହିଛନ୍ତି।

ଏହି ଅବସରରେ ୩ ପଞ୍ଚାୟତର ଜନପ୍ରତିନିଧି ସଭାପତି ରାଉତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଛନ୍ତି। ଏଥିସହ ସମିତି ପକ୍ଷରୁ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଭୋଟକାର ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ରାହାମ୍ବା ସରପଞ୍ଚ ଚନ୍ଦନ ରାଉତ, ରସୁଲପୁର ସରପଞ୍ଚ ସୁରେନ୍ଦ୍ର ତିଆଡ଼ିଙ୍କୁ ସମ୍ମାନିତ କରାଯାଇଛି। ବୋର୍ଡ ସଦସ୍ୟ ଭାବେ ସୁବାସ ରାଉତ, ବିଷ୍ଣୁଚରଣ ରାଉତ, ବଂଶୀଧର ବେହେରା, ନରେନ୍ଦ୍ର ପତି, ଆନନ୍ଦ କୁମାର ଆଏଚ, ସଞ୍ଜୟ କୁମାର ସାହୁ, ଅକ୍ଷୟ କୁମାର ମଲିକ, ପୂର୍ଣ୍ଣଚନ୍ଦ୍ର ରାଉତ, ପ୍ରବୋଧ ଦେବତା, ବନମାଳୀ ମଲିକ, ନିରଞ୍ଜନ ନାୟକ, ପ୍ରଭାତି ସାହୁ, ପ୍ରମିଳା ମଲିକ ଓ ନୀଳମଣି ପରିଡ଼ା ପ୍ରମୁଖ ରାଉତଙ୍କ ସଭାପତି ପ୍ରାର୍ଥୀକୁ ସମର୍ଥନ ଜଣାଇଥିଲେ। ସମିତି ସମ୍ପାଦକ ନିରଞ୍ଜନ ବାରିକ, ନିର୍ବାଚନ ଅଧିକାରୀ ରାମଚନ୍ଦ୍ର ଦାସ, ଯୁବନେତା ମନୋଜ ରାଉତ ପ୍ରମୁଖ ନିର୍ବାଚନ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିଥିଲେ।

# ଛତିଆ କଲେଜ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ ପୁଅ

ଚଣ୍ଡିଖୋଲ/ଛତିଆ, ୨୫।୬(ଡି.ଏନ୍.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ମହାପୁରୁଷ ହାଡ଼ି ଦାସ ମହାବିଦ୍ୟାଳୟରେ ପ୍ରତିଷ୍ଠା ହୋଇଥିବା ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯାଇଛି। ଫଳରେ ଏହାକୁ ନେଇ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଉକ୍ତ ମହାବିଦ୍ୟାଳୟକୁ ଛତିଆ ବଟର ପୂର୍ବତନ ମଣିମା ରାମଚନ୍ଦ୍ର ଦାସ ପ୍ରତିଷ୍ଠା କରିଥିଲେ। ସେଥିପାଇଁ କଲେଜ ପରିସରରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ତେବେ ଏହି ପ୍ରତିମୂର୍ତ୍ତି ପରିସରରେ କେତେକ ଅମାନବୀୟ ଘଟଣାକୁ ନେଇ ସ୍ୱର୍ଗତ ରାମଚନ୍ଦ୍ର ଦାସଙ୍କ ବଡ଼ପୁଅ ତଥା ବର୍ତ୍ତମାନର ଛତିଆବଟର ମଣିମା ପ୍ରଦ୍ୟୁମ୍ନ କୁମାର ଦାସ ପୂର୍ବରୁ ବାରମ୍ବାର ପ୍ରତିବାଦ କରିଥିଲେ। ଏପରି କି ସେ ତୁରନ୍ତ ମୂର୍ତ୍ତି ବଦଳାଇବା ପାଇଁ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଦାବି କରିଥିଲେ। ଏହା ସହ କଲେଜ ମଧ୍ୟରେ ହେଉଥିବା କେତେକ ନିର୍ମାଣାଧୀନ କାର୍ଯ୍ୟକୁ ନେଇ



ବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତି ଭଙ୍ଗାଯାଇଛି।

ପ୍ରଶ୍ନ ଉଠାଇଥିଲେ। ୩ବର୍ଷ ହେବ ସେ ବାରମ୍ବାର ଏ ସମ୍ପର୍କରେ ଅଭିଯୋଗ କରିଆସୁଥିଲେ ମଧ କଲେଜ ଅଧ୍ୟକ୍ଷ ତାଙ୍କ କଥା ଶୁଣି ନ ଥିଲେ। ଫଳରେ ସେ ପ୍ରତିମୂର୍ତ୍ତିକୁ ଭାଙ୍ଗିଦେଇଛନ୍ତି। ଶନିବାର ସନ୍ଧ୍ୟାରେ ପ୍ରଦ୍ୟୁମ୍ନ ୧୦/୧୨ଜଣ ଲୋକଙ୍କୁ ସାଥିରେ ଧରି କଲେଜ ଭିତରକୁ ବିନା ଅନୁମତିରେ ପ୍ରବେଶ କରିବା ସହ ପୂର୍ବରୁ ନିର୍ମାଣ ହୋଇଥିବା ରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ମୁଣ୍ଡକୁ ନେଇ ଯାଇଛନ୍ତି। କଲେଜ ପରିସରରେ ଏନ୍‌ଏସ୍‌ଏସ୍ କ୍ୟାମ୍ପ ଚାଲିଥିଲାବେଳେ କେତେଜଣ ଛାତ୍ର ଓ କଲେଜ ଅଧ୍ୟାପକ ସେଠାରେ ଉପସ୍ଥିତ ଥିଲେ। ତେବେ ପ୍ରଦ୍ୟୁମ୍ନ ବିଭିନ୍ନ ପ୍ରକାର ଅଭିଯୋଗ କରି ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତିର ମୁଣ୍ଡ ଭାଙ୍ଗି ନେଇଯାଇଛନ୍ତି। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଲଳିତେନ୍ଦୁ ଦାସଙ୍କୁ ପଚାରିବାରେ ସେ କୁହନ୍ତି, ପ୍ରଦ୍ୟୁମ୍ନ ପୂର୍ବରୁ ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କରିଛନ୍ତି। ଘଟଣାର ଆପୋସ ସମାଧାନ ହୋଇଛି। ତେବେ କଲେଜ ପରିଚାଳନା କମିଟିରେ ତାଙ୍କୁ ଡାକିବାକୁ ସେ ଦାବି କରୁଥିଲେ ମଧ ସରକାରଙ୍କ ନିୟମ କାନୁନ ଅନୁଯାୟୀ ମୁଁ ଡାକି ପାରିବି ନାହିଁ। ସେଥିପାଇଁ ସେ ଆଇନକୁ ହାତକୁ ନେଇ କଲେଜ ପରିସରରେ ପଶି ପ୍ରତିମୂର୍ତ୍ତି ମୁଣ୍ଡ ଭାଙ୍ଗି ନେଇଯାଇଛନ୍ତି। ରବିବାର ବୈରୀ ଥାନାରେ ଏ ସମ୍ପର୍କରେ ଅଭିଯୋଗ କରାଯିବ। ଏ ସମ୍ପର୍କରେ ପ୍ରଦ୍ୟୁମ୍ନଙ୍କୁ ଯୋଗାଯୋଗ କରିବାରେ ସେ କହିଛନ୍ତି, ମୁଁ ବହୁତ ଥର ଏ ସମ୍ପର୍କରେ ଅଭିଯୋଗ କରିଥିଲେ ମଧ ସେଥିପ୍ରତି କେହି କର୍ଣ୍ଣପାତ କରି ନ ଥିଲେ। ଏହାପରେ ଶନିବାର ବୈରୀ ଥାନାରେ ଜଣାଇ ପ୍ରତିମୂର୍ତ୍ତିକୁ ଭାଙ୍ଗିଦେଇଛି।

# ନକଲି ସିମେଣ୍ଟ କାରଖାନା: ୭ କୋର୍ଟଚାଲାଣ

ଯାଜପୁର ଅଫିସ/ କଳିଙ୍ଗନଗର (ଡି.ଏନ.ଏ.), ୨୫।୬

ଯାଜପୁର ଜିଲାରେ ପୁଣି ଏକ ନକଲି ସିମେଣ୍ଟ କାରଖାନା ଠାବ ହୋଇଛି। କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ-ଚଣ୍ଡିଖୋଲ ଜାତୀୟ ରାଜପଥ ରାସ୍ତାକଡ଼ ଗୋଲାଗାଁରେ ଏହି ନକଲି ସିମେଣ୍ଟ କାରଖାନା ଉପରେ ପୋଲିସ ଚଢ଼ାଉ କରି ବିଭିନ୍ନ ନାମୀ ବ୍ରାଣ୍ଡ ଲାଗିଥିବା ୪୨୦ ବସ୍ତା ନକଲି ସିମେଣ୍ଟ ସହ ୧୨୦୦ ଖାଲି ଅଖା ଜବତ କରାଯାଇଛି। ଏହାବାଦ ୧ ଜେନେରେଟର, ଓଜନ ମେଶିନ, ୧ ଟ୍ରକ, ୨୦୦ ବ୍ୟାଗ ଡ୍ୟାମେଜ ସିମେଣ୍ଟ, ଗ୍ରାଇଣ୍ଡିଂ ମେଶିନକୁ ପୋଲିସ ନିଜ ଅକ୍ତିଆରକୁ ନେଇଛି। ଏଥିରେ ସମ୍ପୃକ୍ତ ୭ ଅଭିଯୁକ୍ତ କାର୍ତ୍ତିକ ଚନ୍ଦ୍ର ବେହେରା, ଆର୍ତ୍ତବନ୍ଧୁ ଖଟୁଆ, ଭଜମନ ନାଏକ, ସୁଶାନ୍ତ କୁମାର ସାହୁ, ମନୋଜ କୁମାର ଶତପଥୀ, ଅମ୍ରେଶ ପଣ୍ଡା ଓ ଉଦୟନାଥ ସାହୁ। ଏମାନଙ୍କ ମଧ୍ୟରେ ଗାଡ଼ି ମାଲିକ, ଅପରେଟର, ସୁପରଭାଇଜର, ଟ୍ରକ ମାଲିକ ଓ ସିମେଣ୍ଟ କିଣିଥିବା ଲୋକ ରହିଛନ୍ତି। ଏମାନଙ୍କ ବିରୋଧରେ



ନକଲି ସିମେଣ୍ଟ କାରଖାନା।

ପୋଲିସ ଆଇପିସି ଦଫା ୪୨୦, ୪୮୨, ୪୬୮, ୪୬୫, ୪୭୧, ୧୨୦, ବି-୪୧, ୩୪ ଅନୁଯାୟୀ ମାମଲା (ନଂ୧୩୮/୨୦୨୨) ରୁଜୁ କରିଛି। ତେବେ ଏହି ନକଲି ସିମେଣ୍ଟ କାରଖାନାର ମାଲିକ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ପୋଲିସ ତାଙ୍କୁ ଏଯାଏ ଗିରଫ କରି ପାରିନାହିଁ। ସେ ଅନ୍ୟଜଣେ ବ୍ୟକ୍ତିଙ୍କ ନାମରେ କାରବାର କରି ଖୋଲାରେ ବୁଲୁଥିବା ଚର୍ଚ୍ଚା ଜୋର ଧରିଛି।

- ମେଶିନ ଜବତ
- ଚାଲିଛି ଆଉ ଏକ ନକଲି ସିମେଣ୍ଟ କାରଖାନା

ଅନ୍ୟପକ୍ଷେ ଦଶରଥପୁର ବ୍ଲକ ନନ୍ଦିପୁରଠାରେ ୨ ବର୍ଷ ବନ୍ଦ ହେବା ପରେ ପୁଣି ନକଲି ସିମେଣ୍ଟ କାରଖାନା ଚାଲିଥିବା ଅଭିଯୋଗ ହୋଇଛି। ଯାଜପୁର-ପ୍ରୀତିପୁର ମୁଖ୍ୟ ରାସ୍ତାକଡ଼ରେ ଓ ଯାଜପୁର ଜିଲା ସଦର ମହକୁମାଠାରୁ ମାତ୍ର ୮ କିମି ଦୂରରେ ନନ୍ଦିପୁର-ଚଣ୍ଡିଖୋଲ ହାଟ ନିକଟରେ ଏହି କାରଖାନା ଚାଲିଛି। ଏଠାରେ ନାମୀ ବ୍ରାଣ୍ଡ ଅଖାରେ ସିମେଣ୍ଟ ପ୍ୟାକିଂ ହୋଇ ଆଖପାଖ ଅଞ୍ଚଳର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ୟବହାର କରାଯାଉଛି। ବିଡମ୍ବନା ଯେ, ଉକ୍ତ ନକଲି କାରଖାନାକୁ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ ମଧ ଦିଆଯାଇଛି। ଗତ ୨୦୨୦ ଫେବୃୟାରୀରେ ଏହି ନକଲି ସିମେଣ୍ଟ କାରଖାନାକୁ ପୋଲିସ ଚଢାଉ କରି ସିଲ୍ କରିଥିଲା। ଏହାର ୨ ବର୍ଷ ପରେ କେତେଜଣ ଅଧିକାରୀ ଓ ପ୍ରଭାବଶାଳୀ ନେତାଙ୍କୁ ହାତ କରି ପୁଣି ଜୋରସୋର ନକଲି ସିମେଣ୍ଟ ପ୍ରସ୍ତୁତ ହେଉଛି।

## ସଂକ୍ଷେପରେ

### ଭାଉଜ ସହ ଶାରୀରିକ ସମ୍ପର୍କ ରଖି ଦିଅର ଗିରଫ

ଧରାକୋଟ,୨୫।୬(ଡି.ଏନ୍.ଏ.):ଧରାକୋଟ ଥାନା ଅଞ୍ଚଳରେ ଭାଉଜଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ପୋଲିସ ଶନିବାର ଦିଅରଙ୍କୁ ଗିରଫ କରିଛି। ମହିଳା ଜଣକ ୯ ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କ ସ୍ୱାମୀ ବାହାର ସହରରେ କାମ କରନ୍ତି। ଗାଁରେ ମହିଳା ଜଣକ ନିଜର ଦୁଇ ଶିଶୁକନ୍ୟା ସହ ରୁହନ୍ତି। ଅଭିଯୁକ୍ତ ବିବାହିତ ହୋଇଥିଲେ ସୁଦ୍ଧା ଗତ ଛଅବର୍ଷ ତଳୁ ଭାଉଜଙ୍କ ସହ ଅନୈତିକ ସମ୍ପର୍କ ରଖିଆସୁଥିଲା। ଗତ ୩ ବର୍ଷ ହେଲା ଅଭିଯୁକ୍ତଙ୍କ ସ୍ତ୍ରୀ ଏହା ଜାଣିବା ପରେ ସ୍ୱାମୀଙ୍କୁ ଛାଡ଼ି ଚାଲିଯାଇଛନ୍ତି। ଏହାର ସୁଯୋଗ ନେଇ ଶଙ୍କର ଭାଉଜଙ୍କ ସହ ଜବରଦସ୍ତ ସମ୍ପର୍କ ରଖୁଥିଲେ। ବାରଣ କରିବାରୁ ଅଶ୍ଲୀଳ ଫଟୋ ଓ ମେସେଜ୍ ଭାଇରାଲ କରିବା ସହ ପେଟ୍ରୋଲ ପକାଇ ପୋଡ଼ିଦେବାର ଧମକ ଦେଉଥିଲେ। ଏଥିରେ ଭୟଭୀତ ହୋଇ ମହିଳା ଜଣକ ଧରାକୋଟ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୬୧/୨୨ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।

### ଜଗବନ୍ଧୁଙ୍କୁ ସମ୍ବର୍ଦ୍ଧନା

ନୂଆଗାଁ,୨୫।୬ (ଡି.ଏନ.ଏ.): ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ ସମ୍ପଡା ଗ୍ରାମର ଜଗବନ୍ଧୁ ସାମନ୍ତରାୟ ଯୋଗ ଅଲମ୍ପିଆଡ୍‌ରେ କୃତିତ୍ୱ ହାସଲ କରି ଦିଲ୍ଲୀରୁ ଫେରିବା ପରେ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟୁଛି। ଶନିବାର ସାମାଜିକ କର୍ମୀ ଶ୍ରୀହରି ନାୟକ ଜଗବନ୍ଧୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କୋଷାକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ଜଗବନ୍ଧୁ ଯୋଗ ଅଲମ୍ପିଆଡରେ ଜାତୀୟସ୍ତରକୁ ମନୋନୀତ ହେବା ପରେ ଦିଲ୍ଲୀ ଏନସିଇଆର୍‌ଟିଠାରେ ଆୟୋଜିତ ଯୋଗ ଶିବିରରେ ଯୋଗ ଦେଇଥିଲେ। ସେଠାରେ ଆୟୋଜିତ ଯୋଗ ଶିବିରରେ କୃତିତ୍ୱ ହାସଲ କରି ସେ ଫେରିଛନ୍ତି।

### ରନ୍ଧାମଦ ଜବତ

ଆସିକା,୨୫।୬(ଡି.ଏନ୍.ଏ): ଗାଙ୍ଗପୁର ଥାନା କୁଲାଙ୍ଗି ଗ୍ରାମରୁ ଶୁକ୍ରବାର ପୋଲିସ ୬୦ ଲିଟର ରନ୍ଧାମଦ ଜବତ କରିଛି। ଏହି ମାମଲାରେ ସେହି ଗ୍ରାମର ସନ୍ତୋଷ ନାୟକଙ୍କୁ ଗିରଫ କରି ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ଗ୍ରାମ ସନ୍ନିକଟ ଏକ ପରିତ୍ୟକ୍ତ ସ୍ଥାନରେ ବସି ମଦ ବିକ୍ରି କରୁଥିଲା ବେଳେ ପୋଲିସ ଚଢ଼ାଉ କରିଥିଲା। ଏ ନେଇ ଗାଙ୍ଗପୁର ଥାନାରେ ନଂ.୨୫୦/୨୨ରେ ଏକ ମାମଲା ରୁଜୁ କରିଛି।

### ନକଲି କାରବାର ଅଭିଯୋଗ, ଦୋକାନୀ ଗିରଫ

ପାରଳାଖେମୁଣ୍ଡି,୨୫।୬: ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ଇଲେକ୍ଟ୍ରିକାଲ ବଜାର ଉପରେ ଚଢ଼ାଉ ହୋଇଥିଲା। ନକଲି କାରବାର ଅଭିଯୋଗରେ ଶନିବାର ପୋଲିସ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ମହାଲକ୍ଷ୍ମୀ ଇଲେକ୍ଟ୍ରିକାଲ ଓ ହାର୍ଡୱେର ଦୋକାନର ମାଲିକ ଦୀପାରାମ ରାମଜୀ। ଫିନୋଲେକ୍ସ କମ୍ପାନୀର ଡେପୁଟି ମ୍ୟାନେଜର ମୁକେଶ କୁମାର ରାଉତଙ୍କ ଅଭିଯୋଗ କ୍ରମେ ପାରଳାଖେମୁଣ୍ଡି ନୂଆ ବସଷ୍ଟାଣ୍ଡ ନିକଟ ମୁଖ୍ୟ ରାସ୍ତାରେ ଥିବା ମହାଲକ୍ଷ୍ମୀ ଇଲେକ୍ଟ୍ରିକାଲ ଓ ହାର୍ଡୱେର ଦୋକାନଠାରେ ବହୁ ଦିନ ଧରି ନକଲି ବ୍ରାଣ୍ଡର ବହୁ ପରିମାଣର କେବୁଲ ବିକ୍ରି ହେଉଥିଲା। ଉଭୟ ଅସଲି ଓ ନକଲିର ତଦନ୍ତ କରିବା ପରେ ଜାଲୋ ଜିଲା ସୋମଟା ଗ୍ରାମର ଦୀପାରାମଙ୍କୁ ଗିରଫ କରାଯାଇଥିବା ପାରଳାଖେମୁଣ୍ଡି ଏସ୍‌ଡିପିଓ ରାମକୃଷ୍ଣ ପତି କହିଛନ୍ତି। ଏହିପରି ସହରରେ ବିଭିନ୍ନ ରାଜ୍ୟରୁ ବେପାରୀମାନେ ଆସି ସେମାନଙ୍କ ବେପାର ବାଣିଜ୍ୟ ଚଳେଇଥିବା ଜଣାପଡିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

### ପୋଲିସ ବୁଝାମଣାରେ ହଟିଲା ସାମାଜିକ ବାସନ୍ଦ

ସୋରଡା,୨୫।୬(ଡି.ଏନ୍.ଏ.): ସୋରଡ଼ା ଥାନା ବୋରିସିଙ୍ଗି ଗ୍ରାମର ଖଦାଳ ଗୌଡ଼ଙ୍କ ବଡ଼ ପୁଅଙ୍କ ସହ ଗେଞ୍ଜା ଗ୍ରାମର ଜଣେ ଯୁବତୀଙ୍କ ସହ ଗତ ଦୁଇ ବର୍ଷ ତଳେ ବିବାହ ହୋଇଥିଲା। କୌଣସି କାରଣରୁ ଉଭୟ ବର ଓ କନ୍ୟା ପରିବାର ମଧ୍ୟରେ କଳହ ଲାଗି ରହିଥିଲା। ଫଳରେ ଖଦାଳ ଗୌଡ଼ଙ୍କ ସାନ ପୁଅର ବାହାଘର ମଧ ହୋଇ ପାରୁନଥିଲା। ଏ ନେଇ ଉଭୟ ପରିବାର ପକ୍ଷରୁ ଗୌଡ଼ ସମାଜରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନଥିଲା। ଏ ନେଇ ଖଦାଳ ଗୌଡ଼ ଗଞ୍ଜାମ ଏସ୍‌ପିଙ୍କ ନିକଟରେ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ ପ୍ରକାରେ, ସୋରଡ଼ା ଥାନାଧିକାରୀ ରମେଶ କୁମାର ପ୍ରଧାନ ଗତ ୨୨ରେ ଉଭୟ ପରିବାରକୁ ଥାନାକୁ ଡାକି ବୁଝାଇଥିଲେ। ଫଳରେ ବର୍ତ୍ତମାନ ଉଭୟ ପରିବାରରେ ଥିବା ମତାନ୍ତର ଦୂର ହୋଇଛି।

# ଆଉ ବାଜୁନି ଘଣ୍ଟ କି ହୁଇସିଲ

■ ରାତିରେ ଦାନ ହୁଣ୍ଡି ସ୍ଥାନାନ୍ତରିତ ହେଉଛି
■ ରାତ୍ର ଜଗୁଆଳି,ମନ୍ଦିର କଞ୍ଚିଆଙ୍କ କାର୍ଯ୍ୟ ନେଇ ପ୍ରଶ୍ନ
■ ଲଡୁବାବାଙ୍କ ମନ୍ଦିର ସୁରକ୍ଷିତ ନୁହେଁ

ନୟାଗଡ ଅଫିସ,୨୫।୬


ଲଡୁବାବାଙ୍କ ମନ୍ଦିର।

ରାତି ହେଲେ ପ୍ରତି ଘଣ୍ଟାରେ ଓଡିଶାର ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କ ମନ୍ଦିରରେ ଘଣ୍ଟ ଅଥବା ହୁଇସିଲ ବାଜେ । ତେବେ ଏବେ କିଛି ମାସ ହେଲା ଆଉ ଘଣ୍ଟ ଅଥବା ହୁଇସିଲ ବାଜୁନି । ଏଭଳି ସ୍ଥଳେ ଶୁକ୍ରବାର ରାତିରେ ମନ୍ଦିର ଦାନ ହୁଣ୍ଡି ସ୍ଥାନାନ୍ତର ହେବା ମନ୍ଦିର କଞ୍ଚିଆ ଓ ରାତ୍ର ଜଗୁଆଳିଙ୍କ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ଲଗାଇଛି । ୨୦୧୯ରେ ମନ୍ଦିରରୁ ହୁଣ୍ଡି ଚୋରି ପରେ ମନ୍ଦିର ପ୍ରଶାସନ ସଜାଗ ନ ଥିବା ପରି ମନେ ହେଉଛି । ଏଣୁ ଲଡୁବାବାଙ୍କ ମନ୍ଦିର ସୁରକ୍ଷିତ ନ ଥିବା ଆଲୋଚନା ହେଉଛି ।

ପ୍ରକାଶ ଯେ, ମନ୍ଦିର କଞ୍ଚିଆ ରାତିରେ ମନ୍ଦିର କଞ୍ଚି ପକାଇ ମନ୍ଦିରରେ ବିଶ୍ରାମ ନିଅନ୍ତି । ସେହିପରି ରାତ୍ର ଜଗୁଆଳି ମନ୍ଦିର ପ୍ରଶାସନ ପକ୍ଷରୁ ଦରମା ପାଇ ରାତି ତମାମ ଡ୍ୟୁଟି କରନ୍ତି । ପୂର୍ବରୁ ମନ୍ଦିରରେ ରାତ୍ରିରେ ପ୍ରତି ଘଣ୍ଟାକୁ ଥରେ ଘଣ୍ଟ ବାଜେ। ରାତ୍ର ଜଗୁଆଳି ଚେଇଁଥିବାର ଏହା ସଙ୍କେତ ଦିଏ । ପରେ ଘଣ୍ଟ ର ସ୍ଥାନ ହୁଇସିଲ ନେଲା । ଏବେ ମନ୍ଦିରରେ ଆଉ ହୁଇସିଲ ବାଜୁନି। ଏପରକି ରାତ୍ର ଜଗୁଆଳି ନିଜର ଡ୍ୟୁଟି ଠିକ୍ କରୁନଥିବାର ଅଭିଯୋଗ ରହିଛି । ଶୁକ୍ରବାର ରାତିରେ ମନ୍ଦୀରର ଦାନ ହୁଣ୍ଡି ଦକ୍ଷୀଣ ଦ୍ୱାରରୁ ରୋଷଘରକୁ ସ୍ଥାନାନ୍ତର ହୋଇଥିଲା । ଏହାକୁ କିଏ ସ୍ଥାନାନ୍ତର କଲା । ଜଣେ ଲୋକ ଏହାକୁ ଘୁଞ୍ଚାଇ ପାରିବନି । ୩ରୁ ୪ଜଣ ହେଲେ ହୁଣ୍ଡି ସ୍ଥାନାନ୍ତର ହୋଇ ପାରେ । ଶୁକ୍ରବାର ରାତିରେ ଚୋରମାନେ କଣ ହୁଣ୍ଡି ନେବାକୁ ଆସି ନେଇ ପାରି ନାହାନ୍ତି । ନା କିଏ ଉଦ୍ଦେଶ୍ୟମୂଳକ ଭାବେ ଏପରି କରିଛି ଯାହା ତଦନ୍ତସାପେକ୍ଷ । ହେଲେ ୨୦୧୯ ହୁଣ୍ଡି ଚୋରିକୁ ଅନୁଧ୍ୟାନ କଲେ ରାତ୍ର ଜଗୁଆଳି ଓ ମନ୍ଦିର କଞ୍ଚିଆ ଥାଇ ବି ଚୋରି ହୋଇଥିଲା । ଏନେଇ ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ କୁହନ୍ତି, ହୁଣ୍ଡିକୁ କିଛି ଲୋକ ଗମାତରେ ଲୁଚାଇ ଦେଇଥିବା ଅନୁମାନ କରାଯାଉଛି। ତେବେ ହୁଣ୍ଡି ସ୍ଥାନାନ୍ତରିତ ପରେ ରାତ୍ର ଜଗୁଆଳି ଓ ମନ୍ଦିର କଞ୍ଚିଆଙ୍କୁ ତାଗିଦ୍ କରାଯାଇଛି । ଅନ୍ୟପକ୍ଷେ ରାତ ଜଗୁଆଳିକୁ ଘଣ୍ଟ ବାଡେଇବାକୁ କୁହାଯାଇଛି ବୋଲି କହିଛନ୍ତି ।

# ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲା ପକାଇଲେ ଗ୍ରାମବାସୀ

## ପ୍ରଧାନ ଶିକ୍ଷକଙ୍କ ମନମୁଖି କାର୍ଯ୍ୟକଳାପ

ଫୁଲବାଣୀ ଅଫିସ/ତୁମୁଡିବନ୍ଧ, ୨୫।୬

ତୁମୁଡିବନ୍ଧ ବ୍ଲକ ବେଲଘର ପଞ୍ଚାୟତ ବେଲଘର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗ୍ରାମବାସୀ ଶନିବାର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲା ପକାଇଛନ୍ତି। ପ୍ରଧାନଶିକ୍ଷକଙ୍କ ମନମୁଖି କାର୍ଯ୍ୟକଳାପ, ବିଦ୍ୟାଳୟରେ ପିଲମାନଙ୍କୁ ପାଠ ନ ପଢ଼ାଇବା, ବିଦ୍ୟାଳୟକୁ ଠିକ ଭାବେ ନ ଯିବା ଆଦିକୁ ବିରୋଧ କରି ଗ୍ରାମବାସୀ ଏପରି କରିଛନ୍ତି। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ଯାଏ ଗ୍ରାମବାସୀ ତାଲା ଖୋଲି ନ ଥିଲେ। ବ୍ଲକ ଶିକ୍ଷାଧିକାରୀ ଘଟଣାସ୍ଥଳର ପହଞ୍ଚି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ସେମାନଙ୍କୁ ଛାଡ଼ିଥିଲେ।

ଏହି ବିଦ୍ୟାଳୟରେ ପ୍ରଥମରୁ ୮ମ ପର୍ଯ୍ୟନ୍ତ ଶ୍ରେଣୀ ରହିଛି । ପାଠ ପଢ଼ିବା ପାଇଁ ୨ଟି ଶ୍ରେଣୀ ଗୃହ ଅଛି । ଅନେକ ସମୟରେ ପ୍ରଧାନଶିକ୍ଷକ ଦିଲୀପ କୁମାର ମଲ୍ଲିକ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟକୁ ଠିକ୍ ଭାବେ ଆସନ୍ତି ନାହିଁ । ପିଲାମାନଙ୍କୁ ମଧ ଭଲ ଭାବରେ ପଢ଼ାନ୍ତି ନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିଲା । ଗ୍ରାମବାସୀ ପ୍ରଧାନଶିକ୍ଷଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବଦଳୀ ଦାବି କରି ଆସୁଥିଲେ । ହେଲେ ଶିକ୍ଷା ବିଭାଗ ଏହା ଉପରେ କର୍ଣ୍ଣପାତ କଲାନାହିଁ । ଫଳରେ ବାଧ ହୋଇ ସ୍କୁଲରେ ତାଲା ପକାଇଲୁ ବୋଲି ଗ୍ରାମବାସୀ ତଥା ସରପଞ୍ଚ ଗୋବିନ୍ଦ ମାଝି ପ୍ରକାଶ କରିଛନ୍ତି । ତୁମୁଡିବନ୍ଧ ବ୍ଲକ ଶିକ୍ଷାଧିକାରୀ ଜଗନ୍ନାଥ ସାହୁ ୫ଦିନ ମଧ୍ୟରେ ଶିକ୍ଷକ ମାନଙ୍କୁ ବଦଳି କରାଯାଇ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।


ସ୍କୁଲ ସମ୍ମୁଖରେ ଗ୍ରାମବାସୀ।

# ବିପଜ୍ଜନକ ସ୍ଥିତିରେ ମୁଣ୍ଡମରାଇ ସେବା ସମବାୟ ସମିତି

ଧରାକୋଟ,୨୫।୬(ଡି.ଏନ୍.ଏ.)



ମୁଣ୍ଡମରାଇ ସେବା ସମବାୟ ସମିତି।

ଚାଷୀର ଆର୍ଥିକ ମାନଦଣ୍ଡର ବିକାଶରେ ସେବା ସମବାୟ ସମିତିର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ବିହନ, ସାର ଯୋଗାଣଠାରୁ କୃଷି ଋଣ ପର୍ଯ୍ୟନ୍ତ ସବୁଥିରେ କୃଷକ ପଛରେ ଠିଆ ହୋଇଥାଏ ସେବା ସମବାୟ ସମିତି । ହେଲେ ସମବାୟ କେନ୍ଦ୍ର ବ୍ୟାଙ୍କ ଧରକୋଟ ଶାଖା ଅଧୀନରେ ରହିଥିବା ୧୫ ସମିତିର ସ୍ଥିତି ଶୋଚନୀୟ। ସେଥିମଧ୍ୟରୁ ମୁଣ୍ଡମରାଇ ସମିତିର ସ୍ଥିତି ଅତ୍ୟନ୍ତ ଜରାଜୀର୍ଣ୍ଣ। ୧୯୬୪ରେ ପ୍ରତିଷ୍ଠିତ ଏହି ସମିତିର କାର୍ଯ୍ୟାଳୟ, ୨ଟି ଗୋଦାମ ଗୃହ ଏବେ ଶୋଚନୀୟ ସ୍ଥିତିରେ ପହଞ୍ଚିଛି। ଏହି ସମିତି ଅଧୀନରେ ମୁଣ୍ଡାମରାଇ ଓ ସରଧାପୁର ପଞ୍ଚାୟତର ମୋଟ ୩୪୬୮ ଜଣ ଚାଷୀ ସଭ୍ୟ ଭାବରେ ଅନୁବନ୍ଧିତ। ରବି ଓ ଖରିଫ ଫସଲ ପାଇଁ ଆସୁଥିବା ବିହନ ଓ ସାର ରଖିବା ପାଇଁ ଦୁଇଟି ଗୋଦାମ ରହିଛି। ଗତ ଫାଇଲିନ ବାତ୍ୟା ସମୟରେ କାର୍ଯ୍ୟାଳୟ ଓ ଗୋଦାମ ଗୃହର ଟିଣ, ସିଲିଂ, ଫ୍ଲୋରିଂ ନଷ୍ଟ ହୋଇଯାଇଥିବା ବେଳେ କବାଟ, ଝରକା ସମ୍ପ୍ରତି ଜରାଜୀର୍ଣ୍ଣ ସ୍ଥିତିରେ ପହଞ୍ଚିଲାଣି। ଗୋଦାମରେ ରହୁଥିବା ସାର ଓ ବିହନ ବର୍ଷା ଜଳରେ ଭିଜି ନଷ୍ଟ ହେଉଥିବାବେଳେ କାର୍ଯ୍ୟାଳୟର ଆସବାବପତ୍ର, କମ୍ପ୍ୟୁଟର, ଲାପଟପ, ଜେରକ୍ସ ମେଶିନକୁ ପାଲ ଘୋଡ଼ାଇ ରଖିବାକୁ ପଡୁଛି। ସମିତିର ଶୋଚନୀୟ ସ୍ଥିତି ସମ୍ପର୍କରେ ସମବାୟ ବିଭାଗର ଉପନିବନ୍ଧକ ଓ ସହକାରୀ ଉପନିବନ୍ଧକଙ୍କୁ ଚିଠି ଲେଖି ଜଣାଇଥିଲେ ମଧ ଫଳାଫଳ ଶୂନ। ସ୍ଥିତି ଏପରି ହେଲାଣି କେଉଁ ମୁହୂର୍ତ୍ତରେ ଗୃହ ଭୁଶୁଡ଼ି ଧନଜୀବନ ନଷ୍ଟ ହେବ ତାହା କହିହେଉନାହିଁ। ଏଣୁ ସମବାୟ ବିଭାଗର ଉଚ୍ଚ ପଦାଧିକାରୀ ତୁରନ୍ତ ମୁଣ୍ଡମରାଇ ସମେତ ସମସ୍ତ ୧୫ଟି ସମିତିର କାର୍ଯ୍ୟାଳୟ ଓ ଗୋଦାମ ଗୃହ ନିର୍ମାଣ ପାଇଁ ଚାଷୀମାନେ ଦାବି କରିଛନ୍ତି।

### ନିଖୋଜ ଯୁବକଙ୍କ ଆତ୍ମହତ୍ୟା

ଗଞ୍ଜାମ,୨୫।୬(ଡି.ଏନ.ଏ.)

ଗଞ୍ଜାମ ଥାନା ଅନ୍ତର୍ଗତ କୁଣ୍ଡାପୁଟ ଗ୍ରାମର ଜନୈକ ଯୁବକ ନିଖୋଜ ହୋଇଯାଇଥିବା ବେଳେ ତାଙ୍କ ମୃତଦେହ ଗୋଖରକୁଦା ଗ୍ରାମ ନିକଟସ୍ଥ ଏକ ଝାଉଁ ଜଙ୍ଗଲରୁ ପୋଲିସ ଶନିବାର ଜବତ କରିଛି। ଖବର ନେବାରେ ଜଣାପଡ଼ିଛି, କୁଣ୍ଡାପୁଟ ଗ୍ରାମର ସୋମନାଥ ରେଡ୍ଡୀ(୨୨) ଗତ ୧୪ ତାରିଖରୁ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ନ ପାଇ ଥାନାରେ ଅଭିଯୋଗ କରିଥିଲେ। ଶନିବାର ନିକଟସ୍ଥ ଜଙ୍ଗଲର ଏକ ଝାଉଁ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବର ପାଇ ପୋଲିସ ମୃତଦେହ ଜବତ କରିଥିଲା। ଏନେଇ ଥାନାରେ ୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ କରିଛି।

### ଅନିଲ ହେଲେ ନଗର ବିଧାୟକ ପ୍ରତିନିଧି

ଜି.ଉଦୟଗିରି,୨୫।୬(ଡି.ଏନ୍.ଏ)

ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଜି.ଉଦୟଗିରି ନଗରର ବିଧାୟକ ପ୍ରତିନିଧି ଭାବେ ପୂର୍ବତନ କାଉନ୍‌ସିଲର ଅନିଲ କୁମାର ଦଳବେହେରାଙ୍କ ନାମ ଘୋଷଣା କରିଛନ୍ତି। ନାମ ଘୋଷଣା ପରେ ଏନ୍ଏସି ଅଧକ୍ଷା ଭାନୁପ୍ରଭା ମିଶ୍ର, ନଗର ସଭାପତି ଗୋପାଳ ମହାପାତ୍ର, ଜିଲା ବିଜେଡି ସାଧାରଣ ସମ୍ପାଦକ କିଶୋର ନାୟକ, ବ୍ଲକ ସଭାପତି ଲିଙ୍ଗରାଜ କହଁରଙ୍କ ସହ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଥିବା ଜଣାପଡ଼ିଛି।

# ପାଜିମାହା ରାସ୍ତା ନିର୍ମାଣ ଦାବିକଲେ ଗ୍ରାମବାସୀ


ପାଜିମାହାକୁ ପାଦଚଲା ରାସ୍ତା।

ଜି.ଉଦୟଗିରି,୨୫।୬ (ଡି.ଏନ୍.ଏ.):

ଜି.ଉଦୟଗିରି ଏନ୍ଏସିଠାରୁ ମାତ୍ର ଏକ କି.ମି.ଦୂରରେ ଥିବା ପାଜିମାହା ଗାଁକୁ ବର୍ତ୍ତମାନ ସୁଦ୍ଧା ରାସ୍ତା ନିର୍ମାଣ ହୋଇନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଦୀର୍ଘ ବର୍ଷ ହେଲା ରାସ୍ତା ନିର୍ମାଣ ପାଇଁ ଗାଁ ଲୋକ ଦାବିକରି ଆସୁଥିଲ ମଧ ସେମାନଙ୍କ ଦାବିକୁ କେହି ଶୁଣୁନାହାନ୍ତି। ଜି.ଉଦୟଗିରି ଏନ୍ଏସିର ପଦାସାହିଠାରୁ ଏହି ଗାଁର ଦୂରତ୍ୱ ମାତ୍ର ୧ କି.ମି.। ଅଧ କିଲୋମିଟର ଏନ୍ଏସିର ହୋଇଥିବା ବେଳେ ଆଉ ଅଧ କିଲୋମିଟର କଳିଙ୍ଗା ପଞ୍ଚାୟତ ଅଧୀନରେ ରହିଛି। ପାଜିମାହା ଗ୍ରାମବାସୀ ରାସ୍ତା ନିର୍ମାଣ ପାଇଁ ବିଡିଓ, ଜିଲାପାଳଙ୍କ ନିକଟରେ ଅଭିଯୋଗ କରି ଆସୁଥିବା ବେଳେ କେହି ଗୁହାରି ଶୁଣୁନାହାନ୍ତି। ରାସ୍ତା ନ ଥିବାରୁ ଗ୍ରାମବାସୀ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଜରୁରିକାଳୀନ ସେବା, କୌଣସି ଗୁରୁତର ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ସେବା କିମ୍ବା ଅଗ୍ନିଶମ ଗାଡି ପହଞ୍ଚିବା ଅସମ୍ଭବ ହୋଇଛି। ତେଣୁ ସାମୂହିକ ସ୍ୱାର୍ଥକୁ ବିଚାର କରି ଜରୁରିକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ କରିବାକୁ ଗ୍ରାମର ମହେନ୍ଦ୍ର ପ୍ରଧାନ, ଶିବରାମ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, କବିରାଜ ପ୍ରଧାନ ଓ ଗୌର ଚନ୍ଦ୍ର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

# ନକ୍ସା ନ ଥାଇ ମନଇଚ୍ଛା ଚାଲିଛି କୋଠା ନିର୍ମାଣ


ଓମ ଶାନ୍ତି ମନ୍ଦିର ରାସ୍ତାରେ ପାଣି ଭାସୁଛି।

■ ସାମାନ୍ୟ ବର୍ଷାରେ ରାସ୍ତାରେ ପାଣି ଭାସୁଛି
■ ଏନ୍ଏସି ଦୃଷ୍ଟି ଦେବାକୁ ଦାବି

ଭଞ୍ଜନଗର, ୨୫।୬(ଡି.ଏନ.ଏ)

ଭଞ୍ଜନଗର ସହର ଅଞ୍ଚଳ ଦିନକୁ ଦିନ ବଢୁଛି। ଜନସଂଖ୍ୟା ବୃଦ୍ଧିଯୋଗୁ ନୂତନ ଘରର ଆବଶ୍ୟକତା ପଡୁଛି। ତେଣୁ ସହରରେ ଘର ସଂଖ୍ୟା ମଧ ସେହି ଅନୁପାତରେ ବଢୁଛି। କିନ୍ତୁ ଯେଉଁମାନେ ନୂତନ ଘର ନିର୍ମାଣ କରୁଛନ୍ତି ସେଥିମଧ୍ୟରୁ ଅଧିକାଂଶ ଲୋକେ ଏନ୍ଏସିର ବିନା ଅନୁମତିରେ ମନଇଚ୍ଛା ଘର ନିର୍ମାଣ କରୁଛନ୍ତି। ଲୋକେ ଡ୍ରେନ୍ ବ୍ୟବସ୍ଥା କରୁନାହାନ୍ତି। ଡ୍ରେନ୍ ପାଇଁ ଜମି ମଧ ଦେଉନାହାନ୍ତି। ପରବର୍ତ୍ତୀ ସମୟରେ ଏନ୍ଏସି ଡ୍ରେନ୍ କରିବାକୁ ଚାହିଁଲେ ମଧ ଜମି ଅଭାବ ଯୋଗୁ ଡ୍ରେନ ହୋଇପାରୁନାହିଁ। ଲୋକେ ଘର କରିବା ପୂର୍ବରୁ ଏନ୍ଏସି ଏ ନେଇ ଆବଶ୍ୟକ ପଦକ୍ଷେପ ନେଇଥିଲେ ଏତେ ଅସୁବିଧା ହୋଇ ନ ଥାନ୍ତା। ବର୍ତ୍ତମାନ ସାମାନ୍ୟ ବର୍ଷା ହେଲେ ସହରତଳି କୁଲାଡ଼ ରୋଡ୍, ବେଲଗୁଣ୍ଠା ରୋଡ୍ ଅଞ୍ଚଳ ରାସ୍ତା ଉପରେ ପାଣି ଭାସୁଛି। ଗତ କିଛିଦିନ ହେବ ଏପରି ସମସ୍ୟା ଦେଖିବାକୁ ମିଳୁଛି। ଏନେଇ ଏନ୍ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଅପରପକ୍ଷେ ଅଧିକାଂଶ ଲୋକ ମନଇଚ୍ଛା ଘର କରୁଥିବା ବେଳେ ପାଣି ଭାସିଲେ ଏନ୍ଏସିକୁ ଦୋଷ ଦେଉଛନ୍ତି। ଲୋକଙ୍କ ଏଭଳି ଚିନ୍ତାଧାରାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି।

### ୧୧୨ ଜରୁରିକାଳୀନ ସେବାର ଶୁଭାରମ୍ଭ

ପାରଳାଖେମୁଣ୍ଡି:୨୫।୬(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ଶନିବାର ଜିଲାପାଳ ଲିଙ୍ଗରାଜ ପଣ୍ଡା ଓ ଏସ୍‌ପି ଜୟରାମ ଶତପଥୀଙ୍କ ଉପସ୍ଥିତିରେ ଏହି ୧୧୨ ଜରୁରିକାଳୀନ ସେବାର ସବୁଜ ପତାକା ଦେଖାଇ ସେବାର ଶୁଭାରମ୍ଭ କରାଯାଇଛି। ଏହି ସେବା ମୁତାବକ ଅଗ୍ନିକାଣ୍ଡ, ଜରୁରିକାଳୀନ ଆମ୍ବୁଲାନ୍ସ କିମ୍ବା ପୋଲିସ ସହାୟତା ୧୧୨ ନଂ.ରେ ଯେକୌଣସି ଲୋକ ଡାଏଲ କରି ଏହି ସେବା ଉପଲବ୍ଧ କରିପାରିବେ। ଏସ୍‌ପି ଏବଂ ଜିଲାପାଳ ଏହି କାର୍ଯ୍ୟକ୍ରମ ବିଧିବଦ୍ଧ ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ସେବା ଯୋଗାଇବା ଜିଲାକୁ ୨ଗୋଟି ଗାଡି ଆସିଛି । ଆଗାମୀ ଦିନରେ ଆଉ ଗୋଟାଏ ଗାଡି ପହଞ୍ଚି ଜିଲାର କୋଣଅନୁକୋଣର ଲୋକଙ୍କୁ ଏହି ସେବା ଯୋଗାଇବ ବୋଲି ସୂଚନା ମିଳିଛି। ଏହି ସେବାର ଶୁଭାରମ୍ଭ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ରାମକୃଷ୍ଣ ପତି, ଆଦର୍ଶ ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ଉପସ୍ଥିତ ଥିଲେ।

### ୩ ଟ୍ରାକ୍ଟରରୁ ବ୍ୟାଟେରୀ ଚୋରି

ପାତ୍ରପୁର,୧୫।୬(ଡି.ଏନ.ଏ)

ଜରଡ଼ା ଥାନା କୋଳିହଳା ଗ୍ରାମରେ ଶୁକ୍ରବାର ମଧ ରାତିରେ ୩ ଟ୍ରାକ୍ଟରରୁ ବ୍ୟାଟେରୀ ଓ ତେଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମର ଚକ୍ରପାଣି ସାହୁ ଓ ଶିବ ଶଙ୍କର ସାହୁଙ୍କ ୩ ଟ୍ରାକ୍ଟର ତାଙ୍କ ଘର ସାମନାରେ ରଖିଥିବା ବେଳେ କେହି ଦୁର୍ବୃତ୍ତ ତେଲ ଓ ବ୍ୟାଟିରି ଚୋରି କରି ନେଇଛନ୍ତି। ଗତ ୪ଦିନ ପୂର୍ବେ ପଡ଼ୋଶୀ ବୀର ସିଂହ ଲକ୍ଷ୍ମୀ ନାରାୟଣପୁର ଗ୍ରାମର ବିଘ୍ନରାଜ ପାଣିଗ୍ରାହୀଙ୍କ ଘରୁ ସୁନା ଅଳଙ୍କାର ଓ ୧୦ ହଜାର ଟଙ୍କା ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଏତଲା ହୋଇଥିଲା।

### ଡିଏଫ୍‌ଓଙ୍କୁ ବିଦାୟ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ବନ କର୍ମଚାରୀ।

ଭଞ୍ଜନଗର, ୨୫।୬(ଡି.ଏନ୍.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇଙ୍କ କେନ୍ଦୁଝର କେନ୍ଦୁପତ୍ର ଡିଭିଜନକୁ ବଦଳି ହୋଇଯାଇଛି। ଶୁକ୍ରବାର ଡିଏଫ୍‌ଓଙ୍କୁ ଉତ୍ତର ଘୁମୁସର ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତଙ୍କ ସମେତ ପ୍ରମୁଖ ବ୍ୟକ୍ତି ଉକ୍ତ ସଭାରେ ଉପସ୍ଥିତ ଥିଲେ ।

# ବିରଞ୍ଚି ନାରାୟଣ ବାଳିକା ବିଦ୍ୟାଳୟରେ ଶିକ୍ଷକ ଅଭାବ

ବୁଗୁଡ଼ା,୨୫।୬(ଡି.ଏନ୍.ଏ.)

**ସଙ୍କଟରେ ପାଠପଢ଼ା, ତୁରନ୍ତ ପ୍ରତିକାର ଦାବି**


ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ।

୧୯୬୪ରେ ସ୍ଥାପିତ ବୁଗୁଡ଼ା ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ମରୁଡ଼ି ଯୋଗୁ ପିଲାଙ୍କ ପାଠପଢ଼ା ଏବେ ସଙ୍କଟଜନକ ପରିସ୍ଥିତି ଦେଇ ଗତି କରୁଥିବାରୁ ପିଲାଙ୍କ ଭବିଷ୍ୟତକୁ ନେଇ ଅଭିଭାବକଙ୍କ ମନରେ ଚିନ୍ତା ଘାରିଛି। ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ୫ଟି ଶ୍ରେଣୀରେ ମୋଟ ୪୫୭ ଛାତ୍ରୀ ପଢୁଛନ୍ତି। ଏଥିପାଇଁ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସମେତ ମାତ୍ର ୪ ଜଣ ଶିକ୍ଷକ ରହିଥିବା ବେଳେ ପିପୁଲ୍ଲ ହାଇସ୍କୁଲ ଓ ଭାମଶିଆଳି ହାଇସ୍କୁଲରୁ ୨ ଜଣ ଶିକ୍ଷକ ଡେପୁଟେଶନରେ ଆସି ୩ ଦିନ ଲେଖାଏ ପଢ଼ାଉଛନ୍ତି। ଏହି ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ସାଙ୍ଗକୁ ଟିଜିଟି ଆର୍ଟସ୍, ଟିଜିଟି ସିବିଜେଡ୍, ଟିଜିଟି ପିସିଏମ୍, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦବୀ ଖାଲିପଡିଛି। ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ କାମଚଳା ପାଠପଢ଼ା ଚାଲିଥିବା ବେଳେ ଅଷ୍ଟମ, ନବମ ଓ ଦଶମ ଛାତ୍ରୀଙ୍କ ପଢ଼ାରେ ଘୋର ଅସୁବିଧା ହେଉଛି। ଶିକ୍ଷକ ଅଭାବ ଯୋଗୁ ପ୍ରତ୍ୟେକ ଶ୍ରେଣୀରେ ଦିନକୁ ଗୋଟିଏ କିମ୍ବା ଦୁଇଟି ପିରିୟଡ ପାଠ ପଢ଼ାଯାଉଥିବା ବେଳେ ଅନ୍ୟ ପିରିୟଡ ଖାଲି ପଡୁଥିବାରୁ ପିଲାମାନେ ମଜା ମଜଲିସ୍ କରି ଘରକୁ ଫେରୁଛନ୍ତି। ଶିକ୍ଷକମାନେ ଯଦି କେବେ କେବେ ଛୁଟିରେ ରୁହନ୍ତି ତେବେ ସେ ଦିନ ବହୁ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି। ଏଠାରେ ନବମ ଓ ଦଶମ ଶ୍ରେଣୀର ଗଣିତ, ବିଜ୍ଞାନ, ହିନ୍ଦୀ ଓ ସଂସ୍କୃତ ପଢ଼ାଇବାକୁ କେହି ଶିକ୍ଷକ ନ ଥିବାରୁ ଏସବୁ ବିଷୟରେ ବିଦ୍ୟାର୍ଥୀ ଦୁର୍ବଳ ହେବା ସମ୍ଭାବନା ସୃଷ୍ଟି ହୋଇଛି। କରୋନା ଯୋଗୁ ଅଭିଭାବକମାନେ ବିଭିନ୍ନ ବେସରକାରୀ ବିଦ୍ୟାଳୟରୁ ନିଜ ନିଜ ପିଲାଙ୍କୁ ଆଣି ଏଠି ନାମ ଲେଖାଇଥିବା ବେଳେ ଏବେ ଏଠାକାର ଶିକ୍ଷୟିତ୍ରୀ ଶିକ୍ଷକ ମରୁଡ଼ି ଯୋଗୁ ସେମାନେ କ୍ଷୋଭ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ବରିହା ବିଦ୍ୟାଳୟରେ ଶିକ୍ଷକ ମରୁଡ଼ି ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା କଥାକୁ ସ୍ୱୀକାର କରିବା ସହ ଏହି ବିଦ୍ୟାଳୟ ପାଇଁ ଗଣିତ, ବିଜ୍ଞାନ ଓ ସଂସ୍କୃତ ଆଦି ତିନୋଟି ବିଷୟର ଶିକ୍ଷକ ପଦବୀ ପୂରଣ ପାଇଁ ମଞ୍ଜୁରୀ ମିଳିଥିବା ବେଳେ ହିନ୍ଦୀ ଅଧ୍ୟାପନା ପାଇଁ ଡେପୁଟେଶନରେ ଜଣଙ୍କୁ ପ୍ରେରଣ କରିବାକୁ ଆବେଦନ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏହି ଉଚ୍ଚ ବିଦ୍ୟାଳୟରେ ରହିଥିବା ଶିକ୍ଷକ ମରୁଡ଼ି ସମସ୍ୟାକୁ ଦୂର କରିବା ପାଇଁ ଶିକ୍ଷା ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହେଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୬ ଜୁନ୍, ୨୦୨୨



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

**ଦଶପଲ୍ଲା,୨୫।୬(ଡି.ଏନ୍.ଏ.):** ଶନିବାର ରାତି ପ୍ରାୟ ୮ଟାରେ ଦଶପଲ୍ଲା ବ୍ଲକ୍ର ଶାଳିଆଗୋଛାଠାରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସଞ୍ଜୟ ବିନ୍ଧାଣୀ । ଘର ଜାମୁସାହି ନିକଟ ଟାଙ୍ଗନାଡି । ସଞ୍ଜୟ ବାଇକ୍ରେ ଆସୁଥିବା ବେଳେ ଶାଳିଆଗୋଛାଠାରେ ଏକ ଗାଡ଼ି ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ହୋଇଥିଲେ । ତାଙ୍କୁ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗାଡ଼ି ନେଇ ଚାଳକ ଫେରାର ଅଛନ୍ତି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ବଳାତ୍କାର ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୫।୬:** ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଗୁରୁପ୍ରସାଦ ସାହୁ ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ବଦାଙ୍ଗୀର ରାଜେଶ ନାୟକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୩ ଜୁନ ୧ରେ ଜଣେ ନାବାଳିକାଙ୍କୁ ବୁଗୁଡା ଥାନା ଅଞ୍ଚଳରୁ ଅପହରଣ ହୋଇଥିଲା। ପରେ ତାଙ୍କୁ ଅଭିଯୁକ୍ତ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ମା'ଏନେଇ ବୁଗୁଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୮୬/୧୩ ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରିଥିଲା। ପୋଲିସ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ରାଜେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ଏହି ମାମଲାର ଶୁଣାଣି ବେଳେ ରାଜେଶଙ୍କୁ ପୋକ୍ସୋ କୋର୍ଟରେ ହାଜର କରାଯାଇଥିଲା। ପୋଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟ ଓ ୧୧ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଜଜ ଅଭିଯୁକ୍ତ ରାଜେଶଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ନରେଶ ପ୍ରସାଦ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଆର. କେ. ଦେଓ, ସନ୍ଦୀପ ପାତ୍ର ଓ ଜେ. ସୁବାସ ଚନ୍ଦ୍ର ମକଦ୍ଦମା ପରିଚାଳନା କରିଥିଲେ।

### ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ: ଜଣେ କୋର୍ଟଚାଲାଣ

**ଗୋପାଳପୁର,୨୫।୬ (ଡି.ଏନ.ଏ.):** ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଶନିବାର ସୁନାପୁର ମେରାଇନ ଥାନା ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ବସୁ ବେହେରା। ଏହି ଥାନା ଅନ୍ତର୍ଗତ ସୁନପୁରା ଗ୍ରାମର ଗିରିଧର ବେହେରା ନିକଟସ୍ଥ ଝାଉଁ ଜଙ୍ଗଲରେ ଠିକା ଜଗୁଆଳି ଭାବେ କାମ କରନ୍ତି। ଶୁକ୍ରବାର ସେହି ଗ୍ରାମର ଅର୍ଜୁନ ବେହେରା ଓ ତାଙ୍କ ଭାଇ ବସୁ ମିଶି ଜଙ୍ଗଲକୁ ଯାଇ ଜବରଦସ୍ତ ଗଛ କାଟୁଥିଲେ। ଏହାକୁ ଗିରିଧର ବିରୋଧ କରିବାରୁ ବସୁ ଗାଳି ଗୁଲଜ କରିବା ସହ ଏକ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗିରିଧର ଗୁରୁତର ହୋଇଥିଲେ। ପୋଲିସ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତାଙ୍କ ଅଭିଯୋଗକୁ ଭିତ୍ତି କରି ନଂ. ୧୨/୨୨ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବସୁ ଗ୍ରାମରେ

# ପାଠ ପଢ଼ାଉଛନ୍ତି ୫ଶହରୁ ଊର୍ଦ୍ଧ୍ୱ ଜାଲ୍ ଶିକ୍ଷକ

**ନୟାଗଡ଼ ଅଫିସ,୨୫।୬**

- ୮ରେ ଅଟକିଲା କାର୍ଯ୍ୟାନୁଷ୍ଠାନ
- ବାରମ୍ବାର ସାର୍ଟିଫିକେଟ ଯାଞ୍ଚ ପ୍ରହସନ

ଜାଲ ଶିକ୍ଷକଙ୍କୁ ଧରପଗଡ଼ ପାଇଁ ବିଭିନ୍ନ ସମୟରେ ଶିକ୍ଷା ବିଭାଗ ପକ୍ଷରୁ ସାର୍ଟିଫିକେଟ ଯାଞ୍ଚ କରାଯାଉଛି। ତେବେ ନକଲି ପ୍ରମାଣ ପତ୍ର ଦେଇ ନୟାଗଡ଼ ଜିଲାରେ ନିଯୁକ୍ତି ପାଇଥିବା ୫ଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି । ସେମାନଙ୍କ ବିରୋଧରେ ଗତ ୮ ତାରିଖରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଥିଲା । ହେଲେ ସେହି କାର୍ଯ୍ୟାନୁଷ୍ଠାନ ଅଟକି ଯାଇଛି। ଅନ୍ୟ ଜାଲ୍ ବା ଅଯୋଗ୍ୟ ଶିକ୍ଷକ ଧରାପଡୁ ନାହାନ୍ତି ନା ସେମାନଙ୍କୁ ଜାଣିଶୁଣି ସୁରକ୍ଷା ଦିଆଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଜାଲ୍ ଶିକ୍ଷକ ଧରା ନ ପଡ଼ିବା କାରଣରୁ ଯାଞ୍ଚ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି । ଠିକ ଭାବେ ଯାଞ୍ଚ ହେଉ ନ ଥିବାରୁ ଜାଲ୍ ଶିକ୍ଷକମାନେ ବହୁ ବର୍ଷ ହେଲା ନିର୍ଭୟରେ ସରକାରୀ ଦରମା ଉଠାଇ ଚାଲିଛନ୍ତି। ପୁଣି ଜାଲ୍ ଶିକ୍ଷକମାନଙ୍କ ପାଖରେ ଛାତ୍ରୀଛାତ୍ର ପାଠପଢ଼ି ସଫଳତା ପାଇ ପାରୁ ନାହାନ୍ତି ବୋଲି କେତେଜଣ ଅଭିଭାବକ ଓ ଶିକ୍ଷାବିତ୍ ମତବ୍ୟକ୍ତ କରିଛନ୍ତି । ଅଭିଯୋଗ ଅନୁଯାୟୀ, ନକଲି ସାର୍ଟିଫିକେଟ ଦେଇ ଜିଲାର ୮ ବ୍ଲକ ଓ ୫ ସହରାଞ୍ଚଳରେ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ହୋଇଛନ୍ତି । ତେବେ ଏମାନଙ୍କ ସଂଖ୍ୟା ନୟାଗଡ଼, ଓଡ଼ଗାଁ, ନୂଆଗାଁ, ଦଶପଲ୍ଲା ଓ ରଣପୁର ବ୍ଲକରେ ଅଧିକ ରହିଛି ।

**ଗୋଟିଏ ଶିକ୍ଷା ବର୍ଷରେ ୨ ସାର୍ଟିଫିକେଟ:** ଗୋଟିଏ ଶିକ୍ଷାବର୍ଷରେ ୨ଟି ସାର୍ଟିଫିକେଟ ହାତେଇ ଜିଲାରେ ଅନେକ ଶିକ୍ଷକ ପଦୋନ୍ନତି ପାଇଛନ୍ତି । ସେମାନଙ୍କ ନାମରେ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ତଦନ୍ତର ସ୍ୱଚ୍ଛତା ଅଭାବରୁ ସଂପୃକ୍ତ ଶିକ୍ଷକମାନେ ଖସି ଯାଉଛନ୍ତି ବୋଲି ଅଭିଯୋଗ ରହିଛି। ଏହାର ନଜୀର ଓଡ଼ଗାଁ ବ୍ଲକରେ ଦେଖିବାକୁ ମିଳିଛି । ବାପାଙ୍କ ସ୍ୱେଚ୍ଛାକୃତ ଅବସର ପରେ କାର୍ତ୍ତିକେଶ୍ୱର ପଣ୍ଡା ନାମକ ଜଣେ ଯୁବକ ଯୁକ୍ତ ୨ ପାସ କରି ୧୧।୭।୧୯୮୯ରେ ଅଣତାଲିମ ପ୍ରାପ୍ତ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ସେ ୧୯୯୦-୯୧ରେ ସିଟି ତାଲିମ ନେଇ ସାର୍ଟିଫିକେଟ ହାସଲ କରିଛନ୍ତି । ସେପଟେ ୧୯୯୦ରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ୩ ବର୍ଷ ଯୁକ୍ତି ୩ ପାଠପଢ଼ି ୧୯୯୨ରେ ଡିଗ୍ରୀ ସାର୍ଟିଫିକେଟ ପାଇଛନ୍ତି । ଜଣେ ଶିକ୍ଷକ ,ଦୁଇଟି ସ୍ଥାନରେ ସିଟି ତାଲିମ ଓ ଯୁକ୍ତ ୩ ପାଇଁ କିପରି ପାଠ ପଢ଼ିଲେ ତାହା ତଦନ୍ତସାପେକ୍ଷ । ପୁଣି ସେ ପାଠ ପଢ଼ିବାକୁ ଦୁଇଟି ପ୍ରମାଣପତ୍ର ଆଣିଲେ କେଉଁଠୁ । ଏଣୁ ପ୍ରମାଣପତ୍ରରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି । ଏହିଭଳି ଏକାଧିକ ଶିକ୍ଷକ ଓଡ଼ଗାଁ ବ୍ଲକ ସମେତ ଜିଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳରେ ଅଛନ୍ତି ବୋଲି ଅଭିଯୋଗ ରହିଛି ।

**ହାତଗୁଞ୍ଜାର ପ୍ରଭାବ:** ଜାଲ୍ ଶିକ୍ଷକମାନେ ନିଜ ପଦବୀକୁ ବଞ୍ଚେଇବାକୁ ହାତଗୁଞ୍ଜା ଦେଉଥିବା ଅଭିଯୋଗ ହୋଇ ଆସୁଛି। ଏକାଧିକ ଶିକ୍ଷକନେତାଙ୍କ ସୂଚନା ଅନୁସାରେ ନକଲି ଶିକ୍ଷକମାନେ ଯାଞ୍ଚ ସମୟରେ ଦୂରେଇ ରହୁଛନ୍ତି । କ୍ଲଷ୍ଟର ପଏଣ୍ଟରେ ଯାଞ୍ଚ ହେବାବେଳେ ସେମାନେ ଆସୁ ନାହାନ୍ତି । ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ହାତଗୁଞ୍ଜା ଦେଇ ପ୍ୟାଚ ପକାଉଛନ୍ତି। ତେବେ ହାତଗୁଞ୍ଜା କାରବାର ପାଇଁ ପ୍ରତି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ର୍ୟାକେଟ କାମ କରୁଛି । ଏଣୁ ବାରମ୍ବାର ଯାଞ୍ଚରେ ସ୍ୱଚ୍ଛତା ରହୁନି ବୋଲି କ୍ଷୋଭ ପ୍ରକାଶ କରିଥିଲେ । ଅନ୍ୟପକ୍ଷେ ସେ କହିଥିଲେ ଯାଞ୍ଚ ସମୟରେ ଅସଲ ସହ ଜେରକ୍ସ ପ୍ରମାଣ ପତ୍ରକୁ ତନଖି କରାଯାଉଛି। ଏଣୁ ଏଥିରେ ନକଲି ଶିକ୍ଷକ ଧରା ପଡିବେ ନାହିଁ । କାରଣ ଜାଲିଆତି ହୋଇଥିବା ପ୍ରମାଣପତ୍ର ପୁରା ଅସଲି ପରି ଜଣାପଡୁଛି। ଏନେଇ ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ କୁହନ୍ତି, ଜାଲ୍ ଶିକ୍ଷକ ଧରପଗଡ ତ୍ୱରାନ୍ୱିତ କରାଯାଇଛି । ଯେଉଁମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ତଦନ୍ତ ହେବ । ଦୋଷୀ ସାବ୍ୟସ୍ତ ହେଲେ ପଦକ୍ଷେପ ଗ୍ରହଣ କରାଯିବ।

**କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ ହେବ:** ଜିଲା ପରିଷଦର ଶିକ୍ଷା ଷ୍ଟାଣ୍ଡିଂ କମିଟି ନଂ-୭ର ସଭ୍ୟ ଭରତ କୁମାର ବେହେରା କୁହନ୍ତି, ଜିଲାରେ ଜାଲ୍ ଶିକ୍ଷକ ପାଠ ପଢ଼ାଉଥିବା ଖବର ନେଇ ଅବଗତ ନ ଥିଲି । ଏନେଇ ଶିକ୍ଷା ଷ୍ଟାଣ୍ଡିଂ କମିଟିରେ ଉଠାଯିବ । ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲା ପରିଷଦର ଶିକ୍ଷା ଷ୍ଟାଣ୍ଡିଂ କମିଟି ନଂ-୭ର ଅଧ୍ୟକ୍ଷ ରାମେଶ୍ୱର ଶତପଥି କୁହନ୍ତି, ଜାଲ ଶିକ୍ଷକ ପାଠ ପଢ଼ାଇବା ନେଇ ଅବଗତ ନ ଥିଲି । ଆପଣଙ୍କ ଠାରୁ ଶୁଣିବା ପରେ ଏନେଇ ଶିକ୍ଷା କମିଟିରେ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

# ଶ୍ରୀରଘୁନାଥ ମନ୍ଦିରରୁ ପିତଳ ରାଧା ମୂର୍ତ୍ତି ଚୋରି



ପୋଖରୀରୁ ମୂର୍ତ୍ତି ଖୋଜା ଚାଲିଥିବାବେଳେ ଗ୍ରାମବାସୀ ଓ ପୋଲିସ ଉପସ୍ଥିତ ।

**ନୟାଗଡ଼ ଅଫିସ,୨୫।୬**

**୨ ଅଟକ, ପୋଖରୀରେ ମୂର୍ତ୍ତି ଫୋପାଡ଼ିଥିବା ସନ୍ଦେହ**

ନୟାଗଡ଼ ପୁରୁଣା ସହରସ୍ଥିତ ଗୁଣ୍ଡିଚା ମନ୍ଦିରରେ ଥିବା ଶ୍ରୀ ରଘୁନାଥ ମନ୍ଦିରରୁ ରାଧାଙ୍କ ପିତଳ ମୂର୍ତ୍ତି ଚୋରି ହୋଇଛି। ପୋଲିସ ୨ ଚୋରଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ଚୋରଙ୍କ ସୂଚନା ଅନୁସାରେ ପୁରୁଣା ସହରର ଶାଗୁଆନ ପୋଖରୀରେ ମୂର୍ତ୍ତି ଫୋପାଡ଼ା ଯାଇଛି । ମୂର୍ତ୍ତିକୁ ଉଦ୍ଧାର କରିବା ପାଇଁ ନୟାଗଡ଼ା ଟାଉନ ଥାନା ପୋଲିସ ନୟାଗଡ଼ ଅଗ୍ନିଶମ ବିଭାଗ ସହାୟତାରେ ପୋଖରୀ ଖୋଜା ଖୋଜି କରିଛି । ହେଲେ ମୂର୍ତ୍ତି ପାଇ ନାହିଁ। ରବିବାର ପୁଣି ଖୋଜା ଖୋଜି ଜାରି ରହିବ ବୋଲି ଆଇଆଇସି ପ୍ରଜ୍ଞା ପରମିତା ଜେନା କହିଛନ୍ତି । ଅନ୍ୟପକ୍ଷେ ନୟାଗଡ଼ ଶ୍ରୀ ଜଗନ୍ନାଥ ଜୀଉଙ୍କ ମନ୍ଦିର ପରିଚାଳକ ସନ୍ତୋଷ କୁମାର ପ୍ରସାଦଙ୍କ ଅଭିଯୋଗ ଅନୁସାରେ ଗତ ୨୩ ତାରିଖରେ ରାଧାଙ୍କର ପିତଳ ମୂର୍ତ୍ତି ଚୋରି ହୋଇଛି । ଚୋରି ନେଇ ଗତ ୨୪ ତାରିଖରେ ଜଣା ପଡିଲା। ଏହି ଚୋରି ଘଟଣାରେ ମନ୍ଦିର ସୁଆର ଓ ମନ୍ଦିର ଟହଲିଆ ସଂପୃକ୍ତ ଥିବା ଅଭିଯୋଗ ରହିଛି। ଅଭିଯୋଗ ପରେ ପୋଲିସ ମନ୍ଦିର ସୁଆର ଓ ମନ୍ଦିର ଟହଲିଆଙ୍କୁ ଅଟକ ରଖି ପଚରାଉଚୁରା କରିଥିଲେ । ଉଭୟଙ୍କ ସୂଚନା ଅନୁସାରେ ଅନ୍ୟ ଦୁଇ ଜଣ ଅଟକ ଅଛନ୍ତି । ପୋଲିସ ୯୯/୧୦୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଗାଁରେ ପହଞ୍ଚିଲା ବିଏସ୍ଏଫ୍ ଯବାନଙ୍କ ମୃତଦେହ

**ରଣପୁର,୨୫।୬ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ କୁଞ୍ଜବନ ଗାଁରେ ପହଞ୍ଚିଲା ବିଏସ୍ଏଫ୍ ଯବାନ ବୈକୁଣ୍ଠନାଥ ପ୍ରଧାନଙ୍କ ମୃତଦେହ । ତ୍ରିପୁରା ସୀମାରେ ସେ କାର୍ଯ୍ୟରତ ଥିବାବେଳେ ଗତ ୨୩ ତାରିଖରେ ତାଙ୍କର କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ଶନିବାର ସକାଳ ୮ଟାରେ ତାଙ୍କ ମୃତଦେହ ଗାଁ ମାଟିରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଶତାଧିକ ଲୋକଙ୍କ ଉପସ୍ଥିତିରେ ମୃତଦେହକୁ ଏକ ବିରାଟ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯିବା ପରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣଲତା ପାତ୍ର, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବୈକୁଣ୍ଠନାଥଙ୍କ ଏକ ମାତ୍ର ପୁଅ ମୁଖାଗ୍ନି ଦେଇଥିଲେ। ୧୯୮୬ରେ ସେ ଭାରତୀୟ ସ୍ଥଳସେନା ବାହିନୀରେ ଯୋଗ ଦେଇଥିଲେ।



ବିଏସ୍ଏଫ୍ ଯବାନଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି । ମୃତ ବିଏସ୍ଏଫ୍ ଯବାନ ବୈକୁଣ୍ଠନାଥ ପ୍ରଧାନ । (ଇନ୍ସେଟ୍)

### ଯୌତୁକ ନିର୍ଯାତନା ଅଭିଯୋଗ
# ସ୍ୱାମୀ, ଶ୍ୱଶୁର କୋର୍ଟ ଚାଲାଣ

**ଆସିକା,୨୫।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ପଣିବନ୍ଧ ଗ୍ରାମରେ ଶୁକ୍ରବାର ଜଣେ ମହିଳାଙ୍କ ଉପରେ ଶ୍ୱଶୁର ଘର ପକ୍ଷରୁ ଯୌତୁକ ନିର୍ଯାତନା ନେଇ ଅଭିଯୋଗ ହୋଇଛି। ପରିବାରର ସଦସ୍ୟଙ୍କ ଆକ୍ରମଣରେ ମହିଳା ଜଣକ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଏହି ଘଟଣା ନେଇ ନିର୍ଯାତିତା ମହିଳାଙ୍କ ଭାଇ ସୀମାଞ୍ଚଳ ବେହେରା ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ଯୌତୁକ ନିର୍ଯାତନା ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୨୫୨/୨୨ରେ ଏକ ମାମଲା ରୁଜୁ କରିଛି । ଏହି ମାମଲାରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ବିଜୟ ବେହେରା ଓ ଶ୍ୱଶୁର ଭଜ ବେହେରାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

# ପରିତ୍ୟକ୍ତ ସରନାଳ ପାଲଟିଛି ମଶାଙ୍କ ଅନ୍ତୁଡ଼ିଶାଳ



ସରନାଳ ଉପରିଭାଗ ଦଳ ଓ ଘାସରେ ପରିପୂର୍ଣ୍ଣ।

**ଖଣ୍ଡପଡ଼ା,୨୫।୬ (ସ୍ୱ.ପ୍ର.)**

ଦୀର୍ଘବର୍ଷରୁ ଅକୁରାବନ୍ଧ ଗାଁ ମୁଣ୍ଡରେ ଥିବା ସରନାଳଟି ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି । ପାଣି ଉପରେ ଦଳ, ଘାସ ଓ ମେଘ ଡ଼ମ୍ବରୁ ଗଛର ଏକ ଆସ୍ତରଣ ଜମି ଏହା ଏକ ଖେଳ ପଡିଆର ଭ୍ରମ ସୃଷ୍ଟି କରୁଛି । ଦିନ ଥିଲା ଏହି ସରନାଳ ଉପରେ ଅକୁରାବନ୍ଧ, ବଳରାମପ୍ରସାଦ, ଘୋଡାମାରିଦ୍ୱାର ଓ ସିଧାମୂଳାବାସୀ ସ୍ନାନ ଶୌଚାଦି ପାଇଁ ନିର୍ଭର କରୁଥିଲେ । ଏବେ ସେହି ସରନାଳ ମଶା ଡ଼ାଉଁଶଙ୍କ ଅନ୍ତୁଡ଼ିଶାଳରେ ପରିଣତ ହୋଇଛି । ଏଥିପାଇଁ ସ୍ଥାନୀୟ ଅଞ୍ଚଳର ଲୋକମାନେ ମ୍ୟାଲେରିଆ, ଫାଲେରିଆ ପରି ନାନା ରୋଗରେ ପୀଡ଼ିତ ହେଉଛନ୍ତି ବୋଲି କହିଛନ୍ତି ।

ସୂଚନା ଅନୁଯାୟୀ, ସିଧାମୂଳା ପଞ୍ଚାୟତ ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମର୧୪୧୪ ପ୍ଲଟରେ ୧୭.୬୩ ଏକର, ୬୨୯ ଖାତା ୬୯୫ ନଂ. ପ୍ଲଟରେ ଥିବା ୧୧.୫୬ ଏକର ପରିମିତ ଅଞ୍ଚଳରେ ସରନାଳ ରହିଛି । ସିଧାମୂଳା ପଞ୍ଚାୟତ ସରହଦରେ ଥିବା ଏହି ବୃହତ୍ ଜଳାଶୟରେ ସିଧାମୂଳା, ଘୋଡାମାରୀଦ୍ୱାର ଓ ବଳରାମ ପ୍ରସାଦ ଗ୍ରାମର ୩ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସ୍ନାନ,ଶୌଚାଦି କରୁଥିଲେ । ଏହାଛଡା ସଂପୃକ୍ତ ଅଞ୍ଚଳର ଗାଈ, ଗୋରୁ, ମେଣ୍ଢା, ମଇଁଷି ଆଦି ଗୃହ ପାଳିତ ପଶୁ ପାଣି ପିଇବା ଓ ଗାଧୋଇବା ଲାଗି ଏହା ନାଳ ନିର୍ଭର କରୁଥିଲେ । ଚାଷୀମାନେ ଜମି ବାଡ଼ିରେ କାମ ସାରି ଏହି ସରରେ ଗାଧୋଉ ଘରକୁ ଫେରୁଥିଲେ । ମାତ୍ର ସରନାଳଟି କ୍ରମଶଃ ମେଘ ଡ଼ମ୍ବରୁ ଦଳ ଓ ବିଭିନ୍ନ ଅନାବନା ଗଛରେ ପୁରି ଯିବାରୁ ତାହା ଭିତରକୁ ପଶିବା ଅସମ୍ଭବ ହୋଇ ପଡୁଛି । ଏହି ଦଳପୂର୍ଣ୍ଣ ସରନାଳରେ ଏବେ ସ୍ନାନ କରିବା ବିପଦପୂର୍ଣ୍ଣ ହୋଇଛି । ସନ୍ଧ୍ୟା ହେଲେ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ଉକ୍ତ ସରନାଳରେ ମଶା, ଡାଉଁଶ ଓ ସରୀସୃପ ବାସ କରୁଛନ୍ତି। ସେମାନେ ସୂର୍ଯ୍ୟ ନଇଁଲେ ଗାଁ ଭିତରକୁ ମାଡି ଆସୁଛନ୍ତି ବୋଲି ଗ୍ରାମର ବିଜୟ କୁମାର ସାହୁ, ଜୟକୃଷ୍ଣ ସ୍ୱାଇଁ, ଗୋଲଖ ଲେଙ୍କା, ନାରାୟଣ ରାଉତ, ସନାତନ ଲେଙ୍କା, ବନ୍ଧୁ ବିଶ୍ୱାଳ, ଘନଶ୍ୟାମ ମିଶ୍ର ପ୍ରମୁଖ କ୍ଷୋଭର ସହିତ କହିଛନ୍ତି । ଉକ୍ତ ଜଳାଶୟର ପୁନରୁଦ୍ଧାର ପାଇଁ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

# ଯୋଗାଣ ନିରୀକ୍ଷକଙ୍କୁ ୩ ବର୍ଷ ଜେଲ

**ବ୍ରହ୍ମପୁର ଅଫିସ,୨୫।୬**

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ଶନିବାର ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିବାରୁ ସେ ତତ୍କାଳୀନ ପାରଳାଖେମୁଣ୍ଡି ଯୋଗାଣ ନିରୀକ୍ଷକ ତଥା ବର୍ତ୍ତମାନ ଆସିକାରେ ଯୋଗାଣ ନିରୀକ୍ଷକ ଭାବେ କାମ କରୁଥିବା ପ୍ରକାଶ ଚନ୍ଦ୍ର ପାତ୍ରଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ମାସ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି ବୋଲି ସରକାରୀ ପିପି ସୁରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ପାରଳାଖେମୁଣ୍ଡିରେ ୧୯୯୭ରେ ପାତ୍ର ଯୋଗାଣ ନିରୀକ୍ଷକ ଥିଲେ। ଉକ୍ତ ବର୍ଷ ଡିସେମ୍ବର ୩ରେ ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ପରେ ତାଙ୍କ ଘରେ ବ୍ରହ୍ମପୁର ଭିଜିଲାନ୍ସ ତରଫରୁ ଚଢ଼ାଉ କରାଯାଇଥିଲା। ସେହି ସମୟରେ ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତି ୭ଲକ୍ଷ ୭୪ହଜାର ୫୯୨ ଟଙ୍କା ଆକଳନ କରାଯାଇଥିଲା। ଭିଜିଲାନ୍ସ ବିଭାଗ ପକ୍ଷରୁ ଯୋଗାଣ ନିରୀକ୍ଷକଙ୍କ ବିରୋଧରେ ନଂ.୬୭/୯୭ରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରାଯାଇଥିଲା। ୨୦୦୦ ମାର୍ଚ୍ଚ ୩୧ରେ ଭିଜିଲାନ୍ସ କୋର୍ଟରେ ଦାଖଲ କରିଥିବା ଚାର୍ଜଶିଟରେ ପାତ୍ରଙ୍କ ଆୟ ବହିର୍ଭୂତ ସମ୍ପତ୍ତି ୩ଲକ୍ଷ ୫୩ହଜାର ୯୨୬ଟଙ୍କା ଥିଲା। ଶନିବାର ଏହି ମାମଲାର ବିଚାର ବେଳେ ପାତ୍ରଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀଙ୍କ ବୟାନ ଓ ଉକ୍ତ ଚାର୍ଜଶିଟକୁ ଭିତ୍ତିକରି ଜଜ୍ ଶନିବାର ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ସୁରେନ୍ଦ୍ର ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ବିଜୟ ପ୍ରଧାନ ମକଦ୍ଦମା ପରିଚାଳନା କରିଥିଲେ।

# ଅଗ୍ନିପଥ ଯୋଜନାକୁ ବିରୋଧ

**ନୟାଗଡ଼ ଅଫିସ,୨୫।୪**

କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ଶନିବାର ଅପରାହ୍ନରେ ବିରୋଧ କରାଯାଇଛି। ଏହି ଅବସରରେ କମ୍ୟୁନିଷ୍ଟ ନେତା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଶରଣକୁଳରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ର, ଗୋଲକ ବିହାରୀ ମୁଦୁଲି, ପବିତ୍ର ଇନ୍ଦ୍ରଜିତ୍, ଭୋଗେଇ ଦାଶ, ବୁଦ୍ଧି ନାୟକ, ଜ୍ୟୋତିପ୍ରଭା ଜେନା, ନିରଞ୍ଜନ ସାହୁ ପ୍ରମୁଖ କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା କିଭଳି ଯୁବ ସମାଜର ଭବିଷ୍ୟତକୁ ବିପନ୍ନ କରିବ ସେ ନେଇ ବକ୍ତାମାନେ ଆଲୋକପାତ କରିଥିଲେ । ଏହି ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ କିଷାନ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି।




ଅଗ୍ନିପଥ ଯୋଜନାକୁ ବିରୋଧ କରି କିଷାନ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ପୋଲ ନିର୍ମାଣ ବନ୍ଦ ପରେ ଦୁର୍ଦ୍ଦଶା ବଢ଼ିଲା

**ନୂଆଗାଁ,୨୫।୬ (ଡି.ଏନ୍.ଏ.)**

**ଲୋକଙ୍କ ଯାତାୟାତ ବନ୍ଦ, ଚିନ୍ତାରେ ଗ୍ରାମବାସୀ**

ଗ୍ରାମବାସୀଙ୍କ ଯାତାୟାତରେ ତୁଳସୀ ନାଳ ବାଧକ ସାଜିଥିଲା । ସେହି ନାଳ ଉପରେ ଏକ ପୋଲ ନିର୍ମାଣ କରି ଲୋକଙ୍କ ଯାତାୟତକୁ ସୁଗମ କରିବା ପାଇଁ ଗ୍ରାମବାସୀ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ । ହେଲେ ସୁବିଧା କରିବା ପରିବର୍ତ୍ତେ ଏବେ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି । ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ ଚୁଣିଆପଡା ଗ୍ରାମରେ ସୃଷ୍ଟି ହୋଇଥିବା ଏହି ସମସ୍ୟାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ ଚୁଣିଆପଡ଼ା ଗାଁରେ ପ୍ରାୟ ୧୫୦ ଆଦିବାସୀ ଲୋକ ବସବାସ କରନ୍ତି । ସେମାନେ ଗାଁରୁ ବାହାରିବାକୁ ହେଲେ ତୁଳସୀ ନାଳ ଦେଇ ହିଁ ଆସିବାକୁ ପଡେ। ସେହି ନାଳରେ ବର୍ଷ ତମାମ ପାଣି ଯାଉଥିବା ବେଳେ ବର୍ଷାଦିନେ ଅସରାଏ ବର୍ଷା ହେଲେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ରକ୍ତପଟାଠାରୁ ଚୁଣିଆପଡା ଯାଏ ଲମ୍ବିଥିବା ରାସ୍ତା କାଦୁଅରେ ଭର୍ତ୍ତି ହୋଇଯାଏ । ଫଳରେ ଯାନବାହାନ ଯିବା ଦୂରର କଥା, ଚାଲିକି ଯିବା ମଧ୍ୟ ଅସମ୍ଭବ ହୋଇପଡେ । ଏ ନେଇ ସ୍ଥାନୀୟ ନେତା ଓ ପ୍ରଶାସନକୁ ବାରମ୍ବାର ଗୁହାରୀ କରିବା ପରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ତୁଳସୀ ନାଳଯାଏ ମାଟି କାମ କରାଯାଇଥିଲା। ଏହି କାମ ଦେଖିବା ପାଇଁ ନୟାଗଡ଼ ଜିଲାପାଳ ଡ. ପୋମା ଟୁଡୁ ଆସିଥିବା ସମୟରେ ନାଳ ଉପରେ ଏକ ପୋଲ ନିର୍ମାଣ କରିବା ପାଇଁ ନୂଆଗାଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହି ନିର୍ଦ୍ଦେଶ ଅନୁସାରେ ୧୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା । ଏହା ପରେ କାମ ଆରମ୍ଭ କରିବା ପାଇଁ ଠିକାଦାରକୁ ନିର୍ଦ୍ଦେଶ ଦିଆଯାଇଥିଲା । ଠିକାଦାର କାମ କରିବା ଉଦ୍ଦେଶ୍ୟରେ ନଦୀପାର୍ଶ୍ୱ ମେଶିନରେ ଖୋଳିବା ସହ ଯିବା ଆସିବା ରାସ୍ତାରେ ବାଲି ଗଦା କରି ରଖିଥିଲେ। ପୋଲ କାମ ଆରମ୍ଭ କରିବା ପୂର୍ବରୁ ନଦୀରେ ଅସ୍ଥାୟୀ ରାସ୍ତା ନିର୍ମାଣ କରିବାର ନିୟମ ରହିଥିଲେ ମଧ୍ୟ ତାହା କରା ଯାଇ ନ ଥିଲା । ଫଳରେ ଲୋକମାନଙ୍କ ଯାତାୟତରେ ବାଧା ସୃଷ୍ଟି ହୋଇଥିଲା। ନଦୀରେ ଗାତ ଖୋଳି ଦେବା ପରେ ସେହି ଅନୁଦାନରେ ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ ଚିନ୍ତା କରି ବ୍ଲକ ପ୍ରଶାସନ ତରଫରୁ ଉକ୍ତ କାମକୁ ବନ୍ଦ କରି ଦିଆଗଲା । କିନ୍ତୁ ନଦୀରେ ଖୋଳା ଯାଇଥିବା ଗଭୀର ଗାତକୁ ପୋତା ଗଲା ନାହିଁ କିମ୍ବା ରାସ୍ତାରୁ ବାଲି ହଟିଲା ନାହିଁ। ଫଳରେ ପୂର୍ବାପେକ୍ଷା ଲୋକମାନେ ଯିବା ଆସିବାରେ ଅଧିକ ଅସୁବିଧା ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି ଚୁଣିଆପଡ଼ାର ଭାଗୀରଥି କହଁର, ଭରତ କହଁର, ଗୋପୀନାଥ କହଁର, ପ୍ରଶାନ୍ତ କହଁରଙ୍କ ସମେତ ଅନ୍ୟମାନେ। ପ୍ରଶାସନ ଆମ ପାଇଁ ସୁବିଧା କରିବା ପରିବର୍ତ୍ତେ ହଇରାଣ କରୁଛି । ଏପରିକି ଆଗକୁ ଗାଁରେ ଦୁଇଟି ବାହାଘର ଥିବା ବେଳେ କିଭଳି ଲୋକମାନେ ଆସିବେ ବୋଲି ଚିନ୍ତାରେ ପଡିଛନ୍ତି ଚୁଣିଆପଡା ଗ୍ରାମବାସୀ। ଏ ବାବଦରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ପୋଲ କାମକୁ ବନ୍ଦ କରି ଦିଆଯାଇଛି । ଖୋଳାଯାଇଥିବା ଗାତକୁ ପୋତିବା ସହ ଲୋକଙ୍କ ଯାତାୟତର ସୁବିଧା କରିବା ପାଇଁ ଠିକାଦାରକୁ ନିର୍ଦ୍ଦେଶ ଦିଆଯିବ ବୋଲି ବୋଲି ସେ କହିଛନ୍ତି ।



ରାସ୍ତା ନ ଥିବାରୁ ସାଇକେଲକୁ କାନ୍ଧେଇ ଯାଉଛନ୍ତି ଜଣେ ବ୍ୟକ୍ତି ।

# ଅବ୍ୟବସ୍ଥା ଘେରରେ ଛେଳିଗଡ଼ ସ୍ମାର୍ଟ ବିଦ୍ୟାଳୟ

**ଆର.ଉଦୟଗିରି,୨୫।୬(ଡି.ଏନ୍.ଏ.):**

୫-ଟି ବିଦ୍ୟାଳୟ ନାମରେ ରାଜ୍ୟ ସରକାର ବିଦ୍ୟାଳୟଗୁଡ଼ିକୁ ରୂପାନ୍ତରିତ କରି ଛାତ୍ରୀଛାତ୍ରଙ୍କ ବିକାଶ ଉଦ୍ଦେଶ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋବୃତ୍ତି ଯୋଗୁ ଅବ୍ୟବସ୍ଥା ମଧ୍ୟରେ ବିଦ୍ୟାଳୟ ଚାଲୁଥିବା ବେଳେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଉଛି। ଆର.ଉଦୟଗିରି ବ୍ଲକ ଛେଳିଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଦେଖିଲେ ସ୍ପଟ ବାରିହୁଏ ସ୍ମାର୍ଟ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ। ଏଠାରେ ପ୍ରଥମ ଶ୍ରେଣୀଠାରୁ ଦଶମ ଶ୍ରେଣୀଯାଏ ୪୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରୁଥିବା ବେଳେ ୧୫ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଛାତ୍ରୀଛାତ୍ରମାନେ ଭଲ ପାଠ ପଢ଼ିବେ ଆଉ ସ୍ମାର୍ଟ ହେବେ ସେନେଇ ରାଜ୍ୟ ସରକାର ବିଦ୍ୟାଳୟକୁ ୫-ଟି ଯୋଜନା ମାଧ୍ୟମରେ ରୂପାନ୍ତରିତ କରି ଲାଇବ୍ରେରି, ସ୍ମାର୍ଟ କ୍ଲାସ୍ ରୁମ୍, ଆଦର୍ଶ ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ୍ ସେବା ଯୋଗାଇବା ସହ ସୁନ୍ଦର ବଗିଚା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସୁବ୍ୟବସ୍ଥା କରୁଛନ୍ତି। ହେଲେ ଫଳ ହେଉଛି ଓଲଟା। ୨୦୨୧ ନଭେମ୍ବର ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ଏହି ବିଦ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ହେଲେ ଉଦ୍‌ଘାଟନର ୭ ମାସ ନ ହେଉଣୁ ବିଦ୍ୟାଳୟଟି ଏବେ ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ନା ଆସୁଛି ଶୌଚାଳୟକୁ ପାଣି ନା ଆସୁଛି ବିଶୁଦ୍ଧ ପାନୀୟ ଜଳ। ବର୍ଷା ହେଲେ ଶ୍ରେଣୀ ଗୃହରେ ପଶୁଛି ଜଳ। ଏବେ ମଧ୍ୟ ଅନେକ ପୁରୁଣା ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ମରାମତି କରାଯାଉନଥିବା ଯୋଗୁ ସେଠାରେ ଗଛ ଉଠିଗଲାଣି। ବିଦ୍ୟାଳୟ ପରିସରରେ କୂଅ ଥିଲେ ମଧ୍ୟ ମରାମତି ଅଭାବରୁ ଭୁଶୁଡ଼ିଗଲାଣି। ବିଦ୍ୟାଳୟର ଏଭଳି ଅବ୍ୟବସ୍ଥା ଦେଖି ଛାତ୍ରୀଛାତ୍ରମାନେ ଅବ୍ୟବସ୍ଥା ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଛନ୍ତି। ବିଭାଗୀୟ ସହକାରୀ ଯନ୍ତ୍ରୀ ସାନୁଜ କୁମାରଙ୍କ ସୂଚନା ପ୍ରକାରେ, ଏହି ବିଦ୍ୟାଳୟକୁ ୫-ଟି ମାଧ୍ୟମରେ ୭୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। ବିଦ୍ୟାଳୟ କାନ୍ଥଗୁଡ଼ିକୁ ଅନଭିଜ୍ଞ ମିସ୍ତ୍ରି ଦ୍ୱାରା ମରାମତି କରାଯାଇଥିବା ବେଳେ ବିଦ୍ୟାଳୟର ଅନେକ ସ୍ଥାନରେ କାନ୍ଥ ଫାଟି ଆଁ କଲାଣି। ଏତେ ପରିମାଣର ଟଙ୍କା ଖର୍ଚ୍ଚ କରାଯାଇଛି କିନ୍ତୁ ଛାତ, କାନ୍ଥ ଫାଟି ଗଲାଣି। ବିଦ୍ୟାଳୟର ବହୁ କୋଠା ପୁରୁଣା, ତାହାକୁ କେବଳ ରଙ୍ଗ ଦିଆଯାଇଛି। ଫଳରେ ଚଳିତ ମାସ ୮ରେ କାଳବୈଶାଖୀ ଝଡ଼ବତାସ ଯୋଗୁ ରଙ୍ଗ ଦିଆଯାଇଥିବା ଟିଣ ଛପର ଉଡ଼ିଯାଇଛି। ତଥାପି ତାହାକୁ ସଜାଡ଼ିବା ପାଇଁ ଯେମିତି କାହାର ଦୃଷ୍ଟି ପଡୁନି। ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ପାଇଁ ୭୮ ଲକ୍ଷ ଟଙ୍କା କାହା ସ୍ୱାର୍ଥରେ କରାଯାଇଛି ନା ବିଦ୍ୟାଳୟ ରୂପାନ୍ତରିତ ନାମରେ ସରକାରୀ ଅର୍ଥକୁ ହଡ଼ପ କରାଯାଇଛି ତାହା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେବେ ବିଦ୍ୟାଳୟର ଏଭଳି ଅବ୍ୟବସ୍ଥା ସମ୍ପର୍କରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି ପ୍ରଧାନ ଶିକ୍ଷକ କେ.ଭେଙ୍କଟ ରାମଣା। ବିଦ୍ୟାଳୟର ଏଭଳି ଅବସ୍ଥା ପାଇଁ ଯେଉଁମାନେ ସମ୍ପୃକ୍ତ ତାହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି କହିଛନ୍ତି ବିଦ୍ୟାଳୟ କମିଟି ସଭାପତି ସୌଦାମିନୀ ଜେନା, ସାମାଜିକ କର୍ମୀ ଅଜିତ ସାହୁ ଓ ଗ୍ରାମବାସୀ। ଏ ନେଇ ସ୍ଥାନୀୟ ବ୍ଲକର ନିର୍ବାହୀ ଯନ୍ତ୍ରୀ ବି. ସାନୁଜ କୁମାରଙ୍କ ସହ ଯୋଗାଯୋଗ କରିବାରେ ସେ କହିଥିଲେ ୫-ଟିରେ କୌଣସି ନିମ୍ନମାନର କାମ କରାଯାଇନି। ଠିକ୍ ଭାବେ କାମ ତଦନ୍ତ କରାଯାଉ। କିଛି ଦିନ ତଳେ କାଳବୈଶାଖୀରେ ବିଦ୍ୟାଳୟର ୫-ଟି ଦ୍ୱାରା ନିର୍ମାଣ କୌଣସି କାମ ନଷ୍ଟ ହୋଇନି। ଏକ ପୁରୁଣା ଟିଣରେ କଲର କରାଯାଇଥିଲା, ସେହି ଘରର ଟିଣ ପବନ ଉଡେଇ ଦେଇଛି ବୋଲି କହିଥିଲେ।


ଛେଳିଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ।

ବ୍ୟାଙ୍କରେ ଟଙ୍କା ସୁରକ୍ଷିତ ନୁହେଁ, ଘରେ ରଖିଲେ ବେନିୟମ

# ଛାତ୍ରଙ୍କ ଆକାଉଣ୍ଟରୁ ୩୨ ହଜାର ଗାଏବ

**ଭଞ୍ଜନଗର,୨୫।୬ (ଡି.ଏନ.ଏ)**

ଭଞ୍ଜନଗର ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରେ ଅନ୍‌ଲାଇନ ଠକେଇ ଦିନକୁଦିନ ବଢ଼ିବାରେ ଲାଗିଛି। ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଛାତ୍ର ରବି ଜେନାଙ୍କ ପାଖକୁ ଏକ ଫୋନ୍ କଲ୍ ଆସିଥିଲା। ରବି ଫୋନ୍ ଉଠାଇ କିଛି ସେକେଣ୍ଡ କଥା ହେବା ପରେ ତାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଥିଲା। ଏହାପରେ ପୁଣି ଦୁର୍ବୃତ୍ତମାନେ କେଉଁଭଳି ପରିସ୍ଥିତିରେ ରବି ଆକାଉଣ୍ଟରୁ ୩୨ ହଜାର ଟଙ୍କା ଉଠାଇ ନେଇଥିଲେ। ଏ ନେଇ ରବି ଜାଣିବା ପରେ ଶନିବାର ବ୍ୟାଙ୍କ ଏବଂ ଭଞ୍ଜନଗର ଥାନାରେ ଘଟଣା ସମ୍ପର୍କରେ ଜଣାଇଥିଲେ। କିନ୍ତୁ ଉଭୟ ସ୍ଥାନରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ତେଣୁ ରବି କଟକ ଯାଇ ଘଟଣା ସମ୍ପର୍କରେ ଅଭିଯୋଗ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ରବିଙ୍କ ଆକାଉଣ୍ଟରୁ ସମସ୍ତ ଟଙ୍କା କିଭଳି ଗାଏବ ହୋଇଗଲା ତାହାକୁ ନେଇ ଅନ୍ୟ ଛାତ୍ରୀଛାତ୍ର ମଧ୍ୟ ନିଜ ଟଙ୍କା ସୁରକ୍ଷା ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ଦୁର୍ବୃତ୍ତ ଜଣଙ୍କ ରବି ସହ କଥା ହୋଇଥିଲେ। ଉକ୍ତ ଫୋନ ନମ୍ବରଟି ମଧ୍ୟ ଓଡିଶାର ହୋଇଥିବା ଅନୁମାନ କରାଯାଉଛି। ଦୁର୍ବୃତ୍ତ ଜଣଙ୍କ ଓଡ଼ିଆରେ କଥା ହେଉଥିଲେ। ରବି କୌଣସି ପାସ୍‌ୱାର୍ଡ ନମ୍ବର ଦେଇନାହାନ୍ତି ତଥାପି ଟଙ୍କା କିଭଳି କଟିଲା ତାହାକୁ ନେଇ ଲୋକେ ଚିନ୍ତିତ ହୋଇପଡ଼ିଛନ୍ତି। ଏହିଭଳି ପରିସ୍ଥିତିରେ ଠକ ଜଣଙ୍କ ପୁଣି ଶନିବାର ସେହି ପୁରୁଣା ଫୋନ୍ ନମ୍ବରରୁ ହିଁ ରବିଙ୍କୁ ଫୋନ କରି ଆଉ ୫ ହଜାର ଟଙ୍କା ଆକାଉଣ୍ଟରେ ଡିପୋଜିଟ କରିବାକୁ କହିଥିଲେ। ରବିଙ୍କ ସନ୍ଦେହ ବଢ଼ିବାରୁ ଭଞ୍ଜନଗର ପୋଲିସକୁ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

# ଆପରାଧିକ କାର୍ଯ୍ୟକଳାପକୁ ନେଇ ସଚେତନତା

**ପୁରୁଷୋତ୍ତମପୁର,୨୫।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ଘଟି ଚାଲିଥିବା ବିଭିନ୍ନ ଆପରାଧିକ କାର୍ଯ୍ୟକଳାପକୁ ରୋକିବା ଲାଗି ଗଞ୍ଜାମ ଏସ୍‌ପିଙ୍କ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ପୁରୁଷୋତ୍ତମପୁର ଥାନାରୁ ଶୁଭାରମ୍ଭ ହୋଇଛି। ଏହି ଥାନା ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଲାଗି ପୋଲିସ ପକ୍ଷରୁ ଏକ ଜନସଚେତନତା କାର୍ଯ୍ୟକ୍ରମ ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟଙ୍କ ପୌରୋହିତ୍ୟରେ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିକେର ସମ୍ମାନିତ ଅତିଥି ଭାବେ ବିଡିଓ ବିଜୟ କୁମାର ବେହେରା, ଅତିରିକ୍ତ ତହସିଲଦାର ସୁନିଲ୍ କୁମାର ଗୁଡ୍ଡୁ, ସିଡିପିଓ ବବିତା ଚ୍ୟାଉପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଗଞ୍ଜାମ ଏସ୍‌ପି ବ୍ରିଜେସ କୁମାର ରାୟ ଭର୍ଚୁଆଲ ମାଧ୍ୟମରେ ଗ୍ରାମଗୁଡ଼ିକରେ ଘଟୁଥିବା ସାମାଜିକ ବାସନ୍ଦ, ଅନ୍ୟଜାତିରେ ବିବାହ କରୁଥିବାରୁ କୁଳ ଜାତିରୁ ବାସନ୍ଦ କରି ଅସହଯୋଗ କରିବା, ଗୁଣିଗାରେଡି ଅନ୍ଧବିଶ୍ୱାସ, ରାଜନୈତିକ ଶତ୍ରୁତାରୁ ହିଂସାକାଣ୍ଡ ଘଟୁଥିବା, ଗ୍ରାମ୍ୟ କମିଟି ଚୟନକୁ ନେଇ ବିବାଦ ଘଟି ଅଶାନ୍ତି ଦେଖାଦେଉଥିବା, ମହିଳା ଓ ଶିଶୁଙ୍କ ସୁରକ୍ଷା ସହ ବାଲି ଚୋରା ଚାଲାଣକୁ କେନ୍ଦ୍ର କରି ଘଟୁଥିବା ହିଂସା, ଚୋରା ମଦ କାରବାର, ପୋଖରୀ ଓ ସରକାରୀ ଜମି ଦଖଲକୁ କେନ୍ଦ୍ରକରି ଚାଲିଥିବା ଆପରାଧିକ ହିଂସା ରୋକିବା ଲାଗି ଉପସ୍ଥିତ ଜନ ପ୍ରତିନିଧିମାନଙ୍କୁ ସଚେତନ କରି ବିଭିନ୍ନ ପରାମର୍ଶମାନ ଦେଇଥିଲେ। ଏହାକୁ ଥାନା ଏସ୍‌ଆଇ ଶ୍ରୀନିବାସ ଦାଶ ଓ କର୍ମଚାରୀମାନେ ପରିଚାଳନା କରିଥିବା ବେଳେ ଜିଲା ପରିଷଦ ସଭ୍ୟ ଭଜମନ ବେହେରା, ରଞ୍ଜିତ କୁମାର ବେହେରା, ସରପଞ୍ଚ ସୁଧାକର ଗୌଡ଼, ଏନ୍. ଭାସ୍କର ଦୋରା, ବବିତା ସେଠୀ, କମା ଦଳେଇ, ସମିତି ସଭ୍ୟ ସୀମାଞ୍ଚଳ ଗୌଡ଼, ଆଭା ପରିଡ଼ା, ପ୍ରମୋଦ କୁମାର ମହାନ୍ତିଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ। ଏଭଳି କାର୍ଯ୍ୟକ୍ରମ ସମଗ୍ର ଗଞ୍ଜାମ ଜିଲାର ସମସ୍ତ ଥାନା ଅଞ୍ଚଳରେ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

# କୁଖ୍ୟାତ ଅପରାଧୀ ଶଙ୍କର ଗିରଫ

**ଜଗନ୍ନାଥ ପ୍ରସାଦ,୨୫।୬(ଡି.ଏନ.ଏ.)**


ଗିରଫ କୁଖ୍ୟାତ ଅପରାଧୀ ଶଙ୍କର ନାଇକ ଓ ଜବତ ମାଉଜର, ଜୀବନ୍ତ ଗୁଳି ।

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ପୋଲିସକୁ ବର୍ଷବର୍ଷଧରି ଚକ୍‌ମା ଦେଇ ଖସିପଳାଉଥିବା କୁଖ୍ୟାତ ଅପରାଧୀ ଶଙ୍କର ନାଇକଙ୍କୁ ଶନିବାର ରାଉତି ଛକରୁ ପୋଲିସ ଗିରଫ କରିଛି। ଏ ନେଇ ନଂ.୨୦୧/୨୨ରେ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି। ତାଙ୍କ ନିକଟରୁ ଗୋଟିଏ ମାଉଜର ଓ ୫ ଅଫୁଟା ଗୁଳି ଜବତ କରାଯାଇଛି। ଡକାୟତ ଉଦ୍ୟମ, ବେଆଇନ ମାରଣାସ୍ତ୍ର ଦେଖାଇ ଧମକଚମକ ଦେବା, ବ୍ୟାଙ୍କ ଡକାୟତି, ଦାଦାବଟି ମାଗିବା ଓ ଫୋନରେ ହତ୍ୟା ଧମକ ଦେବା ଓ ପୋଲିସ ଉପରକୁ ବୋମା ଫୋପାଡ଼ି ଭୟଭୀତ କରିବା ଭଳି ଅନେକ ସଂଗୀନ ଅପରାଧରେ ସେ ସଂଶ୍ଳିଷ୍ଟ ଥିଲେ। ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା ଜିଲାରେ ୧୦ ରୁ ଅଧିକ ଆପରାଧିକ ମାମଲା ତାଙ୍କ ନାଁରେ ରହିଥିବା ଭଞ୍ଜନଗର ଏସ୍‌ଡିପିଓ ସୁଧାଂଶୁ ଶେଖର ମିଶ୍ର ଆୟୋଜିତ ପ୍ରେସ୍ ମିଟରେ ସୂଚନା ଦେଇଛନ୍ତି। ଶଙ୍କରଙ୍କ ଅନ୍ୟାନ୍ୟ ସହଯୋଗୀଙ୍କୁ ଖୁବଶୀଘ୍ର ଧରାଯିବାର ଚେଷ୍ଟା ଜାରି ରହିଛି। ଶନିବାର ରାଉତି ଛକରୁ ଜଗନ୍ନାଥପ୍ରସାଦ ଥାନା ଅଧିକାରୀ ଦିଲୀପ ସ୍ୱାଇଁଙ୍କ ନେତୃତ୍ୱରେ ଏସ୍‌ଆଇ ସୁଶାନ୍ତ ପ୍ରଧାନ, ନିରଞ୍ଜନ ଦାସ, ଚନ୍ଦ୍ର ଶେଖର ବେହେରା, ଏସଆଇ ପ୍ରଭାତୀ ବେହେରା, ରଞ୍ଜନ କୁମାର ଆଚାର୍ଯ୍ୟ ଏବଂ ଥାନା କର୍ମଚାରୀ ସାମିଲ ଥିଲେ।

# ଗୋପାଳପୁର ବନ୍ଦର ପକ୍ଷରୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା କେନ୍ଦ୍ର


ସ୍ୱାସ୍ଥ୍ୟ ଯାଞ୍ଚ କରାଯାଉଛି।

**ଛତ୍ରପୁର, ୨୫।୬(ଡି.ଏନ.ଏ.)**

ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟରେ ଗୋପାଳପୁର ବନ୍ଦର ଏହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ନିକଟସ୍ଥ କାଳିପଲ୍ଲୀ ପଞ୍ଚାୟତ ହରିପୁର-ବନ୍ଦର ଗ୍ରାମରେ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା କେନ୍ଦ୍ର ଆୟୋଜିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଗୋପାଳପୁର ବନ୍ଦର ଉପସଭାପତି (ମାନବ ସମ୍ବଳ ଏବଂ ଶିଳ୍ପ ସମ୍ପର୍କ) ଅଜୟ କୁମାର ମିଶ୍ର, ସହକାରୀ ଉପସଭାପତି (ମାନବ ସମ୍ବଳ ଏବଂ ଶିଳ୍ପ ସମ୍ପର୍କ) ଚିତ୍ତରଞ୍ଜନ ବାହିନୀପତି, ସ୍ତ୍ରୀ ଓ ପ୍ରସୂତି, ଏବଂ ଶିଶୁ ବିଭାଗର ୬ ଡାକ୍ତର ଏବଂ କାଳିପଲ୍ଲୀ ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ସ୍ୱାସ୍ଥ୍ୟ ସେବା କେନ୍ଦ୍ରରେ ସ୍ତ୍ରୀ ରୋଗ, ଶିଶୁ ରୋଗ ଏବଂ ଭେଷଜ ବିଭାଗ ଚିକିତ୍ସା ଇତ୍ୟାଦି ମାଗଣାରେ ଯୋଗାଇ ଦିଆଯାଇଥିଲା। ଉକ୍ତ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ପ୍ରାୟତଃ ୩୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ନିଜର ସ୍ୱାସ୍ଥ୍ୟ ସମ୍ପର୍କରେ ଡାକ୍ତରଙ୍କଠାରୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ବିଷୟରେ ଆଲୋଚନା କରିଥିଲେ। ଗ୍ରାମର ସରପଞ୍ଚ ତଥା ଅନ୍ୟାନ୍ୟ ନେତୃବୃନ୍ଦ ଏବଂ ବୁଦ୍ଧିଜୀବୀ ଗୋପାଳପୁର ପୋର୍ଟର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହାକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଥିଲେ। ନିକଟରେ ଜନଗୋଷ୍ଠୀଙ୍କର ଉନ୍ନତ ସ୍ୱାସ୍ଥ୍ୟ ଏବଂ ଉତ୍ତମ ସହାବସ୍ଥାନ ନିଶ୍ଚିତ କରାଇବା ଉଦ୍ଦେଶ୍ୟରେ ଗୋପାଳପୁର ବନ୍ଦର ପକ୍ଷରୁ ଏହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ଏକ ନବନିର୍ମିତ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା।

ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ ବନ୍ଦର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସର୍ବଦା ବଦ୍ଧପରିକର ବୋଲି ଗୋପାଳପୁର ବନ୍ଦର ପକ୍ଷରୁ ସୂଚନା ଦିଆଯାଇଛି।

**OFFICE OF THE SUPERINTENDING ENGINEER RURAL WATER SUPPLY AND SANITATION DIVISION, CUTTACK**
MAHANADIBIHAR, CUTTACK-753004
Telephone:0671-2441619, e-mail:eerwssctc@gmail.com
**1st Corrigendum Notice**
**No.O-536:**The following changes are to be considered for Bid Identification No.RWSSCTC 03 of 2022-23 for unavoidable circumstances.
1. The value of work for Sl.No.5 will be read as "Rs.121.86 Lakhs instead of Rs.131.96 Lakhs.
Sd./-Superintending Engineer,RWS&S Division, Cuttack
OIPR-25022/11/0009/2223

e-procurement Notice
**OFFICE OF THE NOTIFIED AREA COUNCIL, GOPALPUR**
Tender Call Notice No. 1453 Dt.22.06.22
**Bid Identification No. 01/2022-23**
No.C-627:- Bid document consisting of work, estimated cost, cost of tender paper, time of completion, class of contractors and the set of terms and condition and condition of contract and other necessary documents can be seen in Govt. website i.e. www.tendersorissa.gov.in

| | |
|---|---|
| Total number of Civil works | 10 Nos. |
| Estimated cost | Rs.2.5 Lakh to Rs.10.0 Lakh |
| Date & time of availability of bid documents in the portal | 11.00 A.M. of dt. 24.06.2022 to 6.00 P.M. of dt.30.06.2022 for online bidding |
| Last date of receive of bid through Online | 6.00 P.M. of dt.30.06.2022 |
| Date of opening of bid | 11.00 A.M. on Dt.6.7.2022 |

Sd./- Executive Officer, N.A.C., Gopalpur
OIPR-13186/11/0005/2223

**OFFICE OF THE NOTIFIED AREA COUNCIL, RAMBHA**
Rambha N.A.C., Ganjam, Odisha, 761028
Tel: 06810-278336 E-mail: rambhanac123@gmail.com
Sl. No. 1424/NAC Dated: 24.06.2022
**QUOTATION CALL NOTICE**
No. C-632:- Sealed quotations are invited in item basis for **"Supply of different types of decorative plants and grass for Greenery & Landscapping"** in NAC area for pond beautification, open space development, smart park and children park purposes from different agencies having upto date GST clearance certificate, Registration certificate from any department or Local body, Aadhaar card & PAN for the works mentioned. The EMD (1% of supply order) should be attached in shape of fixed deposit from any Nationalized Bank in favour of the Executive Officer, NAC, Rambha payable at Rambha along with all documents as above at the time of agreement. The quotationer can receive the QCN from the office of the undersigned from **27.06.2022** to **06.07.2022** in office hour (except public holidays) with payment of **cost of quotation paper of Rs.400/-** in shape of cash/Draft. The sealed tenders should reach to the undersigned on or before **07.07.2022** by **12.00 noon** (except public holidays) & which will be opened on same day at **12.30 P.M.** by the undersigned. The quotationer or their authorized agent may be present at the time of opening if agencies so wishes. The quotationer received beyond the date & time mentioned above shall not be entertained. The Authority reserves the right to accept or reject any or all quotations without assigning any reason thereof.
Sd./- Executive Officer, NAC, Rambha (Gm)
OIPR-13114/11/0003/2223

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF CONSTRUCTION ENGINEER, LOWER SUKTEL IRRIGATION PROJECT, BALANGIR, AT- LALTIKRA, DIST:- BALANGIR, PIN-767002**
No.A-352:- **email-Id- ccelsp@gmail.com**
**Government of Odisha "e" PROCUREMENT NOTICE**
**Bid Identification No. 06/2022-23 of CCE, LSP, Balangir**

| | | |
|---|---|---|
| i | Name of work | PROVIDING HEAVY VEHICLES (HYDRAULIC EXCAVATOR) JCB MACHINE FOR EFFECTIVE DEMOLITION & LEVELLING OF HOUSES FOR EVICTION AND LOGISTIC SUPPORT FOR TRANSPORTATION OF HOUSE HOLD MATERIALS OF DISPLACED PERSONS OF 16 OUT OF 29 NOS. OF SUBMERGED VILLAGES OF LOWER SUKTEL IRRIGATION PROJECT, BALANGIR. |
| ii | Estimated cost | Rs.1,57,18,387.00 |
| iii | Period of completion | 18 (Eighteen) calendar months |
| iv | Date & Time of availability of bid document in the portal | 27.06.2022 at 10.30 A.M. |
| v | Last date/time for receipt of bid in the portal | 12.07.2022 upto 5.30 P.M. |
| vi | Name & address of the officer inviting bid | Chief Construction Engineer, Lower Suktel Irrigation Project, At-Laltikra,Dist- Balangir, PIN-767002 |

Further details can be seen from the e-Procurement Portal http://tendersodisha.gov.in.
Any corrigendum / addendum/ cancellation will be displayed in the Govt. Website only.
**Chief Construction Engineer, Lower Suktel Project, Balangir**
OIPR-32448/11/0002/2223

**DIRECTORATE OF TECHNICAL EDUCATION & TRAINING, ODISHA, KILLAMAIDAN, BUXIBAZAR, CUTTACK-753001**
Email:ccrdiploma2022@gmail.com,
Website: https:/www.dtetorissa.com,Ph-0671-2301061
**DIPLOMA ADMISSION-2022**
No. KK-71 **No.7903/ Dt.24.06.2022**
**Admission to 1st Semester Diploma in Engineering/ Technology, Lateral Admission to 3rd Semester Engineering/ Technology & 1st Sem. / 1st Year Non-Engineering Courses**
**Diploma admission-2022 shall be conducted through ONLINE Application in SAMS Portal. Admission Timeline (For Government & Private Institutions of Odisha)**

| Sl # | Activities | Timeline (Diploma Admission 2022) 3rd Semester (LE) | 1st Semester/ 1st Year |
|---|---|---|---|
| 1 | Availability of ONLINE Common Application Form (CAF) on the SAMS Portal | 27.06.2022 | 27.06.2022 |
| 2 | Last date for applying ONLINE Common Application Form (CAF) | 23.07.2022 | 24.07.2022 |
| 3 | Commencement of document verification of applicants at selected NCCs, whose required documents have not been validated online | 29.06.2022 | 29.06.2022 |
| 4 | Last date of document verification of applicants at selected NCCs as applicable | 25.07.2022 | 27.07.2022 |
| 5 | Error free validation certificates from the NCCs | 27.07.2022 | 29.07.2022 |
| 6 | Selection of medical standard certificates of physically challenged (PC) candidates at SCB Medical College & Hospital, Cuttack | 28.07.2022 to 30.07.2022 | 30.07.2022 to 02.08.2022 |
| 7 | Verification of Merit List | 04.08.2022 | 10.08.2022 |
| 8 | Publication of Merit List | 05.08.2022 | 12.08.2022 |
| 9 | Online choice filling of institutions and branch by eligible applicants | 05.08.2022 to 10.08.2022 | 12.08.2022 to 17.08.2022 |
| 10 | Provisional Allotment of Seats (First Round) | 18.08.2022 | 24.08.2022 |
| 11 | Online payment of Part Admission fees (First Round) | 19.08.2022 to 22.08.2022 | 24.08.2022 to 29.08.2022 |
| 12 | Applicants, who are alloted first choice in the first round, after payment of part admission fee, will download the final allotment letter and report at the allotted institution | 19.08.2022 to 22.08.2022 | 24.08.2022 to 29.08.2022 |
| 13 | Online Choice Filling by left out SC/ST Candidates | 23.08.2022 | 30.08.2022 |
| 14 | Provisional Allotment of Seats (Second Round) | 30.08.2022 | 09.09.2022 |
| 15 | Online payment of Part Admission fees (Second Round) | 30.08.2022 to 03.09.2022 | 09.09.2022 to 14.09.2022 |
| 16 | Availability of final allotment letter to the applicants, except those, who have been issued final allotment letter in the first round. | 13.09.2022 | 23.09.2022 |
| 17 | Reporting of the final allotted candidates of second round only at the allotted institution | 13.09.2022 to 17.09.2022 | 26.09.2022 to 30.09.2022 |
| 18 | Redressal of Grievances of the applicants raised during admission process for settlement | 19.09.2022 | 01.10.2022 |
| 19 | Publication of institute/ branch wise vacancy report on the website | 22.09.2022 | 10.10.2022 |

NB:1. The detailed Eligibility Criteria was published on 13.06.2022 in All Odisha Editions of the Samaj, The Sambad, The Dharitri, The Prameya and All India Editions of the Times of India.
NB-2. The Diploma Admission-2022 information Brochure and USER Manual will be made available on the websites **https://www.dtetorissa.gov.in.** and **http://skill.samsodisha.gov.in.**
**Sd./- Director of Technical Education and Training, Odisha, Cuttack**
**OIPR-14004/11/0003/2223**

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness
**NOTICE INVITING REQUEST FOR PROPOSAL (RfP)**
No. CAD-928:- 1. Request for Proposal (RfP) for the following work is invited on-line through the e-procurement portal of Govt. of Odisha.

| # | Name of Project | EMD in INR | Bid Processing Fee in INR | Period of Services |
|---|---|---|---|---|
| 1. | Design, Manufacturing and Installation of PEB( Pre-Engineered Building) Sample Processing Unit including civil foundation, W/S, E/I and others on Turnkey basis at Jhiling Mines of Barbil Region in the district of Keonjhar. | Bid Security declaration to be submitted in lieu of EMD | 10,000/- plus 18% GST | 05 (Five) Months |

2. The bidders must participate in on-line bidding at the site: https://www.tendersodisha.gov.in
3. Bid documents will be available in the above website from 27/06/2022 to 11/07/2022 up to 05:00 PM
4. Last date and time for on-line submission of bid in web portal is 11/07/2022 upto 05:00 PM.
5. The tender will be opened on 12/07/2022 at 11:00 AM
6. The bidder must possess compatible Digital Signature Certificate (DSC) of Class-II or Class-III.
All other details can be seen from RfP Document at https://www.tendersodisha.gov.in. Odisha Mining Corporation Limited reserves the right to reject any or all RfPs received without assigning any reason thereof.
**OIPR-30005/11/0065/2223** **CGM (Civil)**